R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ

ସଂଖ୍ୟା : ୧୦୬

ତିଥି : ପ୍ରତିପଦ

୧୯ ଜାନୁଆରୀ ୨୦୨୬, ସୋମବାର

ଭୁବନେଶ୍ୱର

ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 106

19 January 2026, Monday

Bhubaneswar

Price: 5.00

Online Portal

www.odishasamaya.com

samayaepaper.com

odishasamaya

thesamayanews@gmail.com

www.samayalive.in

Bhubaneswar | Balasore | Angul | Berhampur | Sambalpur

## ବାଂଲାରେ ହିନ୍ଦୁ ବ୍ୟବସାୟୀଙ୍କୁ ହତ୍ୟା

କାଳିଗଞ୍ଜ,୧୮।୧: ବାଂଲାଦେଶର କାଳିଗଞ୍ଜ ଅଞ୍ଚଳରେ ଜଣେ ହିନ୍ଦୁ ବ୍ୟବସାୟୀଙ୍କୁ ହତ୍ୟା କରାଯାଇଛି। ପୀଡ଼ିତ ଲିଟନ ଚନ୍ଦ୍ର ଦାସ ନାମକ ଜଣେ ବ୍ୟକ୍ତିଙ୍କର ସ୍ଥାନୀୟ ଅଞ୍ଚଳରେ ଏକ ଛୋଟ ହୋଟେଲ ଓ ମିଠା ଦୋକାନ ଥିଲା। ଶନିବାର ସକାଳେ ଜଣେ ଗ୍ରାହକ ଓ ଦୋକାନର କର୍ମଚାରୀ ଅନନ୍ତ ଦାସଙ୍କ ମଧ୍ୟରେ ଯୁକ୍ତିତର୍କ ପରେ ଏହି ଘଟଣା ଘଟିଛି। ଉତ୍ତେଜନା ବଢ଼ିବା ପରେ ଲିଟନ ତାଙ୍କ କର୍ମଚାରୀଙ୍କୁ ସୁରକ୍ଷା ଦେବା ପାଇଁ ହସ୍ତକ୍ଷେପ କରିଥିଲେ। ଏହାପରେ ଏକ ଉଗ୍ରବାଦୀ ଭିଡ଼ ତାଙ୍କୁ ଆକ୍ରମଣ କରିଥିଲେ।ସୂଚନା ଅନୁଯାୟୀ, ଏହି ଗୋଷ୍ଠୀ ପ୍ରଥମେ ଲିଟନଙ୍କୁ ଏକ କୋଦାଳରେ ଆକ୍ରମଣ କରିବା ପୂର୍ବରୁ ବିଧା ଓ ଗୋଇଠା ମାରିଥିଲେ। ସାହାଯ୍ୟ ପହଞ୍ଚିବା ପୂର୍ବରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲା। ଏହି ହତ୍ୟାକାଣ୍ଡରେ ତିନି ଜଣଙ୍କୁ ଅଟକ ରଖାଯାଇଛି ଏବଂ ଲିଟନଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏହି ହତ୍ୟାକାଣ୍ଡ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଭୟ ଓ କ୍ରୋଧ ସୃଷ୍ଟି କରିଛି, ଯେଉଁମାନେ ନିରପେକ୍ଷ ତଦନ୍ତ ଓ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ଆସୁଛି ଯୋଡ଼ା ପଶ୍ଚିମାଝଡ଼

### କମିବ ଶୀତ, ବଢ଼ିବ ତାପମାତ୍ରା

ଭୁବନେଶ୍ୱର,୧୮।୧,(ସବ୍ୟୁ) : ଆସୁଛି ଯୋଡ଼ା ପଶ୍ଚିମାଝଡ଼ । ଏହା ପ୍ରଭାବରେ ରାଜ୍ୟରେ ଶୀତ କମିବା ସହିତ ରାତିର ତାପମାତ୍ରା ବଢ଼ିବ । ତେବେ ପଶ୍ଚିମା ଝଡ଼ ଗୋଟିଏ ଜାଗାରେ ଅଟିବାକୁ ଯୋଗୁ ଶୀତ ଜାରି ରହିଛି । କେତେକ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି । ଯଦି ପଶ୍ଚିମାଝଡ଼ ଗତିପଥ ନବଦଳାଏ, ତାହେଲେ ଏଭଳି ଶୀତ ଆଉ ଦୁଇଦିନ ପର୍ଯ୍ୟନ୍ତ ଜାରି ରହିପାରେ ବୋଲି ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଶେଷଜ୍ଞ । ଆସନ୍ତା ୧୯ ଓ ୨୧ ରାତିରୁ ଉତ୍ତର-ପଶ୍ଚିମ ଭାରତକୁ ଅତିକମ ଅନ୍ତରାଳରେ ଦୁଇଟି ପଶ୍ଚିମାଝଡ଼ ପ୍ରଭାବିତ କରିବାର ସମ୍ଭାବନା ରହିଛି । ଏହି ପ୍ରଭାବରେ ଆଗାମୀ ୨୪ଘଣ୍ଟା ପରେ ଦେଶର ପୂର୍ବ ଭାଗରେରେ ରାତ୍ରି ତାପମାତ୍ରା ୩ରୁ ୫ ଡ଼ିଗ୍ରୀ ଯାଏଁ ବୃଦ୍ଧି ହେବା ସମ୍ଭାବନା । ( ୯ ପୃଷ୍ଠାରେ)

## ବୋମା ଧମକ: ଇଣ୍ଡିଗୋ ବିମାନର ଜରୁରୀ ଅବତରଣ



ନୂଆଦିଲ୍ଲୀ,୧୮।୧: ରବିବାର ଦିଲ୍ଲୀରୁ ବାଗଡୋଗ୍ରା ଅଭିମୁଖେ ଯାତ୍ରା କରୁଥିବା ଇଣ୍ଡିଗୋ ଏୟାରଲାଇନ୍ସର ବିମାନ ୬ଇ-୬୬୫୦କୁ ବୋମା ଧମକ ମିଳିଥିଲା। ବିମାନର ଶୌଚାଳୟରେ ଥିବା ଟିସୁ ପେପରରେ ବୋମା ସମ୍ପର୍କିତ ଏକ ବାର୍ତ୍ତା ମିଳିଥିଲା। ଫଳରେ ସୁରକ୍ଷା ଦୃଷ୍ଟିରୁ ବିମାନଟି ଲକ୍ଷ୍ନୌରେ ଜରୁରିକାଳୀନ ଅବତରଣ କରିବାକୁ ବାଧ ହୋଇଥିଲା। ଏଥିରେ ୨୩୦ ଜଣ ଯାତ୍ରୀ ଥିଲେ। ଏସିପି ରଜନୀଶ ବର୍ମାଙ୍କ କହିବା ଅନୁଯାୟୀ, ବର୍ତ୍ତମାନ ବିମାନରେ ଖୋଜାଖୋଜି କରାଯାଉଛି। ଲକ୍ଷ୍ନୌ ବିମାନ ବନ୍ଦରରେ ଅବତରଣ କରିବା ପରେ ତୁରନ୍ତ ବିମାନଟିକୁ ଆଇସୋଲେସନ ବେରେ ପାର୍କିଂ କରାଯାଇଥିଲା। ବୋମା ନିଷ୍କ୍ରିୟକାରୀ ଦଳ ଓ ସିଆଇଏସ୍ଏଫ୍ ଟିମ୍ ଏକ ବିସ୍ତୃତ ଅନୁସନ୍ଧାନ ଆରମ୍ଭ କରିଥିଲେ। ସମସ୍ତ ଯାତ୍ରୀଙ୍କୁ ସ୍ଥାନାନ୍ତର କରାଯାଇ ସ୍କ୍ରିନିଂ କରାଯାଇଥିଲା। କିନ୍ତୁ ଏ ଯାବତ୍ କୌଣସି ବୋମା ଥିବାର ଜଣାପଡ଼ି ନାହିଁ।

# ଆଜିଠୁ ଡାଭୋସ୍ ବିଶ୍ୱ ଅର୍ଥନୈତିକ ଫୋରମ୍ ସମ୍ମିଳନୀ

## ଯୋଗଦେବେ ବିଶ୍ୱର ୩୦୦୦ରୁ ଅଧିକ ପ୍ରତିନିଧି

ନୂଆଦିଲ୍ଲୀ,୧୮।୧: ସ୍ୱିଜରଲାଣ୍ଡର ଡାଭୋସରେ ସୋମବାରଠାରୁ ବିଶ୍ୱ ଅର୍ଥନୈତିକ ଫୋରମ୍ (ଡବ୍ଲ୍ୟୁଇଏଫ୍)ର ୫୬ତମ ବାର୍ଷିକ ସମ୍ମିଳନୀ ଆରମ୍ଭ ହେବାକୁଯାଉଛି। ୫ ଦିନ ଧରି ହେବାକୁ ଥିବା ଏହି ସମ୍ମିଳନୀରେ ଯୋଗଦେବା ଲାଗି ସାରା ବିଶ୍ୱରୁ ରାଜନେତା, କମ୍ପାନୀ ସିଇଓ, ସାମାଜିକ କାର୍ଯ୍ୟକର୍ତ୍ତା, ବିଶେଷଜ୍ଞମାନେ ସ୍ୱିସ୍ ସହରରେ ପହଞ୍ଚିବାରେ ଲାଗିଛନ୍ତି। ଏଥିପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଚଳିତବର୍ଷ ସମ୍ମିଳନୀରେ ବିଶ୍ୱର ବିଭିନ୍ନ କ୍ଷେତ୍ରର ପ୍ରାୟ ୩୦୦୦ରୁ ଅଧିକ ନେତୃବୃନ୍ଦ ଯୋଗଦେବେ।




ଭାରତରୁ ଏକ ବଡ଼ ପ୍ରତିନିଧି ମଣ୍ଡଳୀ ଏଥିରେ ଭାଗନେବେ। ୪ କେନ୍ଦ୍ରମନ୍ତ୍ରୀ ଯଥା ଅଶ୍ୱିନୀ ବୈଷ୍ଣବ, ଶିବରାଜ ସିଂହ ଚୌହାନ, ପ୍ରହ୍ଲାଦ ଯୋଶୀ ଏବଂ ରାମମୋହନ ନାଇଡୁ ଏବଂ ୬ ମୁଖ୍ୟମନ୍ତ୍ରୀ ଯଥା ମହାରାଷ୍ଟ୍ରର ଦେବେନ୍ଦ୍ର ଫଡ଼ନାବିସ, ଆନ୍ଧ୍ରପ୍ରଦେଶର ଚନ୍ଦ୍ରବାବୁ ନାଇଡୁ, ଆସାମର ହିମନ୍ତ ବିଶ୍ୱଶର୍ମା, ମଧ୍ୟପ୍ରଦେଶର ମୋହନ ଯାଦବ, ତେଲେଙ୍ଗାନାର ରେବନ୍ତ ରେଡ୍ଡୀ ଏବଂ ଝାଡ଼ଖଣ୍ଡର ହେମନ୍ତ ସୋରେନ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ମଧ ଯୋଗଦେବେ। ଭାରତରୁ ୧୦୦ରୁ ଅଧିକ ପ୍ରମୁଖ କମ୍ପାନିର ସିଇଓ ମଧ ଯୋଗଦେବେ। ସେମାନଙ୍କ ମଧ୍ୟରେ ରିଲାଏନ୍ସ ଅଧ୍ୟକ୍ଷ ମୁକେଶ ଅମ୍ବାନୀ, ଟାଟା ସନ୍ସ ଅଧ୍ୟକ୍ଷ ଏନ୍ ଚନ୍ଦ୍ରଶେଖରନ, ବଜାଜ ଗ୍ରୁପର ସଞ୍ଜୀବ ବଜାଜ୍ ପ୍ରମୁଖ ଯୋଗଦେବେ।

୧୭୦୦ରୁ ଅଧିକ ସିଇଓ, ନାଗରିକ ସମାଜ ସଦସ୍ୟ, ଶ୍ରମିକ ପ୍ରତିନିଧି, ଧାର୍ମିକ ଓ ସାଂସ୍କୃତିକ ସଂସ୍ଥାର ପ୍ରତିନିଧି, ଉଦ୍ୟୋଗୀ, ଶିକ୍ଷାବିତ୍, ବିଶେଷଜ୍ଞ ମାନେ ସାମିଲ ହେବେ। ୩୦ରୁ ଅଧିକ ବିଦେଶ ମନ୍ତ୍ରୀ, ୬୦ରୁ ଅଧିକ ଅର୍ଥମନ୍ତ୍ରୀ, କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ଣ୍ଣର ଏବଂ ୩୦ରୁ ଅଧିକ ବାଣିଜ୍ୟ ମନ୍ତ୍ରୀ ଯୋଗଦେବେ। ଚଳିତବର୍ଷ ସମ୍ମିଳନୀର ମୁଖ୍ୟ ପ୍ରସଙ୍ଗ 'ସ୍ପିରିଟ୍ ଅଫ୍ ଡାଇଲଗ୍' ରହିଛି। ଅର୍ଥାତ୍ ବିଶ୍ୱର ବିଭିନ୍ନ ପ୍ରସଙ୍ଗର ସମସ୍ୟା ସମାଧାନରେ ଆଲୋଚନାକୁ ଗୁରୁତ୍ୱ ଦିଆଯିବ।

ବିଭିନ୍ନ ଦେଶର ରାଷ୍ଟ୍ରମୁଖ୍ୟ ଓ ଶାସନମୁଖ୍ୟଙ୍କ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନି, ଜର୍ମାନୀ ଚାନସେଲର ଫ୍ରେଡେରିକ୍ ମର୍ଜ, ୟୁରୋପୀୟ ଆୟୋଗ ଅଧକ୍ଷ ଉର୍ସୁଲା ଭନ୍ ଡେର୍ ଲିୟେନ, ଚୀନ ଉପପ୍ରଧାନମନ୍ତ୍ରୀ ହେ ଲିଫେଙ୍ଗ, ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍, ସ୍ୱିଜରଲାଣ୍ଡ ରାଷ୍ଟ୍ରପତି ଗାଏ ପାରମେଲିନ, ପାଲେଷ୍ଟାଇନ ରାଷ୍ଟ୍ରୀୟ ପ୍ରାଧିକରଣ ପ୍ରଧାନମନ୍ତ୍ରୀ ମହମ୍ମଦ ମୁସ୍ତାଫା, ଇସ୍ରାଏଲ ରାଷ୍ଟ୍ରପତି ଇସାକ୍ ହର୍ଜୋଗ୍, ୟୁକ୍ରେନ ରାଷ୍ଟ୍ରପତି ବୋଲଡିମିର ଜେଲେନ୍ସ ଆଦି ଯୋଗଦେବେ।

# ଗାଡ଼ି ଧକ୍କାରେ ଚାଲିଗଲା ୪ ଜୀବନ

ବାଲେଶ୍ୱର/କେନ୍ଦୁଝର,୧୮।୧,(ସବ୍ୟୁ) : ଗାଡ଼ି ଧକ୍କା ଦେବାରୁ ପୃଥକ ପୃଥକ ସ୍ଥାନରେ ୪ ଜଣଙ୍କର ମୃତ୍ୟୁ ହୋଇଛି । ବାଲେଶ୍ୱର ଜିଲ୍ଲା ଜଳେଶ୍ୱର -ଚନ୍ଦନେଶ୍ୱର ୫୭ ନମ୍ବର ଜାତୀୟ ରାଜପଥର ନାମ୍ପୋ ଛକ ନିକଟରେ ଅଜଣା ଗାଡ଼ି ଧକ୍କାରେ ଦୁଇ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ମଥୁରାପୁର ନିକଟରେ ଚାଲିଚାଲି ଆସୁଥିବା ବେଳେ ଚାରି ଜଣଙ୍କୁ ଧକ୍କା ଦେଇ ଏକ ବୋଲେରୋ ଫେରାର ହୋଇଥିଲା ବେଳ ୨ଙ୍କର ମୃତ୍ୟୁ ହୋଇଛି । ଓ ଅନ୍ୟ ୨ଜଣ ଗୁରୁତର ଆହତ ହୋଇଛନ୍ତି । ୫୭ ନମ୍ବର ଜାତୀୟ ରାଜପଥର ନାମ୍ପୋ ଛକ ନିକଟରେ ଅଜଣା ଗାଡ଼ି ଧକ୍କାରେ ମୃତ ଦୁଇ ଯୁବକ ହେଲେ ନାଚିନ୍ଦା ପଞ୍ଚାୟତ ବାଗ ଗ୍ରାମର ଧନଞ୍ଜୟ ସାହୁଙ୍କ ପୁତ୍ର ଗୌତମ ସାହୁ(୧୮) ଓ ଅଦ୍ୱୈତ ମହାପାତ୍ରଙ୍କ ପୁତ୍ର ଚନ୍ଦ୍ର ଶେଖର ମହାପାତ୍ର (୨୨) ।ଏହି ଦୁଇ ଯୁବକ ଏକ ବାଇକରେ ଜଳେଶ୍ୱର ଷ୍ଟେସନକୁ ଯାଉଥିବା ବେଳେ ରବିବାର ଭୋର ସାଢେ ୪ ଟା ସମୟରେ କୌଣସି ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇ ପଳାଇଥିଲା । ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ହୋଇଥିବା କୁହାଯାଇଛି । ନାମ୍ପୋ ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଯୁବକଙ୍କୁ ଜଳେଶର ଜିକେ ଭଟ୍ଟର ହସ୍ପିଟାଲକୁ ନେଇଥିବା ବେଳେ ସେଠାରେ ଔପଚାରିକ ଭାବେ ମୃତ ଘୋଷଣା କରାଯାଇଥିଲା । ଦୁଇ ଯୁବକଙ୍କ ମୃତ୍ୟୁରେ ନାଚିନ୍ଦା ପଞ୍ଚାୟତ ସମେତ କମର୍ଦ୍ଦା ଥାନା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ସେହିପରି କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ମଥୁରାପୁର ନିକଟରେ ଚାଲିଚାଲି ଆସୁଥିବା ବେଳେ ୪ ଜଣଙ୍କୁ ଧକ୍କା ଦେଇ ଫେରାର ହୋଇଥିଲା ବୋଲେରୋ । ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଥିଲେ । ଗୁରୁତର ଯୁବକଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ସେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ବରଣ କରିଛନ୍ତି । ମୃତକ ଦୁଇ ଭାଇ ବୋଲି ସୂଚନା ରହିଛି । ସେ ଦୁହେଁ ହେଲେ ଜଡିପଦା ଗାଁର ଯୁଧିଷ୍ଠିର ମହାନ୍ତ ଓ ଯଶୋବନ୍ତ ମହାନ୍ତ । ଅନ୍ୟ ପଟେ ଦୁର୍ଘଟଣା ଘଟାଇ ଫେରାର ହେଇଥିବା ବୋଲେରୋ ଗାଡ଼ିଟିକୁ ପୁଲିସ ବସାସାହି ଗାଁରୁ ଠାବ କରିଛି । ଶନିବାର ସନ୍ଧ୍ୟାରେ ଜଡିପଦା ଗାଁ ରୁ ଚାରିଜଣ ଚାଲିଚାଲି ଆସୁଥିବା ବେଳେ ପଛରୁ ଧକ୍କା ଦେଇ ଫେରାର ହେଇଯାଇଥିଲା ବୋଲେରୋ । ( ୯ ପୃଷ୍ଠାରେ )

## ଆପ୍ ବିଧାୟକଙ୍କ ଇସ୍ତଫା

ଚଣ୍ଡିଗଡ଼,୧୮।୧: ମାଘ ମେଳା ସମୟରେ ଶ୍ରୀ ମୁକ୍ତସର୍ ସାହେବରେ ବଙ୍ଗା ହଲକେର ଏକ ଡେରାରୁ ଚୋରି ହୋଇଥିବା ଶ୍ରୀ ଗୁରୁ ଗ୍ରନ୍ଥ ସାହେବଙ୍କ ୧୬୯ ସ୍ୱରୂପ ସମ୍ପର୍କରେ ବୟାନ ଦେବା ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ଙ୍କ ପାଇଁ ମହଙ୍ଗା ପଡ଼ିଛି। ମୁଖ୍ୟମନ୍ତ୍ରୀଙ୍କ ବୟାନ ଯୋଗୁ ବଙ୍ଗାରୁ ବିଧାୟକ ଥିବା ଡ. ସୁଖବିନ୍ଦର ସୁଖ୍ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଡ. ସୁଖ୍ ରବିବାର ବଙ୍ଗାର ଗୁରୁଦ୍ୱାରା ରାଜା ସାହେବ ରସୋଖାନା ପହଞ୍ଚି ନିଜ ଇସ୍ତଫା କଥା ଘୋଷଣା କରିଥିଲେ। ସେ ୱେରହାଉସ ଅଧ୍ୟକ୍ଷ ତଥା କ୍ୟାବିନେଟ ପାହ୍ୟା ମଧ ଛାଡ଼ି ଦେଇଛନ୍ତି।ସେ କହିଛନ୍ତି, ଶିଖ୍ ସମୁଦାୟ ପାଇଁ ଶ୍ରୀ ଗୁରୁ ଗ୍ରନ୍ଥ ସାହେବ ସର୍ବୋଚ୍ଚ ସମ୍ମାନର ପ୍ରତୀକ ଅଟେ। ( ୯ ପୃଷ୍ଠାରେ)

## ଟ୍ରମ୍ପଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇଲେ ଇରାନବାସୀ

ୱାଶିଂଟନ୍,୧୮।୧: ଟ୍ରମ୍ପଙ୍କ କଥା ଓ କାମରେ ବହୁ ଫରକ୍ ରହିଛି ବୋଲି ଇରାନ ବିକ୍ଷୋଭକାରୀ ଅଭିଯୋଗ କରିଛନ୍ତି। ଇରାନରେ ଅଶାନ୍ତିର ପ୍ରାରମ୍ଭରେ, ଆମେରିକାର ରାଷ୍ଟ୍ରପତି ପ୍ରତିବାଦକାରୀଙ୍କୁ ସାର୍ବଜନୀନ ଭାବରେ ଉତ୍ସାହିତ କରିବା ସହିତ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିକୁ ଚେତାବନୀ ଦେଇଥିଲେ ।ଟ୍ରମ୍ପ ସୋସିଆଲ ମିଡିଆରେ ଘୋଷଣା କରିଥିଲେ, ସହାୟତା ଆସୁଛି । ଏହା ପରେ ଚେତାବନୀ ଦେଇଥିଲେ, ଯଦି ଶାନ୍ତିପୂର୍ଣ୍ଣ ପ୍ରଦର୍ଶନକାରୀମାନଙ୍କୁ କ୍ଷତି ପହଞ୍ଚାଯାଏ ତେବେ ଆମେରିକା ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବ। ଇରାନବାସୀ ଏହାକୁ ସମର୍ଥନ ପ୍ରତିଶ୍ରୁତି ଭାବିଥିଲେ। ଯେତେବେଳେ ପ୍ରତିବାଦକାରୀମାନେ ପୁଣି ରାସ୍ତାକୁ ଓହ୍ଲାଇଲେ, ଇରାନ ସରକାର କଠୋର ରଣନୀତି ଆପଣେଇଲେ । ଯୋଗାଯୋଗ ବିଚ୍ଛିନ୍ନ କରିବା ସହ ସୁରକ୍ଷା ବାହିନୀ ମୁତୟନ କରି ଘାତକ ଶକ୍ତି ପ୍ରୟୋଗ କରିଥିଲେ । ପେଣ୍ଟାଗନ କିଛି ଅଣ-ଅତ୍ୟାବଶ୍ୟକ କର୍ମଚାରୀଙ୍କୁ ମଧ୍ୟପ୍ରାଚ୍ୟରେ ଥିବା ଏକ ପ୍ରମୁଖ ଆମେରିକୀୟ ଘାଟି ଛାଡିବା ( ୯ ପୃଷ୍ଠାରେ)




## ମଣିପୁର ହିଂସା: ଆଖି ବୁଜିଲେ କୁକି ଗଣଦୁଷ୍କର୍ମ ପୀଡ଼ିତା

ଇମ୍ଫାଲ,୧୮।୧: ମଣିପୁର ହିଂସାର ପାଖାପାଖି ୩ ବର୍ଷ ପରେ କୁକି ଗଣଦୁଷ୍କର୍ମ ପୀଡ଼ିତାଙ୍କର ଚୁରାଚାନ୍ଦପୁର ଜିଲ୍ଲାର ଏକ ହସ୍ପିଟାଲରେ ଚଳିତ ମାସରେ ମୃତ୍ୟୁ ହୋଇଛି। ପୀଡ଼ିତାଙ୍କ ପରିବାର ପକ୍ଷରୁ ରବିବାର ଏ ସମ୍ପର୍କରେ ସୂଚନା ଦିଆଯାଇଛି। ୨୦୨୩ ମେ ମାସରେ ମଣିପୁର ହିଂସା ଦେଖାଯାଇଥିବାବେଳେ ଏହି କୁକି ମହିଳାଙ୍କୁ ଅପହରଣ କରି ନିର୍ଯାତନା ଦିଆଯିବା ସହିତ ଗଣଦୁର୍ଷ୍କମ କରାଯାଇଥିଲା। ସେବେଠାରୁ ସେ ଶାରୀରିକ ତଥା ମାନସିକ ଆଘାତ ସହିତ ଲଢ଼ି ଆସୁଥିଲେ। ଗଣଦୁଷ୍କର୍ମ ଓ ନିର୍ଯାତନା ଘଟଣାପରେ ତାଙ୍କ ଠାରେ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇଥିବାବେଳେ ତାଙ୍କୁ ବାରମ୍ବାର ହସ୍ପିଟାଲରେ ଭର୍ତ୍ତି କରାଯାଉଥିଲା। ସେ ମାନସିକ ଅବସାଦରେ ଥିଲେ ବୋଲି ତାଙ୍କ ମାଦ କହିଛନ୍ତି। ଗଣଦୁଷ୍କର୍ମ ଘଟଣାବେଳେ ପୀଡ଼ିତାଙ୍କୁ ମାତ୍ର ୧୮ ବର୍ଷ ବୟସ ହୋଇଥିଲା। ଇମ୍ଫାଲର ଏକ ବ୍ୟୁଟି ସାଲୋନରେ ସେ କାମ କରୁଥିଲେ। ମେଦ ୧୫ରେ ତାଙ୍କୁ ବନ୍ଧକ କରିନିଆଯାଇଥିଲା। ତାଙ୍କୁ ବିଷ୍ଣୁପୁର ଜିଲ୍ଲାର ଏକ ପାହାଡ଼ ଉପରକୁ ନେଇଯାଇ ଗଣଦୁଷ୍କର୍ମ କରାଯାଇଥିଲା। ତଥାପି ସେ ସେଠାରୁ ଖସି ପଳାଇ ଆସିଥିଲେ। ସେବେଠାରୁ ତାଙ୍କୁ ନାଗାଲାଣ୍ଡ, ଆସାମ ଓ ମଣିପୁରର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା କରାଯାଇଥିଲା।

## ଚିଲିକାରେ ପକ୍ଷୀ ଗଣନା ଶେଷ: ପ୍ଲେନ ମାର୍ଟିନ ଓ ବେଙ୍ଗଲ ବୁଶ ଲାର୍କ ନୂଆ ଅତିଥି

ବାଲୁଗାଁ,୧୮।୧,(ସବ୍ୟୁ): ରବିବାର ଚିଲିକାରେ ପକ୍ଷୀ ଗଣନା ଶେଷ ହୋଇଛି । ଚଳିତ ବର୍ଷ ୧୯୬ ପ୍ରଜାତିର ୧୧ ଲକ୍ଷ ୩୨ ହଜାର ୨୦୦ ପକ୍ଷୀଙ୍କ ସମାଗମ ହୋଇଛି । ସେଥିମଧ୍ୟରୁ ୧୦୬ ପ୍ରଜାତିର ୧୧ ଲକ୍ଷ ୧୦ହଜାର ୨୫୭ଟି ବିଦେଶାଗତ ପକ୍ଷୀ ରହିଛନ୍ତି । ଅବଶିଷ୍ଟ ୯୦ ପ୍ରଜାତିର ୨୧ହଜାର ୯୪୩ ସ୍ଥାନୀୟ ପକ୍ଷୀ ଅଟନ୍ତି । ଗତବର୍ଷ ସମଗ୍ର ଚିଲିକାରେ ୧୧ଲକ୍ଷ ୨୭ ହଜାର ୨୨୮ଟି ପକ୍ଷୀଙ୍କ ସମାଗମ ହୋଇଥିଲା । ଚଳିତ ବର୍ଷ ୪ହଜାର ୯୭୨ ପକ୍ଷୀଙ୍କ ସଂଖ୍ୟା ବଢିଛି ୫ ପକ୍ଷୀ ଅଭୟାରଣ୍ୟ



ନଳବଣରେ ମଧ ଚଳିତ ବର୍ଷ ପକ୍ଷୀ ଓ ପ୍ରଜାତି ସଂଖ୍ୟା ବଢିଛି । ଗତବର୍ଷ ଏଠାରେ ୯୨ ପ୍ରଜାତିର ୩ ଲକ୍ଷ ୪୩ହଜାର ୨୨୬ ପକ୍ଷୀ ଚିହ୍ନଟ ହୋଇଥିଲେ । ଚଳିତ ବର୍ଷ ୧୦୬ ପ୍ରଜାତିର ୩ଲକ୍ଷ ୯୭ହଜାର ୫୮୭ ଗୋଟି ପକ୍ଷୀଙ୍କ ସମାଗମ ହୋଇଛି ୫ ଅର୍ଥାତ ଏଠାରେ ୫୪ହଜାର ୩୬୧ ପକ୍ଷୀ ବୃଦ୍ଧି ପାଇଛ । ଗତ ବର୍ଷ ୧୯୭ ପ୍ରଜାତିର ପକ୍ଷୀଙ୍କ ସମାଗମ ହୋଇଥିଲା ୫ ଚଳିତ ବର୍ଷ ମଧ ଏହି ସଂଖ୍ୟା ରହିଛି ୧୯୬ । ଏଥର ନୂତନ ଅତିଥି ଭାବେ ପ୍ଲେନ ମାର୍ଟିନ ଏବଂ ବେଙ୍ଗଲ ବୁଶ ଲାର୍କ ପ୍ରଜାତିର ପକ୍ଷୀଙ୍କୁ ଚିହ୍ନଟ ହୋଇଛି । ଏହି ଦୁଇ ପକ୍ଷୀ ବିଶେଷକରି ଆଫ୍ରିକା ଏବଂ ଦକ୍ଷିଣ ଏସିଆ ଅଞ୍ଚଳରେ ଅବସ୍ଥାନ କରନ୍ତି । ଅନ୍ୟ ପକ୍ଷେ ଚିଲିକାର ଆକର୍ଷଣୀୟ ଫ୍ଲେମୀଙ୍ଗୋ (ଏରା ) ହଂସ ଜାତୀୟ ପକ୍ଷୀ ଚଳିତ ବର୍ଷ କମିଛନ୍ତି ୫ଗତ ବର୍ଷ ଏହି ପକ୍ଷୀ ୨୬୩୮ ଟି ଦୃଷ୍ଟିଗୋଚର ହୋଇଥିଲେ । ଚଳିତ ବର୍ଷ ଏହି ସଂଖ୍ୟା ହ୍ରାସ ପାଇ ୧୮୦୦ରେ ପହଞ୍ଚିଛି । ଅର୍ଥାତ ୮୩୮ଟି ଫ୍ଲେମୀଙ୍ଗୋ ପକ୍ଷୀ କମିଛନ୍ତି । ବିଦେଶୀ ପକ୍ଷୀଙ୍କ ମଧ୍ୟରେ ସର୍ବାଧିକ ନର୍ଦନ ପିଣ୍ଟେଲ ୨,୧୮, ୯୯୩, ଇଉରାସିଆନୱୁଜିଆନ ୧, ୫୩, ୩୧୮ , ଗଡ଼ୱାଲ ( ୯ ପୃଷ୍ଠାରେ)

## ଇଡିର ଚାଞ୍ଚଲ୍ୟକର ଖୁଲାସା

# ଡାକ୍ତରଠୁ ରୋଗୀ ସବୁ ନକଲିରେ ଚାଲିଥିଲା ଆଲ-ଫଲାହ ହସ୍ପିଟାଲ

ଫରିଦାବାଦ,୧୮।୧,(ସବ୍ୟୁ) : ଲାଲକିଲ୍ଲା ବିସ୍ଫୋରଣର ତଦନ୍ତ କରି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଫରିଦାବାଦ ସ୍ଥିତ ଅଲ୍-ଫଲାହ ବିଶ୍ୱବିଦ୍ୟାଳୟସମ୍ପର୍କରେ ବହୁ ଚାଞ୍ଚଲ୍ୟକର ତଥ୍ୟ ପ୍ରକାଶ କରିଛି । ଆତଙ୍କବାଦୀ ଡାକ୍ତର କ୍ୟାମ୍ପସ୍କୁ ଏକ ଆଧାର ଭାବରେ ବ୍ୟବହାର କରିଥିଲେ। ଅଭିଯୋଗ ହେବା ପରେ ବିଶ୍ୱବିଦ୍ୟାଳୟ ଉପରେ କଡ଼ା ନଜର ରଖାଯାଇଥିଲା। କୋର୍ଟରେ ଦାଖଲ ହୋଇଥିବା ଚାର୍ଜସିଟ୍ ଅନୁଯାୟୀ, ବିଶ୍ୱବିଦ୍ୟାଳୟରେ ବହୁ ନିୟାମକର ଉଲ୍ଲଂଘନ,ନିଯୁକ୍ତିରେ ଜାଲିଆତି ଓ ଆର୍ଥିକ ଅନିୟମିତତା ଚିହ୍ନଟ ହୋଇଛି। କୋର୍ଟ ଏପର୍ଯ୍ୟନ୍ତ ଚାର୍ଜସିଟ୍ ଉପରେ ବିଚାର କରିନାହାନ୍ତି। ଇଡି ଦ୍ୱାରା ତଦନ୍ତରେ ୬ ଚାଞ୍ଚଲ୍ୟକର ତଥ୍ୟ ପ୍ରକାଶ ପାଇଛି।




ରିପୋର୍ଟ ଅନୁଯାୟୀ, ୨୦୧୯ ମସିହାରେ ପ୍ରତିଷ୍ଠିତ ମେଡିକାଲ କଲେଜରେ ଲାଲକିଲ୍ଲା ବିସ୍ଫୋରଣ ସହିତ ଜଡିତ ତିନି ଜଣ ଡାକ୍ତରଙ୍କୁ ପୁଲିସ ଯାଞ୍ଚ ବିନା ନିଯୁକ୍ତି ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ଦୁଇ ଡାକ୍ତର ମୁଜାମ୍ମିଲ ଗନାଇ ଓ ଡାକ୍ତର ଶାହିନ ସଇଦଙ୍କୁଏନଆଇଏ ଗିରଫ କରିଥିଲା। ତୃତୀୟ ଡାକ୍ତର ଉମର ନବି ଲାଲକିଲ୍ଲା ନିକଟ ବିସ୍ଫୋରଣରେ ଜଡିତ ଗାଡ଼ିରେ ଥିବା ବ୍ୟକ୍ତି ଥିଲେ

ଜାତୀୟ ଚିକିତ୍ସା କମିସନ (ଏନ୍ଏମ୍ସି)ରୁ ଅନୁମୋଦନ ପାଇବା ପାଇଁ କେବଳ କାଗଜପତ୍ରରେ ଡାକ୍ତର ବୋଲି ଦର୍ଶାଯାଉଥିଲା। ଡାକ୍ତରଙ୍କୁ ନିୟମିତ ଅଧ୍ୟାପକ ଭାବରେ ପ୍ରଦର୍ଶିତ କରିବା ପାଇଁ ୨୨ ଦିନ ଉପସ୍ଥିତି ଅବା ବା ସପ୍ତାହରେ ଦୁଇ ଦିନ ଉପସ୍ଥିତି ଧାରା ଅନୁଯାୟୀ କେବଳ ଡକ୍ୟୁମେଣ୍ଟରେ ନିଯୁକ୍ତି ଦିଆଯାଇଥିଲା। ଏହି ଡାକ୍ତରମାନେ ନିୟମିତ ଭାବରେ କଲେଜକୁ ଯାଉନଥିଲେ କି ବିଶ୍ୱବିଦ୍ୟାଳୟ ହସ୍ପିଟାଲରେ ପଢ଼ାଉ ନଥିଲେ। ସେମାନେ ରୋଗୀକ ଚିକିତ୍ସା କରୁନଥିଲେ। ଏହି ବ୍ୟବସ୍ଥା କେବଳ ଏନ୍ଏମ୍ସି ଅନୁମୋଦନ ପାଇବା ପାଇଁ ଓ ମେଡିକାଲ କଲେଜ କିପରି ବିନା ବାଧାରେ କାର୍ଯ୍ୟ କରିବ ସେଥିପାଇଁ କରାଯାଇଥିଲା ।ଇହି ଚାର୍ଜସିଟ୍ ସହ ସଂଲଗ୍ନ ଟେକ୍ସଟ୍ ମେସେଜ୍ ଓ ଭିଡିଓ ଚାଟ୍କୁ ମଧ ଯାଞ୍ଚ କରିଛି। ଏହା ଦର୍ଶାଇଛି, ନିୟାମକ ଯାଞ୍ଚ ପୂର୍ବରୁ ବିଶ୍ୱବିଦ୍ୟାଳୟ ହସ୍ପିଟାଲ ପ୍ରାୟତଃ କାର୍ଯ୍ୟକ୍ଷମ ନଥିଲା। ( ୯ ପୃଷ୍ଠାରେ)

## ବାଣ ଭିଡ଼ା ବେଳେ ବିସ୍ଫୋରଣ: ଜଣେ ମୃତ



ଫୁଲନଖରା,୧୮।୧,(ସବ୍ୟୁ) : :କଟକ ସଦର ଥାନା ଅନ୍ତର୍ଗତ ଖଲର୍ଦ୍ଦା ପଂଚାୟତର ହାତୀଗ ଗ୍ରାମରେ ବେଆଇନ ଭାବେ ବାଣଭିଡି କାର୍ଯ୍ୟ କରୁଥିବାବେଳେ ଘଟିଥିବା ଭୟାବହ ବାରୁଦ ବିସ୍ଫୋରଣରେ ଜଣେ ଦିନମଜୁରିଆଙ୍କ ମୃତ୍ୟୁ ଘଟିଛି । ମୃତ ବ୍ୟକ୍ତି ହେଲେ ସୁରେଶ ଭୋଇ (୪୪) । ସୂଚନା ଅନୁସାରେ, ହାତୀଗଡ଼ ଗ୍ରାମର ବୈକୁ= ସାମଲ (୫୦) ଦୀର୍ଘଦିନ ଧରି ବେଆଇନ ଭାବେ ବିବାହ, ବ୍ରତଘର, ଖେଳକୁଦ, ସଭା-ସମିତି ଆଦି ଅବସରରେ ବାଣ ଯୋଗାଇ ଆସୁଥିଲେ ଏବଂ ଏହା ମାଧ୍ୟମରେ ଲକ୍ଷଲକ୍ଷ ଟଙ୍କା ରୋଜଗାର କରୁଥିବା ଅଭିଯୋଗ ରହିଛି । ଆଜି ବାଣଭିଡି କାର୍ଯ୍ୟ ଚାଲିଥିବା ସମୟରେ ହଠାତ ଘଟିଥିବା ବିସ୍ଫୋରଣରେ ସୁରେଶ ଭୋଇଙ୍କ ମତ୍ୟୁ ହୋଇଯାଇଛି । ବିସ୍ଫୋରଣର ପ୍ରଭାବ ଏତେ ତୀବ୍ର ଥିଲା ଯେ ପ୍ରାୟ ପାଞ୍ଚ କିଲୋମିଟର ପର୍ଯ୍ୟନ୍ତ ଭୟଙ୍କର ଶବ୍ଦ ଶୁଣିବାକୁ ମିଳିଥିଲା । ଏହି ଘଟଣାରେ ବୈକୁ=ଙ୍କ ବାଣଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ ନିକଟସ୍ଥ "ପ୍ରଦୀପ ପ୍ୟାଲେସ' ନାମକ ଏକ ମଣ୍ଡପର କାଚ ଭାଙ୍ଗି ଯାଇଛି । ଘଟଣା ପରେ ମୃତ ସୁରେଶଙ୍କ ଶରୀରର କିଛି ଅଂଶ ରାସ୍ତାରେ ଛିଟିକି ପଡ଼ିଥିବା ଦୃଶ୍ୟ ସ୍ଥାନୀୟ ଲୋକଙ୍କୁ ଭୟଭୀତ କରିଦେଇଥିଲା । ଖବର ପାଇ କଟକ ସଦର ( ୯ ପୃଷ୍ଠାରେ)

## ନିପା ଭାଇରସ




ନିପା ଭାଇରସ୍ ଏକ ଗମ୍ଭୀର ସଂକ୍ରାମକ ରୋଗ, ଯାହା ପଶୁମାନଙ୍କଠାରୁ ମଣିଷକୁ ବ୍ୟାପିଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ଏହା ମୁଖ୍ୟତଃ ବାଦୁଡ଼ିଙ୍କ ଦ୍ୱାରା ବ୍ୟାପିଥାଏ। ତେବେ ଏହି ରୋଗର ଲକ୍ଷଣ ସମ୍ପର୍କ ଜାଣି ଏହାକୁ ଉଚିତ ସମୟରେ ଚିକିତ୍ସା କରାଇ ପାରିଲେ ଏହାର ନିରାକରଣ ସମ୍ଭବ ।

### କାରଣ

ମୁଖ୍ୟତଃ ଫଳ ଖାଉଥିବା ବାଦୁଡ଼ିମାନେ ଏହି ଭାଇରସର ପ୍ରାକୃତିକ ବାହକ ଅଟନ୍ତି। ବାଦୁଡ଼ି କାମୁଡ଼ିଥିବା କିମ୍ବା ସେମାନଙ୍କ ଲାଳ/ପରିସ୍ରା ଲାଗିଥିବା ଫଳ ଖାଇବା ଦ୍ୱାରା ମଣିଷ ସଂକ୍ରମିତ ହୋଇଥାଏ। ଏହାସହ ଘୁଷୁରି କିମ୍ବା ଅନ୍ୟାନ୍ୟ ସଂକ୍ରମିତ ପଶୁଙ୍କ ସଂସ୍ପର୍ଶରେ ଆସିଲେ ମଧ୍ୟ ଏହି ରୋଗ ବ୍ୟାପିବାର ସମ୍ଭାବନା ଥାଏ । ମଣିଷରୁ ମଣିଷଙ୍କୁ ମଧ୍ୟ ସଂକ୍ରମିତ ହୋଇଥାଏ । ଜଣେ ସଂକ୍ରମିତ ବ୍ୟକ୍ତିଙ୍କ ଶରୀରରୁ ନିର୍ଗତ ତରଳ ପଦାର୍ଥ ଯଥା ଛେପ, ପରିସ୍ରା କିମ୍ବା ରକ୍ତ ସଂସ୍ପର୍ଶରେ ଆସିଲେ ଏହା ଅନ୍ୟକୁ ହୋଇଥାଏ ।

### ଲକ୍ଷଣ

ଜ୍ୱର ଓ ମୁଣ୍ଡବିନ୍ଧା ଏହାର ପ୍ରାଥମିକ ଲକ୍ଷଣ। ସଂକ୍ରମିତ ହେବାର ୫ ରୁ ୧୪ ଦିନ ମଧ୍ୟରେ ପ୍ରବଳ ଜ୍ୱର, ମୁଣ୍ଡବିନ୍ଧା ଏବଂ ମାଂସପେଶୀରେ ଯନ୍ତ୍ରଣା ଅନୁଭବ ହୁଏ। ଏହାସହ ରୋଗୀକୁ କାଶ ହେବା ସହ ନିଶ୍ୱାସ ପ୍ରଶ୍ୱାସ ନେବାରେ ପ୍ରବଳ କଷ୍ଟ ହୋଇଥାଏ । ଏହି ଭାଇରସ୍ ସିଧାସଳଖ ମସ୍ତିଷ୍କ ଉପରେ ପ୍ରଭାବ ପକାଏ, ଯାହାଫଳରେ ରୋଗୀ ମାନସିକ ସନ୍ତୁଳନ ହରାଇଥାଏ। ଅତ୍ୟଧିକ ବାନ୍ତି ହେବା ଏବଂ ଶରୀରରେ ଦୁର୍ବଳତା ଦେଖାଦେବା ଏହାର ପ୍ରାଥମିକ ଲକ୍ଷଣ । ଏପରିକି ରୋଗୀ କୋମାକୁ ଯିବାର ସମ୍ଭାବନା ରହିଥାଏ । ଲକ୍ଷଣ ଦେଖିବାମାତ୍ରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା କରାନ୍ତୁ ।

### ସାବଧାନତା

ଗଛରୁ ପଡ଼ିଥିବା କିମ୍ବା ପକ୍ଷୀ/ବାଦୁଡ଼ି ଖାଇଥିବା କ୍ଷତ ଚିହ୍ନ ଥିବା ଫଳ ଆଦୌ ଖାଆନ୍ତୁ ନାହିଁ। ସାବୁନ କିମ୍ବା ସାନିଟାଇଜର ବ୍ୟବହାର କରି ନିୟମିତ ହାତ ସଫା ରଖନ୍ତୁ, ବିଶେଷ କରି ରୋଗୀଙ୍କ ପାଖରୁ ଆସିବା ପରେ। ସଂକ୍ରମିତ ବ୍ୟକ୍ତି କିମ୍ବା ପଶୁଙ୍କଠାରୁ ଯଥେଷ୍ଟ ଦୂରତା ବଜାୟ ରଖନ୍ତୁ ଏବଂ ମାସ୍କ ବ୍ୟବହାର କରନ୍ତୁ । ଯେ କୌଣସି ଖାଦ୍ୟ ଖାଇବା ଆଗରୁ ସାବଧାନତା ଅବଲମ୍ବନ କରନ୍ତୁ । କୌଣସି ଲକ୍ଷଣ ଦେଖାଦେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ପରୀକ୍ଷା କରାନ୍ତୁ ଏବଂ ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା ଆରମ୍ଭ କରନ୍ତୁ ।

## ସୋସିଆଲ କୋଟ୍ସ



ଦୋସ୍ତାନା ୨ର ସୁଟିଂ ୩୦ ରୁ ୩୫ ଦିନ ସରିଥିଲା। ସୁଟିଂ ସେଟ୍‌ରେ ସବୁ କିଛି ଠିକ୍ ଥିଲା । ହେଲେ ହଠାତ୍ ଏହାର ସୁଟିଂ ବନ୍ଦ ହୋଇ ଯାଇଥିଲା ।

ଜାହ୍ନବୀ କପୁର, ଅଭିନେତ୍ରୀ



ମୁଁ ଖୁବ ଭଲ ଓ୍ୱିକେଟ୍ କିପର ଥିଲି । ହେଲେ ଯେତେବେଳେ ଆହତ ହେଲି ସେତେବେଳେ କ୍ରିକେଟ ଛାଡିବାକୁ ପଡିଲା ।

ଶାହରୁଖ ଖାନ, ଅଭିନେତା



ଟୁଇଙ୍କିଲ୍ ମୋର ପୋଷାକକୁ ନେଇ ରିଭ୍ୟୁ କରନ୍ତି। ମୋର ଟ୍ରାକ ସୁଟ ଓ ଟି ସାର୍ଟ ପିନ୍ଧିବା ତାଙ୍କୁ ଭଲ ଲାଗି ନଥାଏ ।

ଅକ୍ଷୟ କୁମାର, ଅଭିନେତା

## ଆଜି ଜନ୍ମଦିନ — ସଂଗ୍ରାମୀ ପାର୍ବତୀ ଗିରି



ଜଣେ ଓଡ଼ିଆ ସ୍ୱାଧୀନତା ସଂଗ୍ରାମୀ ଏବଂ ପଶ୍ଚିମ ଓଡ଼ିଶାର ମଦର ଟେରେସା ଭାବେ ପରିଚିତ ଥିଲେ ପାର୍ବତୀ ଗିରି। ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ନାରୀ ସ୍ୱାଧୀନତା ସଂଗ୍ରାମୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି । ସେ ଅବିଭାଜିତ ସମ୍ବଲପୁର ଜିଲ୍ଲା ତଥା ବର୍ତ୍ତମାନର ବରଗଡ଼ ଜିଲ୍ଲାର ବିଜେପୁର ନିକଟବର୍ତ୍ତୀ ସମଲାଇପଦର ଗ୍ରାମରେ ୧୯ ଜାନୁଆରୀ ୧୯୨୬ ମସିହାରେ ଜନ୍ମଗ୍ରହଣ କରିଥିଲେ । ପାର୍ବତୀ ମାତ୍ର ଦଶ ବର୍ଷ ବୟସର ହୋଇଥିବା ସମୟରେ ତାଙ୍କ ଅଞ୍ଚଳରେ ହେଉଥିବା ସ୍ୱାଧୀନତା ସଂଗ୍ରାମର ସଭାମାନଙ୍କୁ ଯାଉଥିଲେ । ସେ ସେହି ସମୟରୁ ହିଁ ମହାତ୍ମା ଗାନ୍ଧୀଙ୍କ ଡାକରାରେ ପ୍ରଭାବିତ ହେଇ ସଭା ହେବା ଆଗରୁ ଘର ଘର ବୁଲି ଲୋକଙ୍କୁ ବହୁ ସଂଖ୍ୟାରେ ଆସିବାକୁ ଅନୁରୋଧ କରୁଥିଲେ । ତାଙ୍କର ଏହି ନିଷ୍ଠା ଦେଖି ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମାଳତୀ ଚୌଧୁରୀ ଓ ପ୍ରାଣକୃଷ୍ଣ ପଡ଼ିଆରୀ ତାଙ୍କ ପିତାମାତାଙ୍କୁ ପାର୍ବତୀଙ୍କୁ ପୂର୍ଣ୍ଣକାଳୀନ ଭାବରେ କଂଗ୍ରେସ ସଂଗଠନରେ ଭାଗ ନେଇ ସାଂଗଠନିକ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ । ପାର୍ବତୀଙ୍କ ପିତାମାତା ପ୍ରଥମେ ଅମଙ୍ଗ ହଉଥିଲେ ମଧ୍ୟ ପରେ ଜାତିର ସ୍ୱାର୍ଥ ପାଇଁ ରାଜି ହୋଇଥିଲେ। ତାଙ୍କର ଇଂରେଜ ସରକାର ବିରୋଧୀ କାର୍ଯ୍ୟକଳାପ ପାଇଁ ସେ ଦୁଇ ବର୍ଷ ପାଇଁ କାରାଦଣ୍ଡ ଭୋଗିଥିଲେ । ମହାତ୍ମା ଗାନ୍ଧୀଙ୍କ ଭାରତ ଛାଡ଼ ଆନ୍ଦୋଳନ ଡାକରାରେ ପ୍ରଭାବିତ ହୋଇ ସେ ମାତ୍ର ୧୬ ବର୍ଷ ବୟସରେ ବିପ୍ଳବର ନେତୃତ୍ୱ ନେଉଥିଲେ । ଭାରତ ସ୍ୱାଧୀନ ହେବା ପରେ ମଧ୍ୟ ସେ ବିଭିନ୍ନ ପ୍ରକାରର ସମାଜ ସେବାରେ ନିଜକୁ ନିୟୋଜିତ କରିଥିଲେ । ସେ ଆଚାର୍ଯ୍ୟ ବିନୋବା ଭାବେଙ୍କ ଭୂଦାନ କାର୍ଯ୍ୟକ୍ରମରେ ଭାଗନେଇ ଅନେକ କାର୍ଯ୍ୟ କରିଥିଲେ । ସେ ପାଇକମାଳ ଗ୍ରାମରେ ଏକ ଅନାଥାଶ୍ରମ ପ୍ରତିଷ୍ଠା କରିଥିଲେ ଏବଂ ନିଜର ଶେଷ ଜୀବନକୁ ସେ ଅନାଥମାନଙ୍କ ପାଇଁ ସମର୍ପି ଦେଇଥିଲେ। ପାର୍ବତୀ ଗିରିଙ୍କୁ ତାଙ୍କର ସମାଜସେବା କାର୍ଯ୍ୟ ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ତରଫରୁ ସମ୍ମାନଜନକ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଥିଲା । ଏହି ମହାନ ନାରୀନେତ୍ରୀଙ୍କର ୧୯୯୫ ମସିହା ଅଗଷ୍ଟ ୧୭ରେ ଦେହାନ୍ତ ହୋଇଥିଲା ।

## ଲଭ ଇନ୍ସୁରାନ୍ସ କଲା ଲକ୍ଷପତି



ଚୀନର ଜଣେ ମହିଳା ବର୍ତ୍ତମାନ ଖୁବ ଚର୍ଚ୍ଚାରେ ଅଛନ୍ତି । ଉକ୍ତ ଯୁବତୀ ଜଣଙ୍କ ନିଜ ଭଲପାଇଭାର ବୀମା କରାଇଥିଲେ, ଯେଉଁ କାରଣରୁ ସେ ବର୍ତ୍ତମାନ ଲକ୍ଷପତି ପାଲଟିଛନ୍ତି । ସେ ଏହି ବୀମା ମାତ୍ର ୨୩୦୦ ଟଙ୍କାରେ କିଣିଥିଲେ । ସୂଚନା ଅନୁସାରେ ଚୀନର ଲାଇଫ ପ୍ରପଟି ଆଣ୍ଡ କାଜୁଆଲ୍ଟି ଇନ୍ସୁରାନ୍ସ କମ୍ପାନି ୨୦୧୭ରେ ଲଭ ଇନ୍ସୁରାନ୍ସ ବିକ୍ରି କରୁଥିଲା । ସର୍ତ୍ତ ଅନୁସାରେ ବୀମା କିଣିବାର ୧୦ବର୍ଷ ଭିତରେ ଯଦି କୌଣସି କପଲଙ୍କ ବିବାହ କରୁଛନ୍ତି ତେବେ ତାଙ୍କୁ ଏହି ଇନ୍ସୁରାନ୍ସର ଫାଇଦା ମିଳିବ । ଉକ୍ତ ମହିଳା ଜଣଙ୍କ ବର୍ତ୍ତମାନ ଅର୍ଥାତ ୧୦ ବର୍ଷ ପରେ ବିବାହ ପାଇଁ ରେଜିଷ୍ଟ୍ରି କରିଛନ୍ତି, ଯାହାଫଳରେ ତାଙ୍କୁ ବର୍ତ୍ତମାନ ଇନସୁରାନ୍ସର ଫାଇଦା ମିଳିଛି । ତାଙ୍କୁ ୧.୩୦ ଲକ୍ଷ ଟଙ୍କାର କ୍ୟାସ ବର୍ତ୍ତମାନ କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଇଛି ।

## ଜିଭ ମାଲିସ ପାଇଁ ଖାଉଛନ୍ତି ପୋକ



ଆମେରିକାର ଜଣେ ୨୪ ବର୍ଷୀୟ ଯୁବକ ବର୍ତ୍ତମାନ ଖୁବ ଚର୍ଚ୍ଚାରେ ଅଛନ୍ତି । ସେ ପ୍ରତିଦିନ ନିଜର ଜିଭର ମାଲିସ କରିବାକୁ ଜୀବନ୍ତ ପୋକ ଖାଉଛନ୍ତି । ପ୍ରତିଦିନ ସକାଳୁ ୧୦୦ରୁ ଅଧିକ ଜୀବନ୍ତ ପୋକ ସେ ଖାଉଛନ୍ତି । ପୋକକୁ ଖାଇବାଦ୍ୱାରା ତାଙ୍କ ଜିଭର ମସାଜ ହୋଇଥାଏ ବୋଲି ଉକ୍ତ ଯୁବକ ଜଣଙ୍କ ମତ ଦେଇଛନ୍ତି । ଯେତେବେଳେ ଜୀବନ୍ତ ପୋକ ଗୁଡିକ ତାଙ୍କ ଜିଭରେ ଚାଲନ୍ତି ସେତେବେଳେ ତାଙ୍କ ଜିଭରେ ଏକ ପ୍ରକାର ଅନୁଭବ ହୋଇଥାଏ ଯାହା ଜିଭର ମାଲିସ ହୋଇଥାଏ ବୋଲି ସେ ମତ ଦେଇଛନ୍ତି । ତାଙ୍କ ମତରେ ବିଭିନ୍ନ ପ୍ରକାର ପୋକଙ୍କର ସ୍ୱାଦ ଭିନ୍ନଭିନ୍ନ ହୋଇଥାଏ । ହେଲେ ଏହାକୁ ନେଇ ମିଶ୍ର ପ୍ରତିକ୍ରିୟା ରହିଛି । ଉକ୍ତ ଯୁବକଙ୍କୁ ଏବେଯାଏଁ ପୋକ ଖାଇବାଦ୍ୱାରା କୌଣସି ସ୍ୱାସ୍ଥ୍ୟ ସମସ୍ୟା ହୋଇନାହିଁ ହେଲେ ଏହା ହେବାର ସମ୍ଭାବନା ରହିଛି ବୋଲି ଏକ୍ସପର୍ଟ ମତ ଦେଇଛନ୍ତି । ତେଣୁ ପୋକ ଖାଇବା ସ୍ୱାସ୍ଥ୍ୟ ପାଇଁ ନିରାପଦ ନୁହେଁ ।

## ଇତିହାସ

୧୬୪୯- ଇଂଲଣ୍ଡ ନରେଶ ଚାର୍ଲ୍ସ ପ୍ରଥମଙ୍କ ବିରୋଧରେ ମକଦ୍ଦମା ଆରମ୍ଭ ହେଲା ।

୧୭୩୬ - ସ୍କଟିଶ ଆବିଷ୍କାର ଜେମ୍ସ ୱାଟଙ୍କ ଜନ୍ମ ।

୧୯୦୫- ଶାନ୍ତିନିକେତନ ଏବଂ ଆଦି ବ୍ରାହ୍ମସମାଜର ସ୍ଥାପନା କରିଥିବା ଦେବେନ୍ଦ୍ରନାଥ ଟାଗୋରଙ୍କ ପରଲୋକ ।

୧୯୪୨ -ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନ ମ୍ୟାମାରକୁ କବଜାକୁ ନେଲା ।

୧୯୪୯- ଇସ୍ରାଏଲକୁ କ୍ୟାରିବିୟାନ ଦେଶ କ୍ୟୁବା ମାନ୍ୟତା ଦେଲା ।

୧୯୬୦ -ଜାପାନ ଓ ଆମେରିକା ମଧ୍ୟରେ ସୁରକ୍ଷା ଚୁକ୍ତି ସମ୍ପନ୍ନ ହେଲା ।

୧୯୬୬ -ଇନ୍ଦିରା ଗାନ୍ଧୀଙ୍କୁ ଭାରତର ତୃତୀୟ ପ୍ରଧାନମନ୍ତ୍ରୀ ରୂପେ ଚୟନ କରାଯାଇଥିଲା ।

୧୯୮୬ -ପ୍ରଥମ କମ୍ପ୍ୟୁଟର ଭାଇରସ ସି ବ୍ରେନକୁ ସକ୍ରିୟ କରାଗଲା ।

୨୦୦୫ - ଅଷ୍ଟ୍ରେଲିଆ ଓପନର ତୃତୀୟ ରାଉଣ୍ଡ ଲନ ଟେନିସରେ ପହଞ୍ଚିଥିବା ପ୍ରଥମ ଭାରତୀୟ ମହିଳା ହେଲେ ସାନିଆ ମିର୍ଜା ।

## ପସନ୍ଦ ଆସୁଛି କେମେଷ୍ଟ୍ରୀ





ନିକଟରେ ରିଲିଜ ହୋଇଛି ବିଶାଲ ଭରଦ୍ୱାଜଙ୍କ ଫିଲ୍ମ ଓ ରୋମିଓର ପ୍ରଥମ ଗୀତ । ଯେଉଁଥିରେ ସାହିଦ କପୁର ଓ ତୃପ୍ତି ଡିମିରିଙ୍କୁ ଏକାଠି ଦେଖିବାକୁ ମିଳୁଛି। ଉଭୟଙ୍କ କେମେଷ୍ଟ୍ରୀକୁ ଦର୍ଶକ ଖୁବ ଭଲପାଇବା ଦେଉଥିବା ଦେଖିବାକୁ ମିଳୁଛି । ଗୀତରେ ସାହିଦ କପୁର ଓ ତୃପ୍ତିଙ୍କ ଭିତରେ ଖୁବ ଭଲ କେମେଷ୍ଟ୍ରୀ ଦେଖିବାକୁ ମିଳିଥିବାନେଇ ସୋସିଆଲ ମିଡିଆରେ ଆଲୋଚନା ଆରମ୍ଭ ହୋଇଛି । ଉଭୟଙ୍କ କେମେଷ୍ଟ୍ରୀ ଦେଖିବାପରେ ଫିଲ୍ମ ଦେଖିବାକୁ ଦର୍ଶକଙ୍କ ଭିତରେ ଆଗ୍ରହ ବଢିଥିବା ପରିଲକ୍ଷିତ ହୋଇଛି। ସେହିଭଳି ଗୀତ ମଝିରେ ଅବିନାଶ ତିୱାରୀଙ୍କର ଏକ ଝଲକ ଦେଖିବାକୁ ମିଳିଛି ଯାହା ଖୁବ ଭିନ୍ନ ରହିଛି । ଏଥିରେ ଅବିନାଶଙ୍କୁ ଏକ ଭିନ୍ନ ଅନ୍ଦାଜରେ ଦେଖିବାକୁ ମିଳିଛି। ଏଥିରେ ତାଙ୍କର କିଛି ଡାଇଲଗ ମଧ୍ୟ ଶୁଣିବାକୁ ମିଳିଛି। ପ୍ରଥମଥର ପାଇଁ ପରଦାରେ ସାହିଦ ଓ ତୃପ୍ତିଙ୍କୁ ଏକାଠି ଦେଖିବାକୁ ମିଳିବ । ଉଭୟଙ୍କ ଯୋଡି ଦମଦାର ହେବବୋଲି ମେକର୍ସ ଆଶା ରଖିଛନ୍ତି ।

---

ମାଘମାସ ଶୁକ୍ଲପକ୍ଷ ପ୍ରତିପଦା
ତା ୧୯.୧.୨୦୨୬, ସୋମବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

**ମେଷ-** ପରୋପକାର, ସମାଜସେବା, ଧର୍ମକାର୍ଯ୍ୟରେ ଆଗ୍ରହ, ଶରୀର ସୁସ୍ଥ, କର୍ମକ୍ଷେତ୍ରେ ସ୍ୱଳ୍ପ ଲାଭ, ବନ୍ଧୁଦର୍ଶନ, ନୂତନ ବ୍ୟବସାୟ ଆରମ୍ଭ, ଶତ୍ରୁ ପରାଭବ, ଆର୍ଥିକ ସହାୟତା, ଦୂରଯାତ୍ରା, ସହଯୋଗ ବୃଦ୍ଧି, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମାମଙ୍ଗଳା ।

**ବୃଷ-**କର୍ମକ୍ଷେତ୍ରେ ବାଧା, ମାନସିକ ଅବସାଦ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଗାଡ଼ି ଚାଳନାରେ ସାବଧାନ, ସ୍ୱଜନ ବିରୋଧ, ଆର୍ଥିକ ସମସ୍ୟା, ଶରୀର କଷ୍ଟ, ସମ୍ମାନ ହାନି, ଦାମ୍ପତ୍ୟ କଳହ, ବିଦ୍ୟାରେ ଅସଫଳ, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ୍, ସଂଖ୍ୟା-୨, ଆରାଧନା-ଭଗବାନ ଶଙ୍କର ।

**ମିଥୁନ-** ପୈତୃକ ସମ୍ପତ୍ତିରେ ଲାଭ, ଶତ୍ରୁ ରହିବେ, ଉତ୍ତମ ସ୍ୱାସ୍ଥ୍ୟ, ମନରେ ପ୍ରସନ୍ନତା, ଗୃହଶତ୍ରୁ, ବ୍ୟବସାୟରେ ଲାଭ, ଆଶା ସଫଳ, ବନ୍ଧୁ ସହଯୋଗ, ଦେବଦର୍ଶନ, ଶରୀର ସୁସ୍ଥ, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲଡ଼େନ, ସଂଖ୍ୟା-୬, ଆରାଧନା-ଲକ୍ଷ୍ମୀନୃସିଂହ ।

**କର୍କଟ-**ଦ୍ରବ୍ୟଲାଭ, କାର୍ଯ୍ୟକ୍ଷେତ୍ରେ ଉନ୍ନତି, ବ୍ୟବସାୟରେ ଲାଭ, ସ୍ୱାଦିଷ୍ଟ ଭୋଜନ, ସ୍ୱାସ୍ଥ୍ୟରେ ଉନ୍ନତି, ସୁସମାଚାର, ଖୁସି ରହିବେ, ତୀର୍ଥାଟନ, ଶରୀର ସୁସ୍ଥ, ଅଚାନକ କଳହ, କଚେରୀ ମାମଲାର ସମାଧାନ, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମୀ, ସଂଖ୍ୟା-୫, ଆରାଧନା-ମା ଭଗବତୀ ।

**ସିଂହ-** ଶୁଭଖବର, ଅତିଥି ଆଗମନ, ଆର୍ଥିକ ଖୁସି, ଶୁଭକାର୍ଯ୍ୟେ ଧନବ୍ୟୟ, ନୂଆ ଯୋଜନାରେ ଲାଭ, ବନ୍ଧୁଦର୍ଶନ, ବ୍ୟବସାୟରେ ଶତ୍ରୁତା, କାର୍ଯ୍ୟରେ ବାଧା, ସନ୍ତାନସୁଖ, ବିଦ୍ୟାରେ ସଫଳତା, ଉତ୍ତରାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ଗୋସେବା ।

**କନ୍ୟା-** ଅପମାନଯୋଗ, କାର୍ଯ୍ୟକ୍ଷେତ୍ରେ ଅସନ୍ତୁଷ୍ଟ, ବ୍ୟବସାୟରେ ଲାଭ, ଦୂରଯାତ୍ରା, ଶତ୍ରୁକଷ୍ଟ, ଲୋକସମ୍ପର୍କରେ ଉନ୍ନତି, ଉଚ୍ଚଆଶାରେ ବିଳମ୍ବ, ଅଯଥା ଖର୍ଚ୍ଚ, ଉତ୍ତମ ସ୍ୱାସ୍ଥ୍ୟ, ସନ୍ତାନ ସମସ୍ୟା, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୩, ଆରାଧନା-ମା ବଗଳାମୁଖୀ ।

**ତୁଳା-** ତୀର୍ଥାଟନ, ନୂତନ ବ୍ୟବସାୟରେ ସହଯୋଗ, ବ୍ୟବସାୟରେ ଉନ୍ନତି, ସମ୍ମାନ ପ୍ରାପ୍ତି, ଶତ୍ରୁ ପରାଜିତ, ନୂତନ ନିଯୁକ୍ତି, ସ୍ୱାସ୍ଥ୍ୟରେ ଉନ୍ନତି, ବହୁ କାର୍ଯ୍ୟରେ ଓ ପିଲାଙ୍କକ୍ଷେତ୍ରରେ ଖୁସି ମିଳିବ, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୮, ଆରାଧନା-ପ୍ରଭୁ ଜଗନ୍ନାଥ ।

**ବିଛା-** ଶୁଭଖବର, କାର୍ଯ୍ୟ ପ୍ରତି ଅନାଗ୍ରହ, ଅର୍ଥସମସ୍ୟା, ଜନସେବା, ବ୍ୟବସାୟରେ ବାଧା, ବନ୍ଧୁ ବିଦ୍ରୋହ, ସ୍ୱାସ୍ଥ୍ୟଲାଭ, ଜ୍ୟେଷ୍ଠା ନକ୍ଷତ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୪, ଆରାଧନା-ମହାଲକ୍ଷ୍ମୀ ।

**ଧନୁ-** ଶୁଭକାର୍ଯ୍ୟ, ଧନଖର୍ଚ୍ଚ, ଲୋକସମ୍ପର୍କରେ ଉନ୍ନତି, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ଅସୁସ୍ଥତା, ନୂତନ ସହଯୋଗ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ନ୍ୟାୟିକ ବ୍ୟବସ୍ଥାରେ ଖୁସି, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା-ରାଧାକୃଷ୍ଣ ।

**ମକର-** ବନ୍ଧୁ ସହଯୋଗ, , ବ୍ୟବସାୟରେ ଲାଭ, ସ୍ୱାସ୍ଥ୍ୟରେ ଉନ୍ନତି, ସୁସମାଚାର,, ଭାତୃପ୍ରୀତି, ଲୋକସମ୍ପର୍କ ବୃଦ୍ଧି, ଶତ୍ରୁ ରହିବେ, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୪, ଆରାଧନା-ମାଦକ୍ଷିଣକାଳୀ ।

**କୁମ୍ଭ-** ପଦୋନ୍ନତି, କାର୍ଯ୍ୟକ୍ଷେତ୍ରେ ଖୁସି, ଆଶା ସଫଳ, ଦୂରଯାତ୍ରାରେ ଲାଭ, ବନ୍ଧୁ ସହଯୋଗ, ମାନସମ୍ମାନ ପ୍ରାପ୍ତି, ବ୍ୟବସାୟରେ ଲାଭ, ଦୂରଯାତ୍ରା, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୯, ଆରାଧନା- ଶଙ୍କର ।



**ମୀନ-** ଗୁରୁଜନଙ୍କ କୃପା, ବ୍ୟବସାୟରେ ଉନ୍ନତି, ବିଦେଶ ଯାତ୍ରା, ଅନୁଷ୍ଠାନରୁ ଲାଭ, ବନ୍ଧୁ ସହଯୋଗ, ଉଚ୍ଚ ସମ୍ମାନ, ପରିବାରର ଅସହଯୋଗ, ଶତ୍ରୁ ଉପଦ୍ରବ, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- ପ୍ରଭୁ ହନୁମାନ ।

## ରାଜ୍ୟ ସରକାରଙ୍କ ମୁଖପତ୍ର 'ପ୍ରଗତି ପ୍ରବାହ' ଉନ୍ମୋଚିତ

# ପ୍ରଗତି ପ୍ରବାହ, ରାଜ୍ୟ ବିକାଶର ଚଳନ୍ତି ପ୍ରତିଛବି : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,(ସବ୍ୟୁ): ରାଜ୍ୟ ସରକାରଙ୍କ ମୁଖପତ୍ର ପ୍ରଗତି ପ୍ରବାହକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉନ୍ମୋଚିତ କରିଛନ୍ତି । ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ଏହି ପୁସ୍ତିକାଟିକୁ ମୁଖ୍ୟମନ୍ତ୍ରୀ ନିଜ ବାସଭବନ ତଥା ଆବାସିକ କାର୍ଯ୍ୟାଳୟ ଠାରେ ଉନ୍ମୋଚନ କରିଥିଲେ । ପ୍ରଗତି ପ୍ରବାହ, ରାଜ୍ୟ ବିକାଶର ଚଳନ୍ତି ପ୍ରତିଛବି ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଥିଲେ । ଏହି ପୁସ୍ତିକାର ପ୍ରକାଶନ ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ଧନ୍ୟବାଦ ଦେଇଥିଲେ ।

ପ୍ରଗତି ପ୍ରବାହର ଉନ୍ମୋଚନ ସମୟରେ ଝାରସୁଗୁଡା ଜିଲ୍ଲାର ଲଖନପୁର ଗ୍ରାମର ଜଣେ ସଫଳ ଯୁବ ଚାଷୀ ହୃଦାନନ୍ଦ ବିଶି ମଧ୍ୟ ଉପସ୍ଥିତ ଥିଲେ । ଏହି ପୁସ୍ତିକାରେ ହୃଦାନନ୍ଦଙ୍କ ସଫଳ କାହାଣୀ ମଧ୍ୟ ଉଲ୍ଲେଖ ଅଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶିଙ୍କୁ ସମ୍ମାନିତ କରିବା ସହିତ ତାଙ୍କ ସଫଳତା ପାଇଁ ଶୁଭେଚ୍ଛା ଜଣାଇଥିଲେ । ଏହା ସହିତ ଆଗକୁ କିଭଳି ଆହୁରି ସରକାରଙ୍କ ହିତାକାଂକ୍ଷୀ ଯୋଜନା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ପିଏମ କିଷାନ ଓ ସିଏମ କିଷାନ ମାଧ୍ୟମରେ ଆହୁରି ନିଜର କୃଷି କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ସେ ବିଷୟରେ ପରାମର୍ଶ ଦେଇଥିଲେ ।

ଆମ ସରକାର ଚାଷୀମାନଙ୍କ ଉନ୍ନତି ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରୁଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବିଏସସି, ଏମବିଏ ଏବଂ ମେକେନିକାଲ ଇଞ୍ଜିନିୟରିଂ ଭଳି ଉଚ୍ଚଶିକ୍ଷା ଲାଭ କରିବା ପରେ ମଧ୍ୟ ବାହାରେ ଚାକିରି ନକରି ନିଜ ମାଟିରେ ସୁନା ଫଳାଇବା ନିଶାରେ ଶ୍ରୀ ବିଶି ଚାଷକୁ ଆପଣାଇଥିଲେ । ଆଧୁନିକ ଜ୍ଞାନକୌଶଳ ପଦ୍ଧତିରେ ଚାଷ କରି ସେ ଆଜି ଜଣେ "ଲକ୍ଷପତି ଚାଷୀ' ଭାବେ ଉଭା ହୋଇଛନ୍ତି । ତାଙ୍କର ଏହି ପ୍ରେରଣାଦାୟୀ ସଫଳତା କାହାଣୀ 'ପ୍ରଗତି ପ୍ରବାହ' ପତ୍ରିକାରେ ସ୍ଥାନ ପାଇଛି । ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶିଙ୍କୁ ସରକାରୀ ସହାୟତା ଓ ସବସିଡି ମିଳୁଛି କି ନାହିଁ ସେ ସମ୍ପର୍କରେ ପଚାରି ବୁଝିଥିଲେ । ଚାଷୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ଜରିଆରେ ସମସ୍ତ ସରକାରୀ ସହାୟତା ତୁରନ୍ତ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାଏକ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ଝାରସୁଗୁଡା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିଆରସିଂହଙ୍କ ସମେତ ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

- ମୁଖ୍ୟମନ୍ତ୍ରୀଙ୍କ ସହ ଯୁବ ଚାଷୀ କଲେ ଉନ୍ମୋଚନ
- ଝାରସୁଗୁଡ଼ାର ସଫଳ ଯୁବ ଚାଷୀ ହୃଦାନନ୍ଦ ବିଶି ସମ୍ବର୍ଦ୍ଧିତ
- ଜିଲ୍ଲା ପ୍ରଶାସନକୁ ସମସ୍ତ ସହାୟତା ଯୋଗାଇବାକୁ ନିର୍ଦ୍ଦେଶ



୪୮ ଘଣ୍ଟାରେ ମାନୁଆଲ୍ ଟ୍ରେଡମିଲ୍‌ରେ ସର୍ବାଧିକ ଦୂରତା ଅତିକ୍ରମ କରି ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଥିବା ରାଉରକେଲାର ସୁମିତ ସିଂହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି ।

## ରାଜ୍ୟ ଆଇନଜୀବୀ ପରିଷଦର ଦାବୀ

# ପ୍ରତିଷ୍ଠା ହେଉ ଲୟର୍ସ ଏକାଡେମୀ

.କଟକ, (ସବ୍ୟୁ):ଯୁବ ଆଇନଜୀବୀ ଙ୍କୁ ଉପଯୁକ୍ତ ତାଲିମ ଦେବା ଲାଗି ଲୟର୍ସ ଏକାଡେମୀ ପ୍ରତିଷ୍ଠା କରିବା, ଆଇନଜୀବୀ କଲ୍ୟାଣ ପାଣ୍ଠି ରାଶି ୧୦ କୋଟି ରୁ ୫୦ କୋଟିକୁ ବୃଦ୍ଧି ଏବଂ ଆଇନଜୀବୀଙ୍କ ସୁରକ୍ଷା ପାଇଁ ନିୟମ ପ୍ରଣୟନ ,ଅବସର ଅବା ଦେହାନ୍ତ ପରେ ଆଇନଜୀବୀ ଙ୍କୁ ଦିଆ ଯାଉଥିବା ୪ ଲକ୍ଷ ରାଶି କୁ ୯ ଲକ୍ଷ ଟଙ୍କା କୁ ବୃଦ୍ଧି କରିବା ଆଦି ଚାରି ଦଫା ଦାବି ପାଇଁ ରାଜ୍ୟ ସରକାର ଙ୍କୁ ଅବଗତ କରାଯିବ ବୋଲି ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି । ଆଜି ରାଜ୍ୟ ଆଇନଜୀବୀ ପରିଷଦର ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଉପରୋକ୍ତ ଦାବି ଆଦି ଉପରେ ଆଲୋଚନା କରା ଯାଇଥିଲା।ଏହି ଦାବି ପୂରଣ ନେଇ ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟ ମାନଙ୍କ ସମ୍ମତିକ୍ରମେ ଉପରୋକ୍ତ ପ୍ରସ୍ତାବ ଆଦି ପାରିତ ହୋଇ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯିବ ବୋଲି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପରିଷଦ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ସୂଚନା ଦେଇଛନ୍ତି। ତେବେ



ଆଇନଜୀବୀ ପରିଷଦ ରେ କେତେକ ଅଭ୍ୟନ୍ତରୀଣ ସମସ୍ୟା ସୃଷ୍ଟି ହୋଇଛି ଏହାର ସମାଧାନ ପାଇଁ ଏକ କମିଟି ଗଠନ ହୋଇଛି। ଆଠ ଜଣଙ୍କୁ ନେଇ ଗଠିତ ଏହି କମିଟି ଆଡ଼ଭୋକେଟ ଜେନେରାଲ ଏବଂ ଆଇନମନ୍ତ୍ରୀ ଙ୍କ ସହ ବସି ଆପୋଷ ବୁଝାମଣା ଭିତରେ ସମସ୍ତ ସମସ୍ୟାର ସମାଧାନ କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ଶ୍ରୀ ଦ୍ୱିବେଦୀ ସୂଚନା ଦେଇଛନ୍ତି।ଏହି ବୈଠକରେ ଉପାଧ୍ୟକ୍ଷ ରାଜୀବ ମହାନ୍ତି , ବରିଷ୍ଠ ଆଇଜିନିବି ତଥା ପରିଷଦ ସଦସ୍ୟ ସୌରଚନ୍ଦ୍ର ମହାପାତ୍ର, ସଦସ୍ୟ ଆଇନଜୀବୀ ଦେବୀ ପ୍ରସାଦ ଧଳ, ସଦସ୍ୟ ଆଇନଜୀବୀ ମାନସ ଚାନ୍ଦ, ସଦସ୍ୟ ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ, ସଦସ୍ୟ ଅରୂପା ନନ୍ଦ ଦାଶ, ସଦସ୍ୟ ଲକ୍ଷ୍ମୀ ନାରାୟଣ ପଟେଲଙ୍କ ସମେତ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ ।

# ଜି ରାମ ଜି ଗରିବ ଲୋକଙ୍କ ପାଇଁ ଏକ ଅଭିଶାପ : କଂଗ୍ରେସ

## ମନରେଗା ବଞ୍ଚାଅ ସତ୍ୟାଗ୍ରହ ଆଜି

ଭୁବନେଶ୍ୱର,(ସବ୍ୟୁ): ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ତରଫରୁ ସୋମବାର ଲୋୟର ପିଏମଜିଠାରେ ମନରେଗା ବଞ୍ଚାଅ ସତ୍ୟାଗ୍ରହ ଅନୁଷ୍ଠିତ ହେବ । ଏହି ପରିପେକ୍ଷୀରେ କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସଙ୍ଗଠନର ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସ ଓ ସମ୍ପାଦକ ବିଜୟ ପ୍ରଧାନ ନିଜ ମତ ଉପସ୍ଥାପନ କରିଥିଲେ ।

ଅଧ୍ୟକ୍ଷ ଶ୍ରୀ ଦାଶ କହିଲେ, ଗତ ସଂସଦୀୟ ଅଧିବେଶନରେ ଭାରତ ସରକାର ଐତିହାସିକ ଆଇନ ମନରେଗାକୁ ବିକୃତ ଏବଂ କଦାକାର କରି ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନାମକୁ ବାଦ ଦେଇଛନ୍ତି ଯାହା ସମଗ୍ର ଭାରତବର୍ଷ ପାଇଁ ଏକ ନିନ୍ଦନୀୟ ଘଟଣା । କେବଳ ମହାତ୍ମା ଗାନ୍ଧୀଙ୍କ ନାମକୁ ବାଦ ଦିଆଯାଇ ନାହିଁ ଆଇନରେ ଥିବା ବିଭିନ୍ନ ନିୟମ ଗୁଡିକୁ ନଷ୍ଟ କରି ଦିଆଯାଇଛି । ମହାତ୍ମା ଗାନ୍ଧୀଙ୍କର ପ୍ରମୁଖ ବାର୍ତ୍ତା ଥିଲା, ଗାଁ ସଶକ୍ତ ହେଲେ ଦେଶ ସଶକ୍ତ ହେବ । ସେଥିପାଇଁ, ୨୦୦୫ ମସିହାରେ ତତ୍କାଳୀନ ମନମୋହନ ସରକାର ଗ୍ରାମର ଲୋକମାନଙ୍କୁ ନିଯୁକ୍ତି ଦେବା ଏବଂ ସେମାନଙ୍କର ରୋଜଗାରକୁ ବୃଦ୍ଧି କରିବା ପାଇଁ ଏହି ମନରେଗା ଆଇନ ପ୍ରଣୟନ କରିଥିଲେ । ଯାହା ପର୍ଯ୍ୟାୟକ୍ରମେ ୧୨ କୋଟି ପରିବାରଙ୍କୁ କର୍ମ ସଂସ୍ଥାନ ଯୋଗାଇବା ସହ ସେମାନଙ୍କର କ୍ରୟଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥିଲା ଏବଂ ଭାରତର ବିକାଶରେ ମନରେଗା ଆଇନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଏହି ଆଇନରେ କେନ୍ଦ୍ର ସରକାର ୯୦% ଆର୍ଥିକ ସହାୟତା ରାଜ୍ୟକୁ ଦେଉଥିଲେ ଏବଂ ରାଜ୍ୟ ୧୦% ବିନିଯୋଗ କରୁଥିଲା କିନ୍ତୁ ଜି ରାମ ଜି ଆଇନ ଅନୁସାରେ କେନ୍ଦ୍ର ୬୦% ଓ ରାଜ୍ୟ ୪୦% ଭାଗିଦାରୀ ରହିବ ଯାହା ଏକ ଅସମ୍ଭବ ବ୍ୟାପାର । ମନରେଗାରେ ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଏବଂ ପଞ୍ଚାୟତିରାଜ ବ୍ୟବସ୍ଥା ଦ୍ୱାରା କାର୍ଯ୍ୟକାରୀ ହେଉଥିଲା । ତଳ ସ୍ତରରେ ଥିବା ଗରିବ ଲୋକମାନଙ୍କ ଦାବୀ ମୁତାବକ କର୍ମ ଯୋଗେଇ ଦେବାରେ ଏହି ଆଇନ ସମର୍ଥ ହେଉଥିଲା । ଯାହାକୁ ଜି ରାମ ଜି ଆଇନରେ ଏହି ଅଧିକାରକୁ ହଟାଇ ଦିଆଯାଇଛି । କାମ କରିବାର ସ୍ଥାନ, ସମୟ ଏବଂ ଅଟକଳ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ମର୍ଜୀ ଉପରେ ନିର୍ଭର କରୁଛି । ଯାହା ଏ ଦେଶର ଗରିବ ଲୋକଙ୍କ ପାଇଁ ଏକ ଅଭିଶାପ । ତୁରନ୍ତ ଜି ରାମ ଜି ଆଇନ ପ୍ରତ୍ୟାହାର ଓ ମନରେଗା ଆଇନର ପୁନଃ ପ୍ରଣୟନ ଦାବୀ ନେଇ ଓଡିଶା ପ୍ରଦେଶ କଂଗ୍ରେସ କମିଟି ଓ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ସୋମବାର ଲୋୟର ପିଏମଜିରେ ଏକ ରାଜ୍ୟସ୍ତରୀୟ ଦିନବ୍ୟାପି ସତ୍ୟାଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପରେ ରାଜ୍ୟପାଳଙ୍କୁ ଏକ ଦସ୍ତଖତ ସମ୍ବଳିତ ସ୍ମାରକ ପତ୍ର ପ୍ରଦାନ କରାଯିବ ।

# ମାନଗୋବିନ୍ଦପୁର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ରେ ଆଇନ ସଚେତନତା ଶିବିର

ଖୋର୍ଦ୍ଧା, (ସବ୍ୟୁ): ମାନଗୋବିନ୍ଦପୁର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଏସଡିଜେଏମ ପ୍ରତାପ ଚନ୍ଦ୍ର ପୃଷ୍ଟି, ଜେଏମ୍ଏଫ୍‌ସି ଦୁର୍ଗାପ୍ରସାଦ ପଣ୍ଡା, ଆଇନଜୀବୀ ବିକ୍ରମ କେଶରୀ ଚମ୍ପତି, ପ୍ରଧାନଶିକ୍ଷକ ଅକ୍ଷୟ କୁମାର ମଲ୍ଲିକ, ପ୍ରଦୀପ ନାୟକ, ମାନସ ପ୍ରଧାନ, ତ୍ରିଲୋଚନ ପ୍ରଧାନ, ଅମିୟ ରାଉତରାୟ ପ୍ରମୁଖ ଯୋଗଦେଇ ବିଭିନ୍ନ ଆଇନ ସମ୍ପର୍କରେ ସଚେତନତା କରାଇଥିଲେ। ଉକ୍ତ ସଭାରେ ବହୁସଂଖ୍ୟାରେ ଗ୍ରାମବାସୀ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ତାଲୁକ ଆଇନସେବା କମିଟିର ସମ୍ପାଦକ ବବି ଶତପଥୀ ସଂଯୋଜନା କରିଥିଲେ।

# ଧାକୁଲେଇ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଫୁଲନଖରା, (ସବ୍ୟୁ):: କଟକ ସଦର ଥାନା ଅନ୍ତର୍ଗତ ପ୍ରତାପ ନଗରୀସ୍ଥିତ ଧାକୁଲେଇ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ କଟକ ସଦରର ଯୁବ ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସ୍ଥାନୀୟ କର୍ପୋରେଟର ଜନାର୍ଦ୍ଦନ ପରିଡା ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିବାବେଳେ ଶିକ୍ଷାବିତ ଚକ୍ରଧର ବେହେରା, ଗୋପାଳପୁର ମଣ୍ଡଳ ସଭାପତି ଶ୍ରୀ ନିହାର ରଞ୍ଜନ ପଣ୍ଡା, ଗ୍ରାମ୍ୟ କମିଟି ସମ୍ପାଦକ ଶ୍ରୀ ପ୍ରମୋଦ କୁମାର ବେହେରା, ସମାଜସେବୀ ବେଣୁଧର ରାଉତ, ଅଶୋକ ସ୍ୱାଇଁ, ନିରଞ୍ଜନ ରାଉତ, ବାଦଲ କୁମାର ଜେନା ଓ ପ୍ରଭାତ କୁମାର ସେନାପତି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଏହି ଅବସରରେ ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ବିଦ୍ୟାଳୟର ସର୍ବାଙ୍ଗୀଣ ବିକାଶ ଓ ଆବଶ୍ୟକ ଭିତ୍ତିଭୂମି ସୁବିଧା ପ୍ରଦାନ ପାଇଁ ସରକାରୀ ସ୍ତରରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ଘୋଷଣା କରିଥିଲେ । ବାର୍ଷିକ କ୍ରୀଡା ପ୍ରତିଯୋଗିତା ସହିତ ସାହିତ୍ୟ, ସଂସ୍କୃତି ଓ ଶିକ୍ଷା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଅତିଥିମାନଙ୍କୁ ବେଶ ପ୍ରଭାବିତ କରିଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଏହି ବାର୍ଷିକ ଉତ୍ସବକୁ ସୁଚାରୁ ଓ ସଫଳ ଭାବେ ପରିଚାଳନା କରିଥିଲେ ।

# ଲୋକାରଣ୍ୟ ହେଲା ଦ୍ୱିତୀୟ ପଥ ଉତ୍ସବ







ଭୁବନେଶ୍ୱର(ସବ୍ୟୁ): ସକାଳୁ ଭୁବନେଶ୍ୱରକୁ ପ୍ରବଳ ଶୀତ ଓ କୁହୁଡି ପୁରା ଆଚ୍ଛାଦିତ କରି ରଖିଥିଲା । ତଥାପି ନୃତ୍ୟ, ଗୀତରେ ଦୁଲୁକିଲା ବରମୁଣ୍ଡା-ଜାଗମରା ନୂଆ ରାସ୍ତା । ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଆୟୋଜିତ ଦ୍ୱିତୀୟ ପଥ ଉତ୍ସବରେ ଝୁମିଲେ ଦର୍ଶକ । ଦୀର୍ଘ ଏକ କିଲୋମିଟର ବ୍ୟାପି ମେଲିଥିଲା ମନୋରଞ୍ଜନର ପସରା ।

ଭୋର ସାଢେ ୫ ଟାରୁ ଗର୍ଜିଥିଲା ବିଏମ୍‌ସି ପକ୍ଷରୁ ଆୟୋଜିତ ପଥ ଉତ୍ସବର ବକ୍ସ ସାଉଣ୍ଡ । ବକ୍ସ ସାଉଣ୍ଡ ଯେତିକି ଗର୍ଜନ କରୁଥାଏ, ଦର୍ଶକଙ୍କ ଭିଡ ସେତିକି ସେତିକି ଜମୁଥାଏ । ସକାଳ ୬ଟା ବେଳକୁ ବରମୁଣ୍ଡା-ଜାଗମରା ନୂଆ ରାସ୍ତା ଲୋକାରଣ୍ୟ ହୋଇପଡିଥିଲା । ୩୦ ହଜାରରୁ ଅଧିକ ଲୋକ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ । ଦୀର୍ଘ ୧ କିଲୋମିଟର ବ୍ୟାପି ରାସ୍ତା କିଛି ସମୟ ପାଇଁ ଏକ ମେଳାର ଭ୍ରମ ସୃଷ୍ଟି କରିଥିଲା । ଭୁବନେଶ୍ୱରକୁ ସରସ ସୁନ୍ଦର ଚିତ୍ତାକର୍ଷକ କରିବାକୁ ହେଲେ, ଆମକୁ ସ୍ୱଚ୍ଛ, ସବୁଜ ଓ ସଚେତନ ହେବାକୁ ପଡିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସଂପ୍ରତି ବାୟୁମଣ୍ଡଳ ଦିନକୁ ଦିନ ପ୍ରଦୂଷଣ ହେବାରେ ଲାଗିଛି । ସେଥିପାଇଁ ଭୁବନେଶ୍ୱରବାସୀ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ । ଆଜିର ମଣିଷ କର୍ମତତ୍ପରତା ମଧ୍ୟରେ ବୁଡି ରହି ମନୋରଞ୍ଜନ ଠାରୁ ଦୂରେଇ ଯାଉଛି । କର୍ମର ଚାପରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛି । ସେହି କର୍ମମୟ ଜୀବନରୁ ଟିକିଏ ସମୟ ବାହାର କରି ମନୋରଞ୍ଜନର ଖୋରାକ ଯୋଗାଇବା ପଥ ଉତ୍ସବ ଆୟୋଜନ ହେଉଛି ବୋଲି ଅତିଥିମାନେ କହିଛନ୍ତି ।

ଦ୍ୱିତୀୟ ପଥ ଉତ୍ସବ ରଙ୍ଗାରଙ୍ଗ ତଥା ନୂଆ ନୂଆ ଖେଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସାମିଲ କରାଯାଇଥିଲା । ବିଶେଷ କରି ଛୋଟ ଛୋଟ ଶିଶୁଙ୍କ ପାଇଁ ଏଥର ଅଧିକ ଖେଳକୁଦ ବ୍ୟବସ୍ଥା ହୋଇଥିଲା । ବିଭିନ୍ନ ସ୍ଥାନରେ ଲାଗିଥିବା ଫେସ୍ ପେଣ୍ଟିଂ ଷ୍ଟଲ । କୁନି କୁନି ଶିଶୁମାନେ ଚିତ୍ରାଙ୍କନ କରିବା ପାଇଁ ଧାଡିବାନ୍ଧି ବସିପଡିଥିଲେ । ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ରଙ୍ଗ ବେରଙ୍ଗ ଝୋଟିରେ ପୁରା ରାସ୍ତା ରଙ୍ଗୀନ ହୋଇଉଠିଥିଲା ।

ଲୁକାୟିତ ପ୍ରତିଭାଙ୍କୁ ଲୋକ ଲୋଚନକୁ ଆଣିବା ପାଇଁ ଦୁଇ ଦୁଇଟି ଭୁବେନେଶ୍ୱର ଗଟ୍ ଟ୍ୟାଲେଣ୍ଟ ମଞ୍ଚରେ ଧୁମ୍ ମଚାଇଥିଲେ ଭୁବନେଶ୍ୱରବାସୀ । ଶହ ଶହ ଶିଶୁ, କିଶୋର, କିଶୋରୀ, ଯୁବକ, ଯୁବତୀ ମଞ୍ଚ ଦୁଲୁକେଇ ଦେଇଥିଲେ । କେବଳ ସେତିକି ନୁହେଁ, ଦ୍ୱିତୀୟ ମଞ୍ଚରେ ମଧ୍ୟ ଡିଜେର ତାଳେ ତାଳେ ମତୁଆଲ୍ଲା ହୋଇଥିଲେ ଦେଖଣାହାରୀ । ପାରମ୍ପାରିକ ନୃତ୍ୟ, ଗୀତ ଓ ଖେଳକୁଦ ସହ ମାଲଖମ୍ବ, ଯୋଗ, କିଡ୍ସ କିଙ୍ଗଡମ୍, ପଜଲ ଗେମ୍, ଲୁଡୁ, ବାଘ ନାଚ ଓ ୩୬୦ ଡିଗ୍ରୀ କ୍ୟାମେରାର ମଜ୍ଜା ନେଇଥିଲେ ଭୁବନେଶ୍ୱରବାସୀ । ସାଇକେଲିଂ, ସ୍କେଟିଂ ସହ ସବୁ ବର୍ଗର ଲୋକଙ୍କ ପାଇଁ ବିଭିନ୍ନ ଖେଳକୁଦର ବ୍ୟବସ୍ଥା କରାଯାଇଥିଲା ।

ପ୍ରଥମ ମଞ୍ଚରେ ପ୍ଲେ ବ୍ୟାକ୍ ସିଙ୍ଗର ଦୀପ୍ତୀରେଖା ପାଢୀ, ଜୟଶ୍ରୀ ଧଳ ଓ ନାରାୟଣ ଦତ୍ତଙ୍କ ଗୀତର ତାଳେ ତାଳେ ଝୁମିଥିଲେ ଦର୍ଶକ । ମାଘମାସର ହାଡଭଙ୍ଗା ଜାଡରେ ଭରପୁର ମଜ୍ଜା ଉଠାଇଥିଲେ ଦେଖଣାହାରୀ । ଉପସ୍ଥିତ ଦର୍ଶକ ଗୀତର ତାଳେ ନାଚି ନାଚି ବେଦମ୍ ହୋଇ ପଡିଥିଲେ । ଏହା ବ୍ୟତୀତ ପଥପ୍ରାନ୍ତ ନୃତ୍ୟ, ପାରମ୍ପାରିକ ନୃତ୍ୟର କଳାକାରଙ୍କ ସହ ସେଲ୍‌ଫି ନେବାକୁ ଭୁଲି ନଥିଲେ ଦେଖଣାହାରୀ । ମଞ୍ଚ ବାହାରେ ଚାଲିଥିବା ବିଭିନ୍ନ ଦୃଶ୍ୟକୁ ନିଜ ମୋବାଇଲରେ ବାନ୍ଧି ରଖିବାକୁ ଦେଖଣାହାରୀଙ୍କ ମଧ୍ୟରେ ଚାଲିଥିଲା ପ୍ରବଳ ପ୍ରତିଯୋଗିତା । ଫେବୃଆରୀ ୧ ତାରିଖ ରବିବାର ସକାଳୁ ଇନଫୋସିସିଠାରେ ହେବ ଚଳିତ ଶୀତ ଋତୁର ଶେଷ ପଥ ଉତ୍ସବ ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଯୋଗ ଦେଇଥିଲେ । ଏହି ଉତ୍ସବରେ ଏକାମ୍ର ବିଧାୟକ ବାବୁ ସିଂ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମ୍‌ସି କମିଶନର ଚଞ୍ଚଳ ରାଣା, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ରାମଚନ୍ଦ୍ର ରଣସିଂହ, ସମସ୍ତ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ, ଅଧ୍ୟକ୍ଷା, ବହୁ କର୍ପୋରେଟର ପ୍ରମୁଖ ଯୋଗ ଦେଇଥିଲେ ।

- ଦୀପ୍ତୀରେଖା, ଜୟଶ୍ରୀ ଧଳଙ୍କ ଗୀତରେ ଝୁମିଲେ ଦର୍ଶକ
- ମେଳାର ଭ୍ରମ ସୃଷ୍ଟି କଲା ବରମୁଣ୍ଡା-ଜାଗମରା ନୂଆ ରାସ୍ତା





### ଦ୍ୱିତୀୟ ପଥ ଉତ୍ସବ ଧୂମଧାମ ପାଳିତ

# ଦେଶପ୍ରେମ ଧୁନରେ ଗୁଞ୍ଜରିତ ହେଲା ମୁଖ୍ୟରାସ୍ତା

ଜଟଣୀ, (ସବ୍ୟୁ): ଦ୍ୱିତୀୟ ପଥ ଉତ୍ସବ ମହା ଆଡମ୍ବର ସହକାରେ ରବିବାର ଶୀତୁଆ ସକାଳରେ ମୁଖ୍ୟ ଆୟୋଜକ ଡ଼ ରୁଷି ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଏହି ୨ୟ ପଥ ଉତ୍ସବକୁ ସ୍ୱତନ୍ତ୍ର ଭାବରେ ରି ପବ୍ଲିକ ଡେ ଏସ୍ୱିସିଆଲ କରଯାଇଥିଲା ବୋଲି ମୂଖ୍ୟ ଆୟୋଜକ ଡଃ ରୁଷି ପଟ୍ଟନାୟକ କହିଥିଲେ। ଉତ୍ସବ ଅଧକ୍ଷ ବିଶ୍ୱରଞ୍ଜନ୍ ବଡ଼ଜେନାଙ୍କ ନେତୃତ୍ୱରେ ବିରାଟ ସଫଳତା ହାସଲ ହୋଇଥିବା ବେଳେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଉଦଘାଟନ କରିଥିଲେ । ଏହି ଉତ୍ସବରେ ପୌର ଅଧକ୍ଷ ଅନନ୍ତ ବେହେରା, ବ୍ଲକ ଅଧକ୍ଷା ଜୟନ୍ତୀ ଛୋଟରାୟ, ରାଜ୍ୟ ବିଜେପି ମୁଖପାତ୍ର ସୁଦୀପ୍ତ ରାୟ, ଜଟଣୀ ବିଡ଼ିଓ ବସନ୍ତ କୁମାର ହାତୀ, ତହସିଲଦାର ଶିବ କୁମାର ପରିଡ଼ା,



ଥାନାଧିକାରୀ ଷ୍ଟାଲିନ ବିଶ୍ୱାଳ, ଦୁଇ ମେଡିକାଲ୍ ଅଧିକାରୀ ଡାକ୍ତର ଜିତେନ୍ଦ୍ର ପଣ୍ଡା, ଡାକ୍ତର କ୍ରିଷ୍ଣା ରାଜ, ଅଗ୍ନିଶମ ବିଭାଗ ଅଧିକାରୀ ଲକ୍ଷ୍ମଣ ବେହେରା, ସାଂସଦଙ୍କ ଦୁଇ ପ୍ରତିନିଧି ମନୋଜ ନନ୍ଦ ଓ ସତୀଶ ଶର୍ମା, ବିକାଶ ପରିଷଦ ସଭାପତି ବିଜୁ ଛୋଟରାୟ, ସମ୍ପାଦକ ସୁଦର୍ଶନ ସୁନ୍ଦରାୟ, କୈଳାଶ ମହାପାତ୍ର, ଲିଟୁରଞ୍ଜନ ରାଉତରାୟ। ସ୍ୱତନ୍ତ୍ର ଅତିଥି ଭାବରେ ସ୍ୱର୍ଣ୍ଣ ଧନତିର ଆୟୋଜକ ଡଃ ଅନିଲ ଜୟନ୍ ଓ ସୌମ୍ୟ ରଞ୍ଜନ ପ୍ରଧାନ ଯୋଗଦେଇଥିଲେ ସ୍ୱାଗତ ଅଭିଭାଷଣ ବିଶ୍ୱରଂଜନ ବଡ଼ଜେନ ପ୍ରଦାନ କରିଥିବା ବେଳେ ଡଃ ଉମାକାନ୍ତ ପଟ୍ଟନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଉତ୍ସବରେ ପ୍ରାୟ ୧୪୫ରୁ ଉର୍ଦ୍ଧ ପ୍ରକାର ଅନୁଷ୍ଠାନ ତାଙ୍କର ନିଜସ୍ୱ କଳା, ନୃତ୍ୟ, ଗୀତ, ସ୍ୱାସ୍ଥ୍ୟ ସେବା, ସଚେତନତା, ପ୍ରଦର୍ଶନୀ, ଖାଦ୍ୟ ପ୍ରସ୍ତୁତି, କ୍ରୀଡା, ଚିତ୍ରାଙ୍କନ, ପାରମ୍ପରିକ କଳା ନୃତ୍ୟ ଗୀତ, ଚାଳଚିତ୍ର ପ୍ରଦର୍ଶନି, ସ୍କାଉଟ ଗାଇଡ, ଏନସିସି, ଜିମ୍, ଜୁମ୍ବା, ଯୋଗ ଆଦି ଅନେକ କାର୍ଯ୍ୟକ୍ରମ ଉପସ୍ଥାପନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଜଟଣୀ ତେଲୁଗୁ ସମାଜ, ଗୁଜରାଟୀ ସମାଜ, ଆଂଗ୍ଲୋଇଣ୍ଡିଆନ ସମାଜ, ବଙ୍ଗାଳୀ ସମାଜ ପ୍ରମୁଖଙ୍କୁ ସମ୍ମାନୀତ କରାଯାଇଥିଲା।

## ଜଳିଗଲା ୨ ପାଳଗଦା

କଣାସ,(ସବ୍ୟୁ): ପୁରୀ ଜିଲ୍ଲା କଣାସ ବ୍ଲକ୍ ଗଡସାନପୁଟ ଗ୍ରାମର ଦୁଃଖିଶ୍ୟାମ ଗୁମାନସିଂହଙ୍କ ୨ଟି ପାଳଗଦାରେ ନିଆଁ ଲାଗି ସମ୍ପୂର୍ଣ ନଷ୍ଟ ହୋଇଯାଇଛି । ଦୁଃଖିଶ୍ୟାମଙ୍କ ଘର ନିକଟ ବାଡ଼ିରେ ଦୁଇଟି ପାଳଗଦା ଥିଲା ହଠାତ ରବିବାର ଅପରାହ୍ନ ଗୋଟାଏରେ ନିଆଁଲାଗି ଥିବା ପରିବାର ଲୋକ ଦେଖିବାକୁ ପାଇଥିଲେ । ଗ୍ରାମବାସୀ ଅଗ୍ନିଶମ ବାହିନୀଙ୍କୁ ଖବର ଦେବାପରେ ଘଟଣା ସ୍ଥଳରେ ପାଣି ପକାଇ ନିଆଁକୁ ଆୟତ କରାଯାଇଥିଲେ ମଧ ସମ୍ପୂର୍ଣ ଦୁଇଟି ପାଳଗଦା ପୋଡିଯାଇଥିବା ଜଣାପଡିଛି ଛବର୍ଷ ଜାକର ଅମଳ ହୋଇଥିବା ଧାନର ପାଳ ଗାଇ ଗୋରୁଙ୍କ ଖାଦ୍ୟ ପାଇଁ ରଖିଥିଲେ ଦୁଃଖିଶ୍ୟାମ । ଏଭଳି ଘଟଣାକୁ ଗ୍ରାମବାସୀ ଦୁଃଖ ପ୍ରକାଶ କରିବା ସହ ସରକାରଙ୍କ ପକ୍ଷରୁ ଗୋଖାଦ୍ୟ ପାଇଁ ନିବେଦନ କରିଛନ୍ତି ।

### କିମ୍ସ ଡାକ୍ତରଙ୍କ ଉଦ୍ୟମ

# ୧୦ ମାସ ଶିଶୁ ଶ୍ୱାସନଳୀରୁ ବାହାରିଲା ଏଲ୍ଇଡି ଉପାଦାନ

ଭୁବନେଶ୍ୱର, (ସବ୍ୟୁ) ଏଲ୍ଇଡ଼ି ଧାତବ ଖେଳନାରେ ଖେଳୁଥିଲା ୧୦ ମାସର ଶିଶୁ । ଭୁଲ ବଶତଃ ଅଜାଣତରେ ନାକରେ ପଶିଯାଇଥିଲା ଏହି ଧାତବ ପଦାର୍ଥ । ଫଳରେ ଶିଶୁଟିକୁ ଶ୍ୱାସକ୍ରିୟା ନେବାରେ ଗୁରୁତର ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଏପରି ଜରୁରୀକାଳୀନ ପରିସ୍ଥିତିରେ ଶିଶୁକୁ କିମ୍ସରେ ଭର୍ତ୍ତି କରାଯାଇଥିଲା । ଏଲ୍ଇଡି ଧାତବ ଖେଳଣାଟି ତୀକ୍ଷ୍ଣ ଧାରଯୁକ୍ତ ହୋଇଥିବାରୁ ଆଭ୍ୟନ୍ତରିଣ ଆଘାତଜନିତ କ୍ଷତର ବିପଦ ସୃଷ୍ଟି କରିଥିଲା । କିମ୍ସରେ ପହଞ୍ଚିବା ପରେ ଡାକ୍ତରମାନେ ଶିଶୁଟିର ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରି ତୁରନ୍ତ ଚିକିତ୍ସା ଆରମ୍ଭ କରିଥିଲେ । କିମ୍ସର ବିଶିଷ୍ଟ ପଲମୋନୋଲୋଜିଷ୍ଟ ଡା ଦେବାଶିଷ ବେହେରା ଉନ୍ନତ ବ୍ରୋଙ୍କୋସ୍କୋପି ପ୍ରକ୍ରିୟା ବ୍ୟବହାର କରି ସଫଳତାର ସହ ଶିଶୁର ଶ୍ୱାସନଳୀରୁ ଧାତବ ଏଲ୍ଇଡି ପଦାର୍ଥକୁ ବାହାର କରିବାରେ




ସଫଳ ହୋଇଥିଲେ । ଏଥିରେ ତାଙ୍କୁ ସହଯୋଗ କରିଥିଲେ ଡା ଅମିତ ପ୍ରଧାନ ଓ ତାଙ୍କ ଆନାସ୍ଥେସିଆ ଦଳ । କିମ୍ସର ଇଣ୍ଟେନ୍ସିଭିଷ୍ଟ ଡା ବନ୍ଦ୍ୟା ସାହୁ, ଡା ରେଶମି ମିଶ୍ର ଓ ଡା ମୁକେଶ କୁମାର ଜୈନଙ୍କ ମିଳିତ ଉଦ୍ୟମରେ ଶିଶୁଟିର ସମ୍ପୂର୍ଣ୍ଣ ଚିକିତ୍ସା କରାଯାଇଥିଲା । ଏହା ଶିଶୁ ଚିକିତ୍ସା ଜରୁରୀକାଳୀନ ପରିସ୍ଥିତିରେ ତୁରନ୍ତ ବ୍ରୋଙ୍କୋସ୍କୋପିକ୍ ପ୍ରୟୋଗ ଓ ନିରବଚ୍ଛିନ୍ନ ସହଯୋଗର ଗୁରୁତ୍ୱକୁ ସୂଚାଇଥାଏ । ଏହି ସଫଳତାରେ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମ୍ପୃକ୍ତ ଡାକ୍ତରୀ ଦଳକୁ ଧନ୍ୟବାଦ ଦେଇଛନ୍ତି ।

## ଶ୍ରୀରାମଙ୍କ ସୁବର୍ଣ୍ଣ ଦିବ୍ୟଧନୁକୁ ଭବ୍ୟ ସମ୍ବର୍ଦ୍ଧନା




ଜଟଣୀ, (ସବ୍ୟୁ) : ସନାତନ ଜାଗରଣ ମଞ୍ଚ ପକ୍ଷରୁ ରାଉରକେଲା ସ୍ଥିତ ହନୁମାନ ବାଟିକାରୁ ଅଯୋଧ୍ୟା ଅଭିମୁଖେ ବାହାରିଥିବା ପ୍ରଭୁ ଶ୍ରୀରାମଙ୍କ ସୁବର୍ଣ୍ଣ ଦିବ୍ୟଧନୁ ରାଜ୍ୟର ବିଭିନ୍ନ ଅଞ୍ଚଳ ପରିକ୍ରମା କରିବା ମଧ୍ୟରେ ରବିବାର ପ୍ରାତଃ କାଳରେ ଜଟଣୀ ସହରରେ ଆସି ପହଞ୍ଚିଥିଲା । ଏହି ଧନୁ ପହଞ୍ଚିବା ପରେ ପଥ ଉତ୍ସବ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଶତାଧିକ ଜନସାଧାରଣ ଭବ୍ୟ ସମ୍ବର୍ଦ୍ଧନା ଦେଇଥିଲେ । ନିକଟରେ ଉପସ୍ଥିତ ଥିବା ସାଂସଦ ଅପରାଜିତା ଷଡ଼ଙ୍ଗୀ, ବିଜେପି ନେତା ବିଶ୍ୱରଂଜନ ବଡ଼ଜେନା, ଡ଼ ଉମାକାନ୍ତ ପଟ୍ଟନାୟକ, ବିଶ୍ୱହିନ୍ଦୁ ପରିଷଦ ସଭାପତି ରମେଶଚନ୍ଦ୍ର ଦାଶ, ସୁଦର୍ଶନ ସୁନ୍ଦରାୟଙ୍କ ସମେତ ବହୁ ଜନସାଧାରଣ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଥିଲା ।

### ଉଦୟ ଇଣ୍ଡିଆ ଜାତୀୟ ସମ୍ମିଳନୀ

# ୨୦୩୬ ସୁଦ୍ଧା ଓଡ଼ିଶାର ସମୃଦ୍ଧି, ସ୍ଥିରତା ପଥ ପ୍ରସ୍ତୁତ କରିବ : ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ସବ୍ୟୁ): ବିକଶିତ ଓଡିଶା ଗଠନ ପାଇଁ ଆମକୁ ସବୁ କ୍ଷେତ୍ରରେ ଦକ୍ଷତା ହାସଲ କରିବାକୁ ହେବ । ୨୦୩୬ ସୁଦ୍ଧା ଓଡ଼ିଶାର ସମୃଦ୍ଧି, ସ୍ଥିରତା ଏବଂ ସଶକ୍ତିକରଣର ପଥ ପ୍ରସ୍ତୁତ କରିବ । ଦୃଢ଼ ନେତୃତ୍ୱ ଏବଂ ସାମୂହିକ ସଂକଳ୍ପ ସହିତ ଆମେ ଏକ ଏପରି ଓଡ଼ିଶା ଗଠନ କରୁଛୁ, ଯାହା ଦେଶକୁ ପ୍ରେରଣା ଦେବ । ମୁଁ ଏହି ଭିଜନ ଡକ୍ୟୁମେଣ୍ଟକୁ ଆଶାର ଆଲୋକ ଭାବରେ ଦେଖୁଛି ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଛନ୍ତି ।

ପତ୍ରିକା ଉଦୟ ଇଣ୍ଡିଆ ଜାତୀୟ ସମ୍ମିଳନୀରେ ବିକଶିତ ଓଡିଶା ୨୦୩୬ ଶୀର୍ଷକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହ ଦେଓ ଯୋଗ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ବାଚସ୍ପତି ସୁରମା ପାଢୀ କହିଥିଲେ, ବିକଶିତ ଓଡିଶା ଗଠନ ପାଇଁ ପ୍ରଥମେ ଓଡିଶାର




ବିକାଶ ଆବଶ୍ୟକ । ଓଡିଶାରେ ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ଶିଳ୍ପରେ ଦୃତ ଅଭିବୃଦ୍ଧି ଘଟୁଛି । ରାଜ୍ୟର ଅର୍ଥନୀତି ମଧ ବୃଦ୍ଧି ପାଉଛି । କେବଳ ସରକାର ଚାହିଁଲେ ବିକଶିତ ଓଡିଶା ଗଠନ ହୋଇପାରିବନି । ବିକଶିତ ଓଡିଶା ଗଠନ ଦିଗରେ ସବୁ ବର୍ଗରେ ଉଦ୍ୟମ ହେବା ଆବଶ୍ୟକ । ସାଂସଦ ରୁଦ୍ର ପାଣି କହିଥିଲେ, ୨୦୩୬ ବିକଶିତ ପଡିଶା ଆଡକୁ ଆମ ରାଜ୍ୟ ଗତି କରୁଛି । ସମସ୍ତେ ଏହି ଦିଗରେ କାମ କଲେ ନିଶ୍ଚିତ ଆମେ ସଫଳ ହୋଇପାରିବା । ସମ୍ମାନିତ ଅତିଥି ବଡଚଣା ବିଧାୟକ ଅମର ନାୟକ କହିଥିଲେ, ରାଜ୍ୟର ବିକାଶ ପ୍ରତ୍ୟେକ ସରକାରଙ୍କର କର୍ତ୍ତବ୍ୟ ଗରିବଙ୍କ ଉଂାନ କରିବା । ରାଜ୍ୟର ବିକାଶ ହୋଇପାରିଲେ ଗୋଟେ ଭଲ ସରକାର କାମ କରୁଛି ବୋଲି ଅନୁଭବ କରିପାରିବା । କାର୍ଯ୍ୟକ୍ରମରେ କୋଟପାଡ ବିଧାୟକ ରୁପୁ ଭତ୍ରା, ପତ୍ରିକାର ମୁଖ୍ୟ ସମ୍ପାଦକ ପ୍ରକାଶ ନନ୍ଦ, ବିଶ୍ୱ ପଡିଆ ପରିବାର ସଭାପତି ସଜ୍ଜନ ଶର୍ମା ଉପସ୍ଥିତ ଥିଲେ । ପ୍ରାରମ୍ଭରେ ପତ୍ରିକାର ପ୍ରତିଷ୍ଠାତା ତଥା ଗ୍ରୁପ୍ ସମ୍ପାଦକ ଦୀପକ ରଥ ସ୍ୱାଗତ ଭାଷଣ ଦେଇଥିଲେ ।

ଏହି ଅବସରରେ ଦିନବ୍ୟାପୀ ସ୍ୱାସ୍ଥ୍ୟ, ଶିକ୍ଷା, ଭିତ୍ତିଭୂମି, ଏମ୍ଏସ୍ଏମ୍ଇ, ପର୍ଯ୍ୟଟନ ଓ ସଂସ୍କୃତି ଉପରେ ଅଧିବେଶନ କରାଯାଇଥିଲା । ଏଥିରେ ବିଶିଷ୍ଟ ଅତିଥିମାନେ ସାମିଲ ହୋଇ ଆଲୋଚନା କରିଥିଲେ । ଉଦ୍ଯାପନୀ ସନ୍ଧ୍ୟାରେ ପୂର୍ତ୍ତ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା ।

## ବେଆଇନ ପଥର ଗାଡି ଜବତ

ମହାକାଳପଡ଼ା ,(ସବ୍ୟୁ): ମହାକାଳପଡ଼ା ଥାନାଞ୍ଚଳ କେନ୍ଦ୍ରାପଡା ଓରତ ରାସ୍ତା ରୁ ୮ଗୋଟି ବେଆଇନ ପଥର ବୋଝେଇ ହାଏବା ଗାଡି ଜବତ ହୋଇଥିବାର ଜଣାପଡିଛି । ରବିବାର ପୂର୍ବାହ୍ନ ରେ ପଥର ବୋଝେଇ ଗାଡି ଗୁଡିକ ଓରତ ଅଭିମୁଖେ ଯିବା ବାଟରେ ମାଇନିଂସ କର୍ତ୍ତୃପକ୍ଷ ଓ ପୋଲିସ ଟିମ ମିଳିତ ଉଦ୍ୟମ ରେ ଗାଡି ଗୁଡିକୁ ଜବତ କରାଯାଇ ପୋଲିସ ଜିମା ଦିଆଯାଇଥିଲା । ମହାକାଳପଡ଼ା ପୋଲିସ ଜବତ ଗାଡି ଗୁଡିକୁ ବ୍ଲକ ପରିସର ରେ ହେପାଜତ ଭିତରେ ରଖିଥିବାର ଜଣାପଡିଛି ।

### ବାରଙ୍ଗରେ ଫୁଟିଲା ଗୁଳି : ୮ ଅଟକ

# ଗାଡ଼ି, ବନ୍ଧୁକ ଓ ଜୀବନ୍ତ ଗୁଳି ଜବତ

ବାରଙ୍ଗ , (ସବ୍ୟୁ): ତ୍ରିଶୂଳିଆ ଛକ ନିକଟ କୁସିନ୍ଦା ଗ୍ରାମରେ ଜମିଜମା ବିବାଦକୁ କେନ୍ଦ୍ରକରି ଫାଙ୍କା ଗୁଳି ଚାଳନା ହୋଇଥିବା ସୂଚନା ମିଳିଛି । ଖବରପାଇ ବାରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ ଆରମ୍ଭ କରିବା ସହ ୮ଜଣଙ୍କୁ ଧରି ଥାନାକୁ ଆଣିଛି । ପ୍ରକାଶ ଯେ, ରବିବାର ଅପରାହ୍ନ ୨ ସୁଦ୍ଧା ତ୍ରିଶୂଳିଆଛକ ପାଖ କୁସିନ୍ଦା ଗ୍ରାମ ନିକଟରେ ଜଣେ ବିଲଡରଙ୍କ ପ୍ରୋଜେକଫ କାମ ଚାଲୁଥିଲା । ଏହି ସମୟରେ ହଠାତ ଏକ କଳାରଙ୍ଗର କାରରେ କିଛି ଦୁର୍ବୃତ୍ତ ସେଠାରେ ପହଞ୍ଚି ଉତ୍ପାତ ଆରମ୍ଭ କରିଥିଲେ । ବନ୍ଧୁକ ଦେଖାଇ କାମ କରୁଥିବା ଲୋକମାନଙ୍କୁ ଭୟଭୀତ କରାଇ କାମ ବନ୍ଦ କରିବାକୁ କହିଥିଲେ । ଏହି ଖବରପାଇ ବାରଙ୍ଗ ଥାନା ଅଧିକାରୀ ଦେବେନ୍ଦ୍ର ବିଶାଳ ସଦଳବଳେ ଘଟଣାସ୍ଥଳରେ ପହଂଚି ଯୁବକମାନଙ୍କୁ କାବୁ କରିବାକୁ ଚେଷ୍ଟା କରୁଥିଲେ । ତେବେ ପୋଲିସ ହାତରୁ ଖସିଯିବା ପାଇଁ ଦୁର୍ବୃର୍ତ୍ତମାନେ ଫାଙ୍କା ଗୁଳି ଚାଳନା କରିଥିବାର ଜଣାପଡିଛି । କିନ୍ତୁ କୌଶଳ କ୍ରମେ ପୋଲିସ ଘଟଣାସ୍ଥଳରୁ ୮ଜଣ ଦୁର୍ବୃତ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଛି । ଏହାସହ ଏକ ଥାର ଗାଡ଼ି, କିଛି ମୋବାଇଲ, ବନ୍ଧୁକ ଓ ଜୀବନ୍ତ ଗୁଳି ଜବତ କରିଥିବାର ସୂଚନା ମିଳିଛି ।ଅଧିକ ତଦନ୍ତ କରୁଥିବା ବେଳେ କେତୋଟି ବନ୍ଧୁକ ଓ ଗୁଳି ଜବତ ହୋଇଛି ପୋଲିସ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ ।ତେବେ ଏହି ଦୁର୍ବୃର୍ତ୍ତ ମାନଙ୍କୁ ଏଠାକୁ କିଏ ଆଣିଥିଲେ ଓ ଜମିବାଡ଼ି ବିବାଦର ପାକୃତ କାରଣ କଣ ଜାଣିବାକୁ ପୋଲିସ ଉଦ୍ୟମ ଆରମ୍ଭ କରିଥିବାର ଜଣାପଡିଛି ।

## ଛୁଆ କାହାର, ଚିନ୍ତାରେ ପୋଲିସ

ବାରଙ୍ଗ, (ସବ୍ୟୁ): ବାରଙ୍ଗ ଥାନା ଗୋଡିସାହି ଫାଣ୍ଡିଅଧିନସ୍ଥ ନରାଜ ବ୍ୟାରେଜରୁ ରବିବାର ଦିନ ମୃତ ଶିଶୁପୁତ୍ର ଉଦ୍ଧାର କରିଛି ବାରଙ୍ଗ ପୋଲିସ । ଏହି ଶିଶୁପୁତ୍ର କାହାର ଯାହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି । ଦୁନିଆ ଦେଖିବା ଆଗରୁ କିଏ ଏହି ଶିଶୁକୁ ଆଣି ଏଠାରେ ଫିଙ୍ଗି ଚାଲିଯାଇଛି ପୋଲିସ ତନାଘନା ଜାରି ରଖିଛି ।ଶେଷରେ ପୋଲିସ ଏହି ଶିଶୁପୁତ୍ରକୁ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇ ତଦନ୍ତ ଜାରି ରଖିଛି । ପ୍ରକାଶ ଯେ, ରବିବାର ସକାଳେ ନରାଜ ଗ୍ରାମର କିଛି ମତ୍ସଜୀବୀ ମାଛ ମାରିବାକୁ ଯାଇଥିବା ବେଳେ ନରାଜ ବ୍ୟାରେଜ ର ୨୪ ନମ୍ବର ଗେଟ ସମ୍ମୁଖରେ ଏକ ମୃତ ଶିଶୁପୁତ୍ରଟି ପଡିଥିବା ଦେଖିବାକୁ ପାଇଥିଲେ । ଏନେଇ ଫାଣ୍ଡି ପୋଲିସ ଓ ବାରଙ୍ଗ ଅଗ୍ନିଶମ ବାହିନୀଙ୍କୁ ଖବର ଜଣାଇଥିଲେ । ଘଟଣା ସ୍ଥଳରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତ ଶିଶୁକୁ ଉଦ୍ଧାର କରି ପୋଲିସକୁ ହସ୍ତାନ୍ତର କରିଥିଲେ । ତେବେ ଏହି ଶିଶୁ ପୁତ୍ରଟି କାହାର ,ଏଠାକୁ ଆସିଲା କେମିତି ? ନା କିଏ ତାକୁ ମାରିକି ଏଠାରେ ଫିଙ୍ଗି ଚାଲିଯାଇଛି । ଏନେଇ ପୋଲିସ ଖୋଡତାଳ ଆରମ୍ଭ କରିଥିବା ବେଳେ ବ୍ୟାରେଜରେ ଲାଗିଥିବା ସିସିଟିଭି ଫୁଟେଜ ଦେଖିଲେ ଜଣାପଡ଼ିବ କିଏ ଏଠାକୁ ଆସିଥିଲା ଏବଂ ଏହି ଶିଶୁପୁତ୍ର ଟି କାହାର ତାହା ପୋଲିସ ଅନୁମାନ କରିଥିବା ବେଳେ ତଦନ୍ତ ଜାରି ରଖିଛି ।

### ଧଉଳିରେ ପଥର ଖୋଦେଇ ଭାସ୍କର୍ଯ୍ୟ କର୍ମଶାଳା ଉଦ୍ଯାପିତ

# ୧୫ ଶିଳ୍ପୀଙ୍କ ଆଧୁନିକ ଭାସ୍କର୍ଯ୍ୟ ପ୍ରଦର୍ଶିତ




ଭୁବନେଶ୍ୱର (ସବ୍ୟୁ): ଧଉଳି ପାଦଦେଶରେ ଅବସ୍ଥିତ ଧଉଳି ଚାରୁକଳା ମହାବିଦ୍ୟାଳୟ ମୂର୍ତ୍ତିକଳା ବିଭାଗର ୧୫ଜଣ ଶିଳ୍ପୀଙ୍କୁ ନେଇ ଚାଲିଥିବା ୧୫ ଦିନିଆ ପ୍ରସ୍ତର ଭାସ୍କର୍ଯ୍ୟ କଳା ଶିବିରର ଆଜି ଉଦଯାପନ ଦିବସ ପାଳନ କରାଯାଇଛି । ଏହି ଅବସରରେ ମହାବିଦ୍ୟାଳୟର ସମ୍ପାଦକ ରବିଶଙ୍କର ଦାସ, ଅଧକ୍ଷ ଚିତ୍ରଶିଳ୍ପୀ ଡ. ପଞ୍ଚାନନ ସାମଲ ପ୍ରଦୀପ ଜାଳି ଉଦଘାଟନ କରିଥିଲେ । ମହାବିଦ୍ୟାଳୟର ମୂର୍ତ୍ତିକଳା ବିଭାଗର ଅଧ୍ୟାପକ ଚନ୍ଦନ କୁମାର ସାମଲ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଅଧ୍ୟାପିକା ସୋଫିୟା ୟାସ୍ମିନ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ । ଏହି ଶିବିରରେ ଆରିୟନ ସାମଲ, ବୃନ୍ଦାବନ ପଣ୍ଡା, ଗଣେଶ ମୁଣ୍ଡା, ପ୍ରତିଭା ବେହେରା, ଦେବରାଜ ମହାରଣା, ସୁମିତ କୁମାର ଦାଶ, ସିରାଜଦୌଲା ନାୟକ, ଦୀପକ କୁମାର ସାହୁ, ଶୁଭମ ଦାସ, ସୁରଜ କୁମାର ଭୋଇ, ପ୍ରଦତ୍ତ ଭକ୍ତା, ଶିବ ପ୍ରସାଦ ସ୍ୱାଇଁ, ସୁର ପ୍ରସାଦ ବିଶ୍ୱାଳ, ପ୍ରୀତିନନ୍ଦା ସାହୁ ଓ ସୌମ୍ୟକାନ୍ତ ସ୍ୱାଇଁ ଏହି ମୂର୍ତ୍ତିକଳା କର୍ମଶାଳା ରେ ଅଂଶଗ୍ରହଣ କରି ନିଜ ନିଜ ସୁନ୍ଦର ସୃଜନଶୀଳ ପ୍ରସ୍ତର ଭାସ୍କର୍ଯ୍ୟ ଗୁଡ଼ିକ ନିର୍ମାଣ କରିଥିଲେ। ଏହି ଅବସରରେ ଅଧ୍ୟାପକ ରାମଶଙ୍କର ସାହୁ, ସୁଭାଷ ଚନ୍ଦ୍ର ମୁଦୁଲି ପ୍ରମୁଖ ଉପସ୍ଥିତ ରହି ଶିଳ୍ପୀ ମାନଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

### ନୂଆବର୍ଷରୁ ଭୁବନେଶ୍ୱର ସାଂସଦଙ୍କ ଅଭିନବ ପ୍ରୟାସ

# ବେଗୁନିଆରୁ ଆରମ୍ଭ ହେଲା 'ସାଂସଦ ଚିକିତ୍ସା ଶିବିର'

ଭୁବନେଶ୍ୱର (ସବ୍ୟୁ): ନୂଆବର୍ଷରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ନୂଆ ପଦକ୍ଷେପ, ସାଂସଦୀୟ କ୍ଷେତ୍ର ଅଧିନରେ ଥିବା ସମସ୍ତ ନାଗରିକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଏବଂ ସୁସ୍ୱାସ୍ଥ୍ୟ ପାଇଁ ସାଂସଦ ଚିକିତ୍ସା ଶିବିର ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ଏହି ଶିବିରକୁ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ-ବୋଲଗଡ ନିର୍ବାଚନମଣ୍ଡଳୀର ବେଗୁନିଆଠାରେ ଶୁଭ ଉଦଘାଟନ କରାଯାଇଛି । ପ୍ରତ୍ୟକ ମାସର ତୃତୀୟ ରବିବାରରେ ଏଣିକି ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ବ୍ଲକ ସ୍ତରରେ ଆୟୋଜନ ହେବ ସାଂସଦ ଚିକିତ୍ସା ଶିବିର । ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଅଧିନରେ ରହିଥିବା ମୋଟ୍ ୮ଟି ବ୍ଲକରେ ସାଂସଦ ଚିକିତ୍ସା ଶିବିର ଆଗାମୀ ଦିନରେ ଆୟୋଜନ ହେବା ନେଇ ଉଦଘାଟନ ଅବସରରେ ମତ ରଖିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ।

ରବିବାର ସକାଳ ୮ଟାରୁ ବେଗୁନିଆର ଗୋପବନ୍ଧୁ ପିଏମ ଶ୍ରୀ ହାଇସ୍କୁଲ ପରିସରରେ ପ୍ରଥମ ସାଂସଦ ଚିକିତ୍ସା ଶିବିର ଆରମ୍ଭ ହୋଇଥିଲା । ସାଂସଦ ଅପରାଜିତା ଷଡ଼ଙ୍ଗୀ ଫିତା କାଟି ଏହାର ଶୁଭ ଉଦଘାଟନ କରିଥିଲେ । ଏହି ସାଂସଦ ଚିକିତ୍ସା ଶିବିରରେ ପ୍ରାୟ ୧୦ଟି ଗାଁର ୫୫୦ରୁ ଅଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ



ବିତରଣ କରାଯାଇଥିବା କୁହାଯାଇଛି । ସାଂସଦ ଚିକିତ୍ସା ଶିବିରରେ ବିଭିନ୍ନ ବିଭାଗ ଯେପରିକି ମେଡିସିନ, ପେଡିଆଟ୍ରିକ୍, ସ୍ତ୍ରୀ ଓ ପ୍ରସୂତୀ ବିଭାଗ, ଅର୍ଥୋପେଡିକ, ଆଖି, ଦାନ୍ତ , ସର୍ଜରୀ ବିଭାଗର ବରିଷ୍ଠ ଚିକିତ୍ସକ ସାମିଲ ହୋଇଥିଲେ । ରକ୍ତ ପରୀକ୍ଷାରୁ ଆରମ୍ଭ କରି ମଧୁମେହ, ବିପି, ଓଜନ ମାପଠାରୁ ସମସ୍ତ ପ୍ରାରମ୍ଭିକ ଚିକିତ୍ସା ସୁବିଧା ଏହି ଶିବିରରେ ଉପଲବ୍ଧ ହୋଇଥିଲା । ଏହି ଅବସରରେ ଶିବିରକୁ ଆସିଥିବା ଲୋକଙ୍କ ସହିତ ସାଂସଦ ଅପରାଜିତା ବ୍ୟକ୍ତିଗତ ଭାବେ କଥା ହୋଇ ସୁବିଧା ଅସୁବିଧା ସମ୍ପର୍କରେ ପଚାରିବୁଝିଥିଲେ । ଏହି ଚିକିତ୍ସା ଶିବିର ବାଂକୋଇ ସିଏଚସି, ଖୋର୍ଦ୍ଧା ହସ୍ପିଟାଲ, କ୍ୟାପିଟାଲ ହସ୍ପିଟାଲର ବରିଷ୍ଠ ଡାକ୍ତର ଏବଂ ମେଡିକାଲ୍ ଟିମ୍ ସାମିଲ ହୋଇ, ଲୋକଙ୍କୁ ମାଗଣା ଚିକିତ୍ସା ସୁବିଧା ଯୋଗାଇ ଦେଇଥିଲେ ।

ଏହି ସାଂସଦ ଚିକିତ୍ସା ଶିବିର ଉଦଘାଟନ ଅବସରରେ ଭୁବନେଶ୍ୱର ସାଂସଦ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶ କ୍ରମେ ସମସ୍ତଙ୍କ (ବିଶେଷତଃ ମହିଳା ମାନଙ୍କ ) ସ୍ୱାସ୍ଥ୍ୟ ଚିକିତ୍ସା ପାଇଁ ଏହି କାର୍ଯ୍ୟକ୍ରମର ଏକମାତ୍ର ଉଦେଶ୍ୟ କ୍ଷ କାର୍ଯ୍ୟକ୍ରମର ଲକ୍ଷ୍ୟ 'ମୋ ସଂସଦୀୟ କ୍ଷେତ୍ର ଅଂଚଳରେ ବସବାସ କରୁଥିବା ସମସ୍ତେ ନାଗରିକ ସୁସ୍ଥ ରହିବେ, ଶିବିରର ନିଶୁଳ୍କ ସେବାର ସୁବିଧା ନେବେ' । ଏଥିପାଇଁ ସଂସଦୀୟ କ୍ଷେତ୍ର ଅଧିନରେ ଥିବା ସମସ୍ତ ନାଗରିକଙ୍କୁ ଅନୁରୋଧ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତ ଷଡ଼ଙ୍ଗୀ । ସମସ୍ତେ ଆସନ୍ତୁ, ସାଂସଦ ଚିକିତ୍ସା ଶିବିରରେ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାନ୍ତୁ, ସୁସ୍ଥ ରୁହନ୍ତୁ, ଏପରି ଭିଜନ ନେଇ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି ଭୁବନେଶ୍ୱର ସାଂସଦ । ଏଣିକି ପ୍ରତ୍ୟକ ମାସର ତୃତୀୟ ରବିବାରରେ ସଂସଦୀୟ କ୍ଷେତ୍ରରେ ବିଭିନ୍ନ ବ୍ଲକରେ ନିୟମିତ ଭାବେ ଅନୁଷ୍ଠିତ ହେବ।

## ପରିବାର ମଙ୍ଗଳ ଯୋଜନାରେ ରଶ୍ମିତାଙ୍କୁ ସହାୟତା

ଦଶପଲ୍ଲା ,(ସବ୍ୟୁ):ସ୍ୱାମୀ ଚାଲିଗଲା ପରେ ବହୁ ଦୁଖ କଷ୍ଟରେ ଚଳୁଥିବା ରଶ୍ମିତା ତ୍ରିପାଠ ଙ୍କୁ ମିଳିଛି ସରକାରୀ ସହାୟତା । ରଶ୍ମିତା ଙ୍କୁ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୨୦ ହଜାର ଟଙ୍କା ସହାୟତା ରାଶି ମିଳିଥିବା ବେଳେ ହରିଶ୍ଚନ୍ଦ୍ର ଯୋଜନାରେ ତିନି ହଜାର ଟଙ୍କା ସହ ତାଙ୍କୁ ମିଳିଛି ବିଧବା ଭତ୍ତା । ରଶ୍ମିତାଙ୍କ ସ୍ୱାମୀ ମରିଯିବା ପରେ ଅସହାୟ ହୋଇ ପଡ଼ିଥିଲେ ଦଶପଲ୍ଲା ବ୍ଲକ ଟାକେରା ପଞ୍ଚାୟତ ରଥୀ ପୁର ଗ୍ରାମର ରଶ୍ମିତା ତ୍ରିପାଠୀ । ଏହି ସମୟ ରେ ଟି ପି ସି ଓ ଡ଼ି ଏଲ ଦଶପଲ୍ଲା ଓ ନୂଆଗାଁ ସେକ୍ସନରେ କାର୍ଯ୍ୟରତ ସମସ୍ତ ସହଯୋଗୀ ଷ୍ଟାଫ୍ ଓ ରଶ୍ମିତାଙ୍କ ପରିବାର ପାଖରେ ପହଞ୍ଚି ତାଙ୍କୁ କିପରି ସରକାରୀ ଯୋଜନାର ସୁଫଳ ମିଳିପାରିବ ସେଥିପାଇଁ ପ୍ରକଳ୍ପ ସାଥୀ ମାଧ୍ୟମରେ ଅଧିକାର ମିତ୍ର ଅଭିମନ୍ୟୁ ସାହୁଙ୍କ ପରାମର୍ଶ ଓ ସହଯୋଗ କ୍ରମେ ତୁରନ୍ତ ହରିଶ୍ଚନ୍ଦ୍ର ଯୋଜନା ମାଧ୍ୟମରେ ତିନି ହଜାର ଟଙ୍କା, ବିଧବା ଭତ୍ତା ଓ ପରିବାର ମଙ୍ଗଳ ଯୋଜନା ମାଧ୍ୟମରେ ୨୦ ହଜାର ଟଙ୍କା ସରକାରୀ ସହାୟତା ପାଇ ପାରିଛନ୍ତି ।

# ମହାନଦୀ ବିହାରରେ ମୀନା ବଜାର



କଟକ, (ସ୍ୱପ୍ର) : ମହାନଦୀବିହାର ମହିଳା ସମିତି ପକ୍ଷରୁ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମୀନା ବଜାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଇଂ ଗୋପାଳକୃଷ୍ଣ ବେହେରା, କର୍ପୋରେଟର ଇଂ. ସୁବ୍ରତ ଘଡାଇ, ଏମ୍ଡିଏ ସଭାପତି ସଞ୍ଜୟ ଜେନା, ସମ୍ପାଦକ ହିମାଂଶୁ ଷଡଙ୍ଗୀ ଏହି ଖାଦ୍ୟ ମେଳାଟିକୁ ଉଦଘାଟନ କରିଥିଲେ । ମହିଳା ସମିତିର ଭଉଣୀମାନଙ୍କ ହାତ ତିଆରୀ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ଯଥା ପିଠା ପଣା, ମିଲେଟ୍ ପ୍ରସ୍ତୁତ ବ୍ୟଞ୍ଜନ ଖାଇବାକୁ ବହୁ ସଂଖ୍ୟାରେ ଆୟୋଜିତ ଷ୍ଟଲ ସାମ୍ନାରେ ଭିଡ ଜମିଥିଲା । ସମିତିର ସଭାପତି ନମିତା ଦାଶ, ସମ୍ପାଦିକା ମଧୁସ୍ମିତା ଷଡଙ୍ଗୀଙ୍କ ଦ୍ୱାରା ମିନା ବଜାର କାର୍ଯ୍ୟକ୍ରମଟି ସୁଚାରୁ ରୂପେ ପରିଚାଳିତ ହୋଇଥିଲା । ସମିତିର ଅନ୍ୟାନ୍ୟ ସଭ୍ୟାମାନଙ୍କ ମଧ୍ୟରେ ରୀନାରାଣି ମିଶ୍ର, ଅନୁସୂୟା ମହାନ୍ତି, ସସ୍ମିତା ସାୱତ, ପ୍ରଣତୀ ଆଚାର୍ଯ୍ୟ, ସ୍ୱପ୍ନାମୟୀ ସ୍ୱାଇଁ, ଚାରୁଲତା ଷଡଙ୍ଗୀ, ସ୍ନେହ କର, ନିବେଦିତା ଷଡଙ୍ଗୀ ପ୍ରମୁଖ କାର୍ଯ୍ୟକ୍ରମରେ ସହାୟତା କରିଥିଲେ ।

# ବିକଶିତ ଭାରତ- ଜୀ ରାମ ଜୀ କର୍ମଶାଳା




ବ୍ରହ୍ମପୁର, (ସବ୍ୟୁ): ଗାନ୍ଧୀଜୀଙ୍କ ସମ୍ପୂର୍ଣ୍ଣ ଗ୍ରାମ୍ୟ ସ୍ୱରାଜ ପରିକଳ୍ପନାକୁ ସାକାର କରିବାରେ ବିଫଳ ହୋଇଥିଲା ମନେରଗା । ତଳସ୍ତର ଠାରୁ ଉପରସ୍ତର ପର୍ଯ୍ୟନ୍ତ ପ୍ରାଶାସନିକ ବ୍ୟବସ୍ଥାରେ ଅତ୍ୟନ୍ତ ଦୁର୍ନୀତି ହେଉଥିଲା । ୧୨୫ ଦିନର ରୋଜଗାର ସୁନିଶ୍ଚିତ ଶ୍ରମିକଙ୍କ ହାତକୁ ଯିବ ମଜୁରୀ ଅଧିକ ଦିନ କାମ, ଅଧିକ ଆୟ, ଅଧିକ ସୁରକ୍ଷା ଦେବା ଲକ୍ଷ୍ୟରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱରେ ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଏବଂ ଆଜୀବିକା ମିଶନ ଗ୍ରାମୀଣ (ଭିବିଜି ରାମ ଜି)ବିଲ୍ ସଂସଦରେ ପାସ ହୋଇ ଆଇନରେ ପ୍ରଣୟନ ହୋଇଛି । ମହାତ୍ମା ଗାନ୍ଧୀଙ୍କ ଗ୍ରାମ୍ୟ ସ୍ୱରୋଜଗାର ଲକ୍ଷ୍ୟକୁ ବାସ୍ତବରେ କିପରି ହାସଲ କରାଯାଇ ପାରିବ ତାହା ହେଉଛି ବିକଶିତ ଭାରତର ଉଦ୍ଦେଶ୍ୟ । କେବଳ ତାଙ୍କ ନାମକୁ ବ୍ୟବହାର କରି ରାଜନୈତିକ ଫାଇଦା ଉଠାଇବା ଆମର ଲକ୍ଷ୍ୟ ନୁହେଁ । ବିରୋଧୀ ଦଳଗୁଡିକ ନାନା ପ୍ରକାର ଅପପ୍ରଚାର କରୁଛନ୍ତି । ଏହାକୁ କୃଷକ ବିରୋଧୀ ଏବଂ ଗରିବ ବିରୋଧୀ ବୋଲି ସେମାନେ ଦର୍ଶାଉଛନ୍ତି । କିନ୍ତୁ କୃଷକ ଓ ଶ୍ରମିକ କଲ୍ୟାଣ ପାଇଁ ଏହି ଆଇନରେ ବ୍ୟାପକ ବ୍ୟବସ୍ଥା କରାଯାଇଛି ବୋଲି ଆଜି ସ୍ଥାନୀୟ ଅମ୍ବାପୁଆ ସ୍ଥିତ ଏସଥ୍ରୀ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ କର୍ମଶାଳାରେ ରାଜ୍ୟ ସାଧାରଣ ସମ୍ପାଦକ ଗଞ୍ଜାମ ଜିଲ୍ଲା ପ୍ରଭାରୀ ତଥା ବିକଶିତ ଭାରତ-ଜୀ ରାମଜୀର ରାଜ୍ୟ ପ୍ରମୁଖ ଶାରଦା ପ୍ରସାଦ ଶତପଥୀ କହିଛନ୍ତି । ୨୦୦୫ରେ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନା (ନରେଗା) ଆରମ୍ଭ କରାଯାଇଥିଲା । ଗତ ୨୦ ବର୍ଷ ଧରି ସାରା ଦେଶରେ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯାଉଛି । ୨୦୦୯ରେ ଉକ୍ତ ଯୋଜନାକୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମ ନିଯୁକ୍ତ ଯୋଜନା (ମନରେଗା)ରେ ନାମିତ କରାଯାଇଥିଲା ।

ମାତ୍ର ଏହାର ମୌଳିକ ଢାଞ୍ଚାରେ କୌଣସି ପରିବର୍ତ୍ତନ କରାଯାଇନଥିଲା । ଗାନ୍ଧୀଙ୍କ ନାମକୁ ବ୍ୟବହାର କରି ରାଜନୈତିକ ଫାଇଦା ଉଠାଇବାକୁ ୟୁପିଏ ସରକାର ଏମିତି କରିଥିଲେ । ଏଥିରେ ୧୦୦ ଦିନର ନିଶ୍ଚିନ୍ତ କର୍ମ ନିଯୁକ୍ତି ଦେବା ପାଇଁ ନିୟମ ଥିଲେ ମଧ୍ୟ ବାସ୍ତବରେ କେବଳ ୫୦ ଦିନ କାମ ମିଳୁଥିଲା । ମଜୁରୀ ପ୍ରଦାନରେ ବ୍ୟାପକ ଅନିୟମିତା ଦେଖିବାକୁ ମିଳିଥିଲା । ୟୁପିଏ ସରକାର ସମୟରେ ଯୋଜନାବଦ୍ଧ ଭାବେ ଏସବୁ ଦୁର୍ନୀତି ହୋଇଥିଲା । ବିହାରରେ ୬ ହଜାର କୋଟି ଓ ଉତ୍ତରପ୍ରଦେଶରେ ୧୦ ହଜାର କୋଟି ଟଙ୍କାର ଦୁର୍ନୀତି ହୋଇଥିଲା । ଓଡିଶା ମଧ୍ୟ ଏଥିରୁ ବାଦ ପଡି ନଥିଲା । ୨୦୧୨ ମସିହାରେ ସମ୍ବଲପୁରରେ କେତେଜଣ ମୃତବ୍ୟକ୍ତି, ରୋଗୀ ଏବଂ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ବ୍ୟକ୍ତିଙ୍କ ନାମରେ ମଜୁରୀ ଟଙ୍କା ଉଠାଯାଇଥିଲା । ମଷ୍ଟର ରୋଲରେ ମିଛ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଥିଲା । କିଛି ରାସ୍ତା କାମ ଆଦୌ କରାନଯାଇ ଅର୍ଥ ହଡପ କରାଯାଇଥିଲା । ଟେକ୍ନୋଲୋଜିକୁ ବ୍ୟବହାର କରି ଏସବୁ ଦୁର୍ନୀତି ରୋକିବା ଏବଂ ଯୋଜନାର ସଫଳ ରୂପାୟନ ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ "ଭିବି ଜି ରାମ ଜି ବିଲ୍ ପ୍ରଣୟନ କରିଛନ୍ତି । ଗ୍ରାମ ସ୍ୱରାଜ ଆଣିବା ପାଇଁ ଗାନ୍ଧୀଜୀଙ୍କ ଯେଉଁ ସ୍ୱପ୍ନ ଥିଲା ତାହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରି ବିକଶିତ ଆଡକୁ କିପରି ଅଗ୍ରସର ହେବା ସେନେଇ ନୂତନ ଯୋଜନାରେ ବ୍ୟବସ୍ଥା କରାଯାଇଛି । କର୍ମନିଯୁକ୍ତିର ଅବଧିକୁ ୧୦୦ ଦିନରୁ ବୃଦ୍ଧି କରାଯାଇ ୧୨୫ ଦିନ କରାଯାଇଛି । କୃଷକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଚାଷ ସମୟରେ ଓ ଅମଳ ସମୟରେ ଏହି କାମ ସମ୍ପୂର୍ଣ୍ଣ ବନ୍ଦ ରହିବ । ବର୍ଷକୁ ୬୦ ଦିନ ପର୍ଯ୍ୟନ୍ତ ଏହି ଅବଧି ରଖାଯାଇଛି । ଏହାଦ୍ୱାରା କୃଷି କ୍ଷେତ୍ରରେ ଶ୍ରମିକ ଅଭାବ ସମସ୍ୟା ଦୂରହେବ ଏବଂ ଅଯଥା ମଜୁରୀ ବଢ଼ିବା ସମସ୍ୟା ବନ୍ଦ ହେବ ।

ଏହି କର୍ମଶାଳାରେ ଜିଲ୍ଲା ସଭାପତି ସରୋଜ ସାବତ, ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ଦିଗପହଣ୍ଡି ବିଧାୟକ ଡ ସିଦ୍ଧାନ୍ତ ମହାପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ତଥା ବିକଶିତ ଭାରତ -ଜୀ ରାମ ଜୀ ର ଜିଲ୍ଲା ପ୍ରମୁଖ ଗୌରୀ ଶଙ୍କର ସାମନ୍ତରାୟ, ବରିଷ୍ଠ ନେତା କୁଞ୍ଜ ପାଣିଗ୍ରାହୀ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ମହନ୍ତ ଚିନ୍ମୟାନନ୍ଦ, ଜିଲ୍ଲାର ସମସ୍ତ ପିଆରଆଇ ମେମ୍ବର, ଜିଲ୍ଲା କମିଟି, ଜିଲ୍ଲାର ସମସ୍ତ ମୋର୍ଚ୍ଚା କର୍ମକର୍ତ୍ତା ଗଣ ଉପସ୍ଥିତ ଥିଲେ । ଆଗାମୀ ଦିନରେ ଏହି ଯୋଜନା ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପହଞ୍ଚି ଜନଜାଗରଣ ସୃଷ୍ଟି କରିବ ସେ ବିଷୟରେ ମଧ୍ୟ ଏହି କର୍ମଶାଳାରେ ଆଲୋଚନା ହେଲା ।

# ଗଞ୍ଜାମ ଜିଲ୍ଲାରେ ଇଡି ଚଢ଼ାଉ ଘଟଣା: ୨. ୬୩ କୋଟି ଜବତ

ବ୍ରହ୍ମପୁର, (ସବ୍ୟୁ): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ( ଇଡ଼ି)ର ଭୁବନେଶ୍ୱର ଜୋନାଲ ଅଫିସ୍ ପିଏମଏଲଏ, ୨୦୦୨ର ବ୍ୟବସ୍ଥା ଅନୁଯାୟୀ, ଗଞ୍ଜାମ ଜିଲ୍ଲାର ୨୫ ରୁ ଅଧିକ ସ୍ଥାନରେ ଏକ ବ୍ୟାପକ ତଲାସୀ ଅଭିଯାନ ଚଳାଇଥିଲା । ଛଅଟି ରାଜ୍ୟର ୧୭୫ ରୁ ଅଧିକ ଅଧିକାରୀ ବେଆଇନ ବାଲି ଏବଂ କଳାପଥର ଖଣିରେ ସମ୍ପୃକ୍ତ ଥିବା ଅଭିଯୋଗରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ସହିତ ଦେଶୀ ମଦ (ଭାଟି) କାରବାର ସହିତ ଜଡିତ ଠିକାଦାର ଏବଂ ମାଲିକଙ୍କ ସହିତ ଜଡିତ ସମ୍ପତ୍ତି ତଦନ୍ତ କରିଥିଲେ ।

ଦଲାଲ, ଗୁରୁତର ଅପରାଧିକ ପୂର୍ବବର୍ତ୍ତୀ ସିଣ୍ଡିକେଟ୍ ଏବଂ ସେମାନଙ୍କ ସହିତ ଜଡିତ ଅନ୍ୟାନ୍ୟ ବ୍ୟବସାୟିକ ଅଂଶୀଦାର । ଏଥିରେ ସେହି ବ୍ୟକ୍ତିମାନେ ସାମିଲ ଅଛନ୍ତି ଯେଉଁମାନେ ସେମାନଙ୍କର ବାହୁବଳୀ ଶକ୍ତି ବ୍ୟବହାର କରି ଖଣିଜ ବିକ୍ରୟ ଏବଂ ସେମାନଙ୍କ ଅଞ୍ଚଳର ଲୋକମାନଙ୍କୁ ଶୋଷଣ ଏବଂ ଆତଙ୍କିତ କରି କାର୍ଯ୍ୟ କରୁଥିଲେ ।

ପୂର୍ବରୁ, ଇଡ଼ି ଗଞ୍ଜାମ ଜିଲ୍ଲାରେ ମିଥ୍ୟା ୱାଇ-ଫର୍ମ (ଟ୍ରାନଜିଟ୍ ପରମିଟ୍) ବ୍ୟବହାର କରି ବେଆଇନ ଖଣିଜ ଖଣିଜ ଖଣିଜ ଖଣିଜ ପରିବହନ (ଚୋରାଚାଲାଣ) କରୁଥିବା ବିଭିନ୍ନ ବାଲି ସିଣ୍ଡିକେଟ୍ ବିରୁଦ୍ଧରେ ପଞ୍ଜିକୃତ ଅନେକ ଏଫଆଇଆର ଆଧାରରେ ଏକ ଇସିଆଇଆର ରେକର୍ଡ କରି ତଦନ୍ତ ଆରମ୍ଭ କରିଥିଲା । ଗଞ୍ଜାମ ଜିଲ୍ଲାର ଋଷିକୂଲ୍ୟା, ବାହୁଦା ଏବଂ ବଡ଼ା ନଦୀର ନଦୀ ଗର୍ଭରେ ବ୍ୟାପକ ଅବୈଧ ଖଣି ଖନନ ହେଉଥିବା ଯୋଗୁଁ ସରକାରୀ ରାଜକୋଷକୁ ପ୍ରଚୁର କ୍ଷତି ପହଞ୍ଚାଉଛି ।

ଏହି ସିଣ୍ଡିକେଟ୍‌ରେ ଅନେକ ସଦସ୍ୟଙ୍କ ବିରୁଦ୍ଧରେ ଗଞ୍ଜାମ ଜିଲ୍ଲାରେ ଏଫଆଇଆର୍ ରୁଜୁ ହୋଇଛି, ଯେଉଁଥିରେ ହତ୍ୟା, ଅପହରଣ, ଶାରୀରିକ ଆକ୍ରମଣ, ଜାଲିଆତି, ଠକେଇ ଏବଂ ବଟି ଆଦାୟ ଭଳି ଗମ୍ଭୀର ଅପରାଧ ସାମିଲ ଅଛନ୍ତି । ତଲାସୀ ପରେ, ମୋଟ ୨.୬୩ କୋଟି ଟଙ୍କା ନଗଦ ସହିତ ଅନେକ ଅପରାଧିକ କାଗଜପତ୍ର, ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତି ରେକର୍ଡ ଏବଂ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ଦ୍ୱାରା ସମ୍ପାଦିତ ବିଦ୍ୟୁତ ଚୁକ୍ତିନାମା ଏବଂ ଖଣି ଲିଜ୍ ସମେତ ଚୁକ୍ତିନାମା ଜବତ କରାଯାଇଥିଲା । ଏହି ମାମଲାର ଅଧିକ ତଦନ୍ତ ଜାରି ରହିଛି ।

# ତିନିଶହରୁ ଊର୍ଦ୍ଧ୍ୱ ଗୋରୁ ପୋଲିସ ଜୀମା ଦେଲେ ଗୋ ସେବକ



ବାରିପଦା, (ସବ୍ୟୁ) : ୩୦୦ରୁ ଉଦ୍ଧର୍ବ ଗୋ ଚାଲାଣ ବେଳେ ଧରିଲେ ଗୋ ରକ୍ଷକ, ମୟୂରଭଞ୍ଜ ଜିଲ୍ଲା ଝାରପୋଖରିଆ ପୋଲିସକୁ ୩୦୦ରୁ ଉର୍ଦ୍ଧ୍ୱ ଗୋରୁଙ୍କୁ ଦେଲେ ଜିମା। ଗତକାଲି ମୟୂରଭଞ୍ଜ ଜିଲ୍ଲା ଦେଇ ୪୯ ନଂ ଜାତୀୟ ରାଜପଥ ଦେଇ ପଶ୍ଚିମବଙ୍ଗକୁ ଶହ ଶହ ଗୋରୁ ଚାଲାଣ ବେଳେ ବିଳମ୍ବିତ ରାତିରେ ଏହି ଚଢାଉ କରାଯାଇଛି । ୪୯ ନଂ ଜାତୀୟ ରାଜପଥ ହେଉଛି ଗୋରୁ ମାଫିଆଙ୍କ ପେଣ୍ଠସ୍ଥଳୀ, ଏହି ଅଞ୍ଚଳ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ରାଜ୍ୟର ସିମାନ୍ତ ଅଞ୍ଚଳ ହୋଇଥିବାବେଳେ ଝାରପୋଖରିଆରୁ ମାତ୍ର ୩୦ କିମି ଗଲେ ପଶ୍ଚିମବଙ୍ଗର ଫେଙ୍କ ହାଟ ଯାହା ଏସିଆର ଏକ ବୃହତ ଗୋରୁ ହାଟ । ଫେଙ୍କ ହାଟକୁ ଏହି ୪୯ନଂ ଜାତୀୟ ରାଜପଥ ଦେଇ ରାତି, ଦିନରେ ଶହ ଶହ ଗୋରୁଙ୍କୁ ଚଲାଇ ଚଲାଇ ତ କେତେବେଳେ ବଡ ବଡ କଣ୍ଟେନରରେ ଗୋରୁ ଚାଲାଣ କରାଯାଇଥାଏ । ଏହିପରି ଶହ ଶହ ଗୋରୁ ପ୍ରତିଦିନ ଚାଲାଣ ହେଉଥିବାବେଳେ ଆଜି ହଠାତ ଗୋ ରକ୍ଷା କର୍ମୀ ଏହାକୁ ବିରୋଧ କରିବା ସହ ଗୋରୁ ମାନଙ୍କୁ ପୋଲିସରେ ଜିମା ଦେଇଥିଲେ । ଝାରପୋଖରିଆ ରେ ଅନେକ ଗୋରୁ ମାଫିଆ ରହିଛନ୍ତି ଯେଉଁମାନେ ଓଡ଼ିଶାର ଭଦ୍ରକ, ଯାଜପୁର, କେନ୍ଦୁଝର, ବାଲେଶ୍ୱର ଆଦି ଅଞ୍ଚଳରୁ ଗୋରୁ ଏହି ବାଟ ଦେଇ ବଡର ପାର କରିଥାଆନ୍ତି । ତେବେ ଓଡ଼ିଶା ପୋଲିସ ଏକ ବଡ଼ ଧରଣର ଆହ୍ୱାନ ପରେ ଗୋ ମାଫିଆଙ୍କ ମଧ୍ୟରେ ଛନକା ପଶିଛି । ବେଆଇନ ଭାବେ ଗୋ ଚାଲାଣ ରେ ସଂପୃକ୍ତ ୭ଜଣଙ୍କୁ ଅଟକ ରଖି ପୋଲିସ ପଚରାଉଚରା ମଧ ଜାରି ରଖିଛି । ଏତେ ପରିମାଣରର ଗୋରୁଙ୍କୁ ଏବେ ଡାକ୍ତରୀ ପରୀକ୍ଷା ସହ ଅନେକ ଅସୁସ୍ଥ ଗୋରୁଙ୍କ ଚିକିତ୍ସା ମଧ କରାଯାଇ ସେଗୁଡିକକୁ ରେସକ୍ୟୁ ସେଣ୍ଟରକୁ ପଠାଯିବ ପାଇଁ ବ୍ୟବସ୍ଥା କରାଯାଇଛି ।

# ଇନିସ୍‌ପେକ୍ଟରସ୍ତରରେ ଅଦଳ ବଦଳ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ଜିଲ୍ଲା ପୋଲିସ ପକ୍ଷରୁ ଇନିସ୍ପେକଟର ସ୍ତରରେ ବଡ଼ ଧର ଧରଣର ଅଦଳ ବଦଳ ହୋଇଛି । ଏଥିରେ ୯ ଜଣ ଇନିସ୍ପେକଟରଙ୍କୁ ବିଭିନ୍ନ ନୂଆ ଦାୟିତ୍ୱ ପ୍ରଦାନ କରାଯାଇଛି । ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅଧିକାରୀ ସୁଚିତ୍ରା ପରିଡ଼ା ଓ ବଡ଼ବଜାର ଥାନା ଅଧୂକାରୀ ବାବା ଶଙ୍କର ସରାଫଙ୍କୁ ପୋଲିସ ଜିଲ୍ଲା ମୁଖ୍ୟାଳୟରେ ଆଇୟୁସିଏଡବ୍ଲ୍ୟୁ ବିଭାଗକୁ ବଦଳି ହୋଇଛି ।

ସେହିପରି ମହିଳା ଥାନା ଅଧିକାରୀ ଦାୟିତ୍ୱରେ ଥିବା ଅହଲ୍ୟା ମହାରଣାଙ୍କୁ ଜିଲ୍ଲା ମୁଖ୍ୟାଳୟ ଡିସିଆର୍ବି ବିଭାଗ ଦାୟିତ୍ୱ ଦିଆଯାଇଛି। ପଦୋନ୍ନତି ପରେ ବ୍ରହ୍ମପୁର ଟାଉନ୍ ଥାନାରେ କାର୍ଯ୍ୟରତ ସୁଜତା କଂହରଙ୍କୁ ମହିଳା ଥାନା ଅଧୂକାରୀ ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ବିଭିନ୍ନ ଜିଲ୍ଲାରୁ ବଦଳି ହୋଇ ବ୍ରହ୍ମପୁର ପୋଲିସ ଜିଲ୍ଲାକୁ ଆସିଥିବା ସୁବ୍ରତ କୁମାର ବେହୁରାଙ୍କୁ ବୈଦ୍ୟନାଥପୁର ଥାନା, ଆଶିଷ କୁମାର ସ୍ୱାଇଁଙ୍କୁ ବଡ଼ବଜାର ଥାନା, ପ୍ରତାପ କୁମାର ଦାଶଙ୍କୁ ଗୋଶାଣିନୁଆଗାଁ ଥାନା, ସୌମ୍ୟ ରଞ୍ଜନ ଜାଲି ଓ ଗାୟତ୍ରୀ ଗୋଚ୍ଛାୟତଙ୍କୁ ବ୍ରହ୍ମପୁର ସାଇବର ଥାନା ଅତିରିକ୍ତ ଅଧୂକାରୀ ଦାୟି ଦିଆଯାଇଛି । ଏ ନେଇ ବ୍ରହ୍ମପୁର ପୋଲିସ ଜିଲ୍ଲା ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି ।

# ଓଡ଼ିଶା ଚିତ୍ରାଳୟ ମାଲିକ ସଂଘର ବାର୍ଷିକ ଉତ୍ସବ



ବ୍ରହ୍ମପୁର, (ସବ୍ୟୁ): ସ୍ଥାନୀୟ ଗୋସାଇଁ ନୂଆଗାଁ ଗୋପାଳକୃଷ୍ଣ ରଙ୍ଗମଞ୍ଚ ଠାରେ ରବିବାର ଓଡ଼ିଶା ଚିତ୍ରାଳୟ ମାଲିକ ମହାସଂଘ ନୟାଗଡ଼ର ୨୧ ତମ ବାର୍ଷିକ ଉତ୍ସବ ୨୦୨୬ ସଭାପତି ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି । ଏହି ଅବସରରେ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସୁରଥ ପ୍ରଧାନ, ଗଂଜାମ ଜିଲ୍ଲା ଦଣ୍ଡକାଳୀ ମହାସଂଘ ସଭାପତି ବ୍ରଜ ସୁନ୍ଦର ମଳିକ, ଗଂଜାମ ସଂଘ ସଭାପତି ଦିଲିପ କୁମାର ସାମନ୍ତରା, ସଚିବ ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ଉପଦେଷ୍ଟା ବିଜୟ କୁମାର ସାହୁ, ମୀନକେତନ ମହାପାତ୍ର, ନୟାଗଡ଼ ସଭାପତି ଭିମସେନ ବେହେରା, ଧ୍ରୁବ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।

ସଂଘ ସଚିବ ଆଚାର୍ଯ୍ୟ ସଂପାଦକୀୟ ବୀବରଣୀ ପାଠ କରିଥିବା ବେଳେ ଏଠାରେ ଅତିଥି ମାନଙ୍କ ଦ୍ୱାରା ନୂତନ ବର୍ଷର କ୍ୟାଲେଣ୍ଡର ଉନ୍ମୋଚିତ କରାଯାଇଥିଲା । ପରେ ସୁରଥ ଚନ୍ଦ୍ର ପ୍ରଧାନ, ବ୍ରଜ ସୁନ୍ଦର ମଳିକ, ବିଜୟ କୁମାର ସାହୁ, ମୀନକେତନ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ଚିତ୍ରାଳୟ କର୍ମଚାରୀ ଚିତ୍ତରଞ୍ଜନ ଦଳାଇ, ତେଜରାଜ ପ୍ରଧାନ, ଉତ୍ତରାଶି ପ୍ରଧାନ, ବଳରାମ ନାହାକ, କବିରାଜ ପ୍ରଧାନ, ମୂରଲୀଧର ଦାସ, ଟୁନା ଜେନା ଓ ଶିବରାମ ପ୍ରଧାନଙ୍କୁ ଅନୁରୁପ୍ ସମ୍ମାନିତ କରାଯାଇଥିଲା । ସଂଘ ୨୧ ବର୍ଷ ଧରି ଦୃଢ଼ତାର ସହିତ ରହିଥିବାରୁ ସଂଘକୁ ଭୂୟସୀ ପ୍ରଶଂସା କରିଥିଲେ । ଏଠାରେ ସାମ୍ବାଦିକ ତଥା କଣ୍ଠଶିଳ୍ପୀ ସୁଦୀପ କୁମାର୍ ସାହୁ, ନବ କିଶୋର ମହାପାତ୍ର, ମଧୁସ୍ମିତା ଦାସ, ସୁନିର ବିଶ୍ୱାସ, ଅଜୟ ପ୍ରମୁଖ ସଙ୍ଗୀତ ଗାନ କରିଥିବାବେଳେ ସମସ୍ତ କଣ୍ଠ ଶିଳ୍ପୀଙ୍କୁ ସମ୍ମାନିତ କରାଯାଇଥିଲା । ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍ୱଦେଶୀ ଜାଗରଣ ମଞ୍ଚ ଓ ସ୍ୱାବଲମ୍ବୀ ଭାରତ ଅଭିଯାନ ଆନୁକୂଲ୍ୟରେ 'ସ୍ୱଦେଶୀ ସଂକଳ୍ପ ଦୌଡ଼'

ବାରିପଦା, (ସବ୍ୟୁ) : "ସ୍ୱଦେଶୀ ଜାଗରଣ ମଞ୍ଚ ଓ "ସ୍ୱାବଲମ୍ବୀ ଭାରତ ଅଭିଯାନର ମିଳିତ ଆନୁକୂଲ୍ୟରେ ବାରିପଦାରେ ରବିବାର ଦିନ ଏକ ବଡ଼ ଧରଣର "ସ୍ୱଦେଶୀ ସଂକଳ୍ପ ଦୌଡ଼" ଆୟୋଜିତ ହୋଇଯାଇଛି। ସ୍ଥାନୀୟ ଛଉ ପଡିଆରୁ ବାହାରି ବାରିପଦା ଅମ୍ବିକା ମନ୍ଦିର, ବଡ଼ ବଜାର, ଟ୍ରାଫିକ ଛକ, କାଳୀ ମାର୍କେଟ, ଷ୍ଟାଡିଅମ ଗୋଲେଇ ପ୍ରଭୃତି ଦେଇ ସହର ପରିକ୍ରମା କରିଥିବା ଏହି "ଗଣ ଦୌଡ଼ରେ ଅନ୍ୟମାନଙ୍କ ସହ ବହୁସଂଖ୍ୟକ ଯୁବଛାତ୍ର ସାମିଲ ହୋଇ ସ୍ୱଦେଶୀ ଜିନିଷ କିଣିବା, ସ୍ୱଦେଶୀ ଭାବନାକୁ ଆପଣେଇବା ଓ ସବୁ କ୍ଷେତ୍ରରେ ସ୍ୱଦେଶୀକୁ ପ୍ରଥମିକତା ଦେବା ଇତ୍ୟାଦି ସପକ୍ଷରେ ଧ୍ୱନିମାନ ଦେଇଥିଲେ । ଏଥିସହ ଏମାନେ ଏହି ମର୍ମରେ ଲୋକଙ୍କୁ ବୁଝାଇବା ସହ ସାମୂହିକ ସଂକଳ୍ପ ପାଠ ମଧ କରାଇଥିଲେ ।

ବିଜୟ କୁମାର ଦାସ, ତୁଷାରକାନ୍ତ ମହାନ୍ତ, ବିଶ୍ୱେଶ୍ୱର ଦ୍ୱିବେଦୀ, ଗୋରାଚାନ୍ଦ ମହାନ୍ତ, ରଞ୍ଜନ ନାଏକ ଓ ହେମଲତା ଦାସ ପ୍ରମୁଖଙ୍କ ଦ୍ୱାରା ପରିଚାଳିତ ଏହି "ସ୍ୱଦେଶୀ ପାଇଁ ଦୌଡ଼ର କବିବିଷ୍ଣୁ ଶତପଥୀ, ଲକ୍ଷ୍ମୀଧର ହାବଡ଼ା, ଶୋଭାବତୀ ଓତା, ନରୋତ୍ତମ ପାଣିଗ୍ରାହୀ, ମମତା ମଣ୍ଡଳ, ସୌମ୍ୟ ରଞ୍ଜନ ମିଶ୍ର, ଫକୀର ସିଂ, ଶ୍ରଦ୍ଧାଞ୍ଜଳି ପଣ୍ଡା, ଜ୍ଞାନ ରଞ୍ଜନ ଜେନା, ପାୟଲ ରାୟ, ଶ୍ରୀକାନ୍ତ ତ୍ରିପାଠୀ, ସୁବ୍ରତ ମୁଖୀ, ରସିକାନନ୍ଦ ମିଶ୍ର, ଦେବବ୍ରତ ସାମଲ, ଅମିତ ନାୟକ, ତରୁଣ ପାଲବାବୁ, ସଞ୍ଜୟ ରାମ, କୃଷ୍ଣା ବେହେରା, ସଞ୍ଜୟ ପଟ୍ଟନାୟକ, ଶମ୍ଭୁନାଥ ସାହୁ, ଦୀପାଳି ନାଏକ, ଇନ୍ଦୁଭୂଷଣ ଜେନା, ସୁମିତ୍ରା କୁଅଁରବାବୁ, ଶୁଭସ୍ମିତା ବେହେରା, ଯଶୋଦା ଦାସ, ସୃଷ୍ଟି ହୋତା, ବିନୋଦ ଦାସ, ସୋମନାଥ ଦାସ, ସ୍ୱାକୃତି ଶତପଥୀ, ଗୀତା ଦାସ, ମାଧବାନନ୍ଦ ସାହୁ ଓ ବିଜୟ ହୋତା ପ୍ରମୁଖଙ୍କ ନେତୃତ୍ୱରେ ବହୁସଂଖ୍ୟକ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ ।

# ବୁଗୁଡ଼ା ବନାଞ୍ଚଳରେ ପକ୍ଷୀ ଗଣନା କାର୍ଯ୍ୟକ୍ରମ

ବୁଗୁଡା, (ସବ୍ୟୁ) : ସ୍ଥାନୀୟ ବନ ବିଭାଗ ପକ୍ଷରୁ ବୁଗୁଡା ବନାଞ୍ଚଳ ଅନ୍ତର୍ଗତ ବିଭିନ୍ନ ଜଳାଶୟ ତଥା ଆର୍ଦ୍ରଭୂମି ସ୍ଥାନରେ ପକ୍ଷୀ ଗଣନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବନାଞ୍ଚଳ ଅଧିକାରୀ ମାନସ କୁମାର ସାହୁଙ୍କ ତ%୦ାବଧାନରେ ଅନୁଷ୍ଠିତ ଉକ୍ତ ଗଣନା କାର୍ଯ୍ୟକ୍ରମ ନିମନ୍ତେ ବାରଟି ଦଳ ଗଠିତ ହୋଇଥିଲା ବେଳେ ପ୍ରତ୍ୟେକ ଦଳରେ ଚାରି ଜଣ ଲେଖାଏଁ ରହିଥିଲେ । ଏହି ୧୨ଟି ଦଳ ବୁଗୁଡା ବନାଞ୍ଚଳ ଅନ୍ତର୍ଗତ ବାଘୁଆ ଜଳଭଣ୍ଡାର, ଚିଲିଖମା, ବାଲିପଦର, ଛାମୁଣ୍ଡା, ମାଣିତରା, ଜିଲିବା, ଇନ୍ଦ୍ରଗଡ ଆଦି ଗ୍ରାମାଞ୍ଚଳର ଆଦ୍ରର୍ଭୁମି ସ୍ଥାନମାନଙ୍କରେ ପକ୍ଷୀ ଗଣନା କରିଥିଲେ । ବନପାଳ, ବନରକ୍ଷୀ ଓ ସ୍କାର୍ଡ କର୍ମଚାରୀଙ୍କୁ ନେଇ ଗଠିତ ପକ୍ଷୀ ଗଣନାକାରୀ ଦଳଗୁଡିକ ସକାଳ ଛଅଟାରୁ ଏଗାରଟା ପର୍ଯ୍ୟନ୍ତ ଏହି ଗଣନା କାର୍ଯ୍ୟ ଚାଲିଥିଲା ବେଳେ ଦେଶୀୟ ପକ୍ଷୀ ସାଙ୍ଗକୁ ବିଦେଶୀ ପକ୍ଷୀ ମଧ୍ୟ ଦେଖିବାକୁ ମିଳିଥିଲା । ତେବେ ଗତବର୍ଷ ତୁଳନାରେ ଏବର୍ଷ ପକ୍ଷୀ ସଂଖ୍ୟାରେ ବୃଦ୍ଧି ଘଟିଥିବା ନେଇ ବନ ବିଭାଗ ପକ୍ଷରୁ ପ୍ରକାଶ ପାଇଛି ।

# ଗଜାପଦର ଗ୍ରାମରେ ଫସଲ ନଷ୍ଟ କଲେ ହାତୀପଲ

ଭଞ୍ଜନଗର, (ସବ୍ୟୁ) : ଗତକାଲି ରାତ୍ରରେ କୁଲାଡ଼ଗ୍ରାମ ନିକଟ ଗଜାପଦର ଗ୍ରାମରେ ୨୪ଟି ହାତୀ ଆସି କୃଷକ କାଳୁଚରଣ ସ୍ୱାଇଁଙ୍କ ଟିଣ ଘରେ ଗଛିତ ଥିବା ୬୫ ବସ୍ତା ମଧ୍ୟରୁ ୭ ବସ୍ତା ଧାନ ନଷ୍ଟ କରିବା ସହ ଫସଲ ମଧ୍ୟ ନଷ୍ଟ କରିଥିବା ବନପାଳ ଶରତ ମହାନ୍ତି ସୂଚନା ଦେଇଛନ୍ତି । ଧାନବସ୍ତା ଗୁଡିକ ରାସ୍ତା କଡ ଗୋଟିଏ ଟିଣ ଘରେ ଗଛିତ ଥିବାବେଳେ ଗତ ରାତ୍ରରେ ହାତୀପଲର ଉପଦ୍ର ଦ୍ୱାରା ଧାନ ବସ୍ତା ସହ ଘରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବାର ଦେଖିବାକୁ ମିଳିଛି । ଖବର ପାଇ ସ୍ଥାନୀୟ ବନପାଳ ଶରତ ମହାନ୍ତି ତାଙ୍କର କର୍ମଚାରୀମାନଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ କ୍ଷତିପୂରଣ ପାଇଁ ଜନସେବା କେନ୍ଦ୍ରରେ ଆବେଦନ କରିବାକୁ ଶ୍ରୀ ସ୍ୱାଇଁଙ୍କୁ ପରାମର୍ଶ ଦେଇଛନ୍ତି । ସରକାରୀ ନିୟମ ଅନୁଯାୟୀ ଆବଶ୍ୟକୀୟ ସାହାର୍ଯ୍ୟ ପ୍ରଦାନ କରାଯିବା ସହ ହାତୀକୁ ସୁରକ୍ଷା ଦେବାସହ ଅମଳ କରାଯାଇଥିବା ଫସଲ ସୁରକ୍ଷାରେ ରଖିବାକୁ ଚାଷି ମାନକୁ ପରାମର୍ଶ ଦେଇଥିଲେ । ପ୍ରକାଶ ଥାଉକି ଉକ୍ତ ହାତୀପଲ ଅନେକଥର ଏହି ଅଞ୍ଚଳରେ ବୁଲୁଥିବାର ନଜର ରହିଛି ।

# ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



କଟକ, (ସ୍ୱପ୍ର): ଢେଙ୍କାନାଳ ଜିଲ୍ଲା କନ୍ଦରସିଂହାର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ଅଷ୍ଟାଦଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଭାପତି ରମେଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଏବଂ ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ବିଜେପି ଜିଲ୍ଲା ସଭାପତି ରାହସ ବିହାରୀ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ପୂର୍ବକ୍ଷେତ୍ର ଶିକ୍ଷା ବିକାଶ ସମିତି ଓଡିଶା, ସହମନ୍ତ୍ରୀ ହେମନ୍ତ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାରତ ବର୍ଷର ଏକ ନମ୍ବର ମାନ୍ୟତାପ୍ରାପ୍ତ ଖାଇବା ତେଲ ଫ୍ରିଡମର ଓଡିଶା ହେଡ ଅମୀୟ କୁମାର ଧଳ, ପରଜଙ୍ଗ ବ୍ଲକ ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ ପ୍ରମୁଖ ଯୋଗଦେଇ ଉଦଘାଟନ କରି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ପାଦକ କୃତିବାସ ମୁଦୁଲି ବାର୍ଷିକ ବିବରଣୀ ପାଠ କରିଥିଲେ ।

ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଭାଙ୍କୁ ଅତିଥି ମାନେ ପୁରସ୍କୃତ କରିଥିବା ବେଳେ କାର୍ଯ୍ୟକ୍ରମକୁ ପରିଚାଳନା ସମିତିର ସଭ୍ୟ କ୍ଷୀରୋଦ କୁମାର ସାହୁ ସହଯୋଗ କରିଥିଲେ ।

# ଚଳନ୍ତା ଅଟୋକୁ ଡେଇଁଲା ମାଙ୍କଡ : ଗାଡ଼ି ଓଲଟି ଡ୍ରାଇଭର ମୃତ

ଧରାକୋଟ, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ତାଳପାଟଣା ନିକଟରେ ଚଳନ୍ତା ଅଟୋ ଆଗକୁ ମାଙ୍କଡ ଡେଇଁବାରୁ ଭାରସାମ୍ୟ ହରାଇ ଓଲଟିଲା ଅଟୋ । ଫଳରେ ଅଟୋ ଡ୍ରାଇଭର ମୃତ୍ୟୁ ଘଟିଛି । ମୃତ ଡ୍ରାଇଭର ଜଣଙ୍କ ହେଲେ ସୋରଡ଼ାର କୋଡ଼ିଏ ବର୍ଷୀୟ ଋତୁ କାର୍ଜି । ସୂଚନା ଅନୁସାରେ ଋତୁ କାର୍ଜି ଚେନ୍ନାଇରୁ ଆସୁଥିବା ନିଜ ଭାଇ ଭାଉଜକୁ ଅଟୋରେ ଧରି ଆସିକା କାଳଷ୍ଟପୁର ଠାରୁ ସୋରଡ଼ା ଯିବା ସମୟରେ ଧରାକୋଟ ତାଳପାଟଣା ଠାରେ ଚଳନ୍ତା ଅଟୋ ଆଗକୁ ମାଙ୍କଡ ଡିଆଁ ମାରିଥିଲା । ଫଳରେ ଘଟଣା ସ୍ଥଳରେ ଭାରସାମ୍ୟ ହରାଇ ଅଟୋଟି ଓଲୋଟି ପଡ଼ିବାରୁ ଘଟଣା ସ୍ଥଳରେ ଅଟୋ ଡ୍ରାଇଭର ଜଣଙ୍କ ଗୁରୁତର ହୋଇଥିଲେ । ଗୁରୁତର ଅଟୋ ଡ୍ରାଇଭରଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ସେଇ ଅଟୋ ମାଧ୍ୟମରେ ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆ ଯାଇଥିଲା । ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଛନ୍ତି । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି ।

# ବାସ୍ତବ ପରିବାରର ବାର୍ଷିକ ଉତ୍ସବ




ବାରିପଦା, (ସବ୍ୟୁ) : ୧୯୭୫ ମସିହାରେ ମେଟ୍ରିକ ପାସ କରିଥିବା ଛାତ୍ରମାନେ ସମାଜର ବିଭିନ୍ନ କ୍ଷେତ୍ରରେ ନିଜ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ତାଙ୍କ ଦ୍ୱାରା ଗଠିତ ବାସ୍ତବ ପରିବାରର ବାର୍ଷିକ ଉତ୍ସବ ବାରିପଦା ପୌରାଞ୍ଚଳ ଅନ୍ତର୍ଗତ ବିଜୟ ରାମଚନ୍ଦ୍ରପୁର ସ୍ଥିତ ଗୋବିନ୍ଦମ ଜଙ୍ଗଲ ରିସର୍ଟରେ ଅନୁଷ୍ଠିତ ହୋଇଯାଇଛି। ୨୦୨୫ ମସିହାରେ ପରଲୋକ ଗମନ କରିଥିବା ସାଥି ଡଃ ବାର୍ସା ଟୁଡୁ, କୃଷି ବିଭାଗ ଅବସରପ୍ରାପ୍ତ ଅତିରିକ୍ତ ନିର୍ଦ୍ଦେଶକ ଉମେଶ ଦାସ ଓ ପ୍ରାଣୀ ଚିକିତ୍ସା ବିଭାଗର ଅବସରପ୍ରାପ୍ତ କର୍ମଚାରୀ ଗିରିଜା ଶଙ୍କର ଦାସଙ୍କ ଅମର ଆତ୍ମାର ସଦଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା।

ସଭାପତି ରବୀନ୍ଦ୍ର ସାହୁ ସଂଗଠନର ବିଭିନ୍ନ ସେବାମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ପ୍ରତିବର୍ଷ ମୟୂରଭଞ୍ଜ ଜିଲ୍ଲାରେ ମେଟ୍ରିକ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପରୀକ୍ଷାର୍ଥୀଙ୍କୁ ସୁନନ୍ଦନ ସ୍ମୃତି ପୁରସ୍କାର ବାବଦରେ ୧୦ହଜାର ଟଙ୍କାର ପ୍ରତ୍ସାହନ ରାଶି ପ୍ରଦାନ କରାଯିବ ବୋଲି ସେ ଘୋଷଣା କରିଥିଲେ। ସେହିପରି ସୁନନ୍ଦନଙ୍କ ସ୍ମୃତିରେ ଖୁଆଡ଼ ଉଚ୍ଚ ବିଦ୍ୟାଳୟକୁ ୫୦ହଜାର ଟଙ୍କାର ପୁସ୍ତକ ଏବଂ ଏମକେସି ଉଚ୍ଚ ବିଦ୍ୟାଳୟକୁ ପୁସ୍ତକ ପ୍ରଦାନ କରାଯିବବୋଲି ଶ୍ରୀ ସାହୁ କହିଥିଲେ। ବାସ୍ତବ ପରିବାରର ଜମି ମିଳିବା ପରେ ଗୃହ ନିର୍ମାଣ ପାଇଁ ସମସ୍ତ ବ୍ୟୟ ସଦସ୍ୟ ନନ୍ଦଲାଲ ମିଶ୍ର ପ୍ରଦାନ କରିବେ ବୋଲି ପ୍ରକାଶ କରିଥିଲେ। ସମ୍ପାଦକ ପ୍ରଦୀପ କିଶୋର ମହାନ୍ତି, ଉପ ସଭାପତି କଲ୍ୟାଣ କୁମାର ସିହ୍ନା, ସହ ସମ୍ପାଦକ ପ୍ରଦୀପ ପାଣିଗ୍ରାହୀ ଓ କୋଷାଧ୍ୟକ୍ଷ୍ୟ ସର୍ବତୋଷ ଦାଶ ବାସ୍ତବ ପରିବାରର ସଫଳତା ପାଇଁ ସମସ୍ତ ସଦସ୍ୟଙ୍କ ସହଯୋଗ କାମନା କରିଥିଲେ। ଆଗାମୀ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଭାବେ ଶାନ୍ତନୁ କୁମାର ପାଢ଼ୀ, ସଭାପତି, ଚକ୍ରଧର ମହାପାତ୍ର ଉପ ସଭାପତି, ଅରୁଣ କୁମାର ପାତ୍ର, ସମ୍ପାଦକ, ଜୟନ୍ତ ସେନାପତି, ସହ ସମ୍ପାଦକ ଏବଂ ସର୍ବତୋଷ ଦାଶ କୋଷାଧ୍ୟକ୍ଷ ଭାବେ ନାମ ଘୋଷଣା କରାଯାଇଥିଲା।

# ଗଜପତି ଉତ୍ସବ-୨୦୨୫ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

ପାରଳାଖେମୁଣ୍ଡି, (ସବ୍ୟୁ) : ଗଜପତି ଉତ୍ସବ-୨୦୨୫ ପଲ୍ଲିଶ୍ରୀ ମେଳା ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ମେଳା ଉଦଘାଟିତ ହୋଇଯାଇଛି । ରବିବାର ଅପରାହ୍ଣରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ଠାରୁ ଗଜପତି ଉତ୍ସବ ମଶାଲ ଶୋଭାଯାତ୍ରା ବାହାରି ଗଜପତି ଷ୍ଟାଡିୟମ୍ ଠାରେ ଅଣାଯାଇଥିଲା । ଏଥିରେ ସ୍ଥାନୀୟ ଲୋକ କଳା ସଂସ୍କୃତି ପ୍ରଦର୍ଶନୀ ସହିତ ବହୁ ଜନସାଧାରଣ ପ୍ରମୁଖ ଯୋଗ ଦେଇଥିଲେ ।

ଏହି ଅବସରରେ ଅକ୍ଷୟ ସୁନିଲ ଅଗ୍ରଓ୍ୱାଲ, ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ, ଜିଲ୍ଲା ସଂସ୍କୃତି ପରିଷଦ ଗଜପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ବିଧାୟକ ଦାଶରଥି ଗମାଙ୍ଗ, ଅଧ୍ୟକ୍ଷ ଜିଲ୍ଲାପରିଷଦ ଜି. ତିରୁପତି ରାଓ, ଆରକ୍ଷୀ ଅଧିକ୍ଷକ ଗଜପତି ଯତୀନ୍ଦ୍ର କୁମାର ପଣ୍ଡା, ଅଧ୍ୟକ୍ଷା ପୌରପରିଷଦ ପାରଳାଖେମୁଣ୍ଡି ନିର୍ମଳା ସେଠୀ ପ୍ରମୁଖ ମଞ୍ଚାସିନ ଥିଲେ । ୧୮ ତାରିଖ ଠାରୁ ୨୨ ତାରିଖ ପର୍ଯ୍ୟନ୍ତ ଦୀର୍ଘ ପାଞ୍ଚ ଦିନ ଧରି ଏହା ମହା ଆଡ଼ମ୍ବରରେ ଅନୁଷ୍ଠିତ ହେବ । ଜିଲ୍ଲାରେ ଉତ୍ପାଦିତ କୁଟୀର ଶିଳ୍ପ ସାମଗ୍ରୀ, କୃଷି ଜାତ ଦ୍ରବ୍ୟ, ହସ୍ତତନ୍ତ ସାମଗ୍ରୀ ଓ ସଉରା ଚିତ୍ରକଳା ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସୁଥିବା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଗୁଡିକର ପ୍ରଦର୍ଶନୀ ଓ ବିକ୍ରି କରାଯିବ ।

# ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଅନୁଗୋଳ ଗସ୍ତ




ଅନୁଗୁଳ, (ସବ୍ୟୁ): ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦିନିକିଆ ଅନୁଗୋଳ ଗସ୍ତରେ ଆସି ରବିବାର ଅପରାହ୍ନରେ ସ୍ଥାନୀୟ ସର୍କିଟ ହାଉସ୍ ସମ୍ମିଳନୀ କକ୍ଷ ଠାରେ ବିଭିନ୍ନ ବିଭାଗର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତର ମାନ୍ୟବର ମନ୍ତ୍ରୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରିଥିଲେ ।

ଏହି ସମୀକ୍ଷା ବୈଠକରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡା ବିଧାୟକ ଅଶୋକ ମହାଲି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦୀପ ଗଡନାୟକ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ଯୋଗ ଦେଇଥିଲେ ।

ଏହି ବୈଠକରେ ମନ୍ତ୍ରୀ ଯୋଗାଣ ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ପୂର୍ତ୍ତ, ଉଠା ଜଳସେଚନ, କ୍ଷୁଦ୍ର ଜଳସେଚନ, ପ୍ରାଣୀ ସମ୍ପଦ, କୃଷି, ଉଦ୍ୟାନ କୃଷି, ଗ୍ରାମ୍ୟ ଗୃହ ନିର୍ମାଣ, ବିଦ୍ୟାଳୟ ଓ ଗଣଶିକ୍ଷା, ମହିଳା ଓ ଶିଶୁ ବିକାଶ, ସାମାଜିକ ସୁରକ୍ଷା ବିଭାଗ ଆଦି ସମ୍ପର୍କରେ ସମୀକ୍ଷା କରିଥିଲେ। ବିଭାଗୀୟ ଅଧିକାରୀମାନଙ୍କୁ ଧନ୍ୟବାଦ ଦେଇ ଜିଲ୍ଲାର ସମସ୍ୟାର ସମାଧାନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ।

ଏହାବ୍ୟତୀତ ସରକାରୀ ଜମିକୁ ଜବର ଦଖଲ ମୁକ୍ତ କରିବା ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବା ସହ ଜିଲ୍ଲାର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ବିଷୟରେ ଆଲୋଚନା କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନା, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ପାଲଲହଡା ଉପଜିଲ୍ଲାପାଳ ରବିନ୍ଦ୍ର କୁମାର ପଟେଲଙ୍କ ସମେତ ସମସ୍ତ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

# ମର୍ମନ୍ତୁଦ ସଡକ ଦୁର୍ଘଟଣା : ମହିଳା ମୃତ

ପରଜଙ୍ଗ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥ କୁନାଲ କମ୍ପାନୀ ଅସ୍ଥାୟୀ ଶିବିର ସମ୍ମୁଖରେ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ ଘଟିଛି । ରାସ୍ତା ଦୁର୍ଘଟଣାକୁ ନେଇ ଗ୍ରାମବାସୀ ମାନେ ରାସ୍ତାରୋକ କରିଥିବା ଜଣାପଡିଛି । ଡମୋଳ ଗ୍ରାମର ଦମ୍ପତି ପୁଅର ବାହାଘର ନିମନ୍ତ୍ରଣ ଦେବାକୁ ତ୍ରିନାଥ ପରିଡା ଓ ସୁଷମା ଉଭୟ ଦମ୍ପତି ସ୍କୁଟି ଗାଡି ଯୋଗେ ଶନିବାର ସକାଳୁ ଘରୁ ବାହାରି ଯାଇଥିଲେ । ତେବେ ଡୋମଳ ନିଜ ବାସଗୃହକୁ ଫେରୁଥିବା ବେଳେ କୁନାଲ କମ୍ପାନୀ ଅସ୍ଥାୟୀ ଶିବିର ସମ୍ମୁଖରେ ଏକ ଟ୍ରଲର ଗାଡି ତାଙ୍କୁ ଧକ୍କା ଦେଇ ପିଚିରି ଆଡ଼କୁ ଚାଲିଯାଇଥିଲା । ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଉକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଜନିତ ସମସ୍ୟା ଉପୁଜିବାରୁ ସ୍ଥାନୀୟ ଲୋକମାନେ ରାସ୍ତା ଅବରୋଧ କରିଛନ୍ତି । ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଚଳାଚଳ ପ୍ରଭାବିତ ହୋଇଛି ।

# ପରଜଙ୍ଗ ବ୍ଲକ ମହୋତ୍ସବ

ପରଜଙ୍ଗ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ମହୋତ୍ସବ ୨୦୨୬ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଜିଲ୍ଲା ପରିଷଦ ସଭ୍ୟ ନିରାକାର ପ୍ରଧାନ ଯୋଗ ଦେଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ପରଜଙ୍ଗ ବିଡ଼ିଓ ସୌଭାଗ୍ୟ ବେହେରା, ଅତିରିକ୍ତ ବିଡ଼ିଓ ରଞ୍ଜିତ ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ରନୀପଣ୍ଡା ଉପସ୍ଥିତ ଥିଲେ । ଜାତିଭୂଷଣ ବାରିକ ମଞ୍ଚ ପରିଚାଳନା କରିଥିଲେ । ଉକ୍ତ ମହୋତ୍ସବରେ ପାଇକ ଅଖଡା, ଓଡ଼ିଶୀ ନୃତ୍ୟ, ସଙ୍ଗୀତ, ସମ୍ବଲପୁରୀ ନୃତ୍ୟ, ପାଲା, ଘୋଡ଼ା ନାଚ, ଘୁଡୁକି, ଦାସ କାଠିଆ, ଇତ୍ୟାଦି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଅତିଥି ବୃନ୍ଦ ମନୋନୀତ କରିଥିବା ଦଳ ଗୁଡ଼ିକୁ ଜିଲା ସ୍ତରରେ ନିଜ ନିଜ କଳା ପ୍ରଦର୍ଶନ କରିବା ପାଇଁ ଯିବେ ।

# ମାଟ୍ରିକ ବ୍ୟାଚ୍‌ର ରୌପ୍ୟ ଜୟନ୍ତୀ

## ଛାତ୍ରଛାତ୍ରୀଙ୍କ ସଫଳତାରେ ଶିକ୍ଷାନୁଷ୍ଠାନ ଓ ଅଞ୍ଚଳ ହୁଏ ଗର୍ବିତ

ଆଠମଲ୍ଲିକ, (ସବ୍ୟୁ): ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ନୀଳକଣ୍ଠପଡ଼ା ଉଚ୍ଚ ବିଦ୍ୟାଳୟ ଅଡ଼ିଟୋରିୟମ ହଲରେ ୨୦୦୦ ମସିହା ମାଟ୍ରିକ ବ୍ୟାଚର ରୌପ୍ୟ ଜୟନ୍ତୀ ଉପଲକ୍ଷେ ଗୁରୁ ପୂଜନ ଓ ବନ୍ଧୁ ମିଳନ ଉତ୍ସବ ବହୁ କାର୍ଯ୍ୟକ୍ରମ ମାଧ୍ୟମରେ ପାଳିତ ହୋଇଯାଇଛି । ଏହି ଉଦଘାଟନୀ ଉତ୍ସବରେ ଉଦଘାଟକ ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ମିଶ୍ର ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବରେ ନୀଳକଣ୍ଠପଡ଼ା ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ହୃଦାନନ୍ଦ ଚାଉଳିଆ, ମୁଖ୍ୟବକ୍ତା ଭାବରେ ପ୍ରଧାନ ଶିକ୍ଷକ ହେମନ୍ତ କୁମାର ସାହୁ, ସମ୍ମାନିତ ଅତିଥି ଭାବରେ ବାବୁଲାଲ ଭୁକ୍ତା, ଶିଶିର କୁମାର ମହାନ୍ତି, ରଞ୍ଜିତ କୁମାର ପ୍ରଧାନ, ପ୍ରଦୀପ କୁମାର ସେଠୀ, ସନ୍ତୋଷ କୁମାର ରଥ, ପଦ୍ମନ କୁମାର ଅମାତ, ପୁରୁଷୋତ୍ତମ ଗଡ଼ ନାୟକ, ଶୁଭ୍ରାଂଶୁ କୁମାର ପ୍ରଧାନ, ଆଦିତ୍ୟ କୁମାର ପଣ୍ଡା, ରନାକର ଜେନା ପ୍ରମୁଖ ଯୋଗ ଦେଇ ଶିକ୍ଷାକୁ ଗୁରୁତ୍ୱ ଦେଇ ଛାତ୍ରଛାତ୍ରୀ ସଫଳତା ପାଇଲେ ଶିକ୍ଷାନୁଷ୍ଠାନ ଓ ଅଞ୍ଚଳ ଗର୍ବିତ ହୋଇଥାଏ ବୋଲି ବକ୍ତବ୍ୟ ରଖିଥିଲେ । ପୁରାତନ ଛାତ୍ର କୁଦଗାଁ ସରପଞ୍ଚ ସିଦ୍ଧାର୍ଥ କ୍ଷେତି ଯୋଗଦେଇ ଅଭିଭାବକ, ଶିକ୍ଷକ ଛାତ୍ର ଛାତ୍ରୀ ଗୋଟିଏ ସରଳ ରେଖାରେ କାର୍ଯ୍ୟ କଲେ ଛାତ୍ରଛାତ୍ରୀ ମାନେ ସଫଳତା ପାଇବା ସହିତ ମାତୃଭାଷାକୁ ଗୁରୁତ୍ୱ ଦେବାକୁ କହିଥିଲେ । ଏହି ଅବସରରେ ସଞ୍ଜୟ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ମଙ୍ଗୁଲୁ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ । ପୁରାତନ ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ମାନ ପତ୍ର ସହ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ସଞ୍ଜୀବ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ୨୦୦୦ ମାଟ୍ରିକ ବ୍ୟାଚର ସିଦ୍ଧାର୍ଥ ଶଙ୍କର କ୍ଷେତି, ବଢ଼ିନ୍ଦ୍ର ଡାଙ୍ଗ, ବଶିଷ୍ଠ ପ୍ରଧାନ, ବିନୋଦ ରଣା, ସୁଶୀଲ କୁମାର ସାହୁ, ପରମା ନାଏକ, ସୁଚିସ୍ମିତା ପ୍ରଧାନଙ୍କ ସମେତ ବହୁ ପୁରାତନ ଛାତ୍ର ଛାତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଅନୁଗୁଳ ପୋଲିସ ପକ୍ଷରୁ ମୋବାଇଲ ହସ୍ତାନ୍ତର ମେଳା

ଅନୁଗୁଳ, (ସବ୍ୟୁ): ଅନୁଗୁଳ ଜିଲ୍ଲା ପୋଲିସ ପକ୍ଷରୁ ଅନୁଗୁଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯାଳୟ ପରିସରରେ ଏକ ନିଖୋଜ / ହଜିଯାଇଥିବା ମୋବାଇଲ୍ ହସ୍ତାନ୍ତର ମେଳା ରବିବାର ଆୟୋଜନ କରାଯାଇଥିଲା । ଯେଉଁଠାରେ ନିଖୋଜ / ହଜିଯାଇଥିବା ୨୩୦ ଟି ସ୍ମାର୍ଟ ମୋବାଇଲ ଫୋନ୍ ଉଦ୍ଧାର କରାଯାଇ, ସେମାନଙ୍କର ପ୍ରକୃତ ମାଲିକଙ୍କୁ ଫେରାଇ ଦିଆଯାଇଥିଲା । ଉଦ୍ଧାର ହୋଇଥିବା ମୋବାଇଲ୍ ଫୋନ୍ ଗୁଡିକର ଆନୁମାନିକ ମୂଲ୍ୟ ପ୍ରାୟ ହିଁ ୪୦ ଲକ୍ଷ ଟଙ୍କା ହେବ ।



ଏହି ମୋବାଇଲ ହସ୍ତାନ୍ତର ମେଳାରେ ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି, ଏନସିଆରର ଆଇଜି ସତ୍ୟବ୍ରତ ଭୋଇ, ଅନୁଗୁଳ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍ଧାର ହୋଇଥିବା ମୋବାଇଲ ଗୁଡିକ ଆଇଫୋନ, ସାମସଙ୍ଗ, ରିଅଲମୀ, ଭିଭୋ, ଓପ୍ପୋ, ରେଡ଼ମୀ, ୱାନ ପ୍ଲସ ଏବଂ ଅନ୍ୟାନ୍ୟ ବ୍ରାଣ୍ଡର ବିଭିନ୍ନ ପ୍ରକାରର ସ୍ମାର୍ଟ ଆଣ୍ଡ୍ରଏଡ଼ ଫୋନ୍ ଅନ୍ତର୍ଭୁକ୍ତ । ଏହି ସଂଗ୍ରହରେ ମଧ୍ୟମରୁ ଉଚ୍ଚମାନର ମୋବାଇଲ୍ ଫୋନ୍ ଯେଉଁ ଗୁଡିକ ବିଭିନ୍ନ ପରିସ୍ଥିତିରେ ନିଖୋଜ/ ହଜିଯାଇ ଥିବା ମୋବାଇଲ୍ ଫୋନ୍ ରହିଛି ଅନୁଗୁଳ ଜିଲ୍ଲା ପୁଲିସର ଅଭିନବ ପ୍ରୟାସର ପ୍ରତିଫଳ ସ୍ୱରୂପ, ଅଭିଯୋଗକାରୀ ମାନେ, ବଜାର: ବସ-ଷ୍ଟାଣ୍ଡ, ରେଲୱେ ଷ୍ଟେସନ୍, ଅଟୋ ଏବଂ ବସ ଭଳି ସ୍ଥାନରୁ ତାଙ୍କର ନିଖୋଜ/ ହଜିଯାଇଥିବା ମୋବାଇଲ ଫୋନ ଗୁଡିକ ବିଷୟରେ ଅନୁଗୁଳ ଜିଲ୍ଲା ପୁଲିସ ଦ୍ୱାରା ପ୍ରଦାନ କରାଯାଇଥିବା ହାଟ୍ସଆପ୍ ନମ୍ବର ଏକ -ସଂଚାରସାଥୀ ପୋର୍ଟାଲ୍ ମାଧ୍ୟମରେ ରିପୋର୍ଟ କରିଥିଲେ ଅନୁଗୁଳ ଜିଲ୍ଲା ପୋଲିସର ସାଇବର ସେଲ୍‌ର ଉତ୍ସର୍ଗୀକୃତ କର୍ମଚାରୀଙ୍କ ନିରନ୍ତର ପ୍ରୟାସକୁ ଶ୍ରେୟ ଦିଆଯାଇଛି, ଯାହାଙ୍କର ବୈଷୟିକ ସମନ୍ୱୟ ଏହି ମୋବାଇଲ ଗୁଡ଼ିକୁ ଉଦ୍ଧାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଅତିଥିମାନେ ମଞ୍ଚରେ ନିଖୋଜ ହୋଇଯାଇଥିବା ମୋବାଇଲକୁ ପ୍ରକୃତ ମାଲିକ ମାନଙ୍କୁ ପ୍ରଦାନ କରିଥିଲେ । ଏହି ହସ୍ତାନ୍ତର ମେଳାରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକର ରାଜୀବ ଲୋଚନ ପଣ୍ଡା, ସମୀର ପଣ୍ଡା, ଏସଡିପିଓ ରମାକାନ୍ତ ମହାଳିକ, ଡିଏସପି ଯୋଗେଶ୍ୱରୀ ବେହେରା, ସୁକୁମାର ତ୍ରିପାଠୀ, ଅନୁଗୁଳ ଥାନା ଆଇଆଇସି ଧିରେଶ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ବଇଣ୍ଡା ତ୍ରିଧାରା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

ଠାକୁରଗଡ, (ସବ୍ୟୁ): କିଶୋରନଗର ବ୍ଲକ ନୁନୁକାପଶି କଲ୍ୟାଣମଣ୍ଡପ ପରିସର ରେ ରବିବାର ଦିନ ତ୍ରିଧାରା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ପାଳିତ ହୋଇ ଯାଇଛି । ତ୍ରିଧାରା ସାହିତ୍ୟ ସଂସଦର ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବଇଣ୍ଡା ଜନତା ମହାବିଦ୍ୟାଳୟ ର ଅଧକ୍ଷ୍ୟ ପ୍ରଶାନ୍ତ ଖମାରି ଯୋଗଦେଇ ସାହିତ୍ୟ ପ୍ରତି ସମସ୍ତେ ରୁଚି ରଖିବା ସହ ଓଡିଆ ଭାଷା ପ୍ରତି ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବରେ ଅନୁଗୋଳର ବିଶିଷ୍ଟ ଗବେଷକ ଅକ୍ଷୟ କୁମାର ପଟ୍ଟନାୟକ ଆସନ ଅଳଙ୍କୃତ କରି ଆଠମଲ୍ଲିକର ଇତିହାସ ବିଷୟରେ ବର୍ଣ୍ଣନା କରିଥିଲେ । ସମ୍ମାନିତ ଅତିଥି ଭାବରେ ଥିଲେ ଫରିଦାବାଦରେ ରହୁଥିବା ବରିଷ୍ଠ ଲେଖକ ଡ଼ଃ ସୁନୀଲ କୁମାର ଦାସ,ପୁରୀର ଅଧ୍ୟାପକ ଅଶୋକ କୁମାର ନାୟକ କଟକର ବରିଷ୍ଠ ଲେଖକ ରୁଦ୍ରପ୍ରସନ୍ନ ସାହୁ, ତାଳଚେରର ବରିଷ୍ଠ ଲେଖକ ତଥା ସଂଗଠକ ଇଂ ଜଳଧର ପ୍ରଧାନ ଯୋଗ ଦେଇଥିଲେ । ଜନତା ମହାବିଦ୍ୟାଳୟର ଅଧ୍ୟାପକ କାଳିଆ ସେଠୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଓ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ତ୍ରିଧାରା ସାହିତ୍ୟ ସଂସଦର ସମ୍ପାଦକ ଆର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଇତ୍ୟବସରରେ ସଂସଦ ତରଫରୁ ସମ୍ବର୍ଦ୍ଧନା କରାଯାଇଥିଲା । ତ୍ରିଧାରା ନାଗରିକ ସମ୍ମାନ ବିଶିଷ୍ଟ ଗବେଷକ ଅକ୍ଷୟ କୁମାର ପଟ୍ଟନାୟକ, ତ୍ରିଧାରା କବି ସମ୍ମାନ ବଇଣ୍ଡାର ଗଣପତି ସ୍ୱାଇଁ ଓ ରଞ୍ଜିତା ମିଶ୍ର, ତ୍ରିଧାରା ସାହିତ୍ୟ ସମ୍ମାନ ଅନୁଗୋଳର ଧୀରେନ ମିଶ୍ର, ମଧୁ କୋକିଳ ସ୍ମୃତି ସମ୍ମାନ ଶିକ୍ଷକ ରାଜନୀକାନ୍ତ ଦେହୁରୀ, ଶିକ୍ଷା ଯୋଗୀ ଗୋବିନ୍ଦ ସ୍ମୃତି ସମ୍ମାନ ବରିଷ୍ଠ ଶିକ୍ଷକ ସଚ୍ଚିଦାନନ୍ଦ ସାହୁ, ଶତାୟୁ ସାଧକ ସମ୍ମାନ ଜରପଡାର ଭୋଳେଶ୍ୱର ପ୍ରଧାନ । ସେହିପରି ରସାୟନ ତରଫରୁ ରସାୟନ ସମୀକ୍ଷକ ସମ୍ମାନରେ ସମ୍ମାନିତ ହେଲେ ଅଧ୍ୟାପକ ଅଶୋକ କୁମାର ନାୟକ, କବି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ବିନୀତା ପ୍ରଧାନ, ଭେଷଜ କୁମାର ଭୋଜ, ରବୀନ୍ଦ୍ର ନାଥ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଗ୍ରାମୀଣ କ୍ରୀଡା ଓ ସାଂସ୍କୃତିକ ମହୋତ୍ସବ



କଣିହାଁ, (ସବ୍ୟୁ): ଅନୁଗୋଳ ଜିଲା କଣିହାଁ ବ୍ଲକ କମରେଇ ପଞ୍ଚାୟତ ଅଧୀନସ୍ଥ ଗଣ୍ଡବେରେଣା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଗ୍ରାମୀଣ କ୍ରୀଡା ଓ ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ ଶୃଙ୍ଖଳିତ, ପରମ୍ପରା, ସଂସ୍କୃତି ସମ୍ପନ୍ନ ଛାତ୍ର ଛାତ୍ରୀ ଭଲ ମଣିଷ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ଭାବରେ ଏନଟିପିସି କଣିହାଁର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ ନରସିଂମା ରେଡ୍ଡୀ ଯୋଗଦେଇ ଆଗକୁ ବଢିବା ପାଇଁ ସମସ୍ତଙ୍କୁ ଯୋଜନା ପ୍ରସ୍ତୁତ କଲେ ସଫଳତା ମିଳିବ ବୋଲି କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବରେ କଣିହାଁ ପଂଚାୟତ ସମିତି ଅଧକ୍ଷ ରାମକୃଷ୍ଣ ପ୍ରଧାନ, ସାଂସଦଙ୍କ ପ୍ରତିନିଧି ଲୋକନାଥ ସାହୁ, ଜିଲ୍ଲାପରିଷଦ ସଭ୍ୟ ରଞ୍ଜନ କୁମାର ସାହୁ, ଏନଟିପିସି ମାନବ ସମ୍ବଳ ବିଭାଗ ମୁଖ୍ୟ ନବନିତ କୁମାର, ଏଜିଏମ ପି କେ ଚୌଧୁରୀ, କଣିହାଁ ଏବିଇଓ ସୁଜନ କୁମାର ସାହୁ, କମରେଇ ପଞ୍ଚାୟତ ସରପଞ୍ଚ ସୁବାଷିନୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

ପୂର୍ବରୁ କରାଯାଇଥିବା ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ବିଦ୍ୟାଳୟ ନିର୍ମାଣ ଦିଗରେ ସହଯୋଗ କରିଥିବା ଅଞ୍ଚଳର ବୁଦ୍ଧିଜୀବୀ, ପଂଚାୟତର ଶିକ୍ଷକ, କୃତୀ ଶିକ୍ଷକ ମାନଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ସାହୁ ସ୍ୱାଗତ ଭାଷଣ, ବିଜ୍ଞାନ ଶିକ୍ଷକ ପ୍ରଦ୍ୟୁମ୍ନ କୁମାର ପ୍ରଧାନ ମଞ୍ଚ ପରିଚାଳନା, ଶିକ୍ଷକ ବିଜୟ କୁମାର ସାମଲ ବାର୍ଷିକ ବିବରଣୀ ପଠନ ଓ ସରପଞ୍ଚ ସୁବାଷିନୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ପରିବେଷଣ କରାଯାଇଥିଲା । ଉକ୍ତ ସମସ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ବିକ୍ରମ ସାହୁ, ଖେଳ ଶିକ୍ଷକ ବିପିନି ବିହାରି ସାମଲ ଓ ଚନ୍ଦ୍ରମଣି ପ୍ରଧାନ, ନିରଞ୍ଜନ ପ୍ରଧାନ, ସୁନିଲ ଗଡନାୟକ, ପ୍ରିୟବ୍ରତ ମହାନ୍ତି, କର୍ମଚାରୀ କ୍ଷୀରୋଦ ପରିଡା, ଧିର ସେଠୀ, ବାବୁଲି ପରିଡ଼ା ଓ ଗୁମାନୀ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ତାଳଚେରର ବିକାଶ ନେଇ ମାଷ୍ଟର ପ୍ଲାନ୍

## ଖୁବ୍‌ଶୀଘ୍ର ସହରବାସୀ ପାଇବେ ସ୍ୱଚ୍ଛ ଜଳ

ତାଳଚେର, (ସବ୍ୟୁ): ତାଳଚେର ସହର ଏକ ପୁରାତନ ସହରଭାବେ ବେଶ ଜଣାଶୁଣା ହୋଇଛି । ରାଜାରାଜୁଡ଼ା ଅମଳରୁ ଏହି ସହର ପଦମର୍ଯ୍ୟାଦା ଥିବା ସହ ୧୯୫୨ ମସିହା ଠାରୁ ତାଳଚେର ପୌରପରିଷଦ ଗଠନ ହୋଇଛି । କିନ୍ତୁ ପରିତାପର ବିଷୟ ଏତେ ପୁରୁଣା ପୌରପରିଷଦ ହୋଇଥିଲେ ହେଁ ବିକାଶ ଦିଗରେ ତାହା ଏବେ ବାଟବଣା ହୋଇ ପଡ଼ି ରହିଛି । ସେହି ପୁରୁଣା ଢାଂଚାରେ ଏହା ସୀମିତ ହୋଇ ରହିଯାଇଛି ସହରର ବିକାଶ, ଯଦିବା କିଛି ପରିମାଣର ବିକାଶ କାର୍ଯ୍ୟ ହୋଇଛି ତାହା ଆଖି ଦୃଶିଆ ନୁହଁ ବୋଲି ସମସ୍ତେ ଅନୁଭବ କରୁଛନ୍ତି । କିନ୍ତୁ ତାଳଚେରର ବିକାଶ ନେଇ ବର୍ତ୍ତମାନ ବିଜେପିର ନଗରପାଳ ପବିତ୍ର ଭୂତିଆ ଏହା ଉପରେ ଧ୍ୟାନ ଦେଇ ଆଗକୁ ତାଳଚେରର ବିକାଶ ମୂଳକ କାର୍ଯ୍ୟ କିପରି ସମ୍ଭବ ହେବ ସେଥିପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ପାଖକୁ ଯାଇ ତାଳଚେରର ସାମଗ୍ରୀକ ବିକାଶ ପାଇଁ ପ୍ରକାଶ କରିଥିଲେ ।

ସମସ୍ୟା ଗୁଡ଼ିକ ଶୁଣିବା ପରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ନଗରପାଳ ଶ୍ରୀ ଭୂତିଆଙ୍କୁ ଏହାର ସମାଧାନ ପାଇଁ ଦୃଢ ପ୍ରତିଶ୍ରୁତି ଦେଇଥିବା ନଗରପାଳ ଏହା ପ୍ରକାଶ କରିଛନ୍ତି । ତେବେ ଗତ ୧୩ତାରିଖରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଡ଼ାକରା ପାଇଁ ନଗରପାଳ, ଯଜାତି ପଟ୍ଟନାୟକ, ନିର୍ବାହୀ ଅଧିକାରୀ ପ୍ରଦିପ ଶାହା, କାଉନସିଲର ଜିନ୍ଦ୍ରେ ଭୂତିଆ, ଯୁବନେତା ପ୍ରମୁଖ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ତାଳଚେର ସମସ୍ୟା ଉପରେ ଆଲୋଚନା କରିଥିଲେ ।

ବିଶେଷ କରି ତାଳଚେର ସହରର ଜନସାଧାରଣ ମାନେ ନର୍ଦ୍ଦମା ପାଣି ପିଉଥିବା କଥା ଜାଣି ତୁରନ୍ତ ନଗର ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେବା ସହ ତାଳଚେରରେ ଅବସ୍ଥାପିତ ପମ୍ପହାଉସକୁ ବ୍ରାହ୍ମଣୀ ନଦୀର ଉପରମୁଣ୍ଡ ପାଣି ଆଣି ପମ୍ପହାଉସ୍ ମାଧ୍ୟମରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ହୋଇପାରିବ ବୋଲି କହିବା ସହ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଏଠାରେ ସୂଚନାଯୋଗ୍ୟ, ତାଳଚେର ସହରର ସମସ୍ତ ପରିତ୍ୟକ୍ତ ଜଳ ଯାଇ ବ୍ରାହ୍ମଣୀ ନଦୀରେ ପଡୁଥିବା ସ୍ଥାନରୁ ପମ୍ପ ଦ୍ୱାରା ପାଣି ଉଠାଯାଇ ସହରବାସୀଙ୍କୁ ଯୋଗାଇ ଦିଆଯାଏ । ଏହାକୁ ସେବନକରି ଜନସାଧାରଣ ବିଭିନ୍ନ ପ୍ରକାର ରୋଗର ଶୀକାର ହୋଇଥାନ୍ତି । ତେଣୁ ନଗରପାଳ ଶ୍ରୀ ଭୂତିଆ ଏହାକୁ ଗୁରୁତ୍ୱ ଦେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ଫଳରେ ଏହା ଆଗାମୀ ଦିନରେ ଫଳପ୍ରଦ ହେବ ବୋଲି ଆଶା ସଂଚାର ହୋଇଛି ।

# ବିହାରିପୁର ପ୍ରକଳ୍ପ ଉପ୍ରା ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ




ତାଳଚେର, (ସବ୍ୟୁ) : ତାଳଚେର ବ୍ଲକ ବିହାରିପୁର ପ୍ରକଳ୍ପ ଉପ୍ରା ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଚୈତନ୍ୟ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ବିଦ୍ୟାଳୟ ସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଖଗେଶ୍ୱର ବେହେରା, ମୁଖ୍ୟବକ୍ତା ଭାବେ ସରକାରୀ ଓକିଲ ତଥା ଉପଖଣ୍ଡ କ୍ରୀଡା ସଂସଦ ସଂପାଦକ ପେସ୍କାର ଗଡନାୟକ, ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ କୁମାର ମହାନ୍ତି ଓ ପ୍ରମୋଦ ଚନ୍ଦ୍ର ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶ୍ୱିନୀ କୁମାର ମହାନ୍ତି, ପଂଚସଖା ଶିକ୍ଷା ସେତୁ କମିଟି ସଭାପତି ରଞ୍ଜିତ କୁମାର ପରିଡା, ଧରମପୁର ଗ୍ରାମ ପଂଚାୟତ ସରପଂଚ ପାଟରାଣୀ ଭୂତିଆ, ୧୦ନଂ ୱାର୍ଡର ୱାର୍ଡ ମେମ୍ବର ଗୀତା ବେହେରା, ଅବସରପ୍ରାପ୍ତ ଶିକ୍ଷକ ସୁନନ୍ଦ କୁମାର ଦେବତା ଏବଂ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ କଳାକାର ଖଟୁଆ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଧାନମନ୍ତ୍ରୀଙ୍କ ଉଦୀୟମାନ ଭାରତ ବିଦ୍ୟାଳୟ ପିଏମ୍‌ଶ୍ରୀ ଯୋଜନା ମାଧ୍ୟମରେ ବିଦ୍ୟାଳୟର ଆଧୁନିକୀକରଣ ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ଉପରେ ଅତିଥି ମାନେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ୬ଷ୍ଠ, ୭ ମ ଓ ୮ମ ଶ୍ରେଣୀର ମୋଟ୍ ୯୦ ଜଣ ଛାତ୍ରଛାତ୍ରୀଙ୍କ ଦ୍ୱାରା ହୋଇଥିବା ତିନୋଟି ପାଭିଲିଅନ୍, ଆକାଂକ୍ଷୀ ମେଳା, ଆକାଂକ୍ଷୀ ଛାତ୍ର ପରିଷଦ ଓ ଦୋକାନ ଯାତ୍ରାରେ ବିଭିନ୍ନ ଷ୍ଟଲ୍‌ରେ ବିଭିନ୍ନ ସାମଗ୍ରୀ ଓ କାର୍ଯ୍ୟକଳାପ ପ୍ରଦର୍ଶିତ ହୋଇଥିଲା । ବିଦ୍ୟାଳୟର ଅଭିଭାବକ/ ଅଭିଭାବିକା, ପରିଚାଳନା କମିଟି, ପଂଚସଖା ଶିକ୍ଷାସେତୁ କମିଟି, ସ୍ଥାନୀୟ ଅଂଚଳବାସୀ, ଶୁଭେଚ୍ଛୁ, ଶିକ୍ଷାବିତ ଓ ବୁଦ୍ଧିଜୀବୀ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଏଥିସହିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶେଷରେ ବନ୍ଦେ ମାତରମ୍ ରାଷ୍ଟ୍ର ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ, କର୍ମଚାରୀ ସହଯୋଗ କରିଥିଲେ ।

# ପଞ୍ଚାୟତସ୍ତରୀୟ ବନ୍ଧୁମିଳନ କାର୍ଯ୍ୟକ୍ରମ

କାମାକ୍ଷାନଗର, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ଅନ୍ତର୍ଗତ ବାରୁଆଁ (କା) ଗ୍ରାମ ପଞ୍ଚାୟତ ସ୍ଥିତ ଏମ୍ ବି ଡି ଫାର୍ମ ହାଉସ ଠାରେ ଶ୍ରୀକାନ୍ତ କୁମାର ହୋତାଙ୍କ ନେତୃତ୍ୱରେ ପଞ୍ଚାୟତ ସ୍ତରୀୟ ଏକ ବନ୍ଧୁ ମିଳନ ଓ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହେଇଥିଲା । ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ କାମାକ୍ଷାନଗର ବ୍ଲକ ଅଧକ୍ଷ ପ୍ରେମାନନ୍ଦ ସାହୁ ଯୋଗ ଦେଇ ଆଗାମୀ ଦିନରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନ ଉପରେ ଆଲୋକପାତ କରିଥିଲେ ଏବଂ ସମସ୍ତ କର୍ମୀଙ୍କୁ ଏକଜୁଟ ହେଇ ରହିବାକୁ ପରାମର୍ଶ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କାମାକ୍ଷାନଗର ବ୍ଲକ ୩ନଂ ଜୋନର ଜିଲ୍ଲା ପରିଷଦ ଅବନ୍ତି ସେଠୀ, ସମିତି ସଭ୍ୟା ସୁକାନ୍ତି ବେହେରା, ନାଏବ ସରପଞ୍ଚ ସୁଶ୍ରିଲତା ସେଠୀ, ପୂର୍ବତନ ଜିଲ୍ଲା ପରିଷଦ ହୃଦାନନ୍ଦ ପରିଡ଼ା, ବରୁଆଁ (କା) ସେବା ସମବାୟ ସଭାପତି ଦେବରାଜ ସାହୁ ଉପସ୍ଥିତ ଥିଲେ । ଶ୍ରୀକାନ୍ତ କୁମାର ହୋତାଙ୍କ ଅଧକ୍ଷତାରେ ଉକ୍ତ ସମ୍ମିଳନୀରେ ପଞ୍ଚାୟତ ବହୁ ବିଜେଡ଼ି କର୍ମୀ ଯୋଗଦେଇ ଥିଲେ । ଆଗାମୀ ଦିନରେ ଇଚ୍ଛାବତୀପୁର ଗ୍ରାମକୁ ନୂତନ ପଞ୍ଚାୟତ କରିବା, ପଣ୍ଡୁଆ ନୂତନ ବ୍ଲକ ଗଠନ ସହ ପଞ୍ଚାୟତର କିଭଳି ଭାବେ ଉନ୍ନତି ହେବ ଆଲୋଚନା କରିଥିଲେ । ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ପଞ୍ଚାୟତର ପ୍ରତି ଗ୍ରାମରୁ ଅନେକ କର୍ମୀ ଉପସ୍ଥିତ ଥିଲେ । ପରି ଶେଷରେ ବରିଷ୍ଠ ସଦସ୍ୟ କ୍ରୀର୍ତ୍ତି ଚନ୍ଦ୍ର ମାହୁନ୍ତ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ବୀରବେନୁ ସ୍ମାରକୀ କ୍ରିକେଟ, ଟିଟି ଡିସି ଭୁବନେଶ୍ୱର ଚାମ୍ପିଅନ




ପରଜଙ୍ଗ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ପରଜଙ୍ଗ ମିନି ଷ୍ଟାଡିୟମ ଠାରେ ଗତ ୧୧ ତାରିଖରୁ ଚାଲିଥିବା ବିରବେନୁ ସ୍ୱର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ମେଗା ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି ।

ଏହି ମ୍ୟାଚ ଟିଟିଡିସି ଭୁବନେଶ୍ୱର ଓ ରାଇଜିଙ୍ଗ ଷ୍ଟୁଡେଣ୍ଟ କଟକ ମଧ୍ୟରେ କଡା ମୁକାବିଲା ହୋଇଥିଲା । କଟକ ଟସ ଜିତି ପ୍ରଥମେ ବ୍ୟାଟିଂ କରି ୧୯.୫ ଓଭରରେ ସମସ୍ତ ଓଇକେଟ ହରାଇ ୧୩୩ ରନ ସଂଗ୍ରହ କରିଥିଲା। ଜବାବରେ ଭୁବନେଶ୍ୱର ୧୬.୪ଓଭରରେ ୪ ଓଇକେଟ ହରାଇ ୧୩୮ ରନ କରି ବଜୟୀ ହୋଇଥିଲା । ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଜେପି ଜିଲ୍ଲା ସଭାପତି ରାସ ବିହାରୀ ବେହେରା, ଢେଙ୍କାନାଳ ଏଡିଏମ ଲଳିତ ବେହେରା, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଉର୍ଜା ଟ୍ରଷ୍ଟର ଅଧକ୍ଷ ଦୀପକ ଗୋଛୟତ, ସଦସ୍ୟ ଲୋକେଶ ଦଳବେହେରା, ଚିନ୍ମୟ ଦଳ ବେହେରା ଉପସ୍ଥିତ ଥିଲେ । ବିଜୟୀ ଦଳକୁ ୮୦ ହଜାର ପୁରସ୍କାର ରାଶି ସହ ଟ୍ରଫି ଓ ପରାଜୟୀ ଦଳକୁ ୬୦ ହଜାର ସହ ଟ୍ରଫି ପ୍ରଦାନ କରଯାଇଥିଲା । ସନ୍ଧ୍ୟା ସମୟରେ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ଭୁବନ, (ସବ୍ୟୁ): ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟରେ ସପ୍ତାହେ ହେଲା ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଶନିବାର ଉଦଯାପିତ ହୋଇଯାଇଛି । ଟ୍ରେନର ପ୍ରମୋଦିନୀ ମାଝୀ ଛାତ୍ରୀ ମାନଙ୍କୁ ଜୁଡୋ, କରାଟେ ପ୍ରଶିକ୍ଷଣ ଦେଇଥିଲେ ।

ଉଦଯାପନୀ ଉତ୍ସବରେ ଅଧକ୍ଷ ଡ଼ଃ ପ୍ରଭାତ କୁମାର ଆଚାର୍ଯ୍ୟ, ଅଧ୍ୟାପକ ପ୍ରଫୁଲ୍ଲ କୁମାର ଭୂୟାଁ, ବାସୁଦେବ ସାହୁ, ପ୍ରଭାତ କୁମାର ଜେନା, ଗ୍ରନ୍ଥାଗାରିକ ନନ୍ଦ କିଶୋର ଧୀର, ମୁଖ୍ୟ କିରାଣୀ କୈଳାସ ଚନ୍ଦ୍ର ବେହେରା, ଅଧ୍ୟାପିକା ଋତୁପର୍ଣ୍ଣା ସାହୁ, ଅଧ୍ୟାପିକା ପୂଜାରାଣୀ ଜେନା ଓ ଆତ୍ମ ରକ୍ଷା ତାମିଲ ସଂଯୋଜିକା ଖିରାବ୍ଧି ତନୟା ସାହୁ ଉପସ୍ଥିତ ରହି ଏହାର ସୁଫଳ କାମନା କରିଥଲେ । ଶେଷରେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ।

# ବୁଦ୍ଧିମତା ଯୁକ୍ତ ସାମାଜିକ ଗାଳ୍ପିକ ଥିଲେ ବ୍ୟାସକବି

ଭଦ୍ରକ,(ସବ୍ୟୁ): ଆମ ମାତୃଭାଷା ପରିଷଦର ମକର ସଂକ୍ରାନ୍ତି ଆସର ସାମରାଇପୁରସ୍ଥିତ ଗୁରୁକୃପା ଭବନରେ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ. ରାମଚନ୍ଦ୍ର ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଆସରକୁ ବୟୋଜ୍ୟେଷ୍ଠ ସମାଜସେବୀ ଶୁଭ୍ରକାନ୍ତି ଦାଶ ଉଦଘାଟନ କରିଥିଲେ। ଓଡ଼ିଆ କ୍ଷୁଦ୍ରଶିଳ୍ପରେ ବ୍ୟାସକବି ଫକୀରମୋହନ ଶୀର୍ଷକ ଆଲୋଚନା ଚକ୍ରରେ ମୁଖ୍ୟଅତିଥି ପୂର୍ବତନ ଅଧକ୍ଷ ଓ ସାହିତ୍ୟ ଆକାଡେମୀ ପୁରସ୍କୃତ ପବିତ୍ର ପାଣିଗ୍ରାହୀ, ମୁଖ୍ୟବକ୍ତା ଶିକ୍ଷାବିତ୍ ଗୟାଧର ପଣ୍ଡା, ସମ୍ମାନିତ ଅତିଥି ସମାଜସେବୀ ଶାନ୍ତନୁ କୁମାର ରାଉତ, ବିଶିଷ୍ଟ ଅତିଥି ଅଧକ୍ଷ ନୀହାର ରଞ୍ଜନ କର, ଅତିଥି ବିଶିଷ୍ଟ ଅଧିବକ୍ତା ପର୍ଶୁରାମ ଦ୍ୱିବେଦୀ, ଅଧ୍ୟାପିକା ଭାନୁମତୀ ମାଟିଆ, ବିପ୍ଳବୀ କବି ମୁକୁନ୍ଦ ଦେବ ନାୟକ, ରମେଶ ଚନ୍ଦ୍ର ଦାସ, ବାବୁଲାଲ ଦାସ, ପୂର୍ବତନ ସାହିତ୍ୟ ଆକାଡେମୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳୀ, ସଙ୍ଗୀତ ନାଟକ ଆକାଡେମୀ ପୁରସ୍କାର ପ୍ରାପ୍ତ ଗୌରାଙ୍ଗ ଚନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇ କହିଥିଲେ ଯେ ବ୍ୟାସକବି ଫକୀରମୋହନ ଜଣେ ଦକ୍ଷ ବୁଦ୍ଧିମତ୍ତା ଯୁକ୍ତ ସାମାଜିକ କ୍ଷୁଦ୍ରଗାଳ୍ପିକ ଥିଲେ। ତାଙ୍କର ଶେଷ ଜୀବନ ଦାରିଦ୍ର୍ୟତା ମଧ୍ୟରେ କଟିଥିଲେ ମଧ୍ୟ ଜୀବନର ଶେଷ ପର୍ଯ୍ୟନ୍ତ ମାତୃଭାଷା ଓ ମାତୃଭୂମିର ଉତଥାନ୍ ପାଇଁ ତାଙ୍କର ଅଧ୍ୟବସାୟ ଜାରି ରଖିଥିଲେ ବୋଲି ମତବ୍ୟକ୍ତ କରିଥିଲେ। କବୟିତ୍ରୀ ଜାନକୀ ପାଢ଼ୀ ଓ ମନୋରମା ରାୟଙ୍କ ସଂଯୋଜନାରେ ଅନୁଷ୍ଠିତ ମକର ସଂକ୍ରାନ୍ତି କବିତା ଆସରରେ ଉମେଶ ଚନ୍ଦ୍ର ମହାପାତ୍ର, ଜଗନ୍ନାଥ ନାୟକ, ମାନସ ରଞ୍ଜନ ପଣ୍ଡା, ଉପେନ୍ଦ୍ର କୁମାର ବାରିକ, ଡା. ଚିତ୍ତରଞ୍ଜନ ମହାପାତ୍ର, ମହେନ୍ଦ୍ର ଓଝା, ମାନସୀବାଳା ସୁତାର, ମୀନତି ବାରିକ, ମୋନାଲିସା ସାହୁ, ବିଜୟ କୁମାର ବହଳୀ, ଅମର କୁମାର ପାଣିଗ୍ରାହୀ, ଧିରେନ୍ଦ୍ର ନାୟକ, ଅଧିବକ୍ତା ମନୋରଞ୍ଜନ ଦାସ, ସେକ୍ ଅବଦୁଲ୍ ଦୟାନ, ମୁସ୍ତାକ୍ ଗୌହର, କୈଳାସ ଦାସ, ନିରଞ୍ଜନ ନାୟକ, ସୁରେଶ କୁମାର ସାହୁଙ୍କ ସମେତ ବହୁକବି ସ୍ୱରଚିତ କବିତା ପାଠ କରିଥିଲେ। ସମାଜସେବୀ ନାରାୟଣ ଚନ୍ଦ୍ର ପାଢ଼ୀ ସ୍ୱାଗତଭାଷଣ ଓ ଅତିଥି ପରିଚୟ କରିଥିବାବେଳେ ସମ୍ପାଦକ ଡାକ୍ତର ଅନିଲ କୁମାର ଦାଶ ସମ୍ପାଦକୀୟ ପାଠ, ସହସମ୍ପାଦିକା ମମତା ରାଣୀ ଦାଶମିଶ୍ର ଓ ବ୍ୟଙ୍ଗକବି ଗୋକୁଳା ନନ୍ଦ ରାଉତ ଓ ମଞ୍ଚ ପରିଚାଳନା ଶେଷରେ ପାର୍ଥସାରଥୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## କୁଳଡିହା, ନୀଳଗିରିରେ ସରିଲା ପକ୍ଷୀଗଣନା

# ପୂର୍ବବର୍ଷ ଠାରୁ ଚଳିତବର୍ଷ ଅଧିକ ପକ୍ଷୀଙ୍କ ଆଗମନ

ନୀଳଗିର,(ସବ୍ୟୁ): ପ୍ରତିବର୍ଷ ଶୀତଋତୁର ମଧ୍ୟଭାଗରେ ନୀଳଗିରିର ବିଭିନ୍ନ ଜଳାଶୟ ଏବଂ ଆର୍ଦ୍ରଭୂମିକୁ ପ୍ରବାସୀ ଜଳଚରପକ୍ଷୀଙ୍କ ଆଗମନ ହୋଇଥାଏ। ଏହି ସମୟରେ ଉକ୍ତପକ୍ଷୀଙ୍କ ଗଣନାପାଇଁ ବନବିଭାଗ ସ୍ୱତନ୍ତ୍ର ଟିମ ଗଠନକରି ଗଣନା କରିଥାଏ। ଚଳିତବର୍ଷ ରବିବାର ଦିନ ବାଲେଶ୍ୱର ବନଖଣ୍ଡ ଅଧୀନରେ ଥିବା ସମସ୍ତ ଜଳାଶୟ ଏବଂ ଆର୍ଦ୍ରଭୂମି ଗୁଡିକରେ ପକ୍ଷୀଗଣନା କରାଯାଇଛି। ବାଲେଶ୍ୱର ଡିଏଫ୍ଓ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶରେ ତଥା ଏସିଏଫ୍ଓ ଦିଗନ୍ତ ଶୋଭନ ଚାନ୍ଦଙ୍କ ପରିଚାଳନାରେ ନୀଳଗିରି ବନବିଭାଗ ଏବଂ କୁଳଡ଼ିହା ବନବିଭାଗ ଅଧୀନସ୍ଥ ବିଭିନ୍ନ ଜଳାଶୟ ଗୁଡିକରେ ସକାଳ ୮ଟାରୁ ବିଭାଗୀୟ କର୍ମଚାରୀଙ୍କ ସହାୟତାରେ ପକ୍ଷୀଗଣନା କରାଯାଇଥିଲା। ତେବେ ନୀଳଗିରିର ଦୁଇଟି ବନବିଭାଗ ଯଥା କୁଳଡିହା ଏବଂ ନୀଳଗିରି ବନବିଭାଗକୁ ନେଇ ଅଲଗା ଅଲଗା ପକ୍ଷୀଗଣନା କରାଯାଇଥିଲା। କୁଳଡିହା ରେଞ୍ଜ ଦାୟିତ୍ୱରେ ଥିବା ଏସିଏଫ୍ଓ ସୁବ୍ରତ କୁମାର ବେହେରାଙ୍କ ନେତୃତ୍ୱରେ ଯୋଡ଼ାଚୁଆ ସେକ୍ସନ ରିସିଆ ଡେମ୍ ରେ ଗଣନା କରାଯାଇଥିଲା। ୨୮ପ୍ରଜାତିର ୨୪୧୩ଟି ଜଳଚର ପକ୍ଷୀଙ୍କ ସମାଗମ ହୋଇଥିବା ଗଣନାରୁ ଜଣାପଡିଛି। ଅନୁରୂପ ଭାବେ ଫରେଷ୍ଟର ହୃଷୀକେଶ ପ୍ରଧାନଙ୍କ ନେତୃତ୍ୱରେ ପଞ୍ଚଲିଙ୍ଗେଶ୍ୱର ସେକ୍ସନ ଖୁମକୁଟ ଏବଂ ବୁଗାଳିବନ୍ଧ ଠାରେ ଗଣନା କରାଯାଇ ଖୁମକୁଟ ଠାରେ ୧୫ପ୍ରଜାତିର ୧୨୫ଏବଂ ବୁଗାଳିବନ୍ଧ ଠାରେ ୧୮ପ୍ରଜାତିର ୧୧୫ଟି ପକ୍ଷୀ ଆସିଥିବା ଗଣନା କରାଯାଇଛି। ସେହିପରି ସାତଘାଟି ଠାରେ ଫରେଷ୍ଟର ଜୟନ୍ତ ପ୍ରଧାନଙ୍କ ନେତୃତ୍ୱରେ ଗଣନା କରାଯାଇ ୨୦ପ୍ରଜାତିର ୧୭୮ଟି ପକ୍ଷୀଙ୍କ ଆଗମନ ହୋଇଥିବା ଜଣାପଡିଛି। ଅନୁରୂପଭାବେ ନୀଳଗିରି ବନବିଭାଗ ଦ୍ୱାରା ନୀଳଗିରିର ଏକମାତ୍ର ଆର୍ଦ୍ର ଜଳାଶୟ ପଦ୍ମତୋଳା ଠାରେ ଫରେଷ୍ଟର ମଞ୍ଜୁଲତା ପ୍ରଧାନଙ୍କ ନେତୃତ୍ୱରେ ଗଣନା କରାଯାଇ ମୋଟ ୧୮ପ୍ରଜାତିର ୫୫୨ଟି ଶୀତକାଳୀନ ପ୍ରବାସୀ ଜଳଚରପକ୍ଷୀଙ୍କ ସମାଗମ ହୋଇଥିବା ସୂଚନା ମିଳିଛି।୨୦୨୬ ପକ୍ଷୀଗଣନା ଅନୁଯାୟୀ କୁଳଡ଼ିହା ବନବିଭାଗ ଦ୍ୱାରା ଗଣାଯାଇ ମୋଟ ୨୮୩୧ଟି ପକ୍ଷୀଙ୍କ ଆଗମନ ହୋଇଥିବା ବେଳେ ଗତବର୍ଷ ତୁଳନାରେ ୭୩୧ଟି ପକ୍ଷୀଙ୍କ ଆଗମନ ହୋଇଥିବା ବନବିଭାଗ ସୂଚନା ଦେଇଛି। ଯାହା ଶୁଭଙ୍କର ବୋଲି ପରିବେଶବିତ୍ମାନେ କହିଛନ୍ତି। ଏହି ପକ୍ଷୀଗଣନା କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀଙ୍କ ସହିତ ପକ୍ଷୀବିଶେଷଜ୍ଞ ମନୋରଞ୍ଜନ ଦାସ ସାମିଲ ହୋଇଥିବା ଜଣାଯାଇଛି।

## ୨୩ ବର୍ଷରୁ କମ ସିକେ ନାଇ ଟ୍ରଫି

# ଘସିପୁରାରର ସାଇ ସୁବ୍ରତ ମନୋନୀତ



କେନ୍ଦୁଝର, (ସବ୍ୟୁ): ସର୍ବଭାରତୀୟ ୨୩ ବର୍ଷରୁ କମ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଓଡିଶା ଦଳରେ ଘସିପୁରା ବ୍ଲକ ଖାଳିଆମେଣ୍ଟା ଗ୍ରାମର ନିଳାଦ୍ରୀ ବିହାର ଜେନାଙ୍କ ପୁଅ ସାଇସୁବ୍ରତ ଜେନା ସ୍ଥାନ ପାଇ ଅଞ୍ଚଳ ପାଇଁ ତଥା ସମଗ୍ର ଜିଲ୍ଲା ପାଇଁ ଗୌରବ ବୃଦ୍ଧି କରିଛନ୍ତି। ୨୦୨୫-୨୬ ସିକେ ନାଇଡୁ ଟ୍ରଫି ହରିଆନା ଓ ରାଜସ୍ଥାନ ବିପକ୍ଷରେ ଖେଳିବା ପାଇଁ ୨୩ ବର୍ଷରୁ କମ ଓଡିଶା ଦଳ ଗଠନ ହୋଇଥିବାବେଳେ କେନ୍ଦୁଝର ଜିଲ୍ଲା ଘସିପୁରାରର ସାଇ ସୁବ୍ରତ ଜେନା ଏଥିରେ ସ୍ଥାନ ପାଇଛନ୍ତି। ଯାହାକୁ ନେଇ ସମଗ୍ର ଜିଲାରେ ଖୁସିର ଲହରୀ ଖେଳି ଯାଇଛି। ଜିଲ୍ଲାରୁ ଏକମାତ୍ର ଖେଳାଳି ଭାବେ ସାଇସୁବ୍ରତ ମନୋନୀତ ହୋଇଥିବାରୁ ଜିଲ୍ଲା ତଥା ଆନନ୍ଦପୁର ଉପଖଣ୍ଡରେ ଖୁସି ପ୍ରକାଶ ପାଇଛି। ସାଇ ସୁବ୍ରତଙ୍କ ସଫଳତାକୁ ନେଇ ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର ଶୁଭେଚ୍ଛା ଜଣାଇଛନ୍ତି । ସେହିପରି ସାଇସୁବ୍ରତ ଘସିପୁରା ମା ମଙ୍ଗଳା କ୍ରିକେଟ କ୍ଲବରେ ଜଣେ ନିୟମିତ ସଦସ୍ୟ ଥିବାବେଳେ ତାଙ୍କର ଏହି ଗସ୍ତ କାର୍ଯ୍ୟକ୍ରମକୁ ନେଇ ମା ମଙ୍ଗଳା କ୍ରିକେଟ କ୍ଲବର ସଭାପତି ପ୍ରସନ୍ନଜିତ ପଟ୍ଟନାୟକ, ସମ୍ପାଦକ ନାରାୟଣ ସାହୁ, କ୍ଲବ ସଦସ୍ୟ ମାନସ ସାହୁ, ଜ୍ୟୋର୍ତିମୟ ଦାସ, ଦୀପକ ଜେନା, ଦାମୋଦର ସାହୁ, ବାଣୀପ୍ରୀତି ପଣ୍ଡା ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ ଶୁଭେଚ୍ଛା ଜ୍ଞାପନ କରିଛନ୍ତି । ସାଇସୁବ୍ରତ ମା ମଙ୍ଗଳା କ୍ଲବ ପକ୍ଷରୁ ବିଭିନ୍ନ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ନିଜର ପ୍ରତିଭା ପ୍ରଦର୍ଶନ କରି ପ୍ରଶଂସିତ ହେବାର ନଜିର ରହିଛି। ତାଙ୍କର ଏହି ସଫଳତା ଆନନ୍ଦପୁର ଉପଖଣ୍ଡ ସମେତ ଘସିପୁରା ଅଞ୍ଚଳ ତଥା ସମଗ୍ର ଜିଲ୍ଲାରେ ଖୁସି ପ୍ରକାଶ ପାଇଛି। ତାଙ୍କର ଏହି ସଫଳତାରେ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତୀୟ ଭୂରସାୟନ ସମ୍ମିଳନୀ

ବାଲେଶ୍ୱର , (ସବ୍ୟୁ): ଫକୀରମୋହନ (ଏଫଏମ) ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଭୂତତ୍ତ୍ୱ ବିଭାଗ ପକ୍ଷରୁ ଭୂରସାୟନର ସାମ୍ପ୍ରତିକ ଅଗ୍ରଗତି ବିଷୟରେ ଦୁଇଦିନିଆ ଆନ୍ତର୍ଜାତୀୟ ସମ୍ମିଳନୀ ସଫଳତାର ସହିତ ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀରେ ଭାରତ ସହ ବିଦେଶର ପ୍ରଖ୍ୟାତ ଭୂବିଜ୍ଞାନୀ, ଶିକ୍ଷାବିତ୍, ଗବେଷକ ଏବଂ ଶିଳ୍ପ କ୍ଷେତ୍ରର ବିଶେଷଜ୍ଞମାନେ ଅଂଶଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଏହି ଦୁଇଦିନିଆ ସମ୍ମିଳନୀ ଆୟୋଜିତ ହୋଇଥିଲା।କାର୍ଯ୍ୟକ୍ରମ ଆରମ୍ଭରେ ଅର୍ଗାନାଇଜିଙ୍ଗ ସେକ୍ରେଟେରୀ ତଥା ଅଧ୍ୟାପକ ଅରୁଣ କୁମାର ନାୟକ ସମ୍ମିଳନୀର ଉଦ୍ଦେଶ୍ୟ ଓ ପୃଷ୍ଠଭୂମି ବିଷୟରେ ସାରାଂଶ ଉପସ୍ଥାପନ କରିଥିଲେ। ଏହା ପରେ ସମ୍ମିଳନୀର ସଂଯୋଜିକା ପ୍ରଫେସର ରୋଜାଲିନ ଦାସ ଆତିଥ୍ୟ ଭାଷଣ ପ୍ରଦାନ କରିଥିଲେ।ସମ୍ମିଳନୀର ପୃଷ୍ଠପୋଷକ ଡ଼କ୍ଟର ଯଦବା ନନ୍ଦ ଦାସ ଓ ଅନ୍ୟାନ୍ୟ ଅତିଥିମାନେ ଭୂରସାୟନ ଗବେଷଣା ମାଧ୍ୟମରେ ପୃଥିବୀ ପ୍ରଣାଳୀର ଅବବୋଧ ଓ ପ୍ରାକୃତିକ ସମ୍ପଦର ସୁସ୍ଥାୟୀ ବ୍ୟବହାର ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଅଭିଭାଷଣ ପ୍ରଦାନ କରିଥିଲେ।ଉଦଘାଟନୀ ଅଧିବେଶନ ଶେଷରେ ଆୟୋଜକ ସଚିବ ଡ଼କ୍ଟର ଅସୀମ ଅମିତାଭ ପ୍ରଧାନ ଧନ୍ୟବାଦ ଜ୍ଞାପନ କରିଥିଲେ।ବୈଷୟିକ ଅଧିବେଶନ ଗୁଡ଼ିକରେ ଦେଶ ଓ ବିଦେଶର ବିଶିଷ୍ଟ ଭୂବିଜ୍ଞାନୀମାନେ ସମ୍ବୋଧନ କରିଥିଲେ। ଏଥିସହିତ ଅଂଶଗ୍ରହଣକାରୀମାନେ ମୌଖିକ ଓ ପୋଷ୍ଟର ପ୍ରଦର୍ଶନ ମାଧ୍ୟମରେ ନିଜ ନିଜ ଗବେଷଣା ପତ୍ର ଉପସ୍ଥାପନ କରିଥିଲେ। ଦ୍ୱିତୀୟ ଦିବସରେ କ୍ରାଟୋନିକ ଭୂମଣ୍ଡଳ ମେଣ୍ଟଲର ବିକାଶ ଓ ହାଇଡ୍ରୋକାର୍ବନ ଅନ୍ୱେଷଣରେ ଭୂରସାୟନିକ ପ୍ରଣାଳୀ ସମ୍ପର୍କରେ ବିଶେଷ ଆଲୋଚନା ହୋଇଥିଲା। ପରେ ଏକ କ୍ଷେତ୍ର ପରିଦର୍ଶନ ଆୟୋଜିତ ହୋଇ କାର୍ଯ୍ୟକ୍ରମର ଉଦଯାପନ ସହିତ ସମ୍ମିଳନୀର ସମାପ୍ତି ହୋଇଥିଲା।ସମଗ୍ର କାର୍ଯ୍ୟକ୍ରମ ଶ୍ରୀ ସତ୍ୟ ପ୍ରକାଶ ସାହୁଙ୍କ ସମନ୍ୱୟରେ ପରିଚାଳିତ ହୋଇଥିଲା। ଏହି ଆନ୍ତର୍ଜାତୀୟ ସମ୍ମିଳନୀର ସଫଳ ଆୟୋଜନ ଫକୀରମୋହନ ବିଶ୍ୱବିଦ୍ୟାଳୟର ଶିକ୍ଷାଗତ ଉତ୍କର୍ଷ ଓ ବିଶ୍ୱସ୍ତରୀୟ ଶାକ୍ଷରିକ ସହଯୋଗ ପ୍ରତି ପ୍ରତିବଦ୍ଧତାକୁ ପୁନଃ ସ୍ଥାପିତ କରିପାରିଛି ।




ଆନନ୍ଦପୁର : ମା ମଙ୍ଗଳା କ୍ରିକେଟ କପ ଘଷିପୁରା ଦ୍ୱାରା ଆୟୋଜିତ ଉଦ୍ଘାଟନୀ ମ୍ୟାଚରେ ଅତିଥି ଭାବେ ଯୋଗ ଦେଲେ ପୂର୍ବ ତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ସୁବ୍ରତ କୁମାର ଚକ୍ର ।

# ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଚେନ୍ନାଇରୁ ଘରେ ପହଁଚିଲା ମୃତକଙ୍କ ଶବ

ସୋର, (ସବ୍ୟୁ): : ଚେନ୍ନାଇରେ କାମ କରୁଥିବା ଜଣେ ବ୍ୟକ୍ତିଙ୍କ ଘରକୁ ଫେରୁଥିବା ବେଳେ ଚେନ୍ନାଇ ସେଣ୍ଟ୍ରାଲ ରେଳ ଷ୍ଟେସନରେ ମୃତ୍ୟୁ ହେବା ପରେ ତାଙ୍କର ଗରିବ ସ୍ତ୍ରୀ ଜଣକ ନିରୁପାୟ ହୋଇ ଗଣମାଧ୍ୟମରେ ଆକୁଳ ନିବେଦନ କରିବା ପରେ ରବିବାର ଦିନ ପ୍ରଶାସନର ଉଦ୍ୟମ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହସ୍ତକ୍ଷେପ ଫଳରେ ତାଙ୍କର ଶବ ରବିବାର ସଂଧ୍ୟାରେ ନିଜ ଗ୍ରାମରେ ପହଞ୍ଚିଛି। ପ୍ରକାଶ ଯେ ସୋର ଥାନା ସିଙ୍ଗାଖୁଣ୍ଟା ପଞ୍ଚାୟତ ସରଳିଆ ଗ୍ରାମର ଯୁଧିଷ୍ଠିର ବାରିକ(୫୬) ଦୀର୍ଘବର୍ଷ ଧରି ଚେନ୍ନାଇର ଏକ ଦୋକନରେ କାମ କରୁଥିଲେ। ଗତ ଶୁକ୍ରବାର ସକାଳେ ଟ୍ରେନ ଯୋଗେ ଘରକୁ ଫେରିବା ପାଇଁ ଚେନ୍ନାଇ ସେଣ୍ଟ୍ରାଲ ଷ୍ଟେସନକୁ ଆସିଥିବା ବେଳେ ସେଠାରେ ହଠାତ୍ ତାଙ୍କର ଛାତିରେ ଯନ୍ତ୍ରଣା ହେବାରୁ ସେ ଷ୍ଟେସନ ନିକଟରେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିକଟରେ ଥିବା ରାଜୀବଗାନ୍ଧୀ ସରକାରୀ ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁନାୱାଲା ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିବା ସହିତ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଯୁଧିଷ୍ଠିରଙ୍କର ଦୁଇ ଝିଅ ବିବାହ କରିଥିବା ବେଳେ ଘରେ ତାଙ୍କ ସ୍ତ୍ରୀ ଏକାକୀ ରୁହନ୍ତି। ସେ ଯୁଧିଷ୍ଠିରଙ୍କ ଶବ ଓଡିଶାକୁ ଆଣିବା ପାଇଁ ଓଡିଶା ସରକାରଙ୍କଠାରେ ଆକୁଳ ନିବେଦନ କରିଥିଲେ। ଏହି ସମ୍ବେଦନଶୀଳ ଘଟଣା ଉପରେ ସରକାରୀ ଅଧିକାରୀମାନଙ୍କ ଉଦ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ କରି ଆଜି ତାଙ୍କର ମୃତଦେହକୁ ଫେରାଇ ଆଣିବା ପରେ ଆଜି ସଂଧ୍ୟାରେ ସରଳିଆ ଗ୍ରାମରେ ଶୋକାକୁଳ ପରିବେଶରେ ପହଞ୍ଚିବା ପରେ ତାଙ୍କର ବିଧବା ପତ୍ନୀ ମୁଖ୍ୟମନ୍ତ୍ରୀଙ୍କୁ କାନ୍ଦି କାନ୍ଦି କୃତଜ୍ଞତା ଜଣାଇଛନ୍ତି।

# ଖଣି ବିଭାଗର ଚଢ଼ାଉ, ଦୁଇ ଗାଡି ଜବତ

ସୋର, (ସବ୍ୟୁ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ବିଜୁ ପେଟ୍ରୋଲ ପମ୍ପ ନିକଟରୁ ଖଣି ବିଭାଗ ତରଫରୁ ଚଢ଼ାଉ କରାଯାଇ ଦୁଇଟି ବେଆଇନ ବାଲି ଏବଂ ପଥର ବୋଝେଇ ଗାଡିକୁ ଜବତ କରିଛନ୍ତି। ସୂଚନା ଅନୁସାରେ ଗତକାଲି ରାତିରେ ବାଲେଶ୍ୱର କନିଷ୍ଠ ଖଣି ଅଧିକାରୀ ସମ୍ବିତ କୁମାର ମଣି ସୋର ପୁଲିସ ସହାୟତାରେ ଏହି ସ୍ଥାନରେ ଚଢ଼ାଉ କରିଥିଲେ।ଏହି ସମୟରେ ଓଡି ୨୨ ଏସି ୮୫୮୬ ନମ୍ବର ବିଶିଷ୍ଟ ପଥର ବୋଝେଇ ଡମ୍ପର ଏବଂ ଓଡି ୩୪ ଆର ୦୨୦୭ନମ୍ବର ବିଶିଷ୍ଟ ବାଲି ବୋଝେଇ ହାଇୱା ବେଆଇନ ଭାବେ ମାଲ ପରିବହନ କରୁଥିବା ଜାଣିପାରି ଉଭୟ ଗାଡିକୁ ଜବତ କରି ଥାନାରେ ସୋର ଜିମା ଦେଇଛନ୍ତି।

# ରନ୍‌ଶ୍ରୀ ସମ୍ମାନରେ ସମ୍ମାନିତ ହେଲେ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ସମ୍ପାଦିକା ଡ଼ ସୁକାନ୍ତି ମିଶ୍ର




କେନ୍ଦୁଝର , (ଜିପ୍ର) : ୱାର୍ଲଡ ଓଡ଼ିଶା ସୋସାଇଟି (ୱାଓସୋ) ର ପଞ୍ଚମ ପ୍ରତିଷ୍ଠା ଦିବସ ଉପଲକ୍ଷେ ନୂଆଦିଲ୍ଲୀର ସିଭିଲ ସର୍ଭିସ ଅଫିସର୍ସ ଇନଷ୍ଟିଚ୍ୟୁଟଠାରେ ଆୟୋଜିତ ଉତ୍କଳ ଉତ୍ସବରେ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ର ସମ୍ପାଦିକା ଡ଼ ସୁକାନ୍ତି ମିଶ୍ର ଙ୍କୁ ସମାଜସେବା ଲାଗି ରନ୍‌ଶ୍ରୀ ସମ୍ମାନରେ ସମ୍ମାନୀତ କରାଯାଇଛି । ଦୀର୍ଘ ୨୦ ବର୍ଷ ହେଲା ଡ଼ ମିଶ୍ର ଧର୍ମପତି ଡ଼ ବିପିନ ବିହାରୀ ମିଶ୍ର ଙ୍କ ସହ ମିଶି ବିଭିନ୍ନ ପ୍ରକାର ସମାଜସେବା କାର୍ଯ୍ୟକ୍ରମ କରିଆସୁଛନ୍ତି ଓଡିଶାରୁ ଆରମ୍ଭ କରି ମୁମ୍ବାଇ ଦିଲ୍ଲୀ ଭଳି ଜାଗାରୁ ସାଉଣ୍ଟିଛନ୍ତି ଲୋକଙ୍କ ଭଲ ପାଇବା ମୁମ୍ବାଇ ରେ ଥିବା କ୍ୟାନ୍ସର ସେଲତାର ହୋମ ରେ ପ୍ରତ୍ୟକ ଦିନ ୪୦-୫୦ ଜଣ ରୋଗୀ ତାଙ୍କ ପରିବାର ସହ ରହି ମାଗଣା ଖାଇବା ସହ ତାଙ୍କ ଲାଗି ଆମ୍ବୁଲାନ୍ସର ମଧ୍ୟ ବ୍ୟବସ୍ଥା କରିଛନ୍ତି । ଟାଟା ମେମୋରିଆଲ ହସ୍ପିଟାଲରେ ସେମାନଙ୍କୁ ଚିକିତ୍ସା କରୁଥିବାରୁ ଡ଼ ମିଶ୍ର ସେଠୁ ମଧ୍ୟ ସମ୍ମାନିତ ହୋଇଛନ୍ତି ।ଗରିବ ଅସହାୟ ମହିଳାଙ୍କୁ ସିଲେଇ ତାଲିମ ପ୍ରଦାନ କରୁଥିବା ସହ ତାଙ୍କୁ ରୋଜଗାର କରି ନିଜ ଗୋଡ଼ରେ ଛିଡ଼ା କରି ପରିବାର ପୋଷିବାକୁ ବାଟ ଦେଖେଇଛନ୍ତି । ସାରା ଭାରତ ରେ ୧୦,୦୦,୦୦୦ ଗଛ ଲଗାଇବାର ଶପଥ ନେଇ ଏବେ ଯାଏଁ ୪,୦୦,୦୦୦ ରୁ ଉଦ୍ଧ୍ୱଗଛ ଲଗାଇ ତାର ରକ୍ଷଣା ବେକ୍ଷଣା କରି ଓଡିଶା ସରକାରଙ୍କ ଠାରୁ ପ୍ରକୃତି ମିତ୍ର ଏବଂ ପ୍ରକୃତି ବନ୍ଧୁ ସାମ୍ମନର ହକଦାର ହୋଇପାରିଛନ୍ତି । ପ୍ରତିଷ୍ଠା ପର୍ବରେ ବିଶିଷ୍ଟ ଅତିଥି ଭାବରେ ଯୋଗଦେଇ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ,ଓଡ଼ିଶାର ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ଦିଲ୍ଲୀ ବିଧାନସଭାର ବାଚସ୍ପତି ବିଜେନ୍ଦ୍ର ଗୁପ୍ତା, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ରାଷ୍ଟ୍ରୀୟ ପତ୍ରକାର ମହାସଙ୍ଘର ଜାତୀୟ ସଭାପତି ଡଃ. ପବିତ୍ର ମୋହନ ସାମନ୍ତରାୟ, ଯୋଗ ଦେଇଥିଲେ । ୱାଓସୋର ଭାରତ ଅଧ୍ୟାୟର ସଭାପତି ଡଃ. ବିପିନ ବିହାରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଜଙ୍ଗଲରୁ ନିଖୋଜ ମହିଳାଙ୍କ ଝୁଲନ୍ତା ମୃତଦେ ଉଦ୍ଧାର

ଆନନ୍ଦପୁର,(ସବ୍ୟୁ): କେନ୍ଦୁଝର ଜିଲା ବିରିଡିହା ଗ୍ରାମର ମହିଳା ନଦୀକୁ ଶୌଚ ହେବାପାଇଁ ଯାଇ ନିଖୋଜ ଥିବା ବେଳେ ରବିବାର ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି । ସୂଚନା ଅନୁସାରେ, କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଧିନ କଣ୍ଟିପାଳ ପଂଚାୟତ ବିରିଡିହା ଗ୍ରାମର ମିନତୀ ବେହେରା (୪୨) ଗୁରୁବାର ସକାଳ ସାଢ଼େ ଟାରେ ଶଶୁରଙ୍କୁ ଚା ପିଇବାକୁ ଦେଇ ଘଣ୍ଟିଆ ନାଳକୁ ଶୌଚ ପାଇଁ ଯାଇଥିଲେ । ବୋହୂ ମିନତୀ ଫେରିବା ବିଳମ୍ବ ହେବାରୁ ଶଶୁର ଚେମଣ ବେହେରା (୭୦)ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ ହେଲେ ସ୍ଥାନୀୟ ଲୋକ ଗ୍ରାମବାସୀ ବୋହୂ ଖୋଜା ଖୋଜି କରିଥିଲେ ଏବଂ ବନ୍ଧୁ ବାନ୍ଧବ ଲୋକଙ୍କୁ ଫୋନ କରି ପଚାରିଥିଲେ ସୁଦ୍ଧା ମିନତୀର ସନ୍ଧାନ ମିଳିନଥିଲା । ପରିବାରରେ କେବଳ ଶଶୁର ବୋହୂ ରହୁଥିବା ବେଳେ ଶଳା ଭାଉଜର ନିଖୋଜ ଖବର ଶୁଣି ବେଲବାହାଳୀ ଡିହ ସାହି ଗ୍ରାମର ସ୍ୱାଇଁ ଅଭିମନ୍ୟୁ ଦେହୁରୀ ଗୁରୁବାର ସନ୍ଧ୍ୟାରେ ଆନନ୍ଦପୁର ଥାନାରେ ଅଭିଯୋଗ କରିଥିଲେ ।ମିନତୀଙ୍କ ଖୋଜ ଖବର ମିଳିନଥିବା ବେଳେ ରବିବାର ବାରୁଆଁ ଜଙ୍ଗଲକୁ ସ୍ଥାନୀୟ ଲୋକେ ଯାଇଥିବା ବେଳେ ମହିଳାଙ୍କ ଝୁଲନ୍ତା ମୃତଦେହ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ । ପରିବାର ଲୋକେ ମହିଳାଙ୍କୁ ଚିହ୍ନଟ କରି ଆନନ୍ଦପୁର ପୋଲିସକୁ ଖବର ଦେଇଥିଲେ । ତେବେ ଖବର ସଂଗ୍ରହ ବେଳକୁ ଆନନ୍ଦପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ନଥିଲା ।

# ଓଡିଶା ଆଦର୍ଶ ବିଦ୍ୟାଳୟରେ ବର୍ଣ୍ଣାଳୀ-୨୦୨୫



ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଖଇରା ଅର୍ଜୁନପୁରସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ବର୍ଣାଳୀ-୨୦୨୫ ଶନିବାର ଦିନ ସଭା ଓ ସମ୍ବର୍ଦ୍ଧନା ସାଙ୍ଗକୁ ନୃତ୍ୟଗୀତର ତାଳେ ତାଳେ ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱଜିତ ମୁଦୁଲିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି,ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ସାହିତ୍ୟିକ ସଞ୍ଜୟ କୁମାର ପଣ୍ଡା ମୁଖ୍ୟବକ୍ତା,ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ତହସିଲଦାର ଅମିତ ରଞ୍ଜନ ହୋତା,ପଳସା ସରପଞ୍ଚ ମନୋରଞ୍ଜନ ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଏଭଳି ମହୋତ୍ସବ ପ୍ରତିଭାର ବିକାଶ ପାଇଁ ସୁଯୋଗ ସୃଷ୍ଟି କରିଥାଏ ବୋଲି ପ୍ରକାଶ କରିଥିଲେ । ବିଭିନ୍ନ ଶ୍ରେଣୀରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିବା କ୍ରୀଷ୍ଟାପ୍ରିୟଦର୍ଶନୀ ବେହେରା,ରାଜଦୀପ ପଣ୍ଡା,ମାନ୍ୟତା ମଣ୍ଡଳ ,କ୍ରୀଡାରେ କୃତିତ୍ୱ ହାସଲ କରିଥିବା ସୁପ୍ରଭା ସାହୁ,ସୁଦର୍ଶନ ଦାସ,ସୂର୍ଯ୍ୟ ।ରାୟଣ ସେଠୀ,ଜ୍ୟୋତିରାଣି ସେଠୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଛାତ୍ରୀ ପ୍ରୀତିପ୍ରଭା ବେହେରା ମଞ୍ଚ ପରିଚାଳନା କରିଥିଲେ ।

# ପାଟଣା ରେଞ୍ଜରେ ପକ୍ଷୀ ଗଣନା, ୬ ଶହ ପକ୍ଷୀ

ଢ଼େଙ୍କିକୋଟ , (ସବ୍ୟୁ): କେନ୍ଦୁଝର ଜିଲା ପାଟଣା ରେଞ୍ଜ ଖିରେଇ ଟାଙ୍ଗିରି ସେକ୍ସନରେ ରବିବାର ପକ୍ଷୀ ଗଣନା ଆରମ୍ଭ ହୋଇଛି । ପାଟଣା ବନାଞ୍ଚଳର ଖିରେଇତାନଗିରି ବନକ୍ଷେତ୍ରର ଖିରେଇତାନଗିରି ବଡ ବନ୍ଧ ଏବଂ ରାଜନଗର ବୈତରଣୀ ନଦୀର କୁଦରରେ ଗଣନା କରାଯାଉଛି ।ଏହି କାର୍ଯ୍ୟରେ ଖିରେଇଟାଙ୍ଗୀରି ବନପାଳ ପୂର୍ଣ୍ଣ ଚନ୍ଦ୍ର ମହାନ୍ତ ,ବନରଖୀ ଦେବଯାନୀ ମହାନ୍ତ, ସୁଜାତା ସାହୁ, ଅନନ୍ୟା ପ୍ରିୟଦର୍ଶିନୀ ନାୟକ, ପାରା ଷ୍ଟାଫ ସିରାପାଣି ମହାନ୍ତ, ଭରତ ମହାନ୍ତ, ପୂର୍ଣଚନ୍ଦ୍ର ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ । ଗଣନା ସମୟରେ ସମୁଦାୟ ପାଖାପାଖି ୬ଶହ ପକ୍ଷୀ ଦେଖା ଯାଇଥିଲେ । ପକ୍ଷୀ ଗୁଡ଼ିକ ମଧ୍ୟରେ ମାଛରଙ୍କା, ପାଣିକୁଆ, ବଗ, ଡାହୁକ ଆଦି ପ୍ରଜାତିର ପକ୍ଷୀ ରହିଛନ୍ତି । ବହୁ ସଂଖ୍ୟକ ପକ୍ଷୀ ସୁରକ୍ଷିତ ସହବସ୍ଥାନ ପରିବେଶ ପାଇଁ ଶୁଭ ସଂକେତ ବୋଲି ପକ୍ଷୀ ପ୍ରେମୀମାନେ ମତ ବ୍ୟକ୍ତ କରିଛନ୍ତି ।

# ସରକାରୀ ବାଳିକା ହାଇସ୍କୁଲ ବାର୍ଷିକ ଉତ୍ସବ

ଆଗରପଡ଼ା,(ସବ୍ୟୁ): ଭଦ୍ରକ ଜିଲ୍ଲାର ଅନ୍ୟତମ ପ୍ରମୁଖ ତଥା ପୁରାତନ ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲ ବାର୍ଷିକ ତଥା ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଭଣ୍ଡାରିପୋଖରୀ ବିଧାୟକ ସଂଜୀବ ମଲ୍ଲିକ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପ୍ରଧାନଶିକ୍ଷକ ଚିତ୍ତରଂଜନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲ୍ଲାପରିଷଦ ସଭାପତି ପ୍ରଫୁଲ୍ଲ ଜେନା,ସଭ୍ୟା ରୁନୀତା ଦାସ,କୁପାରୀ ହରେକୃଷ୍ଣ ମହତାବ କଲେଜ ଅଧକ୍ଷ ଯୁଧିଷ୍ଠିର କୁଅାଁର,ସରପଞ୍ଚ ପ୍ରକାଶ ବିଶ୍ୱାଳ,ବିନୋଦିନୀ ମହାନ୍ତି,ସିଆରସିସି ନିରଞ୍ଜନ ଖିଲାର,ପୁରୁଷଣ୍ଡ ସେବା ସମବାୟ ସମିତି ସଭାପତି ପ୍ରଶାନ୍ତ ଦାଶ,ସ୍କୁଲ ପରିଚାଳନା କମିଟି ସଭାପତି ବର୍ଷାରାଣୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ଅଜିତ ରାଉଳ ସ୍ୱାଗତ ଭାଷଣ ଓ ଶିକ୍ଷକ ବିରେନ ମିଶ୍ର ବାର୍ଷିକ ବୀବରଣୀ ପାଠ କରିଥିଲେ। ଦ୍ୱିତୀୟ ଅଧିବେସନରେ ବନ୍ତ ବ୍ଲକ ଅଧକ୍ଷ ମନୋରଂଜନ ଘଡ଼େଇ,ଶିକ୍ଷାବିତ ଡ.ସୁଧାଂଶୁ ଶେଖର ନାୟକ,ବିଜେପି ମହତାବ ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦ,ସରପଞ୍ଚ ଶୁଭଦ୍ରା ସିଂହ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରା ଯାଇଥିଲା। ଏହି ଦିବସ ବ୍ୟାପୀ କାର୍ଯ୍ୟକ୍ରମକୁ ଶିକ୍ଷକ,ଶିକ୍ଷୟତ୍ରୀମାନେ ପରିଚାଳନା କରିଥିଲେ।

# ପୋଖରୀରେ ବୁଡ଼ି ମହିଳା ମୃତ

ବାଲେଶ୍ୱର ,(ସବ୍ୟୁ): ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ଶୋଭାରାମପୁର ଟାଇଲବସାରେ ଲକ୍ଷ୍ମୀ ସିଂ ନାମକ ଜଣେ ମହିଳା ପାଣିରେ ବୁଡ଼ି ମୃତ୍ୟୁ ବରଣ କରିଥିବା ଜଣାପଡ଼ିଛି । ଘଟଣାରୁ ପ୍ରକାଶ ଲକ୍ଷ୍ମୀ ସିଂ ପୋଖରୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ଅସାବଧାନତା ବଶତଃ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ିଯାଇଥିଲେ । ଘର ଲୋକମାନେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିବା ବେଳେ ଆଉଟ୍‌ଡୋରରେ ଥିବା ଡାକ୍ତର ଲକ୍ଷ୍ମୀଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାପଡ଼ିଛି ।

# ମହିଳାଙ୍କ ଆତ୍ମହତ୍ୟା

ସୋର, (ସବ୍ୟୁ) : ସୋର ବ୍ଲକ ଗୋପୀନାଥପୁର ପଞ୍ଚାୟତ ଦିଗୀ ଭଅାଁରା ଗ୍ରାମରେ ପାରିବାରିକ କଳହରୁ ବିଷ ପିଇ ଜଣେ ମହିଳା ଆତ୍ମହତ୍ୟା କରିଥିବା ଜଣା ପଡିଛି। ସୂଚନା ଅନୁସାରେ ଏହି ଗ୍ରାମର କରୁଣାକର ନାୟକଙ୍କ ସ୍ତ୍ରୀ କୌଶଲ୍ୟା ନାୟକ ରବିବାର ସକାଳେ ଏକ ଗୁପରୁ ଟଙ୍କା ଉଠାଇଥିଲେ। ଫଳରେ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଏହାକୁ ନେଇ ଝଗଡା ହୋଇଥିଲା। ଏଥିରେ ମାନସିକ ଭାରସାମ୍ୟ ହରାଇ କୌଶଲ୍ୟା ବିଷ ପିଇ ଦେଇଥିଲେ। ଏହା ଜାଣିପାରି ପରିବାର ଲୋକେ ସନ୍ଧ୍ୟାରେ ତାଙ୍କୁ ଉଦ୍ଧାର କରି ସୋର ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ମେଡିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଛେଦ ପାଇଁ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଲିଭହେର୍ : ବାଲେଶ୍ୱରରେ ବାବାମଣି ସେଲ୍ସ ଡିଷ୍ଟ୍ରିବ୍ୟୁଟର 'ବାଲେଶ୍ୱର' ସହ ରେଫ୍ରିଜେରେସନର ନୂତନତମ ପ୍ରଡକ୍ଟ ରେଞ୍ଜ ଲଞ୍ଚ




ବାଲେଶ୍ୱର,(ସବ୍ୟୁ): ଜର୍ମାନୀର ପ୍ରସିଦ୍ଧ ରେଫ୍ରିଜେରେସନ କମ୍ପାନୀ ଲିଭହେର ବାଲେଶ୍ୱରରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ବାବାମଣି ସେଲ୍ସ ଡିଷ୍ଟ୍ରିବ୍ୟୁଟର (ବାଲେଶ୍ୱର)ଙ୍କ ସହଯୋଗରେ ନିଜର ନୂତନତମ ପ୍ରୋଡକ୍ଟ ରେଞ୍ଜ (ନବୀନତମ ଉତ୍ପାଦ ଶୃଙ୍ଖଳା) ଲଞ୍ଚ କରିଛି। ୧୯୫୪ ମସିହାରେ ସ୍ଥାପିତ, ଲିଭହେର୍ ଗୁଣ, ନବୀନତା ଏବଂ ଗ୍ରାହକ ସନ୍ତୁଷ୍ଟି ପ୍ରତି ନିଜର ଦୃଢ଼ ପ୍ରତିବଦ୍ଧତା ଯୋଗୁଁ ବିଶ୍ୱସ୍ତରରେ ଶିଳ୍ପ ମାନ୍ୟତା ପାଇଛି।ବାଲେଶ୍ୱରର ପ୍ରତିଷ୍ଠିତ ହୋଟେଲ୍ ହରି ପ୍ଲାଜା ରେ ଆୟୋଜିତ ଏହି ଲଞ୍ଚ କାର୍ଯ୍ୟକ୍ରମରେ ଅମିତ ସରକାର (ଡିଜିଏମ୍ ସେଲ୍ସ - ଲିଭହେର୍ ଆପ୍ଲାୟାନ୍ସେଜ୍ ଇଣ୍ଡିଆ), ଅଖିଳେଶ କୁମାର (ବ୍ରାଞ୍ଚ ମ୍ୟାନେଜର - ଲିଭହେର୍ ଆପ୍ଲାୟାନ୍ସେଜ୍, ବିହାର-ଝାଡ଼ଖଣ୍ଡ-ଓଡ଼ିଶା), ସେଲ୍ସ, ମାର୍କେଟିଂ ଏବଂ ସର୍ଭିସ୍ ଟିମ୍ ସହ ଧୀରେନ୍ଦ୍ର ନାୟକ (ପ୍ରୋ. ବାବାମଣି ସେଲ୍ସ ଡିଷ୍ଟ୍ରିବ୍ୟୁଟର) ଉପସ୍ଥିତ ଥିଲେ। ଏହା ସହ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେଉଁଝର, ଢେଙ୍କାନାଳ ଏବଂ ଅନୁଗୁଳ ଅଞ୍ଚଳର ୮୦ ରୁ ଅଧିକ ପ୍ରଭାବଶାଳୀ ଟ୍ରେଡ୍ ପାର୍ଟନରମାନେ ଯୋଗଦେଇଥିଲେ।ଭାରତୀୟ ଉପଭୋକ୍ତାଙ୍କ ପାଇଁ ଲିଭହେର୍ ର ୯୦ଟି ନୂଆ ଏବଂ ପ୍ରଭାବଶାଳୀ ମୋଡେଲ୍ ଉପଲବ୍ଧ, ଯାହା ଭାରତୀୟ ଉପଭୋକ୍ତାଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ଡିଜାଇନ୍ କରାଯାଇଛି। ଲିଭହେର୍ ଭାରତରେ କମ୍ପ୍ରେସର୍ ଉପରେ ୨୦ ବର୍ଷର ୱାରେଣ୍ଟି ଦେଉଥିବା ପ୍ରଥମ ଜର୍ମାନ କମ୍ପାନୀ। ଏହି ପଦକ୍ଷେପ ଶିଳ୍ପ ଜଗତରେ ଏକ ନୂଆ ମାନକ ସ୍ଥାପନ କରିଛି।ଡାଇରେକ୍ଟ କୁଲ୍ ରେଫ୍ରିଜେରେଟର୍ ସେଗ୍ମେଣ୍ଟରେ ଲିଭହେର୍ ର ହ୍ୟାଣ୍ଡସ୍-ଫ୍ରି ଓପେନିଂ ଟେକ୍ନୋଲୋଜି ଏକ ମୁଖ୍ୟ ନବୀନତା, ଯାହା ୧୯୧ ଲିଟର, ୨୦୨ ଲିଟର ଏବଂ ୨୨୨ ଲିଟର କ୍ଷମତାରେ ଉପଲବ୍ଧ। ନବୀନତା, ଗୁଣ ଏବଂ ଗ୍ରାହକ ସନ୍ତୁଷ୍ଟି ପ୍ରତି ଦୃଢ଼ ପ୍ରତିବଦ୍ଧତା ସହ, ଲିଭହେର୍ ଭାରତ ଓ ସାରା ବିଶ୍ୱରେ ରେଫ୍ରିଜେରେସନ ଶିଳ୍ପର ନେତୃତ୍ୱ କରିଆସୁଛି। ଏହି କାର୍ଯ୍ୟକ୍ରମରେ ଅଖିଳେଶ କୁମାର (ବିଏମ୍), ଧିରେନ୍ଦ୍ର ନାୟକ (ଡିଷ୍ଟ୍ରିବ୍ୟୁଟର), ଦୀପୁନ୍ ବିଶ୍ୱାଳ (ବାବାମଣି ସେଲ୍ସ ମେନେଜର), ପ୍ରକାଶ କୁମାର ପରିଡ଼ା (ଏଏସ୍ଏମ୍), ମିଣ୍ଟୁୟ ରୟ (ଆର୍ଏମ୍ଏମ୍), ପ୍ରଦୀପ ସରକାର (ସର୍ଭିସ ହେଡ୍) ପ୍ରମୁଖ ଉପସ୍ଥିତ ଥିଲେ ।

# ଜିନ୍ଦଲ ଷ୍ଟିଲ ପକ୍ଷରୁ ତମାଖୁମୁକ୍ତ ସଚେତନତା ପକ୍ଷ ପାଳିତ



କେନ୍ଦୁଝର (ଜିପ୍ର/ସବ୍ୟୁ): ଜିନ୍ଦଲ ଷ୍ଟିଲ ପକ୍ଷରୁ ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ତମାଖୁମୁକ୍ତ ସଚେତନତା ପକ୍ଷ ଉଦଯାପିତ ହୋଇଯାଇଛି। ଜିନ୍ଦଲ ଷ୍ଟିଲର କାଶିଆ ଓ ରୋଇଡ଼ା ମାଇନ୍ସ ପାରିପାର୍ଶ୍ୱିକ ଅଞ୍ଚଳକୁ ତମାଖୁମୁକ୍ତ କରିବା ପାଇଁ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ଏହି ଅବସରରେ ଜିନ୍ଦଲ ଷ୍ଟିଲ-ବିକେଟିଆର କ୍ଲଷ୍ଟର ହେଡ ପ୍ରମୋଦ କୁମାର ପାତ୍ର ଏକ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥ ସେରେଣ୍ଡା ଓ ଭଦ୍ରାସାହି ପଞ୍ଚାୟତ ଅଞ୍ଚଳରେ ପରିଭ୍ରମଣ କରିଥିଲା। ସିଏସଆର, ଏଚଆର ଓ ଆଡମିନ ବିଭାଗର ତତ୍ତ୍ୱାବଧାନରେ ଆୟୋଜିତ ଏହି ପକ୍ଷରେ ପାରିପାର୍ଶ୍ୱିକ ଗ୍ରାମାଞ୍ଚଳରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ସଚେତନତା ପକ୍ଷର ଉଦଯାପନୀ ଦିବସରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କ୍ଲଷ୍ଟର ହେଡ ଶ୍ରୀ ପାତ୍ର ଏଥିରେ ଯୋଗ ଦେଇ ତମାଖୁ ସେବନର ଭୟାବହତା ସମ୍ପର୍କରେ କହିଥିଲେ। ତମାଖୁ ଜୀବନ ନେବା ସହ ପରିବାର ଉଜାଡୁଛି, ତେଣୁ ଏହାକୁ ବର୍ଜନ କରିବା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ତମାଖୁ ନୁହେଁ ଜୀବନ ବାଛିବାକୁ ସେ ସମସ୍ତଙ୍କୁ ବୁଝାଇଥିଲେ। ଉଦଯାପନୀ କାର୍ଯ୍ୟକ୍ରମରେ ବରିଷ୍ଠ ଅଧିକାରୀଙ୍କ ସମେତ ଶତାଧିକ କର୍ମଚାରୀ ଯୋଗ ଦେଇଥିଲେ।

**(ଶ୍ରୀମଭଗବଦ୍ ଗୀତା ୨/୧୮)**

**ସାଂଖ୍ୟଯୋଗଃ**

ଶ୍ରୀଭଗବାନୁବାଚ

**ଅନ୍ତବନ୍ତ ଇମେ ଦେହୀ ନିତ୍ୟସ୍ୟୋକ୍ତାଃ ଶରୀରିଣଃ ।**
**ଅନାଶନୋପ୍ରମେୟସ୍ୟ ତସ୍ମାଦ୍ ଯୁଧସ୍ୱ ଭାରତ ॥ ୧୮ ॥**

(ଦେବସ୍ୟ ଅଗାମାପାୟଧର୍ମ୍ମତ୍ୱଂ ସନ୍ଦର୍ଶୟତି)–ନିତ୍ୟସ୍ୟ (ସର୍ବଦା ଏକରୂପସ୍ୟ) ଅନାଶିନଃ (ନାଶହୀନସ୍ୟ) ଅପ୍ରମେୟସ୍ୟ (ଅପରିଚ୍ଛିନ୍ନସ୍ୟ) ଶରୀରିଣଃ (ଆତ୍ମନଃ) ଇମେ (ପରିଦୃଶ୍ୟମାନାଃ) ସୁଖଦୁଃଖାଦିଧର୍ମ୍ମକାଃ ଦେହାଃ ଅନ୍ତବନ୍ତଃ (ଅନ୍ତଃ ବିନାଶଃ ବିଦ୍ୟତେ ଯେଷାଂ ତେ ବିନାଶଶୀଳାଃ) ଉକ୍ତାଃ (ଯସ୍ମାଦେବ ଆତ୍ମନଃ ନ ବିନାଶଃ, ନ ଚ ସୁଖଦୁଃଖାଦିସମ୍ବନ୍ଧଃ) ତସ୍ମାତ୍ ହେ ଭାରତ ! (ମୋହଜଂ ଶୋକଂ ତ୍ୟକ୍ତ୍ୱା) ଯୁଦ୍ଧସ୍ୱ (ଯୁଦ୍ଧରୂପଂ ସ୍ୱଧର୍ମ ପାଳୟ) ॥ ୧୮ ॥

# ରାସ୍ତା ଦୁର୍ଘଟଣାର କାରଣ, ନିରାକରଣ

ବିକଶିତ ଭାରତ ବା ସମୃଦ୍ଧ ଓଡ଼ିଶା ମାର୍ଗରେ ଆମେମାନେ ଅଗ୍ରସର ହେଉଥିବା ବେଳେ, ରାସ୍ତା ଦୁର୍ଘଟଣା ସମ୍ପର୍କରେ ନା ସରକାର ନା ଜନସାଧାରଣ ସଚେତନ ହେଉଛନ୍ତି ? ଅବଶ୍ୟ କେନ୍ଦ୍ର ବା ରାଜ୍ୟ ସରକାର ଏ କ୍ଷେତ୍ରରେ ଜନସାଧାରଣଙ୍କୁ ସଚେତନ କରିବାକୁ ଉଦ୍ୟମ ଜାରି ରଖିଥିଲେ ମଧ ତାହା ଅଧିକ ଫଳପ୍ରଦ ହୋଇ ପାରୁନାହିଁ । ରୋଡ ବା ରାସ୍ତାର ଟିକସ ଆଦାୟ କରିବାକୁ ସରକାରୀ କର୍ମଚାରୀ ବା ଅଧିକାରୀମାନେ ଯେଉଁ ତତ୍ପରତା ପ୍ରକାଶ କରିଥା'ନ୍ତି, ରାସ୍ତା ଦୁର୍ଘଟଣା ରୋକିବାକୁ ବା ଜନସାଧାରଣଙ୍କର ଅମୂଲ୍ୟ ଜୀବନ ରକ୍ଷା କରିବା ପାଇଁ ସେମାନେ ସେପରି ତତ୍ପରତା ପ୍ରକାଶ କରୁଥିବା ପରିଲକ୍ଷିତ ହୁଏ ନାହିଁ । ଅକାଳରେ ଅନେକ ଜୀବନ ମଉଳି ପଡୁଛି । ଅନେକ ବି ଆହତ ହୋଇ ଅକର୍ମଣ୍ୟ ହୋଇ ପଡୁଛନ୍ତି । ଅନ୍ୟମାନେ ଅବଶ୍ୟ ଏଥିପାଇଁ ଦୁଃଖ କରିବେ, କିନ୍ତୁ ଆତ୍ମୀୟସ୍ୱଜନ ଓ ପରିବାର ଲୋକଙ୍କ ଆଖିର ଲୁହ ଏଥି ଯୋଗୁଁ ଶୁଖେ ନାହିଁ । ରାସ୍ତା ଦୁର୍ଘଟଣା ଆମର ବିକାଶ କ୍ଷେତ୍ରରେ ଅନେକ ବାଧା ସୃଷ୍ଟି କରିବ ବୋଲି ମନେ ହେଉଛି । ସେଥିପାଇଁ ଏବେଠାରୁ ଆମେ ସତର୍କ ରହିବା ଆବଶ୍ୟକ ।

**ରାଜ୍ୟ ଶାସନରେ ପରିବର୍ତ୍ତନ ହୋଇଛି ସତ, କିନ୍ତୁ ଅନେକ ଅଧିକାରୀ ଓ କର୍ମଚାରୀଙ୍କ ମାନସିକତାରେ ପରିବର୍ତ୍ତନ ହୋଇ ନାହିଁ । ଆଜିର ଯୁବକମାନେ ଏ ବିଷୟରେ ଅଧିକ ସଚେତନ ହୁଅନ୍ତୁ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ମଳ ଭାବମୂର୍ତ୍ତିକୁ ଚାହିଁ କିମ୍ବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମୂଲ୍ୟବାନ ପରାମର୍ଶକୁ ଉଚିତ ମନେ କରି ପ୍ରଶାସନିକ ଢାଞ୍ଚାରେ ପରିବର୍ତ୍ତନ ପାଇଁ ଉଦ୍ୟମ ଜାରି ରଖନ୍ତୁ ।**

ପରିସଂଖ୍ୟାନରୁ ଜଣାଯାଇଛି ଯେ ବିଗତ ଚାରିବର୍ଷ ମଧ୍ୟରେ ଭାରତର ଛଅଗୋଟି ରାଜ୍ୟରେ ଏହି ରାସ୍ତା ଦୁର୍ଘଟଣାର ଭୟାବହତା ବେଶ ହୃଦୟ ବିଦାରକ ଥିଲା । ସେହି ରାଜ୍ୟଗୁଡ଼ିକ ହେଉଛି– ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ତାମିଲନାଡ୍ଡୁ, ରାଜସ୍ଥାନ ଓ କର୍ଣ୍ଣାଟକ । ଗତ ୨୦୨୫ ଜାନୁଆରୀ ୧୭ ସୁଦ୍ଧା, ପ୍ରାୟ ବର୍ଷକ ତଳେ ଭାରତର ତାମିଲନାଡ୍ଡୁ, ତେଲେଙ୍ଗାନା ଓ ଛତିଶଗଡ଼ ଏହି ତିନୋଟି ରାଜ୍ୟରେ ସର୍ବାଧିକ ରାସ୍ତା ଦୁର୍ଘଟଣାମାନ ହୋଇଥିବା ହିସାବ କରାଯାଇଛି ।

ଓଡ଼ିଶାରେ ମଧ ରାସ୍ତା ଦୁର୍ଘଟଣାର ଭୟାବହତା କିଛି କମ୍ ନୁହେଁ । ପ୍ରତ୍ୟେକ ଦିନ ଟି.ଭି. ବା ସମ୍ବାଦପତ୍ରରୁ ଏପରି ରାସ୍ତା ଦୁର୍ଘଟଣା ସମ୍ପର୍କରେ ଖବର ଜାଣିବା ପରେ ଆମେମାନେ ଦୁଃଖରେ ଭାଙ୍ଗି ପଡୁଛୁ । ବିଗତ ପାଞ୍ଚ ବର୍ଷ ମଧ୍ୟରେ ଓଡ଼ିଶାରେ ହୋଇଥିବା ରାସ୍ତା ଦୁର୍ଘଟଣାରେ ୨୭ ହଜାର ୧୬୭ ଜଣ ପ୍ରାଣ ହରାଇଥିବା ଜଣାଯାଇଛି । ହାରାହାରି ହିସାବରେ ବାର୍ଷିକ ୫,୪୩୩ ଜଣ ପ୍ରାଣ ହରାଉଥିଲାବେଳେ ପ୍ରାୟ ୫୦, ୦୪୧ ଜଣ ଆହତ ହୋଇଛନ୍ତି ବୋଲି ରାଜ୍ୟ ବିଧାନସଭାରୁ ଗତ ୨୮ ନଭେମ୍ବର ୨୦୨୫ରେ ମିଳିଥିବା ଏହି ତଥ୍ୟକୁ ଅନୁଧ୍ୟାନ କଲେ ଦୁଃଖ ଲାଗେ । ମାତ୍ର ରାଜ୍ୟ ସରକାର ବା ଜନସାଧାରଣ ଏ ବିଷୟରେ ସଚେତନ ଥିବା ପରି ମନେ ହୁଏ ନାହିଁ ।

ଓଡ଼ିଶାରେ ସବୁଠାରୁ ବଡ଼ ସହର ରାଜଧାନୀ ଭୁବନେଶ୍ୱରସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସହର କଟକ, ରାଉରକେଲା, ବ୍ରହ୍ମପୁର, ବାଲେଶ୍ୱର, ଭଦ୍ରକ, ସମ୍ବଲପୁର, ଝାରସୁଗୁଡା, ପୁରୀ, ବାରିପଦା ଓ ଜୟପୁର ପ୍ରଭୃତି ସହରମାନଙ୍କରେ ମଧ ରାସ୍ତା ଦୁର୍ଘଟଣା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି । ଜନସଂଖ୍ୟାଠାରୁ ସତେ ଯେପରି ଗାଡି ସଂଖ୍ୟା ଅଧିକ ରହିଛି ବୋଲି ମନେ ହେଉଛି । ଏବେ ଏଣିକି ଅନେକ ସ୍ୱେଚ୍ଛାସେବୀ ବା ଅବସରପ୍ରାପ୍ତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଭୁବନେଶ୍ୱରରେ ଟ୍ରାଫିକ କାର୍ଯ୍ୟରେ ମୁତୟନ କରାଯାଇଛି । ମାତ୍ର ସେ ସବୁ ବିଶେଷ ଫଳପ୍ରଦ ହୋଇ ପାରୁନାହିଁ ।

ଆମର ରାସ୍ତା ପ୍ରଭୃତି ଉନ୍ନତ ନ ହେଲେ, ସେଥିପାଇଁ ମଧ ଦୁର୍ଘଟଣା ବଢ଼ି ଚାଲିବ, ଏଥିରେ ସନ୍ଦେହ ନାହିଁ । ଜାତୀୟ ରାଜପଥ ଓ ରାଜ୍ୟ ରାଜପଥମାନଙ୍କରେ ଚଳାଚଳ କରୁଥିବା ଚାରିଚକିଆ ଓ ଦୁଇଚକିଆ ଯାତ୍ରୀବାହୀ ଯାନଗୁଡ଼ିକ ଦ୍ରୁତ ଗତିରେ ଯାଉ ନଥିଲେ ମଧ ଦୁର୍ନୀତିଗ୍ରସ୍ତ ପରିବହନ କର୍ମଚାରୀ ଓ ଅଧିକାରୀମାନେ ସଲାସୁତରାରେ ଗାଡ଼ିଗୁଡ଼ିକ ଉପରେ ଜରିମାନା ଆଦାୟ କରାଯାଉଛି । ଫଳରେ ଅନେକ ଯୁବ ଗାଡ଼ି ଚାଳକ ସେମାନଙ୍କୁ ବେଖାତିର କରି ଦ୍ରୁତଗତିରେ ଗାଡ଼ି ଚାଳନା କରିବାକୁ ସୁଖ ମଣୁଛନ୍ତି । ଦୁର୍ନୀତିଖୋର ଅଧିକାରୀ ଓ କର୍ମଚାରୀଙ୍କୁ ଚାଲେଞ୍ଜ କରିବା ହେଉଛି ଏପରି ବେପରୁଆ ଗାଡ଼ି ଚାଳନାର ଉଦ୍ଦେଶ୍ୟ ବୋଲି କୁହାଯାଉଛି । ରାଜ୍ୟ ଶାସନରେ ପରିବର୍ତ୍ତନ ହୋଇଛି ସତ, କିନ୍ତୁ ଅନେକ ଅଧିକାରୀ ଓ କର୍ମଚାରୀଙ୍କ ମାନସିକତାରେ ପରିବର୍ତ୍ତନ ହୋଇ ନାହିଁ । ଆଜିର ଯୁବକମାନେ ଏ ବିଷୟରେ ଅଧିକ ସଚେତନ ହୁଅନ୍ତୁ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ମଳ ଭାବମୂର୍ତ୍ତିକୁ ଚାହିଁ କିମ୍ବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମୂଲ୍ୟବାନ ପରାମର୍ଶକୁ ଉଚିତ ମନେ କରି ପ୍ରଶାସନିକ ଢାଞ୍ଚାରେ ପରିବର୍ତ୍ତନ ପାଇଁ ଉଦ୍ୟମ ଜାରି ରଖନ୍ତୁ । ଜାତିର ପିତା ମହାତ୍ମା ଗାନ୍ଧି ତ କହିଥିଲେ, 'କେତେଜଣ ସଂକଳ୍ପବଦ୍ଧ ଯୁବକ ଚାହିଁଲେ ଇତିହାସର ମୋଡକୁ ବଦଳାଇ ଦେଇ ପାରିବେ ।' ରାସ୍ତା ଦୁର୍ଘଟଣାରେ ନିହତ ଓ ଆହତଙ୍କ ପାଇଁ ଈଶ୍ୱରଙ୍କ ନିକଟରେ ତେଣୁ ଆମର ପ୍ରାର୍ଥନା ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# କୃତଜ୍ଞତାର ବିପୁଳ ଦିଗନ୍ତ



**ମନୋରଂଜନ ମହାନ୍ତି**

ମଣିଷ ସମେତ ପ୍ରାଣୀମାନେ ଜୀବନ ବଞ୍ଚିବା ପାଇଁ ଭିନ୍ନ ଭିନ୍ନ ପ୍ରକାରର ଖାଦ୍ୟ ଗ୍ରହଣ କରନ୍ତି । ଆମ ଦେହ ଭିତରେ ଥିବା ନିର୍ଦ୍ଦିଷ୍ଟ ଅଙ୍ଗରେ ଖାଦ୍ୟ ପହଞ୍ଚେ । ପରବର୍ତ୍ତୀ ସମୟରେ ଯେଉଁ ପ୍ରକ୍ରିୟାଗୁଡ଼ିକ ବଳରେ ଖାଦ୍ୟରୁ ରକ୍ତ, ମଳ, ମୂତ୍ର ପ୍ରସ୍ତୁତ ହୁଏ, ରକ୍ତ ଦେହ ଭିତରେ ପ୍ରବାହିତ ହୁଏ, ମଳ ଓ ମୂତ୍ର ଦେହରୁ ବହିର୍ଗତ ହୁଏ, ସେହି ପ୍ରକ୍ରିୟାଗୁଡ଼ିକ ଆମକୁ ଆଶ୍ଚର୍ଯ୍ୟ କରେ । ସତକୁ ସତ ଆମେ ଖାଉଥିବା ଖାଦ୍ୟଗୁଡ଼ିକ ଦେହ ଭିତରେ ପେଷି ହେଇଯାଏ, ଯେଉଁଥିରୁ ସୃଷ୍ଟି ହୁଏ ରକ୍ତ, ମଳ ଆଉ ମୂତ୍ର । ସ୍ୱାଭାବିକ ଭାବରେ ଆମେ ଚିନ୍ତାକରୁ ଆମ ଦେହ ଭିତରେ ଖାଦ୍ୟକୁ ପେଷିବା ପାଇଁ ଅଙ୍ଗଟିଏ ଖଞ୍ଜିଛି କିଏ ? ସିଦ୍ଧାନ୍ତରେ ପହଞ୍ଚୁ, ଜଣେ ପରମ ପୁରୁଷ ଯା'ର ସ୍ରଷ୍ଟା । ସେଥିସହିତ ଆଉ ଗୋଟିଏ କଥା ମନକୁ ଆସେ, ପୃଥିବୀର କୌଣସି ଚିକିତ୍ସକ କି ବୈଜ୍ଞାନିକ ଗୋଟେ ମେସିନ୍ ଏଯାବତ୍ ଉଦ୍‌ଭାବନ କରିପାରିନାହାନ୍ତି କି କସ୍ମିନ୍‌କାଳେ ପାରିବେ ନାହିଁ, ଯେଉଁ ମେସିନ୍ ବଳରେ ଖାଦ୍ୟକୁ ପେଷି ସେଥିରୁ ରକ୍ତ, ମଳ, ମୂତ୍ର ପ୍ରସ୍ତୁତ କରିହବ । ତେଣୁ ଆମ ଦେହରେ ଭିନ୍ନ ଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ ଖଞ୍ଜି ଦେଇଥିବା ପରମ ପୁରୁଷଙ୍କ ନିକଟରେ ଆମେ ଅନିର୍ବଚ଼ନୀୟ କୃତଜ୍ଞତା ପ୍ରକଟ କରୁ ।

ଦେହକୁ ଆମେ ଦେବାଳୟ କହୁ, ଯେହେତୁ ମାଟି, ପାଣି, ପବନ, ଆକାଶ, ନିଆଁ ଏପରି ପଞ୍ଚଭୂତରେ ଗଢ଼ା ହେଇଛି ଏ ଦେହ । ଆର୍ଯ୍ୟଋଷି ଏ ପଞ୍ଚଭୂତକୁ ପ୍ରଣାମ କରୁଥିଲେ । କ୍ରମଶଃ ପୁରାଣ ରଚନା ହେଲା, ଅନେକ ଦେବଦେବୀଙ୍କ ବର୍ଣ୍ଣନାରେ ଭରିଉଠିଲା ପୁରାଣର ପୃଷ୍ଠା । ଆମେ ଦେବଦେବୀମାନଙ୍କ ମୂର୍ତ୍ତି କାଠ, ପଥର, ମାଟି, ବିଭିନ୍ନ ଧାତୁରେ ନିର୍ମାଣ କରି କିମ୍ବା ସେମାନଙ୍କ ଚିତ୍ର କାଗଜରେ ଆଙ୍କି ପୂଜା କଲୁ, ଧୂପଦୀପରେ ବନ୍ଦନା ସହିତ ନୈବେଦ୍ୟ ଅର୍ପଣ କଲୁ । କିନ୍ତୁ ସେଥିସହିତ ଆର୍ଯ୍ୟଋଷିମାନଙ୍କୁ ସ୍ମରଣ କରିବା, ଯେଉଁ ମାଟି ଆମକୁ ଖାଦ୍ୟ ଯୋଗାଉଛି, ପାଣି ଆମ ଦେହରେ ରକ୍ତ ହୋଇ ବହୁଛି, ପବନ ଆମ ଶ୍ୱାସଯନ୍ତ୍ରଟିକୁ ସଞ୍ଚାଳନ କରୁଛି, ଆକାଶ ଓ ନିଆଁ ଆମକୁ ଆଲୋକ ଉତ୍ତାପ ଦାନ କରୁଛି ସେହି ପଞ୍ଚଭୂତକୁ ପ୍ରଣାମ କରିବା । ସେହି ହେବ ପରମ ପୁରୁଷଙ୍କ ପ୍ରତି ଆମର ଶ୍ରେଷ୍ଠ କୃତଜ୍ଞତା ।

ସକାଳ ଓ ସନ୍ଧ୍ୟା ସମୟରେ ସୂର୍ଯ୍ୟ ଦର୍ଶନ କରିବା, ରାତିରେ ଚନ୍ଦ୍ରର ଭିନ୍ନ ଭିନ୍ନ ଆକୃତି ସହିତ ଛୋଟ ଛୋଟ ଦୀପ ଭଳି ଦୃଶ୍ୟ ହେଉଥିବା ତାରାମାନଙ୍କୁ ଲକ୍ଷ୍ୟ କରିବା, ସମୁଦ୍ର କୂଳରେ ଠିଆହେଇ ଜୁଆର ଭଟ୍ଟାର ନିରନ୍ତର ସ୍ରୋତକୁ ନିରୀକ୍ଷଣ କରିବା, ଆଜିର କଢ଼ଟି ଆସନ୍ତାକାଲି ସକାଳେ ଫୁଲରେ ପରିଣତ ହେଉଥିବାର ଓ ଆମ୍ବବଉଳ ଦିନେ ପାଚିଲା ଆମ୍ବରେ ରୂପାନ୍ତରିତ ହେଉଥିବାର ଦୃଶ୍ୟ ଦେଖିବା ଦ୍ୱାରା ଆମ ମନରେ ସ୍ୱତଃ ଗୋଟେ କୃତଜ୍ଞତାର ଭାବ ଆସେ । ଏ କୃତଜ୍ଞତା ପରମ ପୁରୁଷଙ୍କ ପ୍ରତି । ପୁଅଝିଅମାନେ ଜନ୍ମହେବା ଠାରୁ ସ୍ୱାବଲମ୍ବନଶୀଳ ହେବାଯାଏ ବାପା-ମା'ମାନେ କେତେ ଯତ୍ନ କରନ୍ତି ଲକ୍ଷ୍ୟ କଲେ ବାପା-ମା'ଙ୍କ ପ୍ରତି କୃତଜ୍ଞତାରେ ହୃଦୟ ପରିପୂର୍ଣ୍ଣ ହୁଏ । ବଗିଚାରେ ଚାରାଟିଏ ରୋପଣ କରି ଆମେ ତା' ମୂଳରେ ପାଣି ଢାଳନ୍ତି । ଚାରାଟି ବଡ଼ ହୁଏ, ଆମ ଉଚ୍ଚତାଠୁଁ ତା' ଉଚ୍ଚତା ଅଧିକ ହୁଏ । କିନ୍ତୁ ମନରେ ତା'ର ଅହଂକାର ନଥାଏ । ଆମ ଉଚ୍ଚତାଠୁଁ ତା' ଉଚ୍ଚତା କମ୍ ହେଲେ ବି ହୀନମନ୍ୟତା ନଥାଏ ତା' ମନରେ । ହସ ହସ ମୁହଁରେ ସେ ଅଜାଡ଼ିଦିଏ ଫୁଲ, ଫଳ ଆମ ଝୁଡ଼ିରେ । କେତେ କୃତଜ୍ଞ ସିଏ ସତରେ ! ଆମକୁ ଶିଖାଇଦିଏ କଥାଟିଏ, 'ଯେଉଁ ବାପା ମା' ଗୁରୁଜନମାନେ ତୁମକୁ ପାଳିପୋଷି ବଡ଼ କରନ୍ତି, ସେମାନଙ୍କ ପ୍ରତି କୃତଜ୍ଞ ହୁଅ । ସେମାନଙ୍କୁ ବୃଦ୍ଧାଶ୍ରମରେ ଛାଡ଼ିଆସ ନାହିଁ । ନିଜେ ସେମାନଙ୍କ ଯତ୍ନ ନିଅ ।'

ଶିକ୍ଷକ ଆମକୁ ବର୍ଣ୍ଣମାଳା ଲେଖି ଶିଖାନ୍ତି । ଶ୍ରମିକ ଆମ ରହିବା ପାଇଁ ଘର ତିଆରି କରନ୍ତି, ଯାତାୟାତ ପାଇଁ ରାସ୍ତା ତିଆରି କରନ୍ତି । କୃଷକ ଆମ ଖାଦ୍ୟ ପାଇଁ ଶସ୍ୟ ଅମଳ କରନ୍ତି । ବୁଣାକାର ଆମ ପିନ୍ଧିବା ପାଇଁ ଲୁଗା ବୁଣନ୍ତି । ଆମ ଜୀବନ ଗଠନରେ ଏପରି ଅନେକଙ୍କ ଅବଦାନ ଥାଏ । ସେମାନଙ୍କ ପ୍ରତି ଆମେ କୃତଜ୍ଞ । ଟିକେ ସୂକ୍ଷ୍ମ ଭାବରେ ବିଚାର କଲେ ବସନ୍ତ ସମୟରେ ଯେଉଁ କୋଇଲି ଗୀତ ଗାଇ ଆମ କାନରେ ଢାଳିଦିଏ ଅମୃତର ଧାରା, ଅନ୍ଧାର ରାତିରେ ଯେଉଁ ଟର୍ଚ୍ଚ୍ ଖଣ୍ଡିକ ଆମ ଆଖିକୁ ବାଟ ଦେଖାଇଦିଏ, ଖରା ବର୍ଷା ସମୟରେ ଯେଉଁ ଛତାଖଣ୍ଡିକୁ ଧରି ଆମେ ବାଟ ଚାଲନ୍ତି, ରାସ୍ତାରେ ଯେଉଁ ଗାଡ଼ିଚାଳକ ଆମକୁ ନିରାପଦରେ ନେଇ ପହଞ୍ଚାଇ ଦିଅନ୍ତି ଆମ ଲକ୍ଷ୍ୟସ୍ଥଳରେ, ଘରର ଉପର ମହଲାକୁ ଯିବାବେଳେ ଯେଉଁ ଶିଢ଼ିରେ ଚଢ଼ି ଯାଆନ୍ତି, ବୁଢ଼ାଦିନେ ଯେଉଁ ଆଶାବାଡ଼ିଟିକୁ ଧରି ଚଲାବୁଲା କରନ୍ତି, ସେହି ସମସ୍ତଙ୍କ ନିକଟରେ ଆମେ କୃତଜ୍ଞ ।

**ସୂକ୍ଷ୍ମ ଦୃଷ୍ଟିରେ ଲକ୍ଷ୍ୟ କଲେ ସାରା ସଂସାରରେ ସବୁଠି କୃତଜ୍ଞତାର ଭାବ ଭରି ରହିଛି । ହେନରୀ ଡାଭିଡ୍ ଥରୋ ଓ ଜନ୍ ରସ୍କିନ୍‌ଙ୍କ ପ୍ରବନ୍ଧ, କାଉଣ୍ଟ୍ ଲିଓ ଟଲଷ୍ଟୟଙ୍କ ଗଳ୍ପ ପଢ଼ି ମହାତ୍ମା ଗାନ୍ଧିଙ୍କ ରାଜନୈତିକ, ଅର୍ଥନୈତିକ ଓ ଆଧ୍ୟାତ୍ମିକ ଚିନ୍ତନ ଖୁବ୍ ସମୃଦ୍ଧ ହୋଇଥିଲା । ସେ ସେମାନଙ୍କୁ ଗୁରୁ ରୂପେ ସ୍ୱୀକାର କରିଥିଲେ ଓ ଗୁରୁମାନଙ୍କ ପ୍ରତି କୃତଜ୍ଞତା ପ୍ରକଟ କରିଥିଲେ । ଆତ୍ମମାନଙ୍କ ଉଦ୍ଦେଶ୍ୟରେ ଗାନ୍ଧିଜୀ କହିଛନ୍ତି, ଆମେ ଯାହାଙ୍କର ମହତ ଲେଖାଟିଏ ପଢ଼ନ୍ତି ବା ମହତ କଥାଟିଏ ଶୁଣନ୍ତି ତାଙ୍କୁ ଅନ୍ତରରେ ଗୁରୁ ରୂପରେ ବରଣ କରିବା ହିଁ ଆମର ଯଥାର୍ଥ ମନୁଷ୍ୟତ୍ୱ । ସ୍ୱଳ୍ପ ସମୟ ନିରବରେ ବସି ଚିନ୍ତାକଲେ ଜାଣିପାରିବା ଚା' କିମ୍ବା ପାନ ଦୋକାନରେ ସାଙ୍ଗସାଥି ମେଳରେ ବସି ଆମେ କେତେ ଖୁସିରେ ଗପ କରନ୍ତି ଦୀର୍ଘ ସମୟ ଖୁବ୍ ଧୈର୍ଯ୍ୟର ସହିତ ।**

ସୂକ୍ଷ୍ମ ଦୃଷ୍ଟିରେ ଲକ୍ଷ୍ୟ କଲେ ସାରା ସଂସାରରେ ସବୁଠି କୃତଜ୍ଞତାର ଭାବ ଭରି ରହିଛି । ହେନରୀ ଡାଭିଡ୍ ଥରୋ ଓ ଜନ୍ ରସ୍କିନ୍‌ଙ୍କ ପ୍ରବନ୍ଧ, କାଉଣ୍ଟ୍ ଲିଓ ଟଲଷ୍ଟୟଙ୍କ ଗଳ୍ପ ପଢ଼ି ମହାତ୍ମା ଗାନ୍ଧିଙ୍କ ରାଜନୈତିକ, ଅର୍ଥନୈତିକ ଓ ଆଧ୍ୟାତ୍ମିକ ଚିନ୍ତନ ଖୁବ୍ ସମୃଦ୍ଧ ହୋଇଥିଲା । ସେ ସେମାନଙ୍କୁ ଗୁରୁ ରୂପେ ସ୍ୱୀକାର କରିଥିଲେ ଓ ଗୁରୁମାନଙ୍କ ପ୍ରତି କୃତଜ୍ଞତା ପ୍ରକଟ କରିଥିଲେ । ଆତ୍ମମାନଙ୍କ ଉଦ୍ଦେଶ୍ୟରେ ଗାନ୍ଧିଜୀ କହିଛନ୍ତି, ଆମେ ଯାହାଙ୍କର ମହତ ଲେଖାଟିଏ ପଢ଼ନ୍ତି ବା ମହତ କଥାଟିଏ ଶୁଣନ୍ତି ତାଙ୍କୁ ଅନ୍ତରରେ ଗୁରୁ ରୂପରେ ବରଣ କରିବା ହିଁ ଆମର ଯଥାର୍ଥ ମନୁଷ୍ୟତ୍ୱ । ସ୍ୱଳ୍ପ ସମୟ ନିରବରେ ବସି ଚିନ୍ତାକଲେ ଜାଣିପାରିବା ଚା' କିମ୍ବା ପାନ ଦୋକାନରେ ସାଙ୍ଗସାଥି ମେଳରେ ବସି ଆମେ କେତେ ଖୁସିରେ ଗପ କରନ୍ତି ଦୀର୍ଘ ସମୟ ଖୁବ୍ ଧୈର୍ଯ୍ୟର ସହିତ । ଠିକ୍ ସେହିଭଳି କୌଣସି ଲେଖକଙ୍କର ଲେଖା ଯଦି ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ତାକୁ ଧୈର୍ଯ୍ୟ ଧରି ପଢ଼ିବା, କୌଣସି ବ୍ୟକ୍ତିଙ୍କର ବକ୍ତବ୍ୟ ଯଦି ମହତ୍ତ୍ୱପୂର୍ଣ୍ଣ ହୋଇଥାଏ, ତାକୁ ଧୈର୍ଯ୍ୟ ଧରି ଶୁଣିବା ଓ ସେମାନଙ୍କ ପ୍ରତି କୃତଜ୍ଞତା ସ୍ୱୀକାର କରିବା ଦ୍ୱାରା ଆମର ମହାନୁଭବତା ପ୍ରକାଶିତ ହୋଇଥାଏ । ସନ୍ଥ ଶିରୋମଣି ଗୋସ୍ୱାମୀ ତୁଳସୀ ଦାସ ଭୂମି ଉପରେ ଆଣ୍ଠୁ ମାଡ଼ି ଦିନ ବେଳେ ଉଦୟକାଳୀନ ଓ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଏବଂ ରାତିରେ ଚଟୁଳ ଚନ୍ଦ୍ରଙ୍କୁ ପ୍ରଣିପାତ କରୁଥିଲେ ଓ କହୁଥିଲେ, 'ମୋର ପ୍ରଭୁ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ହେଉଛନ୍ତି ସୂର୍ଯ୍ୟ ଓ ଚନ୍ଦ୍ରଙ୍କର ସ୍ରଷ୍ଟା । ମୁଁ ସେହି ସ୍ରଷ୍ଟା-ପୁରୁଷଙ୍କ ନିକଟରେ କୃତଜ୍ଞ ।' ଶ୍ରୀରାମଚନ୍ଦ୍ର ସକାଳେ ଶଯ୍ୟା ତ୍ୟାଗ କରି ମା' କୌଶଲ୍ୟା, ବାପା ଦଶରଥ ଓ ଗୁରୁ ବଶିଷ୍ଠଙ୍କ ପାଦଛୁଇଁ ପ୍ରଣାମ କରୁଥିଲେ ଓ ନିଜର କୃତଜ୍ଞତା ବ୍ୟକ୍ତ କରୁଥିଲେ । ସାହାନାଇ ବାଦକ ବିସ୍‌ମିଲ୍ଲା ଖାଁ କହୁଥିଲେ, 'ଗଙ୍ଗାନଦୀ ଜଳସ୍ରୋତର କଳକଳ ଧ୍ୱନିରୁ ମୁଁ ସାହାନାଇ ବାଦନର ପ୍ରେରଣା ପାଇଛି । ଗଙ୍ଗାନଦୀ ନିକଟରେ ମୁଁ କୃତଜ୍ଞ ।' କୃତଜ୍ଞତାର ବିପୁଳ ଦିଗନ୍ତ ସତରେ ଖୁବ୍ କୋମଳ ଓ କମନୀୟ, ଦିବ୍ୟ ଓ ଦର୍ଶନୀୟ ।

**ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ,**
**ଧର୍ମଶାଳା, ଯାଜପୁର**
**ମୋ-୯୮୫୩୨୮୨୯୬୨**

# ଇଂ. ପ୍ରିୟବ୍ରତ ଦାସଙ୍କ ସ୍ମରଣେ



**ଡା. ଗୋପାଳ ଚନ୍ଦ୍ର ଦାଶ**

ସମାଜ ସଂସ୍କାରକ, ଓଡ଼ିଆ ଭାଷା-ସାହିତ୍ୟରେ ବୈଦିକ ବିଭାଗର ଅଗ୍ରଦୂତ ତଥା ଆଧ୍ୟାତ୍ମିକ ସାହିତ୍ୟର ଅଦ୍ୱିତୀୟ ଭାଷ୍ୟକାର ଇଂ. ପ୍ରିୟବ୍ରତ ଦାସ ଆଉ ଇହଧାମରେ ନାହାନ୍ତି ସତ, ହେଲେ ତାଙ୍କ ଅବିସ୍ମରଣୀୟ କୃତି ତାଙ୍କୁ କାଳକାଳକୁ ଅମର କରି ରଖିବ । ଗଞ୍ଜାମ ଜିଲ୍ଲାର ପୋଲସରାଠାରେ ପଣ୍ଡିତ ଲିଙ୍ଗରାଜ ଅଗ୍ନିହୋତ୍ରୀ ଓ ଉମାଦେବୀଙ୍କ ଜ୍ୟେଷ୍ଠପୁତ୍ର ଭାବେ ୧୯୩୨ ମସିହାରେ ଭୂମିଷ୍ଠ ହୋଇଥିଲେ ଇଂ.ପ୍ରିୟବ୍ରତ ଦାସ । ୧୯୫୪ରେ ସେ ବିହାର କଲେଜ ଅଫ୍ ଇଞ୍ଜିନିୟରିଂ (ପାଟନା)ରୁ ସିଭିଲ ଇଞ୍ଜିନିୟରିଂରେ ସ୍ନାତକ ଓ ପରେ ବ୍ରାଇଟନ୍ (ଇଂଲଣ୍ଡ)ରୁ ସ୍ନାତକୋତ୍ତର ଶିକ୍ଷାଲାଭ କରିଥିଲେ । ଦଣ୍ଡକାରଣ୍ୟ ଯୋଜନା, ଏକ୍ସପ୍ରେସ୍ ସଡ଼କ ଯୋଜନା, ଜାତୀୟ ରାଜପଥ ଯୋଜନାରେ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିବା ପରେ ସେ ବହୁ ବର୍ଷ ଧରି ରାଜ୍ୟର ସଡ଼କ ଅନୁସନ୍ଧାନ ବିଭାଗର ମୁଖ୍ୟଯନ୍ତ୍ରୀ ଥିଲେ । ସେ ଭାରତୀୟ ସଡ଼କ କଂଗ୍ରେସରେ ଦୀର୍ଘ କୋଡ଼ିଏ ବର୍ଷ କାଳ ବିଭିନ୍ନ ବୈଷୟିକ ସମିତିର ସକ୍ରିୟ ସଦସ୍ୟ ରହି ରାଷ୍ଟ୍ରୀୟ କୋଡ୍ ପ୍ରସ୍ତୁତିରେ ଅଂଶଗ୍ରହଣ କରିବା ସହିତ ସାର୍ ବିଶ୍ୱେଶ୍ୱରାୟ, ଡଃ ଖୋସଲା ପ୍ରମୁଖ କୃତବିଦ୍ୟ ଇଞ୍ଜିନିୟରମାନଙ୍କର ଜୀବନୀ ରଚନା କରିଥିଲେ ।

ସେ ଓଡ଼ିଆ ଭାଷା-ସାହିତ୍ୟରେ ବୈଦିକ ବିଭାଗ ଅଗ୍ରଦୂତ ନାମରେ ସୁପରିଚିତ । ଇଂ. ଦାସ ମାତ୍ର ୨୮ ବର୍ଷ ବୟସରେ 'ବେଦ ମନୁଷ୍ୟକୃତ କି?' ଗ୍ରନ୍ଥ ରଚନା କରି ଚର୍ଚ୍ଚିତ ହୋଇଥିଲେ । ଏପରିକି ସେହି ବର୍ଷ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ହୋଇ ରାଜ୍ୟରେ ବେଦ ଗବେଷଣା ପାଇଁ ଭିତ୍ତିଭୂମି ସ୍ଥାପନ କରିଥିଲେ । ସେଥିପାଇଁ ସେ ଉତ୍କଳ ବିଶ୍ୱ ବିଦ୍ୟାଳୟର ସଂସ୍କୃତ ବିଭାଗ ପକ୍ଷରୁ ଆୟୋଜିତ ଏକ ସମ୍ମିଳନୀରେ ସମ୍ମାନିତ ହୋଇଥିଲେ । ତତ୍ପରେ ସେ ଧାରାବାହିକ ଭାବରେ ବେଦ ମନୁଷ୍ୟ କୃତ କି?, ଆର୍ଯ୍ୟ ସଂସ୍କୃତିର ମୂଳତତ୍ତ୍ୱ, ଋଗ୍‌ବେଦ ସୌରଭ, ଚତୁର୍ବେଦ ସୂକ୍ତି ସହସ୍ରିକା, ବୈଦିକ ଉପନୟନ ବିଧି, ମହର୍ଷି ଦୟାନନ୍ଦ ସରସ୍ୱତୀ, ପାତଞ୍ଜଳି ଯୋଗ ଦର୍ଶନ, ପ୍ରିୟବ୍ରତ ପ୍ରବନ୍ଧମାଳା, ବେଦ ଜିଜ୍ଞାସୁର ଜୀବନ ଗାଥା ଭଳି ଅଗଣିତ ମୂଲ୍ୟବାନ ବୈଦିକ ଗ୍ରନ୍ଥ ପ୍ରଣୟନ କରି ଓଡ଼ିଆ ସାହିତ୍ୟକୁ ସେ ସମୃଦ୍ଧ କରିଥିଲେ । ସ୍ୱର୍ଗୀୟ ଦାସ ଉଭୟ ବେଦ ଓ ବିଜ୍ଞାନର ନିଷ୍ଠାବାନ ଶୋଧକାର । ତେଣୁ ତାଙ୍କ ରଚିତ ସାରଗର୍ଭକ ପୁସ୍ତକଗୁଡ଼ିକର ଅନେକ ସଂସ୍କରଣ ପ୍ରକାଶିତ ହେଉଛି ।

ସମାଜ ସଂସ୍କାରରେ ସ୍ୱର୍ଗୀୟ ଦାସଙ୍କ ବହୁମୂଲ୍ୟ ଅବଦାନ ରହିଛି । ତାଙ୍କର ପ୍ରଚାର କାର୍ଯ୍ୟକ୍ରମ ବେଦାଧାରିତ ହେବା କାରଣରୁ ଅନ୍ତର୍ଜାତୀୟ ବିବାହ ତଥା ବିଧବା ବିବାହ ପ୍ରଚଳନ, ପଶୁବଳି ନିରୋଧ, ଜନ୍ମଗତ ଜାତିପ୍ରଥା ନିଗ୍ରହ, ମହିଳାମାନଙ୍କ ଦ୍ୱାରା ଯଜ୍ଞାଦି ବୈଦିକ କର୍ମକାଣ୍ଡ ଅନୁଷ୍ଠାନରେ ଅଂଶ ଗ୍ରହଣ ଆଦି ସଂସ୍କାରମୂଳକ କାର୍ଯ୍ୟକ୍ରମ ଗତ ଅର୍ଦ୍ଧଶତାବ୍ଦୀ ଧରି ରାଜ୍ୟରେ କ୍ରିୟାନ୍ୱିତ ହେଉଛି । ସେ ସମାଜ ସଂସ୍କାରକୁ ରାଷ୍ଟ୍ରୀୟ କର୍ତ୍ତବ୍ୟ ରୂପରେ ଗ୍ରହଣ କରି ନାନା ବାଧାବିଘ୍ନ ସତ୍ତ୍ୱେ ନିଜ ସକ୍ରିୟତା ବଜାୟ ରଖିଥିଲେ ।

'ବୈଦିକ ଅନୁସନ୍ଧାନ ପ୍ରତିଷ୍ଠାନ'ର ସ୍ଥାପନା କରି ସ୍ୱର୍ଗୀୟ ଦାସ ଭାଷା ସାହିତ୍ୟକୁ ଆହୁରି ଋଦ୍ଧିମନ୍ତ କରିଥିଲେ । ୧୯୬୭ରେ ଭୁବନେଶ୍ୱରରେ ତାଙ୍କ ଦ୍ୱାରା ସ୍ଥାପିତ 'ବୈଦିକ ଅନୁସନ୍ଧାନ ପ୍ରତିଷ୍ଠାନ'ରେ ସ୍ୱରଚିତ ଗ୍ରନ୍ଥଗୁଡ଼ିକ ସହିତ ସମଧର୍ମୀ ଲେଖକମାନଙ୍କ ଦ୍ୱାରା ପ୍ରଣୀତ ଅନେକ ବୈଦିକ ପୁସ୍ତକ ପ୍ରକାଶନ କରିଛନ୍ତି । ପ୍ରତିଷ୍ଠାନର ପ୍ରକାଶନ ସଂଖ୍ୟା ୪୦ରୁ ଊର୍ଦ୍ଧ୍ୱ ଓ ପ୍ରତ୍ୟେକ ପୁସ୍ତକର ଅନେକ ସଂସ୍କରଣ ପ୍ରକାଶ ପାଇଛି । ପ୍ରତିଷ୍ଠାନ ଗତ ପନ୍ଦର ବର୍ଷ ଧରି ପ୍ରତିବର୍ଷ ରାଷ୍ଟ୍ରୀୟ ସ୍ତରରେ ଜଣେ ବେଦବିଦୁଷୀଙ୍କୁ ଭୁବନେଶ୍ୱର ଆର୍ଯ୍ୟ ସମାଜରେ ପୁରସ୍କୃତ କରିଆସୁଛନ୍ତି । ସ୍ୱର୍ଗୀୟ ଦାସଙ୍କ ଲିଖିତ ଇଂରାଜୀ ପୁସ୍ତକଗୁଡ଼ିକ ୟୁରୋପ ଓ ଆମେରିକାରେ ଅତ୍ୟନ୍ତ ଲୋକପ୍ରିୟ ହୋଇଛି ।

**ସମାଜ ସଂସ୍କାରରେ ସ୍ୱର୍ଗୀୟ ଦାସଙ୍କ ବହୁମୂଲ୍ୟ ଅବଦାନ ରହିଛି । ତାଙ୍କର ପ୍ରଚାର କାର୍ଯ୍ୟକ୍ରମ ବେଦାଧାରିତ ହେବା କାରଣରୁ ଅନ୍ତର୍ଜାତୀୟ ବିବାହ ତଥା ବିଧବା ବିବାହ ପ୍ରଚଳନ, ପଶୁବଳି ନିରୋଧ, ଜନ୍ମଗତ ଜାତିପ୍ରଥା ନିଗ୍ରହ, ମହିଳାମାନଙ୍କ ଦ୍ୱାରା ଯଜ୍ଞାଦି ବୈଦିକ କର୍ମକାଣ୍ଡ ଅନୁଷ୍ଠାନରେ ଅଂଶ ଗ୍ରହଣ ଆଦି ସଂସ୍କାରମୂଳକ କାର୍ଯ୍ୟକ୍ରମ ଗତ ଅର୍ଦ୍ଧଶତାବ୍ଦୀ ଧରି ରାଜ୍ୟରେ କ୍ରିୟାନ୍ୱିତ ହେଉଛି ।**

## ଭୁବନେଶ୍ୱରରେ ଆର୍ଯ୍ୟ ସମାଜ ପ୍ରତିଷ୍ଠା

୧୯୬୭ରେ ସ୍ୱର୍ଗୀୟ ଦାସଙ୍କ ଐକାନ୍ତିକ ଉଦ୍ୟମରେ ସମାଜ ସଂସ୍କାର ଓ ବେଦ ପ୍ରଚାର ନିମନ୍ତେ ରାଜଧାନୀ ଭୁବନେଶ୍ୱରରେ ଆର୍ଯ୍ୟ ସମାଜର କେନ୍ଦ୍ର ସ୍ଥାପିତ ହୋଇଥିଲା । ଗତ ଚାରି ଦଶନ୍ଧି ଧରି ପ୍ରତି ବର୍ଷ ଭାରତର ପ୍ରସିଦ୍ଧ ବୈଦିକ ବିଦ୍ୱାନ ଓ ବିଦୁଷୀମାନେ ଏହି କେନ୍ଦ୍ରକୁ ଆସି ସମ୍ମାନିତ ହେବା ସହିତ ବେଦ ପ୍ରବଚନ, ଯୋଗ ଶିକ୍ଷା, ବୈଦିକ ଶିବିର, ଶଙ୍କା ସମାଧାନ, ପୁରୋହିତ ନିର୍ମାଣ ଆଦି କାର୍ଯ୍ୟରେ ସହାୟତା କରି ଆସୁଛନ୍ତି । ଆର୍ଯ୍ୟ ସମାଜର ବୈଦିକ ଗ୍ରନ୍ଥାଗାର, ମାସିକ ପତ୍ରିକା, ଯୋଗକେନ୍ଦ୍ର, ଯଜ୍ଞମଣ୍ଡପ ଆଦି ବିଭାଗଗୁଡ଼ିକ ବର୍ଷବ୍ୟାପୀ କ୍ରିୟାଶୀଳ । ଏଠାରେ ବିବାହ ଆଦି ବୈଦିକ ସଂସ୍କାର ସ୍ୱଳ୍ପ ବ୍ୟୟରେ, ଶୁଦ୍ଧ ମନ୍ତ୍ରୋଚ୍ଚାରଣ ଏବଂ ମନ୍ତ୍ର ବ୍ୟାଖ୍ୟା ସହିତ ସଂପନ୍ନ ହେଉଥିବାରୁ ଏହି ଅନୁଷ୍ଠାନ ରାଜ୍ୟରେ ସମ୍ମାନିତ ଓ ଲୋକପ୍ରିୟ ହୋଇଛି । ଆଜିକାଲି ପୌରାଣିକ ମୃତକ ଶ୍ରାଦ୍ଧ ପରିବର୍ତ୍ତେ ବେଦବିହିତ ଅନ୍ତ୍ୟେଷ୍ଟି ଯଜ୍ଞ ବିଶେଷ ଲୋକାଦୃତ ହେଉଛି ।

ସ୍ୱର୍ଗୀୟ ଦାସ ଦେଶରେ ଓ ଦେଶ ବାହାରେ ଗତ ଚାରି ଦଶନ୍ଧି ଧରି ବେଦପ୍ରଚାର କାର୍ଯ୍ୟରେ ସଂଲଗ୍ନ ରହିଥିଲେ । ସେ ଯୁକ୍ତରାଷ୍ଟ୍ର ଆମେରିକା,



ଇଂଲଣ୍ଡ, ହଲାଣ୍ଡ, ଜର୍ମାନୀ, କେନିଆ, ଦକ୍ଷିଣ ଆଫ୍ରିକା, ମୋରିସସ, ନେପାଳ, ସିଙ୍ଗାପୁର, ଥାଇଲାଣ୍ଡ ଆଦି ଅନେକ ଦେଶରେ ଅନୁଷ୍ଠିତ ବିଶ୍ୱ ବେଦ ସମ୍ମିଳନୀରେ ଅଂଶଗ୍ରହଣ କରି ସମ୍ମାନିତ ହୋଇଛନ୍ତି । ସ୍ୱର୍ଗୀୟ ଦାସ ଦେଶରେ ସ୍ଥାପିତ ଅନେକ ବୈଦିକ ଗୁରୁକୁଳ, ଡି.ଏ.ଭି ଶିକ୍ଷାନୁଷ୍ଠାନ, ଭାରତୀୟ ବିଦ୍ୟାଭବନ ଆଦି ସଂଗଠନ ସହିତ ଜଡ଼ିତ ରହି ଭାରତୀୟ ସଂସ୍କୃତିର ପ୍ରଚାର ନିମନ୍ତେ ଅର୍ଥ ଓ ଶ୍ରମଦାନ କରିଆସିଥିଲେ । ତାଙ୍କ ପ୍ରଦତ୍ତ ସ୍ଥିର ନିଧି ଦ୍ୱାରା ଅଜମେରସ୍ଥିତ ମହର୍ଷି ଦୟାନନ୍ଦଙ୍କ ପ୍ରତିଷ୍ଠିତ 'ପରୋପକାରିଣୀ ସଭା'ରେ ପ୍ରତିବର୍ଷ ଭାରତର ଜଣେ ମୂର୍ଦ୍ଧନ୍ୟ ବୈଦିକ ବିଦ୍ୱାନ ପୁରସ୍କୃତ ହେଉଛନ୍ତି । 'ଅମୃତ ମହୋତ୍ସବ'ରେ ସ୍ୱର୍ଗୀୟ ଦାସଙ୍କ ଉଦ୍ଦେଶ୍ୟରେ ଅଭିନନ୍ଦନ ଗ୍ରନ୍ଥ 'ବେଦ ପଥିକ'ରେ ୨୦୦୭ରେ ପଞ୍ଚସ୍ତରୀ ବର୍ଷ ପୂର୍ତ୍ତି 'ଅମୃତ ମହୋତ୍ସବ' ଉପଲକ୍ଷେ ସ୍ୱର୍ଗୀୟ ଦାସଙ୍କୁ ପ୍ରଦାନ କରାଯାଇଥିବା ଅଭିନନ୍ଦନ ଗ୍ରନ୍ଥ 'ବେଦ ପଥିକ'ରେ ଯଶସ୍ୱୀ ଦାର୍ଶନିକ, ସାହିତ୍ୟିକ ଓ ସମାଜସେବୀମାନେ ତାଙ୍କ ଜୀବନର ବହୁମୁଖୀ ସେବାର ପ୍ରତିପାଦନ କରିଛନ୍ତି ।

ବିଗତ ଷାଠିଏ ବର୍ଷ ଧରି ନିଷ୍ଠାର ସହିତ ବୈଦିକ ଦର୍ଶନର ରଚନା ଓ ପ୍ରଚାର ନିମନ୍ତେ ସ୍ୱର୍ଗୀୟ ଦାସ ଦେଶ ବିଦେଶର ଶତାଧିକ ସ୍ଥଳରେ ସମ୍ମାନିତ ଓ ପୁରସ୍କୃତ ହୋଇଛନ୍ତି । ତାଙ୍କ ବିଦେଶ ଯାତ୍ରାର ଅନୁଭୂତି ପ୍ରିୟବ୍ରତ ପ୍ରବନ୍ଧାବଳୀ, ବିଭିନ୍ନ ପତ୍ରପତ୍ରିକା ଓ ପୁସ୍ତକାକାରରେ ମୁଦ୍ରିତ ହୋଇଛି । କୃତବିଦ୍ୟ ସାଧନା ପାଇଁ ସ୍ୱର୍ଗୀୟ ଦାସ- ଡି.ଲିଟ୍ (ଉତ୍କଳ ବିଶ୍ୱବିଦ୍ୟାଳୟ), ଡି.ଲିଟ୍ (ତିରୁପତି ବିଶ୍ୱବିଦ୍ୟାଳୟ), ମେଘଜୀ ଭାଇ ବୈଦିକ ପୁରସ୍କାର (ମୁମ୍ବାଇ), ମହର୍ଷି ଦୟାନନ୍ଦ ପୁରସ୍କାର (ଅଜମେର), ବେଦ ବିଭୂଷଣ ପୁରସ୍କାର (ନାଗପୁର), ରାଷ୍ଟ୍ରୀୟ ବେଦ ବେଦାଙ୍ଗ ପୁରସ୍କାର (ନାସିକ୍), କବିସୂର୍ଯ୍ୟ ସମ୍ମାନ (କବିସୂର୍ଯ୍ୟ ନଗର), ମର୍ଦ୍ଦରାଜ ସମ୍ମାନ (ଖଲିକୋଟ), ହୃଦାନନ୍ଦ ରାୟ ସମ୍ମାନ (କଟକ), ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମାନ (ଗଞ୍ଜାମ), ଅମୃତାୟନ ସମ୍ମାନ (ଭୁବନେଶ୍ୱର), ଲେଖକ ସାମ୍ମୁଖ୍ୟ ସମ୍ମାନ (ଭୁବନେଶ୍ୱର) ଭଳି ଅନେକ ପୁରସ୍କାର ଓ ସମ୍ମାନରେ ସମ୍ମାନିତ ହୋଇଛନ୍ତି ।

ବୈଦିକ ସାହିତ୍ୟର ଅନ୍ତର୍ଗତ ବେଦ, ଉପନିଷଦ, ଦର୍ଶନ, ସ୍ମୃତି, କର୍ମକାଣ୍ଡ ଆଦି ସମସ୍ତ ବିଭାଗରେ ସାହିତ୍ୟ ରଚନା, ସମାଜ ସଂସ୍କାର ଓ ଭାରତୀୟ ସଂସ୍କୃତିର ପ୍ରଚାର ନିମନ୍ତେ ସ୍ୱର୍ଗୀୟ ଦାସ ଯୋଗଗୁରୁ ରାମଦେବ, ଶ୍ରୀଶ୍ରୀ ରବିଶଙ୍କର ତଥା ଦେଶର ବିଭିନ୍ନ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆଚାର୍ଯ୍ୟ, ବେଦଭୂଷଣ, ବେଦରତ୍ନ, ବେଦବାଗୀଶ ଆଦି ଉପାଧିରେ ବିଭୂଷିତ ହୋଇଛନ୍ତି ।

ସ୍ୱର୍ଗୀୟ ଦାସ ଏକାଧାରରେ ଜଣେ କବି, ଲେଖକ, ବେଦ ପ୍ରଚାରକ, ସମାଜ ସଂସ୍କାରକ, ବକ୍ତା, ଆଦର୍ଶ ପତି, ପିତାର ଉତ୍ତମ କର୍ତ୍ତବ୍ୟ ନିର୍ବାହ ପରେ ଶେଷ (ଦିନାଙ୍କ ୯.୧.୨୦୨୬)ରେ ଇହଲୀଳା ସମ୍ବରଣ କରିଛନ୍ତି । ତାଙ୍କ ମହାପ୍ରୟାଣ ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ କାମନା କରୁଛି ।

ମୋ-୭୮୪୮୮୫୦୯୫୦

## ଭକ୍ତିର ବିସ୍ମୟ

**ଯେଉଁ ବିଶ୍ୱବ୍ରହ୍ମାଣ୍ଡର ଅଧୀଶ୍ୱରଙ୍କ ବିଶାଳତାକୁ କଳନା କରିବା ସ୍ୱୟଂ ସୃଷ୍ଟିକର୍ତ୍ତାଙ୍କ ପକ୍ଷରେ ମଧ ସମ୍ଭବ ନୁହେଁ, ସେ ପୁଣି ସାମାନ୍ୟ ଭକ୍ତିରେଣୁ ହୋଇ ଭକ୍ତର ହୃଦୟରେ ବିରାଜମାନ କରନ୍ତି ।**

*ଲେଖକ-ଡ. ପ୍ରଦୀପ କୁମାର ଚୌଧୁରୀ*

## ସ୍ୱର୍ଗଦ୍ୱାରରେ ଶବ ସତ୍କାର ପାଇଁ ନିଃଶୁଳ୍କ ସେବା ଯୋଗାଇବ ହୋଟେଲ ସୂର୍ଯ୍ୟପଦ୍ମା

ନୀଳଗିରି,(ସବ୍ୟୁ): ବାଲେଶ୍ୱର ଜିଲ୍ଲାର ବିଶେଷକରି ନୀଳଗିରିବାସୀଙ୍କ ଆତ୍ମୀୟ ସ୍ୱଜନଙ୍କ ମୃତ୍ୟୁହେଲେ ପୁରୀ ସ୍ୱର୍ଗଦ୍ୱାରରେ ଶବସତ୍କାର କରିବାକୁ ଯାଇଥିବାଲୋକଙ୍କୁ ନିଃଶୁଳ୍କ ରହିବା, ସ୍ନାନ, ଶୌଚର ବ୍ୟବସ୍ଥା କରିଛି ହୋଟେଲ ସୂର୍ଯ୍ୟପଦ୍ମା । ନୀଳଗିରି ଜଡିଦାପଞ୍ଚାୟତ ଯୋକନୁଣ୍ଡା ଗ୍ରାମର ଉଚ୍ଚାକାଂକ୍ଷୀ ଯୁବସମାଜସେବୀ ସଞ୍ଜୟ କୁମାର ଭୋଳଙ୍କ ପ୍ରଚେଷ୍ଟାରେ ପୂଣ୍ୟ ଜଗନ୍ନାଥଧାମ ପୁରୀ ସମୁଦ୍ରତଟ ଲାଇଟହାଉସ୍ ନିକଟରେ ହୋଟେଲ ସୂର୍ଯ୍ୟପଦ୍ମା ନାମରେ ଏକ ଅତ୍ୟାଧୁନିକ ହୋଟେଲ ନିର୍ମାଣକରି ତୀର୍ଥଯାତ୍ରୀଙ୍କୁ ସେବା ଯୋଗାଇଦେଉଥିବା ବେଳେ ନୀଳଗିରି ଅଞ୍ଚଳର ଲୋକଙ୍କପାଇଁ କିଛି କରିବାର ସ୍ୱପ୍ନ ତାଙ୍କ ମନକୁ ଆନ୍ଦୋଳିତ କରୁଥିଲା । ଶେଷରେ ସେ ଆର୍ଥିକ ସାହାଯ୍ୟ କରିନପାରିଥିଲେ ହେଁ ନୀଳଗିରିବାସୀଙ୍କ ପରିବାରରେ କେହି ମୃତ୍ୟୁବରଣ କରି ପୁରୀ ସ୍ୱର୍ଗଦ୍ୱାରରେ ଶବସତ୍କାର କରିବାକୁ ଚାହୁଁଥିଲେ ପରିବାର ସହିତ ଆତ୍ମୀୟସ୍ୱଜନଙ୍କ ସ୍ନାନ, ଶୌଚ ଏବଂ ରହିବାରେ ଯେପରି ଅସୁବିଧାରେ ନପଡନ୍ତି ସେଥିପାଇଁ ହୋଟେଲର ସତ୍ତ୍ୱାଧିକାରୀ ସଞ୍ଜୟ କୁମାର ଭୋଳ ନୀଳଗିରିବାସୀଙ୍କୁ ଏହି ସୁବିଧା ଯୋଗାଇଦେବାକୁ ଅନୁଗ୍ରହ କରିଛନ୍ତି । ତେବେ ସୁଦୂର ଜଗନ୍ନାଥଧାମରେ ଅଞ୍ଚଳବାସୀଙ୍କ ପାଇଁ ଏଭଳି ମହତ ଉଦ୍ଦେଶ୍ୟରଖି ସେବା ଯୋଗାଇଦେବାକୁ ନିଷ୍ପତ୍ତି ନେଇଥିବା ସଞ୍ଜୟଙ୍କ ପାଇଁ ନୀଳଗିରିବାସୀଙ୍କ ତରଫରୁ ସାଧୁବାଦ ଜଣାଯାଇଛି ।

## ପୁରୁଷ,, ଧାନ ମଣ୍ଡି ଉଦଘାଟନ

ଆଗରପଡ଼ା,ତା(ସବ୍ୟୁ):ପୁରୁଷ,, ସେବା ସମବାୟ ସମିତିରେ ଚଳିତବର୍ଷ ପାଇଁ ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି । ସମବାୟ ସମିତି ସଭାପତି ପ୍ରଶାନ୍ତ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସଂପାଦକ ରାଜେନ୍ଦ୍ର ବେଜ ମଣ୍ଡି ସଂପର୍କରେ ସୂଚନା ଦେଇଥିଲେ । ଭଦ୍ରକ ଏସଆର ସୁବ୍ରତ ତ୍ରିପାଠୀ,ଜିଲ୍ଲା ମଙ୍ଗଳ ଅଧିକାରୀ ସାଲୁ କୁମାର ଟୁଡୁ,ମିଲେଟ ମିଶନ ଡିପିସି ଅନନ୍ୟା ବଳିଆର ସିଂ,ସହାୟକ ଅୟସକାନ୍ତ ମାଝୀ,ପଂଚାୟତ ନିର୍ବାହୀ ଅଧିକାରୀ ବୀର କିଶୋର ନାୟକ,ଭିଏଡବ୍ଲ୍ୟୁ ଶିବପ୍ରସାଦ ମୁର୍ମୁ,ବିଜେପି ମହତାବ ମଣ୍ଡଳ ସଭାପତି ଅମୂଲ୍ୟରନି ନନ୍ଦ,ଗୋପାଳକୃଷ୍ଣ ଦାଶ,ନାରାୟଣ ଦାଶ,ରବିନ୍ଦ୍ର ସାହୁଙ୍କ ସମେତ ମିଲର,ସମିତି ସଭ୍ୟସଭ୍ୟା ଓ ଚାଷୀମାନେ ଯୋଗ ଦେଇଥିଲେ । ଆଲୋକ ଭୂୟାଁ,ଶୁଭଲକ୍ଷ୍ମୀ ସାହୁ,ସନ୍ତୋଷ ଜେନା ପ୍ରମୁଖ କର୍ମଚାରୀମାନେ ବିଭିନ୍ନ କାର୍ଯ୍ୟ ସଂପାଦନ କରିଥିଲେ ।

## ମା ଅମ୍ବିକା ସାହିତ୍ୟ ସଂସଦର ସାହିତ୍ୟ ଆଲୋଚନା ଓ ସମ୍ବର୍ଦ୍ଧନା

ଖଇରା, (ସବ୍ୟୁ):ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ କୁପାରୀର ସର୍ବପୁରାତନ ସାହିତ୍ୟ ସଙ୍ଗଠନ ମା ଅମ୍ବିକା ବିଶ୍ୱକଲ୍ୟାଣ ସାହିତ୍ୟ ସଂସଦର ବାର୍ଷିକୋତ୍ସବ ପାଳନ ଅବସରରେ ସାହିତ୍ୟ ଆଲୋଚନା ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି। ପୂର୍ବାହ୍ନରେ ଆୟୋଜିତ କବିତା ପାଠୋତ୍ସବରେ ଭରତ ଚନ୍ଦ୍ର ଦାସ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ବସନ୍ତ କୁମାର ଖିଲାର ମୁଖ୍ୟ ଅତିଥି,ଦେବେନ୍ଦ୍ର ନାଥ ଧନୀ ମୁଖ୍ୟବକ୍ତା,ଡଃ ଆଭାରାଣୀ ବଳ ବରେଣ୍ୟ ବକ୍ତା,ହରିହର ପାଣିଗ୍ରାହୀ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ।ପ୍ରଫୁଲ୍ଲ ଦାସ ସଂଯୋଜକ,ହରେକୃଷ୍ଣ ପଣ୍ଡା ସମୀକ୍ଷକ ଓ ବସନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ସଂସଦର ସଭାପତି ଅନାଦି ଚରଣ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ସାହିତ୍ୟ ଆଲୋଚନାରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଶିବ ପ୍ରସାଦ ଖାମୁରାଇ,ଏଫଏମ ମହାବିଦ୍ୟାଳୟର ପ୍ରଫେସର ଡଃ ସନ୍ତୋଷ କୁମାର ରାଉତ ମୁଖ୍ୟବକ୍ତା,ଅବସରପ୍ରାପ୍ତ ବିଇଓ ଚତୁର୍ଭୁଜ ପୋଇ ସମ୍ମାନନୀୟ ଅତିଥି, ଅବସରପ୍ରାପ୍ତ ପ୍ରାଧ୍ୟାପକ ସମ୍ମାନନୀୟ ବକ୍ତା ଭାବେ ଯୋଗ ଦେଇଥିଲେ। ଉପଦେଷ୍ଟା ଶରତ କୁମାର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ମୁଖପତ୍ର କଲ୍ୟାଣ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ବିଭିନ୍ନ ବିଷୟରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଫ୍ୟୁଚର କଲେଜ ଅଫ ନର୍ସିଂର ବାର୍ଷିକ ଉତ୍ସବ




ସୋର, (ସବ୍ୟୁ): ସୋର ବ୍ଲକ ବ୍ରାହ୍ମଣସାହିରେ ଥିବା ଫ୍ୟୁଚର ନର୍ସିଂ କଲେଜର ବାର୍ଷିକ ଉତ୍ସବ କଲେଜର ଚେୟାରମ୍ୟାନ ରମେଶ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ସୋର ଅତିରିକ୍ତ ତହସିଲଦାର କୃଷ୍ଣମୋହନ ସିଂହ, ମୁଖ୍ୟବକ୍ତା ସର୍ଜରୀ ଡାକ୍ତର ମତ୍ୟୁ ଞ୍ଜୟ ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ସ୍ୱେଶାଲ ଅଫିସର ପ୍ରଫୁଲ ଚନ୍ଦ୍ର ଷଡ଼ଙ୍ଗୀ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଲାବଣ୍ୟନିଧି ପଣ୍ଡା,ଅନ୍ୟତମ ଅତିଥି ଭାବେ ସାମ୍ବାଦିକ ଅଭୟ କୁମାର ପତ୍ରୀ ଯୋଗଦେଇ ଅନୁଷ୍ଠାନର ବାର୍ଷିକ ଉତ୍ସବ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଗୁଣର ପରିପ୍ରକାଶ କରିଥାଏ ବୋଲି କହିଥିଲେ ।ଏହି ଅବସରରେ କଲେଜର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।ପ୍ରାରମ୍ଭରେ ରାଜେନ୍ଦ୍ର ମହାରଣା ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ମୃତ୍ୟୁଞ୍ଜୟ ମହାପାତ୍ର ଧନ୍ୟବାଦ ଦେଇଥିଲେ ।ଏହି କାର୍ଯ୍ୟକ୍ରମକୁ ହରିପ୍ରିୟା ମହାପାତ୍ର ପରିଚାଳନା କରିଥିବା ବେଳେ ଉପାଧକ୍ଷା ଶୁଭଲକ୍ଷ୍ମୀ ପଣ୍ଡା, ଜନ୍ମଜୟ ମହାପାତ୍ର, ଜୟନ୍ତ ପତି, ଅଜିତ ଜେନା, ସୁଶାନ୍ତ ଆଚାର୍ଯ୍ୟ, ଗାୟତ୍ରୀ ପ୍ରଧାନ, ଲିଂପ୍ରିୟଦର୍ଶିନୀ ନାୟକ, ସୋନାଲି ବେହେରା, ପ୍ରମୁଖ ପରିଚାଳନା କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଡାକ୍ତରଠୁ...

ଏକ କାର୍ଯ୍ୟକ୍ଷମ ସ୍ୱାସ୍ଥ୍ୟସେବା ଭାବନା ସୃଷ୍ଟି କରିବା ପାଇଁ ଯାଞ୍ଚ କିଛି ଦିନ ପୂର୍ବରୁ ନକଲି ରୋଗୀମାନଙ୍କୁ ଭର୍ତ୍ତି କରାଯାଇଥିଲା । ଯାଞ୍ଚ ସମୟରେ ନିୟାମକ ଆବଶ୍ୟକତା ପୂରଣ କରିବା ପାଇଁ ଡାକ୍ତରମାନଙ୍କୁ ଅସ୍ଥାୟୀ ଭାବେ ନିଯୁକ୍ତ କରାଯାଇଥିଲା । ଏନ୍ଏମ୍ସି ଯାଞ୍ଚର ତିନି ସପ୍ତାହ ପୂର୍ବରୁ କୌଣସି ରୋଗୀ, କର୍ମଚାରୀ ଅବା ଡାକ୍ତର ହସ୍ପିଟାଲ ପରିସରରେ ଉପସ୍ଥିତ ନଥିଲେ ।ଅକ୍ଟୋବର ୨୦୨୧ରୁ ସାଧାରଣ ଔଷଧ ବିଭାଗର ଜୁନିଅର ରେସିଡେଣ୍ଟ ଭାବେ ଡାକ୍ତର ଗଣାଇ ଓ ଔଷଧ ବିଜ୍ଞାନରେ ସହଯୋଗୀ ପ୍ରଫେସର ଡାକ୍ତର ସଇଦ ତଥା ମେ' ୨୦୨୪ରୁ ସାଧାରଣ ଔଷଧରେ ସହାୟକ ପ୍ରଫେସର ଡାକ୍ତର ଭାବେ ନବିଙ୍କୁ ନିଯୁକ୍ତ କରାଯାଇଥିଲା । ନିଯୁକ୍ତି ବିଶ୍ୱବିଦ୍ୟାଳୟର ମାନବ ସମ୍ବଳ ମୁଖ୍ୟଙ୍କ ସୁପାରିସ୍ରେ କରାଯାଇଥିଲା । ଏହାକୁ ବିଶ୍ୱବିଦ୍ୟାଳୟର ଅଧକ୍ଷ ଜୱାଦ ଅହମ୍ମଦ ସିଦ୍ଦିକି ଅନୁମୋଦିତ କରିଥିଲେ । ଠକେଇରୁ ୪୯୩.୨୪ କୋଟି ଆୟ ହୋଇଥିବା ଆକଳନ କରାଯାଇଛି । ଏନ୍ଏଏସି ମାନ୍ୟତା ଓ ମିଥ୍ୟା ୟୁଜିସି ମାନ୍ୟତାର ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ପ୍ରତାରିତ କରି ବାର୍ଷିକ ଶିକ୍ଷା ଓ ପରୀକ୍ଷା ଫି ବାବଦରେ ପାଣ୍ଠି ସଂଗ୍ରହ କରାଯାଇଥିଲା ।ଇଡି ସିଦ୍ଦିକିଙ୍କ ପିଲାମାନଙ୍କ ସହିତ ସମ୍ଭାବ୍ୟ ବିଦେଶୀ ଲିଙ୍କ୍ ମଧ୍ୟ ଚିହ୍ନଟ କରିଛି । ତାଙ୍କ ପୁଅ ଅଫହାମ ଅହମ୍ମଦ ଓ ଝିଅ ଅଫିଆ ସିଦ୍ଦିକା ଦ୍ୱୈତ ନାଗରିକତା ଥାଇପାରେ । କାରଣ କିଛି ବିଦେଶୀ ସଂସ୍ଥା ଫାଇଲିଂରେ ସେମାନଙ୍କୁ ବ୍ରିଟିଶ ନାଗରିକ ଭାବରେ ଦର୍ଶାଯାଇଛି । ଏହାର ଏବେ ଯାଞ୍ଚ ଜାରି ରହିଛି ।

## ବାଣ ଭିଡ଼ା ବେଳେ...

ଥାନାର ଭାରପ୍ରାପ୍ତ ଅଧିକାରୀ ତୁଷାରକାନ୍ତ ସେଠୀ ଘଟଣାସ୍ଥଳରେ ପହଞ୍ଚି ବାରଙ୍ଗ ଅଗ୍ନିଶମ ବାହିନୀକୁ ଡକାଇ ନିଆଁକୁ ନିୟନ୍ତ୍ରଣରେ ଆଣିଥିଲେ । ପରେ ସୁରେଶଙ୍କ ମୃତ୍ୟୁଦେହ ଉଦ୍ଧାର କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ମେଡିକାଲକୁ ପଠାଯାଇଥିଲା । ଘଟଣାର ଗମ୍ଭୀରତାକୁ ନେଇ ଜୋନ୪ ଏସିପି ଶଶିକାନ୍ତ ରାଉତ ମଧ ଘଟଣାସ୍ଥଳରେ ପହଞ୍ଚି ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ସୁରେଶ ଭୋଇ ପୂର୍ବରୁ ଏକ ସଡ଼କ ଦୁର୍ଘଟଣାରେ ଗୋଟିଏ ଗୋଡ଼ ହରାଇଥିଲେ । ଶାରୀରିକ ଅସମର୍ଥତା ଯୋଗୁଁ ଅନ୍ୟ କାମ କରିପାରୁ ନଥିବାରୁ ସେ ଦୀର୍ଘଦିନ ଧରି ବୈକୁ=ଙ୍କ ପାଖରେ ବାଣଭିଡି କାମ କରି ନିଜ ପରିବାରକୁ ପୋଷଣ କରୁଥିଲେ । ତାଙ୍କ ମୃତ୍ୟୁ ପରେ ଦୁଇ ଝିଅ ସହିତ ସମ୍ପୂର୍ଣ୍ଣ ପରିବାର ବେସାହାର ହୋଇପଡ଼ିଥିବାରୁ ଗ୍ରାମର ବୁଦ୍ଧିଜୀବୀ ଓ ସ୍ଥାନୀୟ ଲୋକେ ଗଭୀର ଶୋକ ପ୍ରକାଶ କରିଛନ୍ତି । ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ଉଠିଥିବା ବେଳେ, ଘଟଣାର ମୂଳ ସୂତ୍ରଧାର ବୈକୁ= ସାମଲଙ୍କୁ ତୁରନ୍ତ ଗିରଫ କରିବା ସହ ବେଆଇନ ବାଣ ବ୍ୟବସାୟୀମାନଙ୍କ ବିରୋଧରେ ଦୃଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଦାବି କରିଛନ୍ତି ।

## ଗାଡ଼ି ଧକ୍କାରେ...

ଏନେଇ କୌଣସି ପ୍ରସଙ୍ଗ ଖୁବ୍ ସମ୍ବେଦନଶୀଳ ହୋଇଥାଏ । ମୁଖ୍ୟମନ୍ତ୍ରୀଙ୍କ ବୟାନ ନା କେବଳ ତାଙ୍କୁ ବ୍ୟକ୍ତିଗତ ଭାବେ ଆଘାତ ଦେଇଛି, ବରଂ ସଙ୍ଗତ ଭାବନାକୁ ମଧ୍ୟ ଆଘାତ ଦେଇଛି । ସେ ଏପରି କୌଣସି ପଦ ରହିପାରିବେ ନାହିଁ, ଯେଉଁଠାରେ ତାଙ୍କୁ ତାଙ୍କ ଧାର୍ମିକ ମୂଲ୍ୟ ଓ ଆସ୍ଥା ବିରୋଧରେ ଛିଡ଼ା ହେବାକୁ ପଡ଼ିବ ।

## ଟ୍ରମ୍ପଙ୍କ...

ନିର୍ଦ୍ଦେଶ ଦେଇଥିବା ଖବରକୁ ଯୁଦ୍ଧର ପ୍ରସ୍ତୁତି ବୋଲି ଅନୁମାନ କରାଯାଉଥିଲା ।

ମାତ୍ର ଏହାପରେ ପରିସ୍ଥିତି ଓଲଟି ଯାଇଥିଲା । ଟ୍ରମ୍ପ ଘୋଷଣା କରିଥିଲେ, ଇରାନର ନେତୃତ୍ୱ ତାଙ୍କୁ ହତ୍ୟା ଓ ମୃତ୍ୟୁଦଣ୍ଡ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଏହା ସହିତ ଟ୍ରମ୍ପ ସଙ୍କେତ ଦେଇଥିଲେ, ପ୍ରତ୍ୟାଶିତ ଆମେରିକୀୟ ସାମରିକ କାର୍ଯ୍ୟାନୁଷ୍ଠାନ ଆଉ ଆଗକୁ ବଢ଼ିବ ନାହିଁ । ୱାସିଂଟନ ହସ୍ତକ୍ଷେପ କରିବ ବୋଲି ବିଶ୍ୱାସ କରି ନିଜ ଜୀବନକୁ ବାଜି ଲଗାଇଥିବା ପ୍ରଦର୍ଶନକାରୀଙ୍କ ପାଇଁ ଏହି ଘୋଷଣା ଏକ ଶକ୍ତ ଆଘାତ ଭଳି ମନେ ହୋଇଥିଲା ଆମର ୧୫,୦୦୦ ଲୋକଙ୍କ ମୃତ୍ୟୁ ପାଇଁ ଟ୍ରମ୍ପ ଦାୟୀ ବୋଲି ପ୍ରଦଶନକାରୀ ଅଭିଯୋଗ କରିଛନ୍ତି । ଇରାନବାସୀଙ୍କ ପ୍ରତି ଏପରି ବିଶ୍ୱାସଘାତକତା କରିବା ପାଇଁ ଆମେରିକା ଇସଲାମିକ ଗଣରାଜ୍ୟ ଇରାନ ସହିତ ଏକ ଚୁକ୍ତି କରିଥିବ ବୋଲି ସେମାନେ ଗୁରୁତର ଅଭିଯୋଗ ଆଣିଛନ୍ତି ।

ଟ୍ରମ୍ପ ଆମକୁ ବଳିର ଛେଳି ଭାବେ ବ୍ୟବହାର କରିଛନ୍ତି । ସେ ଆମ ପାଦତଳୁ ମାଟି ଖସାଇ ଦେଇଛନ୍ତି । ତାଙ୍କର ବାହାର ରଙ୍ଗ ହଳଦିଆ ପରି ତାଙ୍କର ଭିତର ରଙ୍ଗ ମଧ୍ୟ ସମାନ । ଟ୍ରମ୍ପଙ୍କ ବକ୍ତବ୍ୟ ଆଶା ସୃଷ୍ଟି କରି ପ୍ରତିବାଦକାରୀଙ୍କ ନିଷ୍ପତ୍ତିକୁ ସିଧାସଳଖ ପ୍ରଭାବିତ କରିଥିଲା । କିନ୍ତୁ ଗୁରୁତ୍ୱପୂର୍ଣ୍ଣ ସମୟରେ ଟ୍ରମ୍ପ ସମର୍ଥନ ହଟାଇନେଲେ । ସେ ଆମ ବିଷୟରେ ଚିନ୍ତା କରୁଛନ୍ ବୋଲି କେବଳ ମିଛରେ ହିଁ କହିଥିଲେ ବୋଲି ପ୍ରଦର୍ଶନକାରୀ ଅଭିଯୋଗ ଆଣିଛନ୍ତି ।

ଏହା ଦ୍ୱାରା ନିଜେ ଖୋଳିଥିବା ଖାଲରେ ଟ୍ରମ୍ପ ପଡ଼ିଛନ୍ତି ବୋଲି କେତେକ ମତପୋଷଣ କରିଛନ୍ତି । ଇରାନରେ ଅଶାନ୍ତି ସୃଷ୍ଟି ପାଇଁ ପ୍ରୋତ୍ସାହନ ଦେଉଥିବା ଟ୍ରମ୍ପ ଶେଷରେ ଇରାନବାସୀଙ୍କ ବିଶ୍ୱାସ ହରାଇ ବସିଛନ୍ତି ।

## ଚିଲିକାରେ...

୧,୪୩,୨୧୭, ନର୍ଦନ ସୋଭଲର ୯୬,୦୦୦ଏବଂ ବ୍ଲାକ ଟେଲଡ଼ ଗଡ଼ୱାଇଟି ୫୨,୦୦୦ । ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଅଧିନ ୫ ଗୋଟି ରେଞ୍ଜ ତଥା ଟାଙ୍ଗୀ, ବାଲୁଗାଁ, ଚିଲିକା, ସାତପଡ଼ା ଏବଂ ରମ୍ଭା ଚିଲିକା ଅଞ୍ଚଳରେ ଏହି ପକ୍ଷୀ ଗଣନା ହୋଇଥିଲା । ବାଲୁଗାଁ ରେଞ୍ଜ ଅଧିନ ପକ୍ଷୀ ଅଭୟାରଣ୍ୟ ନଳବଣରେ ସର୍ବାଧିକ ସଂଖ୍ୟାରେ୩, ୯୭,୫୮୭ ପକ୍ଷୀଙ୍କ ସମାଗମ ହୋଇଛି । ଦ୍ୱିତୀୟରେ ଟାଙ୍ଗୀ ରେଞ୍ଜ ଅନ୍ତର୍ଗତ ମଙ୍ଗଳାଯୋଡ଼ି, ସୁନ୍ଦରପୁର, ଭୂଷ,,ପୁର ଅଞ୍ଚଳରେ ୧,୬୧,୩୮୫ ଏବଂ ସର୍ବନିମ୍ନ ଭାବେ ରମ୍ଭା ରେଞ୍ଜରେ ପକ୍ଷୀଙ୍କ ସମାଗମ ହୋଇଛି । ବିଭାଗ ପକ୍ଷରୁ ସମଗ୍ର ଚିଲିକାକୁ ୨୨ ଟି ଜୋନ ରେ ବିଭକ୍ତ କରାଯାଇ ୨୨ ଟି ଦଳକୁ ପକ୍ଷୀ ଗଣନା କାର୍ଯ୍ୟରେ ନିୟୋଜିତ କରାଯାଇଥିଲା । ସଡ଼କ ପଥରେ ୨ ଗୋଟି ଗ୍ରୁପ ଏବଂ ଜଳ ପଥରେ ୨୦ ଟି ଗ୍ରୁପ ଡ଼ଙ୍ଗାରେ ରହି ପକ୍ଷୀ ଗଣନା କରିଥିଲେ । ଶନିବାର ଭୋର ୬ ଟାରୁ ମଧ୍ୟାହ୍ନ ୧ ଘଟିକା ପର୍ଯ୍ୟନ୍ତ ଗଣନା ହୋଇଥିଲା । ବମ୍ବେ ନାଚୁରାଲ ହିଷ୍ଟ୍ରି ଅଫ ସୋସାଇଟିର ଡେପୁଟି ଡାଇରେକଟର ପି. ସତ୍ୟା ସାଲଭମ, ବନ୍ୟପ୍ରାଣୀ ବିଭାଗ ପି ସି ସିଏଫ ବିକାଶ ରଞ୍ଜନ ଦାଶ, ଅବସରପ୍ରାପ୍ତ ଆର ସି ସି ଏଫ ପି.କେ ମିଶ୍ର, ଡ଼ି ଏଫ ଓ ଅମ୍ଲାନ ନାୟକ, ଏ ସି ଏଫ ସୌମ୍ୟ ରଞ୍ଜନ ସାହୁ, ରେଞ୍ଜର ରଶ୍ମିତା ଜେନା ପ୍ରମୁଖ ଉପସ୍ଥିତ ରହି ଗଣନା କାର୍ଯ୍ୟରେ ଦିଗଦର୍ଶନ ଦେଇଥିଲେ । ସି ଡ଼ି ଏ ଓ ବନ୍ୟପ୍ରାଣୀ ବିଭାଗ କର୍ମଚାରୀ ସମେତ ଓୟୁଏଟି, ୱାଇଲଡ ଓଡିଶା, ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରଫେସର ଏବଂ ଛାତ୍ରୀଛାତ୍ରଙ୍କ ସମେତ ମୋଟ ୧୩୦ ଜଣ ଏହି ଗଣନା କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ ।

## ଆସୁଛି...

ଆଜି(ରବିବାର) ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୨.୮ ଡିଗ୍ରୀ ରେକର୍ଡ଼ ହୋଇଥିବା ବେଳେ ସେମିଳିଗୁଡ଼ାରେ ୪.୪ ଡିଗ୍ରୀ, ଫୁଲବାଣୀରେ ୫.୮ ଡିଗ୍ରୀ, ରାଉରକେଲାରେ ୬ ଡିଗ୍ରୀ, ଝାରସୁଗୁଡାରେ ୬.୮ ଡିଗ୍ରୀ, ଚିପିଲିମାରେ ୮ ଡିଗ୍ରୀ, କିରେଇରେ ୮.୫ ଡିଗ୍ରୀ, ଭବାନୀପାଟଣାରେ ୮.୯ ଡିଗ୍ରୀ, କେନ୍ଦୁଝରେ ୯.୨ ଡିଗ୍ରୀ ରେକର୍ଡ ହୋଇଛି । ସେହିପରି ଭୁବନେଶ୍ୱରରେ ୧୦.୯ ଡିଗ୍ରୀ ରାତିର ତାପମାତ୍ରା ଥିବା ବେଳେ କଟକରେ ୧୦.୨ଡିଗ୍ରୀ ରହିଛି । ସମ୍ବଲପୁରରେ ୧୧.୨ ଡିଗ୍ରୀ, ହୀରାକୁଦରେ ୧୧.୬ ଡିଗ୍ରୀ, ପାରାଦ୍ୱୀପ ୧୩ ଡିଗ୍ରୀ ଓ ଚାନ୍ଦବାଲି ୧୩.୫ ଡିଗ୍ରୀ ।

## ଡନ ବସ୍କୋ ଟେକ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




ଠାକୁରମୁଣ୍ଡା, (ସବ୍ୟୁ):ଡନ ବସ୍କୋ ଟେକର ୨୦ ବର୍ଷ ପୂର୍ତ୍ତି ଉତ୍ସବ ଅବସରରେ ଡନ ବସ୍କୋ ଟେକ ଠାକୁରମୁଣ୍ଡା ଓ ସମ୍ବଲପୁର କେନ୍ଦ୍ର ମିଳିତଭାବେ ବିଭିନ୍ନ ସାଂସ୍କୃତିକ ଓ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି । ଏହି ଅବସରରେ ଠାକୁରମୁଣ୍ଡା କେନ୍ଦ୍ରର ପ୍ରଶିକ୍ଷକ ମାନେ ବିଷୟ -ଭିତ୍ତିକ ସ୍କିଟ(ନାଟକ) ପ୍ରଦର୍ଶନ ମାଧ୍ୟମରେ କୌଶଳ ପ୍ରଶିକ୍ଷଣ, କାର୍ଯ୍ୟସ୍ଥଳ ସୁରକ୍ଷା, ପେଶାଦାରିତା ଏବଂ ଶ୍ରମର ମର୍ଯ୍ୟାଦା ଓ ଗୁରୁତ୍ୱକୁ ସାଧାରଣ ଲୋକଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ । ସ୍କିଟ ଗୁଡ଼ିକ ମାଧ୍ୟମରେ ଡନ ବସ୍କୋ ଟେକର ପ୍ରଶିକ୍ଷଣ ପରେ ଯୁବକ ଯୁବତୀ ମାନଙ୍କ ଜୀବନରେ ଆସୁଥିବା ସକାରାତ୍ମକ ପରିବର୍ତ୍ତନ ସ୍ପଷ୍ଟ ଭାବରେ ପ୍ରତିଫଳିତ ହୋଇଥିଲା ।ଏହା ସହିତ ସମ୍ବଲପୁର କେନ୍ଦ୍ରର ପ୍ରଶିକ୍ଷକ ମାନେ ଡିବି ଟେକ ଆନ୍ଥେମ ସଂଗୀତ, ଶ୍ରେଷ୍ଠ କୋରିଓଗ୍ରାଫି ପ୍ରଦର୍ଶନ ମାଧ୍ୟମରେ ଏକତା, ଗର୍ବ ଓ ଶୃଙ୍ଖଳାର ବାର୍ତ୍ତା ପ୍ରଦାନ କରିଥିଲେ । ନୃତ୍ୟ ପ୍ରଦର୍ଶନ ମାଧ୍ୟମରେ ଡନ ବସ୍କୋ ଟେକର ୨୦ ବର୍ଷର ଯାତ୍ରା, କୌଶଳ ବିକାଶ ଓ ଯୁବ ସଶକ୍ତିକରଣର ଲକ୍ଷ୍ୟକୁ ପ୍ରଦର୍ଶନ କରିଥିଲା ।ଏହି ସମସ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ଡନ ବସ୍କୋ ଟେକର ମୂଳ ଦର୍ଶନ,କେବଳ ପ୍ରଶିକ୍ଷଣ ନୁହେଁ-ଜୀବନ ପରିବର୍ତ୍ତନକୁ ସଫଳତାର ସହ ପ୍ରତିବିମ୍ବିତ କରାଯାଇଥିବା ଦେଖିବାକୁ ମିଳିଥିଲା ।

## ଅଧିକପିଲାଙ୍କୁ ଯାନରେ ନେଲେ କାର୍ଯ୍ୟାନୁଷ୍ଠାନ

ବାଲେଶ୍ୱର,(ସବ୍ୟୁ)-ସ୍କୁଲ ଛାତ୍ର ଛାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ବାଲେଶ୍ୱର ଜିଲ୍ଲାପାଳ ଓ ଜିଲ୍ଲା ଦଣ୍ଡାଧିକାରୀ ତଥା ଅଧକ୍ଷ , ଡି ଆର୍ ଏସ୍ ସି ଙ୍କ ଦ୍ୱାରା ବିଦ୍ୟାଳୟ ବସ୍ ଓ ଅନ୍ୟାନ୍ୟ ଯାନବାହନ ଗୁଡ଼ିକରେ ନିର୍ଦ୍ଧାରିତ କ୍ଷମତାଠାରୁ ଅଧିକ ପିଲାଙ୍କୁ ବସାଇଲେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି ।ଏହି ସମ୍ବନ୍ଧରେ ଆରକ୍ଷୀ ଅଧୀକ୍ଷକ, ଆଞ୍ଚଳିକ ପରିବହନ ଅଧିକାରୀ , ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ସମସ୍ତ ତହସିଲଦାରଙ୍କୁ ନିଜ-ନିଜ କ୍ଷେତ୍ରର ଅଧୀନସ୍ଥ କର୍ମଚାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଜାରି କରି କଠୋର ଓ ନିୟମିତ ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ବିଶେଷ ଭାବେ ସମସ୍ତ ବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନର ପରିଚାଳନା କମିଟି/ସଂସ୍ଥା ମାନଙ୍କୁ ଏହି ବିଷୟରେ ସତର୍କ ରହିବାକୁ ନିର୍ଦ୍ଦେଶ ଜାରି କରିବାକୁ କୁହାଯାଇଛି । ନିର୍ଦ୍ଧାରିତ କ୍ଷମତାଠାରୁ ଅଧିକ ଶିଶୁ ବହନ କରୁଥିବା କୌଣସି ଯାନ ବ୍ୟବହୃତ ହେଲେ, ସେଥିପାଇଁ ସମ୍ପୃକ୍ତ ବିଦ୍ୟାଳୟ ପ୍ରବନ୍ଧନ, ଯାନ ମାଲିକ ଓ ଚାଳକଙ୍କ ବିରୋଧରେ ମୋଟର ଭେହିକଲ୍ ଆକଫ-୧୯୮୮ ଓ ସମ୍ପର୍କିତ ନିୟମାବଳୀ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।ଜିଲ୍ଲା ପ୍ରଶାସନ ପକ୍ଷରୁ ଅଭିଭାବକ, ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଯାନ ଚାଳକ/ମାଲିକମାନଙ୍କୁ ପିଲାଙ୍କ ସୁରକ୍ଷା ପାଇଁ ସହଯୋଗ କରିବା ଓ ସମସ୍ତ ଯାତାୟାତ ନିୟମ କଡାକଡି ପାଳନ କରିବାକୁ ଅନୁରୋଧ କରାଯାଇଛି ।

## ନରଣପୁରରେ ହୋ ଆଦିବାସୀ ସମ୍ପ୍ରଦାୟ ଲୋକ ମହୋତ୍ସବ ଉଦଯାପିତ

ନୀଳଗିରି,(ସବ୍ୟୁ):ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ନରଣପୁର ଗ୍ରାମପଞ୍ଚାୟତ ଅଧୀନସ୍ଥ ନକୁଳକର ହାଟ ଠାରେ ଦୁଇ ଦିନ ଧରି ଚାଲିଥିବା ହୋ ଆଦିବାସୀ ସମ୍ପ୍ରଦାୟର ଲୋକ ମହୋତ୍ସବ ବଡ ଧୂମଧାମ୍ ସହକାରେ ଉଦଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୀଳଗିରି ମାଟିର ସନ୍ତାନ ପ୍ରଶାସନିକ ଅଧିକାରୀ ସରୋଜ ସେଠୀ ଓ ମୁଖ୍ୟ ବକ୍ତା ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ହୋ ଆଦିବାସୀ ରାଜ୍ୟ ସଭାପତି ବିଜୟ ବୋଦରା ଏବଂ ଲଗେନ ମୁଣ୍ଡୁୟା ପ୍ରମୁଖ ମଂଚାସୀନ ଥିଲେ । ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଆଦିବାସୀ ସମାଜର ସଂସ୍କୃତି, ପରମ୍ପରା ଏବଂ ଆଦିବାସୀ ଭାଇ ମାନଙ୍କ ଆମ ସମାଜ, ରାଜ୍ୟ, ଦେଶ ପାଇଁ ଅତୁଳନୀୟ ଅବଦାନ ପାଇଁ ଧନ୍ୟବାଦ ଦେଇଥିଲେ । ହୋ ଆଦିବାସୀ ସମାଜର ଭାଇ ମାନେ ତାଙ୍କ ସଂଘ ତରଫରୁ ସେମାନଙ୍କର ଅନେକ ସମସ୍ୟାର ସମାଧାନ ପାଇଁ ଅତିଥି ମାନଙ୍କ ପାଖରେ ଦାବି ରଖିଥିଲେ ।

## ବାଳିକା ହାଇସ୍କୁଲ ପିଏମଶ୍ରୀ ଉତ୍ସବ

ବାସୁଦେବପୁର,(ସବ୍ୟୁ): ବାସୁଦେବପୁର ପିଏମଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପିଏମଶ୍ରୀ ଉତ୍ସବ-୨୦୨୬ ଅନୁଷ୍ଠିତ ହୋଇ ଯାଇଅଛି । ଆୟୋଜିତ ସଭାର ମୁଖ୍ୟଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ଛାତ୍ରୀମାନଙ୍କୁ ଭଲ ମଣିଷଟିଏ ହେବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ,ପୌରପାଳିକାର ଅଧକ୍ଷା ନିବେଦିତା ବେହେରା,ଭଦ୍ରକ ଜିଲ୍ଲାର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ଓ ପଞ୍ଚସଖା ଶିକ୍ଷାସେତୁର ସଭାନେତ୍ରୀ ସଂଯୁକ୍ତା ବେହେରା ଯୋଗଦେଇ ଉଦବୋଧନ ଦେଇଥିଲେ । ପିଏମଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜକିଶୋର ମଳିକ ସଭାର ସଭାପତିତ୍ୱ କରିଥିଲେ । ଅନ୍ୟତମ ଅତିଥି ଭାବେ ବିଆରସିସି ତଥା ଏବିଇଓ ଉର୍ମିଳା କର,ଏବିଇଓ ଅମୀୟ କୁମାର ମହାଳିକ କାଉଁସିଲର ଜୟନ୍ତୀ ସାହୁ ଓ ପରିଚାଳନା କମିଟିର ଅଧକ୍ଷ ବିବେକାନନ୍ଦ ପଣ୍ଡା ଯୋଗଦେଇ ଥିଲେ । ପିଏମଶ୍ରୀ ଉତ୍ସବ ଓ ପାଭିଲିୟନ୍‌କୁ ବିଧାୟକ ଅଶୋକ କୁମାର ଦାସ ଉଦଘାଟନ କରି ବିଭିନ୍ନ ଷ୍ଟଲ ବୁଲି ପଚାରି ବୁଝିବା ସହିତ ପିଠା,ମିଠା ଓ ଖିଚୁଡି ଖାଇ ଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କ ମାନପତ୍ର ଓ ପୁରସ୍କାର ପ୍ରଦାନ କରି ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ । ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ବରିଷ୍ଠ ନାଗରିକ ପରିଷଦର ବାର୍ଷିକ ସମାରୋହ

ଧାମନଗର,(ସବ୍ୟୁ): ଧାମନଗର ବରିଷ୍ଠ ନାଗରିକ ପରିଷଦ ସାଧାରଣ ଅଧିବେଶନ ସହ ତାର ନବମ ବାର୍ଷିକ ସମାରୋହ ପାଳନ କରିଛି । ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ପୂର୍ବାହ୍ନରେ ପରିଷଦର ସଭାପତି ଅନିଲ କୁମାର ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବାର୍ଷିକ ସମାରୋହରେ ମୁଖ୍ୟଅତିଥି ଭାବେ ଧାମନଗର ପଂଚାୟତ ସମିତି ଅଧକ୍ଷା ଶର୍ମିଷ୍ଠା ବେହେରା,ମୁଖ୍ୟବକ୍ତା ଭାବେ ଭଦ୍ରକ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମନୋଜ କୁମାର ରାଉତ ଯୋଗଦେଇଥିଲଶ ବେଳେ ସମ୍ମାନିତ ଅତିଥି ଭାବେ ଡାକ୍ତର ଅଜିତ ପ୍ରସାଦ ଯେନା,ଭଦ୍ରକ ଜିଲ୍ଲା ମୁଖ୍ୟଚିକିତ୍ସାଧୀକାରୀ ସୁଧୀର ରଞ୍ଜନ ନାୟକ,ସମାଜସେବୀ ବରଦା ପ୍ରସାଦ ମହାପାତ୍ର,ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ସଭାପତି ଲଲାଟେନ୍ଦୁ ମହାନ୍ତି,ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର,ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସମୀର କୁମାର ଗୋସ୍ୱାମୀ ପ୍ରମୁଖ ଯୋଗଦେଇଥିଲେ । ଅଭିମନ୍ୟୁ ମଲ୍ଲିକ ଅତିଥିମାନଙ୍କୁ ମଂଚ ଆବାହନ ଓ ଦଶରଥ ଦାସ ସ୍ୱାଗତ ସମ୍ଭାଷଣ ଦେଇଥିଲେ । ନିରାକାର ଧଳ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସାଧାରଣ ସମ୍ପାଦକ ଶଚିକାନ୍ତ ପଣ୍ଡା ସଂପାଦକୀୟ ବିବରଣୀ ପାଠ କରିଥିଲେ । ଏହି ଅବସରରେ ସମାଜସେବୀ ନରେନ୍ଦ୍ର କୁମାର ମଲ୍ଲିକ,ଶିକ୍ଷାବିତ ମହେଶ୍ୱର ସ୍ୱାଇଁ,ଅବଦୁଲ ହକିମ,ସାମ୍ବାଦିକ ରଜତ କୁମାର ପଣ୍ଡା ପ୍ରମୁଖ ଦଶ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ କୃଷ୍ଣଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ।

## ବାରାପୁର ମକର ମହୋତ୍ସବ ଉଦ୍‌ଯାପିତ

ବାସୁଦେବପୁର, (ସବ୍ୟୁ): ଉଦଯାପିତ ହେଲା ତିନିଦିନ ଧରି ଚାଲିଥିବା ମକର ମହୋତ୍ସବ -୨୦୨୬ । ଶୀତୁଆ ସନ୍ଧ୍ୟାରେ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ । ବାସୁଦେବପୁର ବ୍ଲକର ଆର୍ଡ୍ଡୁଙ୍ଗ ପଞ୍ଚାୟତର ମହାବୀର କ୍ଲବ ଆନୁକୂଲ୍ୟରେ ତିନିଦିନ ଧରି ଚାଲିଥିବା ବାରାପୁର ମକର ମହୋତ୍ସବ ଗତକାଲି ( ଶୁକ୍ରବାର ) ହୋଇଯାଇଛି । ଆୟୋଜିତ ଉଦଯାପନୀ ଉତ୍ସବରେ ମହାବୀର କ୍ଲବର ସଭାପତି ବିଦୁଭୂଷଣ କର ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ବାସୁଦେବପୁର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ,ମୁଖ୍ୟବକ୍ତା ଭାବେ ସିମୁଳିଆ ଅଂଚଳର ବିଜେଡି ନେତା ଶଶି କୁମାର ସାହୁ,ବରେଣ୍ୟ ଅତିଥି ଅଜିତ କୁମାର ନାୟକ,ମନ୍ମଥ କୁମାର ସାହୁ, ପୂର୍ବତନ ସୋସାଇଟି ସଭାପତି ଗୌତମ ସେଠୀ,ପଦ୍ମୁଆଁ ପୂର୍ବତନ ସରପଞ୍ଚ ଦୀନବନ୍ଧୁ ଦାସ,ଜିଲ୍ଲା ପରିଷଦ ସଭ୍ୟ ଯଦୁନାଥ ନାୟକ ଯୋଗ ଦେଇଥିଲେ ସମାଜର ସଫଳ ବ୍ୟକ୍ତି ଭାବେ ବିଜ୍ଞାନ ଶିକ୍ଷକ ବିଜୟ କୁମାର ବେହେରା, ସନାତନ ପାଢୀ ଓ ସଫଳ ଚାଷୀ ଅନୀଲ କୁମାର ପଣ୍ଡାଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ବିଭିନ୍ନ ନୃତ୍ୟ ଓ ଅନ୍ୟାନ୍ୟ ପ୍ରତିଯୋଗିତାର କୃତିତ୍ୱ ଅର୍ଜନ କରିଥିବା ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ବ୍ଲେଣ୍ଡର୍ସ ପ୍ରାଇଡ୍ ଫ୍ୟାଶନ୍ ଟୁର୍ ୨୦୨୫ ସମାପ୍ତ

ଭୁବନେଶ୍ୱର,(ସବ୍ୟୁ) : ବ୍ଲେଣ୍ଡର୍ସ ପ୍ରାଇଡ୍ ଫ୍ୟାଶନ୍ ଟୁର୍,୨୦୨୫ ଏହାର ଚମତ୍କାର ସଂସ୍କରଣ ସମାପ୍ତ କରିଛି ।ଗୁରୁଗ୍ରାମ, ଜୟପୁର ଏବଂ କୋଲକାତାରେ ଫ୍ୟାଶନ୍ ଅଭିଜ୍ଞତା ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି । "ଦି ଓ୍ୱାନ୍ ଆଣ୍ଡ ଓନ୍ଲି' ଷ୍ଟେଜ୍ ସୃଷ୍ଟି କରି ଏହି ଟୁର୍ ତିନୋଟି ଗ୍ରାଉଣ୍ଡବ୍ରେକିଂ କାହାଣୀ ଉପସ୍ଥାପନ କରିଛି । ଗୁରୁଗ୍ରାମ ଫ୍ୟାଶନ ଟୁରରେ ପ୍ରଯୁକ୍ତିବିଦ୍ୟା ଏବଂ କୌଚର ବାସ୍ତବ ସମୟରେ ମିଳିତ ହୋଇଥିଲା । ଜୟପୁର ହାଇ-ଅକେଫନ୍ ମୋଟରସ୍ପୋର୍ଟ ସୌନ୍ଦର୍ଯ୍ୟ ସହିତ ଦ୍ରୁତ ଲେନ୍ ଉପରେ ଫ୍ୟାଶନ୍ ତ୍ୱରାନ୍ୱିତ କରିଥିଲା ଏବଂ କୋଲକାତା ପାରମ୍ପରିକ ହସ୍ତଶିଳ୍ପ ଧାରଣାକୁ ଚ୍ୟାଲେଞ୍ଜ କରିଥିଲା । ଡିଜାଇନର୍ ଫାଲଗୁନି ଏବଂ ଶେନ୍ ପିକକଙ୍କ ଦ୍ୱାରା ନିର୍ମିତ "ଦି ଫ୍ୟୁଚର୍ଭର୍ସ ଅଫ୍ ଫ୍ୟାଶନ' ହାଉଟ୍ କୌଚରକୁ ହ୍ୟୁମାନୋଇଡ୍ ରୋବୋଟ୍, ହୋଲୋଗ୍ରାଫିକ୍ ଟେକ୍ନୋଲୋଜି ଏବଂ ଗତି-ସେନ୍ସିଂ ପ୍ରୋଜେକ୍ସନ୍ ସହିତ ମିଶ୍ରଣ କରିଥିଲା, ଯେଉଁଥିରେ ଶାହିଦ୍ କପୁର ଏବଂ ତମନ୍ନା ଭାଟିଆ ସାମିଲ ହୋଇଥିଲେ । ଜୟପୁରରେ ଡିଜାଇନର୍ ନମ୍ରତା ଜୋଶୀପୁରା ଏବଂ ଅଭିଷେକ ପାଟନୀ ମିସ୍‌ୟୁନିଭର୍ସ ହରନାଜ ସାନ୍ଧୁ ଏବଂ ରାପର୍ ରଫ୍ତାରଙ୍କ ସହିତ ମୋଟରସ୍ପୋର୍ଟ ସୌନ୍ଦର୍ଯ୍ୟକୁ ପୁନଃକଳ୍ପନା କରି "ହାଇ ଅକଫାନ୍ କୌଚରଡ଼', କ୍ରୋମ୍-ରାପ୍ ସୁପରକାର୍ ଏବଂ ତିନି-ଲାପ୍ ରନେଓ୍ୱ ଅଭିଜ୍ଞତା ଦେଖିବାକୁ ମିଳିଥିଲା । କୋଲକାତାର ଶେଷ ପର୍ଯ୍ୟାୟରେ "ଫ୍ୟୁଚର୍ ଇଜ୍ କ୍ରାଫେଟ୍' ଏକ ଯୁଗାନ୍ତକାରୀ କାହାଣୀ ମାଧ୍ୟମରେ ଉପସ୍ଥାପନ କରାଯାଇଥିଲା । ଦେବଶ୍ରୀ ଦାସଗୁପ୍ତା, ସିଏମଓ, ପର୍ନଡ୍ ରିକାର୍ଡ଼ ଇଣ୍ଡିଆ କହିଛନ୍ତି, ଏଫଡିସିଆଇ ଦ୍ୱାରା ପରିଚାଳିତ ବ୍ଲେଣ୍ଡର୍ସ ପ୍ରାଇଡ୍ ଫ୍ୟାଶନ୍ ଟୁର୍ ଭାରତୀୟ ଫ୍ୟାଶନର ସବୁଠାରୁ ପ୍ରତିଷ୍ଠିତ ମଞ୍ଚ ହୋଇଛି ।

T- 129

**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆସନ୍ତା ସୋମବାର, ଇଂରାଜୀ ତା.19/01/2026 ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣୀ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବିନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୭୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବିନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ନିସ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଡମିନିଷ୍ଟ୍ରେସନରେ ଅନ୍ତର୍ଜାତୀୟ ସମ୍ମିଳନୀ

କଟକ, (ସ୍ୱ.ପ୍ର) : ସ୍ଥାନୀୟ ମଦନପୁର ସ୍ଥିତ ନିସ୍ ଇନ୍ଷଫିଚ୍ୟୁଟ ଅଫ ବିଜିନେସ୍ ଆଡମିନିଷ୍ଟ୍ରେସନ ଓ ରିସର୍ଚ୍ଚ ଫୋରମ୍ ଇଣ୍ଡିଆର ସହଭାଗିତାରେ ବିକଶିତ ଭାରତ ପାଇଁ ଉଦୟମାନ ପ୍ରଯୁକ୍ତି ଓ ସସ୍ଥାୟୀ ଉନ୍ନତି ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଅନ୍ତର୍ଜାତୀୟ ସମ୍ମିଳନୀକୁ ଉଦଘାଟନ କରି ବକ୍ତବ୍ୟ ରଖିଥିଲେ । ଉକ୍ତ ସମ୍ମିଳନୀରେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ଼କଟର ଅମୀୟ କୁମାର ରଥ ଆଭାସୀ ମାଧ୍ୟମରେ ଯୋଗଦେଇ ବିକଶିତ ଭାରତର ତାତ୍ପର୍ଯ୍ୟତା ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିରେ ବିରଗଣ ସତୀ ସାଧନୀ ବିଶ୍ୱବିଦ୍ୟାଳୟ ଆସାମର କୁଳପତି ପ୍ରଫେସର ଜି. ସିନ୍‌ଘାୟା, ଅମନ୍ୟ କର୍ପୋରେସନର ମେମ୍ବର ଡ଼କଟର ପାର୍ଥସାରଥି ମିଶ୍ର, ରାଜେନ୍ଦ୍ର ପ୍ରସାଦ କୃଷିବୈଷୟିକ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର, ଆର୍ସେଲର ମିତଲ ଓ ନିପନ୍‌ଷଫିଲର ମାନବ ସମ୍ବଳ ବିଭାଗୀୟ ମୁଖ୍ୟ ଦେବବ୍ରତ ଦାଶ, ତାଇଓ୍ୱାନ ଚାଙ୍ଗଗଙ୍ଗୟୁନିଭରସିଟିର ପ୍ରଫେସର ପ୍ରସନ୍ନ କୁମାର ସାହୁ, ରିସର୍ଚ୍ଚଫୋରମ୍ ଓଡିଶା ମୁଖ୍ୟ ପ୍ରଫେସର ସୁଶିଲ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସେମାନଙ୍କର ବକ୍ତବ୍ୟ



ପ୍ରଦାନ କରିଥିଲେ । ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡକଟର ସୁଭାଷ ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରି ଅନୁଷ୍ଠିତ ସେମିନାରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ସହ ପ୍ରତିଷ୍ଠାତା ପ୍ରଫେସର ସ୍ମୃତିସୁଧା ନାୟକ, ଡେପୁଟି ଡାଇରେକଟର ଡକଟର ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଶିକ୍ଷାନୁଷ୍ଠାନର ଟ୍ରଷ୍ଟି ସାଇସମ୍ମିତ ନାୟକ, ଅଧ୍ୟକ୍ଷ ଡକଟର ରାଜେସ ସାଇଁ, ଜଏଣ୍ଟ ରେଜିଷ୍ଟ୍ରାର ଡକଟର ଭବାନୀ ଶଙ୍କର ରଥ, ପ୍ରଶାସନିକ ଅଧିକାରୀ ପିତାମ୍ବର ଚୟନୀ, ପ୍ରଫେସର ପ୍ରଭାକର ମିଶ୍ର, ଡକଟର ଶ୍ରଦ୍ଧାଞ୍ଜଳୀ ନାୟକ, ଡକଟର ଅଜିତ ନାରାୟଣ ମହାନ୍ତି, ପ୍ରଫେସର ସ୍ଥିତପ୍ରଜ୍ଞ ଦେବଦତ ସାମଲ, ପ୍ରଫେସର ଇନ୍ଦ୍ରଜିତ ଦାସ, ପ୍ରଫେସର ଜ୍ଞାନରଞ୍ଜନ ବିଶ୍ୱାଳଙ୍କ ସମେତ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ମାନେ ଯୋଗଦେଇ ଅନ୍ତଃର୍ଜାତୀୟ ସେମିନାରକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ଡକ୍ଟର ସତ୍ୟପ୍ରକାଶ ମିଶ୍ରଙ୍କୁ 'ୟଙ୍ଗ୍ ଇନୋଭେଟର ଆୱାର୍ଡ'

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶାର ସମୃଦ୍ଧ ବାଣିଜ୍ୟିକ ପରମ୍ପରା ନୂତନତ୍ୱ ଢାଞ୍ଚାରେ ନିର୍ମାଣ କରିବା ପାଇଁ ପୁରୀ ସ୍ଥିତ ହୋଟେଲ ସ୍ୱସ୍ତି ପ୍ରିମିୟମ ଠାରେ 'ପୂର୍ବୋଦୟ ଓଡିଶା ଫାଉଣ୍ଡେସନ' ପକ୍ଷରୁ ଆୟୋଜିତ 'ସାଧବ ଉତ୍ସବ-୨୦୨୬' ସଫଳତାର ସହ ସମ୍ପନ୍ନ ହୋଇଯାଇଛି । ଜାତୀୟ ଷ୍ଟାର୍ଟଅପ୍ ଦିବସ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁବ ଗବେଷକ ତଥା ଉଦ୍ୟୋଗୀ ଡକ୍ଟର ସତ୍ୟପ୍ରକାଶ ମିଶ୍ରଙ୍କୁ ପ୍ରତିଷ୍ଠିତ 'ୟଙ୍ଗ୍ ଇନୋଭେଟର ଆୱାର୍ଡ'ରେ ସମ୍ମାନିତ କରାଯାଇଛି । ଉତ୍ସବର ଉଦଯାପନୀ ଅଧିବେଶନରେ ଓଡ଼ିଶା ସରକାରଙ୍କ ଏମଏସଏମଇ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡକ୍ଟର ମିଶ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ । ଗବେଷଣାଭିତ୍ତିକ ନବସୃଜନ ଏବଂ ଷ୍ଟାର୍ଟଅପ୍ କ୍ଷେତ୍ରରେ ଉଲ୍ଲେଖନୀୟ ନେତୃତ୍ୱ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଏହି ସମ୍ମାନ ଗ୍ରହଣ କରି ଡକ୍ଟର ମିଶ୍ର ପୂର୍ବୋଦୟ ଓଡ଼ିଶା ଫାଉଣ୍ଡେସନ ଏବଂ ସମସ୍ତ ଆୟୋଜକଙ୍କୁ କୃତଜ୍ଞତା ଜଣାଇଛନ୍ତି । ସେ କହିଛନ୍ତି ଯେ, ଏହି ସ୍ୱୀକୃତି ରାଜ୍ୟର ଯୁବ ନବସୃଜନକାରୀ ଓ ଆଶାୟୀ ଉଦ୍ୟୋଗୀମାନଙ୍କ ପାଇଁ ଏକ ପ୍ରେରଣା ଭାବେ କାର୍ଯ୍ୟ କରିବ । ସାଧବ ଉତ୍ସବରେ ଦେଶର ବିଭିନ୍ନ ପ୍ରାନ୍ତରୁ ଷ୍ଟାର୍ଟଅପ୍ ପ୍ରତିଷ୍ଠାତା, ପୁଞ୍ଜିନିବେଶକ ଓ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ । 'ସମୃଦ୍ଧ ଓଡ଼ିଶା ୨୦୩୬'ର ଲକ୍ଷ୍ୟ ହାସଲ କରିବା ଏବଂ ଓଡ଼ିଶାର ଐତିହାସିକ ସାମୁଦ୍ରିକ ବାଣିଜ୍ୟ ଗୌରବକୁ ଆଧୁନିକ ଜ୍ଞାନକୌଶଳ ଜରିଆରେ ପୁନରୁଦ୍ଧାର କରିବା ପାଇଁ ଏହି କନକ୍ଲେଭରେ ବିସ୍ତୃତ ଆଲୋଚନା କରାଯାଇଥିଲା । ୨୦୩୬ ସୁଦ୍ଧା ରାଜ୍ୟରେ ୧୦୦ଟି ବୃହତ ଷ୍ଟାର୍ଟଅପ୍ ପ୍ରତିଷ୍ଠାନ ଗଢ଼ିବାକୁ ଏଠାରେ ସଂକଳ୍ପ ନିଆଯାଇଛି ।

# ଜଷ୍ଟିସ୍ ଶିବଶଙ୍କର ମିଶ୍ରଙ୍କ ଅଚାନକ ଚଣ୍ଡିଖୋଲ କୋର୍ଟ ପରିଦର୍ଶନ

ଚଣ୍ଡିଖୋଲ, (ସବ୍ୟୁ) ଓଡିଶା ଉଚ୍ଚନ୍ୟାୟାଳୟର ବିଚାରପତି ଜଷ୍ଟିସ ଶିବଶଙ୍କର ମିଶ୍ର ରବିବାର



ଅପରାହ୍ନରେ ଅଚାନକ ଚଣ୍ଡିଖୋଲ କୋର୍ଟ ପରିଦର୍ଶନ କରିଥିବା ଜଣାପଡ଼ିଛି । ଜଷ୍ଟିସ ଶ୍ରୀମିଶ୍ର ଏଠାରେ ପହଞ୍ଚି କୋର୍ଟରେ ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ତଦାରଖ କରିବା ସହିତ ଦେଖାଦେଉଥିବା ସମିକ୍ଷା କରି ତାହାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ଏହି ପରିଦର୍ଶ ସମୟରେ ଚଣ୍ଡିଖୋଲ ବାର ଆସୋସିଏସନ ପକ୍ଷରୁ ଜଷ୍ଟିସଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବା । ନବନିର୍ମିତ ବାର ଆସୋସିଏସନ କୋଠାର ନିର୍ମାଣ କାମ ସମ୍ପର୍କରେ ସେ ତଦାରଖ କରି ଏହାକୁ ଅଧିକ ସୁନ୍ଦର କବିତା ପାଇଁ ପରାମର୍ଶ ଦେଇଥିଲେ । ପ୍ରସ୍ତାବିତ ବଡଚଣା ଜେ ଏମ୍ ଏଫ୍ ସି କୋର୍ଟ ସହିତ ପୋକ୍ସୋ ସର୍କିଟ କୋର୍ଟକୁ ଚଣ୍ଡିଖୋଲ କୋର୍ଟ ପରିସରରେରେ ଚାଲୁ କରିବା ପାଇଁ ଆଇନଜୀବୀଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା । ଏହି ପରିଦର୍ଶନ ସମୟରେ ଯାଜପୁର ଜିଲ୍ଲା ଦୌରାଜଜ୍ ଅମୃତରଞ୍ଜନ ନନ୍ଦ, ସବ ଜଜ୍ ବିଶ୍ୱଦୀପକ ସାହୁ, ଜେ ଏମ୍ ଏଫ୍ ସି ଶ୍ରୀମୟୀ ନନ୍ଦଙ୍କ ସମେତ ବାର ଆସୋସିଏସନର ସଭାପତି ସୁରେଶଚନ୍ଦ୍ର ପଣ୍ଡା, ସମ୍ପାଦକ ପ୍ରକାଶକୁମାର ଦାଶ, ବରିଷ୍ଠ ଆଇନଜୀବୀ ଶରତ ଷଡଙ୍ଗୀ, ଦେବରାଜ ବେହେରା, ଶିରିଷ ସାମଲ, ବୀରେନ୍ ବିଶ୍ୱାଳ ଓ ବହୁ ଆଇନଜିବୀ ଉପସ୍ଥିତ ଥିଲେ ।

# ଶ୍ରୀ ସତ୍ୟସାଇ ସେବା ସଙ୍ଗଠନର ୫୦ତମ ରାଜ୍ୟ ସମ୍ମିଳନୀ

କଟକ, (ସ୍ୱପ୍ର): ସ୍ଥାନୀୟ ଐତିହାସିକ ବାଲିଯାତ୍ରା ପଡ଼ିଆରେ ସତ୍ୟସାଇ ସେବା ସଙ୍ଗଠନର ୫୦ ତମ ରାଜ୍ୟ ସମ୍ମିଳନୀ ଏବଂ ଶ୍ରୀ ସତ୍ୟସାଇ ଦିବ୍ୟ ପାଦୁକା ଯାତ୍ରାର ସମାବର୍ତ୍ତନ ସମାରୋହ ଉଦ୍‌ଘାଟିତ ହୋଇଛି । ଏହି ପବିତ୍ର କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୩୫ହଜାରରୁ ଅଧିକ ସାଇ ଭକ୍ତମାନେ ଏକତ୍ରିତ ହୋଇଥିଲେ । ସମାଗତ ସମସ୍ତଙ୍କ ହୃଦୟରେ ଭକ୍ତି ଓ ପ୍ରେମର ମହାନଦୀ ପ୍ରବାହିତ ହେଉ ବୋଲି କହିଥିଲେ ଶ୍ରୀ ସତ୍ୟସାଇ କେନ୍ଦ୍ରୀୟ ନ୍ୟାସର ଟ୍ରଷ୍ଟି ଆର ଜେ ରନିକର । ସେ କହିଥିଲେ ଯେ, ବାଲିଯାତ୍ରା ପଡିଆ ଆଜି ପବିତ୍ର ପ୍ରଶାନ୍ତିନିଳୟମ ଭୂମିରେ ପରିଣତ ହୋଇଛି । ସମସ୍ତଙ୍କ ହୃଦୟରେ ମହାନଦୀର ଏହି ଚିର ଶାଶ୍ୱତ ପ୍ରେମ ସବୁଦିନ ପାଇଁ ପ୍ରବାହିତ ହେଉ । ଭଗବାନ ବାବାଙ୍କ ଦିବ୍ୟ ପାଦୁକା କିପରି ୩ ବର୍ଷ କାଳ ସମଗ୍ର ଓଡ଼ିଶାର କୋଣ ଅନୁକୋଣ ପରିଭ୍ରମଣ କରିଛି ଏବଂ ଏହା ଆଉରି ଆଗାମୀ ୩୦ ବର୍ଷ ଯାଏ ଭକ୍ତ ମାନଙ୍କୁ ପ୍ରେରଣା ଦେଉ ବୋଲି କହିଥିଲେ । ଆୟୋଜିତ ଏହି ଆଧ୍ୟାତ୍ମିକ ସମାରୋହରେ ସତ୍ୟସାଇ ସେବା ସଂଗଠନର ସର୍ବଭାରତୀୟ ସଭାପତି ନିମିଷ ପାଣ୍ଡିଆ, ସଙ୍ଗଠନର ରାଜ୍ୟ ସଭାପତି ଡ଼ାଃ ସତ୍ୟ ସ୍ୱରୂପ ପଟ୍ଟନାୟକ ଏବଂ ସାଇ ସଙ୍ଗଠନର ପୂର୍ବାଞ୍ଚଳ ଜୋନର ସଭାପତି ନାରାୟଣ ପ୍ରସାଦ ସର ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ଭିତରେ କ୍ରିୟାଯୋଗ ମିଶନର ଅର୍ନ୍ତରାଷ୍ଟ୍ରୀୟ ଅଧ୍ୟକ୍ଷ ପରମହଂସ ସ୍ୱାମୀ ପ୍ରଜ୍ଞାନାନନ୍ଦ, ଓଡ଼ିଶା ହାଇକୋର୍ଟର ବିଚାରପତି ନ୍ୟାୟମୂର୍ତ୍ତି ଚିତ୍ତରଂଜନ ଦାଶ, ନ୍ୟାୟମୂର୍ତ୍ତି ଶିବଶଙ୍କର ମିଶ୍ର, ନ୍ୟାୟମୂର୍ତ୍ତି ବିଭୁପ୍ରସାଦ ରାଉତରାୟ, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସତ୍ୟସାଇ ସେବା ସଂଗଠନର ରାଷ୍ଟ୍ରୀୟ ସେବା ସଂଯୋଜନକ କୋଟେଶ୍ୱର ରାଓ ପ୍ରମୁଖ ବାବାଙ୍କର ଜନମାନସକୁ ଦେଇଯାଇଥିବା ସତ୍ୟ ଧର୍ମ ଶାନ୍ତି ପ୍ରେମ ଓ ସେବାର ମାର୍ଗ ମାନବଜୀବନର ଉତ୍ତରଣକୁ ସାର୍ଥକ କରିବ ବୋଲି କହିଥିଲେ । ମେୟର ସୁଭାଷ ଚନ୍ଦ୍ର ସିଂହ, ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ସମେତ ଅନେକ ମାନ୍ୟଗଣ୍ୟ ଅତିଥି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲ୍ଲାର ଖଳିଆପଡା ଗ୍ରାମରେ ୫୦ତମ ଶ୍ରୀ ସତ୍ୟସାଇ ନିର୍ମଳଝର ପାନୀୟ ଜଳ ପ୍ରକଳ୍ପର ଭର୍ଚୁଆଲ ଉଦଘାଟନ ହୋଇଥିଲା । ୧୦୦ଜଣଙ୍କୁ ଶ୍ରୀ ସତ୍ୟସାଇ ସ୍ୱାବଲମ୍ବୀ ଯୋଜନାରେ ସିଲେଇ ମେସିନ ଓ ୫୦ଜଣ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ବଣ୍ଟନ କରାଯାଇଥିଲା । ଏହି ଅବସରରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ୩୫ହଜାରରୁ ଅଧିକ ସାଇଭକ୍ତମାନେ ଦିବ୍ୟ ପାଦୁକା ଦର୍ଶନ କରିଥିଲେ । ରାଜ୍ୟର ସାତଜଣ ବର୍ଷୀୟାନ ସାଇ ସେବକଙ୍କୁ ଏହି ଶୁଭାବସରରେ ଅଙ୍ଗବସ୍ତ୍ର ଓ ବାବାଙ୍କ ଫଟୋଚିତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ମୁଖ୍ୟ ଅତିଥି ଶ୍ରୀ ରନିକର । ସରସ୍ୱତୀ ପୂଜା ୨୩ ତାରିଖରେ ଏହି କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ ।

## ଦୁଇ ବିଧାୟକଙ୍କୁ ବିଜେଡିରୁ ନିଲମ୍ବନ ପ୍ରସଙ୍ଗ

# ଦଳକୁ ଦୁର୍ବଳ କରିବା ପାଇଁ ଷଡଯନ୍ତ୍ର ସହ କର୍ମୀଙ୍କୁ ବିଶ୍ୱାସଘାତ କରିଛନ୍ତି ଅରବିନ୍ଦ: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ବିଜୁ ଜନତା ଦଳକୁ ଦୁର୍ବଳ କରିବା ପାଇଁ ଷଡଯନ୍ତ୍ର କରିବା ସହ କର୍ମୀଙ୍କ ପ୍ରତି ନିଲମ୍ବିତ ବିଧାୟକ ଅରବିନ୍ଦ ମହାପାତ୍ର ବିଶ୍ୱାସଘାତକତା କରିଛନ୍ତି । ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ସାଧାରଣ



ସମ୍ପାଦକ ତଥା ପାଟକୁରାର ଯୁବ ସଂଗଠକ ଅମରେଶ ପତ୍ରୀ କହିଛନ୍ତି ଯେ, ଦଳକୁ ଦୁର୍ବଳ କରିବା ପାଇଁ ଷଡଯନ୍ତ୍ରର ଅଂଶ ଭାବେ ଉଭୟ ନିଲମ୍ବିତ ବିଧାୟକ କାର୍ଯ୍ୟକରି ଆସୁଥିଲେ । ଶ୍ରୀ ପତ୍ରୀ ଆହୁରି କହିଛନ୍ତି ଯେ, ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଦ୍ୱାରା ସୁଯୋଗ ପାଇ ବିଧାୟକ ହେବା ପରଠାରୁ ପାଟକୁରାର ଦଳୀୟ କର୍ମୀଙ୍କୁ ଅଣଦେଖା କରି ନିଜସ୍ୱ ସଂଗଠନ ଜରିଆରେ ଅରବିନ୍ଦ କାର୍ଯ୍ୟ କରିଆସୁଥିଲେ । ୨୫ ବର୍ଷ ଧରି ଯେଉଁ ଦଳୀୟ କର୍ମୀମାନେ ପାଟକୁରାରେ ବିଜେଡି ସଂଗଠନକୁ ସଶକ୍ତ କରି ରଖିଥିଲେ, ସେହି ପୁରୁଖା ନେତା ଓ କର୍ମୀଙ୍କୁ ଜାଣିଶୁଣି ଉପେକ୍ଷା କରି ନିଜର ଚାଟୁକାରମାନଙ୍କୁ ପଞ୍ଚାୟତ ଦାୟିତ୍ୱ ଦେଇ ସେମାନଙ୍କ ଜରିଆରେ ବିଧାୟକ ପାଣ୍ଠି ବିନିଯୋଗ କରୁଥିଲେ । ଗତ ସାଧାରଣ ନିର୍ବାଚନରେ ଟିକେଟ ପାଇଲା ପରେ ଦଳର ସାଂସଦ ପ୍ରାର୍ଥୀଙ୍କୁ ଅସହଯୋଗ କରିଥିଲେ । ପାଟକୁରାରେ ବାପା ପୁଅ ଦଳ ଚାଲିଥିଲା । ବାପାଙ୍କ ଇସାରାରେ ସବୁ କାମ କରୁଥିଲେ ଅରବିନ୍ଦ । ଦଳ ବିରୋଧରେ କଣ କଣ ଷଡଯନ୍ତ୍ର କରିଥିଲେ, ତାହା ନିଜକୁ ନିଜେ ପଚାରନ୍ତୁ ଅରବିନ୍ଦ । ଅତୀତରେ ସ୍ୱର୍ଗତ ବିଜୁ ବାବୁଙ୍କ ବିରୋଧରେ ଅରବିନ୍ଦ ମହାପାତ୍ରଙ୍କ ପିତା ଯେଭଳି ଷଡଯନ୍ତ୍ର କରିଥିଲେ, ଆଜି ପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ବିରୋଧରେ ସେହିଭଳି ବିଶ୍ୱାସଘାତକତା କରିବା ଯୋଜନାରେ ସାମିଲ ହୋଇ ବିଜେଡିକୁ ଦୁର୍ବଳ କରିବା ଅପଚେଷ୍ଟାରେ ଲିପ୍ତ ଥିଲେ । ସଠିକ ସମୟରେ ଏହା ସଭାପତିଙ୍କ ଦୃଷ୍ଟିକୁ ଆସିବାରୁ ତାଙ୍କୁ ଦଳରୁ ନିଲମ୍ବନ କରାଯାଇଛି । କିଛି ମାସ ଧରି ଷଡଯନ୍ତ୍ରର ସୁରାକ ବିଜେଡି ସଭାପତି ପାଇଥିଲେ ମଧ୍ୟ, ତ୍ରୁଟି ସୁଧାରିବା ପାଇଁ ଉଭୟଙ୍କୁ ସୁଯୋଗ ଦେଇଥିଲେ । କିନ୍ତୁ ସୁଧୁରିବା ବଦଳରେ ଉଭୟ ଅରବିନ୍ଦ ଓ ସନାତନ ଦଳ ବିରୋଧୀ କାର୍ଯ୍ୟ ଜାରି ରଖିଥିଲେ । ସେହିପରି ଦଳର ମୁଖପାତ୍ର ତୁମ୍ବନାଥ ପଣ୍ଡା କହିଥିଲେ ଯେ, ଗତ ତିନି ଦଶନ୍ଧି ମଧ୍ୟରେ ନବୀନ ପଟ୍ଟନାୟକ ଅନେକ ଯୁବ ପ୍ରତିଭାଙ୍କୁ ସେବା ମନୋବୃତ୍ତି ରଖି ସାଧାରଣ ଜୀବନରେ ପ୍ରତିଷ୍ଠିତ ହେବା ପାଇଁ ସୁଯୋଗ ଦେଇଛନ୍ତି । ସେହି କ୍ରମରେ ଅରବିନ୍ଦଙ୍କୁ ପାଟକୁରାରୁ ବିଧାନସଭାର ପ୍ରତିନିଧିତ୍ୱ କରିବାକୁ ସୁଯୋଗ ଦେଇଥିଲେ । ଏହି ସୁଯୋଗର ସଦ୍ବ୍ୟବହାର କରି ଲୋକଙ୍କ ସେବା କରିବା ପରିବର୍ତ୍ତେ ଏଭଳି ବିଶୃଙ୍ଖଳିତ ଆଚରଣ ଦୁର୍ଭାଗ୍ୟଜନକ । ଶୃଙ୍ଖଳିତ ଆଚରଣ ପାଇଁ ସାରା ଦେଶରେ ବିଜେଡି ଓ ନବୀନ ବାବୁଙ୍କ ନେତୃତ୍ୱ ବେଶ୍ ପରିଚିତ । ବିଜୁ ଜନତା ଦଳରେ ବିଶୃଙ୍ଖଳାର ସ୍ଥାନ ନାହିଁ ବୋଲି ଶ୍ରୀ ପଣ୍ଡା କହିଛନ୍ତି ।

# ଆଗ୍ରାହାଟ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ : ସାଇରାମ ମର୍ଣ୍ଣିଂ ଚମ୍ପିଆନ୍

ଚୌଦ୍ୱାର, (ସ.ବ୍ୟୁ.) : ପ୍ରତିବର୍ଷ ଭଳି ଚଳିତ ବର୍ଷ ସ୍ୱର୍ଗତ ବିଷ୍ଣୁଚରଣ ସ୍ୱାଇଁ ସ୍ମାରକୀ ଆଗ୍ରାହାଟ କପ୍ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେ ଗତ ୧୧ ତାରିଖରୁ ଆରମ୍ଭ ହୋଇଥିବା ବେଳେ ଆଜି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଆଗ୍ରାହାଟ ସ୍ପୋର୍ଟସ୍ କ୍ଲବ୍ ପଡ଼ିଆରେ ଫୁଟ୍‌ବଲ ଆସୋଏସନ୍ ଅଫ୍ ଏକାଡ଼େମୀ ଓ ସାଇରାମ ମର୍ଣ୍ଣିଂ ଟିମ୍ ମଧ୍ୟରେ ଏହି ମ୍ୟାଚ୍ ଅନୁଷ୍ଠିତ ହୋଇଥିବା ବେଳେ ପାଓ ଏକାଡ଼େମୀକୁ ୨/୦ରେ ହରାଇ ସାଇରାମ ମର୍ଣ୍ଣିଂ ଚମ୍ପିଆନ୍ ହୋଇଛି । ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ବାଣିପଦାର ପୂର୍ବତନ ସରପଂଚ ତୀର୍ଥାନନ୍ଦ ସୁବୁଦ୍ଧିରାୟ, ସମିତି ସଭ୍ୟ ରୀତାରାଣୀ ରାଉତ, ଚୌଦ୍ୱାର ପୌର କାଉନ୍‌ସିଲର ସୁବ୍ରତ ସାମଲ, ବିରାଟ ବଜାର ପୂଜା କମିଟି ସଭାପତି ପ୍ରଶାନ୍ତ କୁମାର ବରାଳ, ସଭାପତି ଅକ୍ଷୟ ବରାଳ ଓ ଉପସଭାପତି ପ୍ରମୋଦ ପଣ୍ଡା, ସମାଜସେବୀ ଲକ୍ଷ୍ମଣ ରାଉତ ପ୍ରମୁଖ ଯୋଗ ଦେଇଥିଲେ । ଚମ୍ପିଆନ୍ ଟିମ୍‌କୁ ନଗଦ ୧୫ହଜାର ଓ ରନର୍ସ ଟିମ୍‌କୁ ନଗଦ ୧୦ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା । ଶ୍ରେଷ୍ଠ ଗୋଲକିପର ରୋହିତ ହେମ୍ବ୍ରମ, ଶ୍ରେଷ୍ଠ ରକ୍ଷାକାରୀ ଖେଳାଳୀ ବୁଦ୍ଧିଆ ସାମଲ, ଶ୍ରେଷ୍ଠ ଖେଳାଳୀ ବାପୁନି ସାମଲ ଓ ରେଫରୀ ସଞ୍ଜିବ ଦାସ, ଅବଦୁଲ ମାର୍ଟିନ୍, ଲକି ହେମ୍ବ୍ରମଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ବିଷ୍ଣୁଚରଣ ସ୍ୱାଇଁଙ୍କ ପୁତ୍ର ପ୍ରିୟବ୍ରତ ସ୍ୱାଇଁ, ଲୋକନାଥ ମାଝୀ, ହୃଷିକେଶ ରାଉତଙ୍କ ସମେତ କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିବା ବେଳେ ଅଶୋକ ଦାସ ମଂଚ ପରିଚାଳନା କରିଥିଲେ ।

## ତମ୍ବା ଶିଳ୍ପରୁ ଗୁରୁତ୍ୱପୂର୍ଣ୍ଣ ଖଣିଜ ସଂଗ୍ରହ ପାଇଁ

# ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି ଏବଂ ହିନ୍ଦୁସ୍ତାନ କପର୍ ମଧ୍ୟରେ ଚୁକ୍ତି

ଭୁବନେଶ୍ୱର, (ସବ୍ୟୁ) : ତମ୍ବା ପଥର, କନସେଣ୍ଟ୍ରେଟ୍ ଏବଂ ଟେଲିଙ୍ଗ୍ସରୁ ରେୟାର୍ ଆର୍ଥ ଏଲିମେଣ୍ଟସ୍ , ଟ୍ରେସ୍ ଏଲିମେଣ୍ଟସ୍ ଏବଂ ତମ୍ବା ସମେତ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ପୁନରୁଦ୍ଧାର ପାଇଁ ସିଏସଆଇଆର-ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି ପ୍ରତିଷ୍ଠାନ (ସିଏସଆଇଆର-ଆଇଏମଏମଟି) ଏବଂ ହିନ୍ଦୁସ୍ତାନ କପର୍ ଲିମିଟେଡ୍ (ଏଚସିଏଲ) ସହିତ ଏକ ଗବେଷଣା ଓ ବିକାଶ ଚୁକ୍ତି ସ୍ୱାକ୍ଷର କରିଛି । ଉଭୟ ସଂଗଠନ ମଧ୍ୟରେ ସ୍ୱାକ୍ଷରିତ ପ୍ରକଳ୍ପ ଚୁକ୍ତିନାମା ଆଦାନପ୍ରଦାନ ସହିତ କୋଲକାତାସ୍ଥିତ ଏଚସିଏଲ କର୍ପୋରେଟ୍ କାର୍ଯ୍ୟାଳୟରେ ଏହି ପ୍ରକଳ୍ପ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଏଚସିଏଲର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ କୁମାର ସିଂ, ନିର୍ଦ୍ଦେଶକ (ଅର୍ଥ) ଆର.ଭି.ଏନ୍. ବିଶ୍ୱେଶ୍ୱର, ନିର୍ଦ୍ଦେଶକ (ପରିଚାଳନା) ସଞ୍ଜୀବ କୁମାର ସିହ୍ନା ଏବଂ ସିଏସଆଇଆର-ଆଇଏମଏମଟିର ନିର୍ଦ୍ଦେଶକ ଡଃ ରାମାନୁଜ ନାରାୟଣଙ୍କ ଅଧ୍ୟକ୍ଷତାରେ ଏହି ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ



ହୋଇଥିଲା । ଏଚସିଏଲ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଖଣି) ବିନୋଦ ଗୁପ୍ତା ଏବଂ ସିଏସଆଇଆର-ଆଇଏମଏମଟିର ମୁଖ୍ୟ ବୈଜ୍ଞାନିକ ତଥା ବ୍ୟବସାୟ ବିକାଶ ଏବଂ ସେଣ୍ଟର ଅଫ୍ ଏକ୍ସଲେନ୍ସ ବିଭାଗର ମୁଖ୍ୟ ଡଃ କାଳୀ ସଞ୍ଜୟ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଭୁବନେଶ୍ୱରସ୍ଥିତ ସିଏସଆଇଆର-ଇନଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି (ସିଏସଆଇଆର-ଆଇଏମଏମଟି) ହେଉଛି ଭାରତର ଏକ ଅଗ୍ରଣୀ ଅନୁସନ୍ଧାନ ଏବଂ ବିକାଶ ଅନୁଷ୍ଠାନ, ଯାହା ଖଣିଜ ପ୍ରକ୍ରିୟାକରଣ, ଧାତୁ ନିଷ୍କାସନ, ସାମଗ୍ରୀ ବିକାଶ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜର ପୁନରୁଦ୍ଧାର କ୍ଷେତ୍ରରେ ସମର୍ପିତ । ଏହି ଅନୁଷ୍ଠାନ ନ୍ୟାସନାଲ ସେଣ୍ଟର ଫର ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ (ଏନସିଏମଏମ) ଅଧୀନରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ଉତ୍କର୍ଷ କେନ୍ଦ୍ର ପରିଚାଳନା କରୁଛି ।

## ଶିଳା, ଗିରିଜାଙ୍କ ସ୍ମୃତିରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

# ଦିନକରେ ୭୧ୟୁନିଟ ରକ୍ତ ସଂଗ୍ରହ

ଭୁବନେଶ୍ୱର, (ସବ୍ୟୁ): ମାଷ୍ଟର ଗିରିଜା ମେମୋରିଆଲ ରୋଡ଼ ସେଫ୍ଟି ଫାଉଣ୍ଡେସନ ଟ୍ରଷ୍ଟ ତରଫରୁ ମାଷ୍ଟର ଗିରିଜା ଓ ଦିବଂଗତ ସାମ୍ବାଦିକା ଶିଳା ପଟ୍ଟନାୟକଙ୍କ ସ୍ମୃତିରେ ଏକ ରକ୍ତଦାନ ଶିବିର ରେଡକ୍ରସ ଭବନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ



୭୧ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । କର୍ପୋରେଟର ଅମରେଶ ଜେନା, ସମାଜସେବୀ ରୁଦ୍ର ସାମନ୍ତରାୟ, ସମାଜସେବୀ ରୋଟାରୀଆନ କର୍ଣ୍ଣେଲ ସୋନାଲି ରଥ, ସମାଜସେବୀ ସାଗର ଦାସ, ଜିଏସଟି ଅତିରିକ୍ତ କମିଶନର କାନନବାଳା ନାୟକ, ବରିଷ୍ଠ ସାମ୍ବାଦିକ ରାମଜୀବନ ଗୋଛାୟତ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଚଣ୍ଡୀ ପ୍ରସାଦ ଫାଉଣ୍ଡେସନ ଟ୍ରଷ୍ଟ, କନ୍ୟା ଅନମୋଲ ହେ, ଆର୍ଟ ଅଫ ସ୍ମାଇଲ ଓ ଟାଇମ ଟୁ ସାଇନର ମିଳିତ ସହଯୋଗ କ୍ରମେ ଆୟୋଜିତ ରକ୍ତଦାନ ଶିବିରକୁ ଆୟୋଜକ ଟ୍ରଷ୍ଟର ମୁଖ୍ୟ ଅଧ୍ୟାପିକା ଅମୀୟବାଳା ପରିଡା, କଳ୍ପନା ବିଷୋୟୀ, ଲିନା ନନ୍ଦିତା ପରିଡା, ସସ୍ମିତା ଦାଶ, ଅମନ ଆୟୁଷ୍ମାନ ଦାସ ପ୍ରମୁଖ ପରିଚାଳନା କରିଥିଲେ ।

# ଓଡ଼ିଶାର ବକ୍ସାଇଟକୁ ଆଉ ଅଣଦେଖା କରାଯାଇପାରିବ ନାହିଁ, ତାହାର ବ୍ୟବହାର ଅତ୍ୟନ୍ତ ଜରୁରୀ

ଭୁବନେଶ୍ୱର, (ସବ୍ୟୁ): ବିଶ୍ୱ ଅର୍ଥନୈତିକ କ୍ରମ ଏକ ଅଭୂତପୂର୍ବ ଗତିରେ ପୁନଃଗଠିତ ହେଉଛି। ଯୋଗାଣ ଶୃଙ୍ଖଳ ଖଣ୍ଡ ଖଣ୍ଡ ହେଉଛି, ଭୂରାଜନୈତିକ ବିପଦ ବାଣିଜ୍ୟ ସମ୍ପର୍କକୁ ପୁନଃପରିଭାଷିତ କରୁଛି, ଏବଂ ରାଷ୍ଟ୍ରଗୁଡ଼ିକ ଆଧୁନିକ ଶିଳ୍ପ ଏବଂ ସ୍ୱଚ୍ଛ ଶକ୍ତି ପରିବର୍ତ୍ତନକୁ ଆଧାର କରୁଥିବା ଖଣିଜ ପଦାର୍ଥର ପ୍ରବେଶ ସୁରକ୍ଷିତ କରିବା ପାଇଁ ଆକ୍ରମଣାତ୍ମକ ଭାବରେ ପ୍ରତିଯୋଗିତା କରୁଛନ୍ତି। ଏହି ପରିପ୍ରେକ୍ଷୀରେ, ଓଡ଼ିଶାର ବକ୍ସାଇଟ୍ ସମ୍ପଦ ବିଷୟରେ ବିତର୍କ ଆଉ କେବଳ ଖଣି କିମ୍ବା ଆଂଚଳିକ ବିକାଶ ବିଷୟରେ ନୁହେଁ; ଏହା ଏକ ଜରୁରୀକାଳୀନ ବିଷୟ ପାଲଟିଛି। ଯେତେବେଳେ ରଣନୈତିକ ସ୍ୱାୟତତା ଏବଂ ଯୋଗାଣ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ, ଭାରତ ଗୁରୁତ୍ୱପୂର୍ଣ୍ଣ ଘରୋଇ ବକ୍ସାଇଟ୍ ଭଣ୍ଡାରକୁ ଅନ୍ୱେଷଣ ଏବଂ ଅବ୍ୟବହୃତ ଭାବରେ ଛାଡିବାକୁ ସମର୍ଥ ହୋଇପାରିବ ନାହିଁ। ଆର୍ଥିକ ସାର୍ବଭୌମତ୍ୱକୁ ସୁରକ୍ଷା ଦେବା, ଶିଳ୍ପ ସ୍ଥିରତାକୁ ସୁଦୃଢ଼ କରିବା ଏବଂ ଦ୍ରୁତ ପରିବର୍ତ୍ତିତ ବିଶ୍ୱ କ୍ରମରେ ଭାରତର ସ୍ଥିତି ସୁରକ୍ଷିତ କରିବା ପାଇଁ ଓଡ଼ିଶାର ବକ୍ସାଇଟ୍ ସମ୍ଭାବନାକୁ ଉନ୍ମୁକ୍ତ କରିବା କ୍ରମଶଃ ଗୁରୁତ୍ୱପୂର୍ଣ୍ଣ ହୋଇଛି। "ଏକ ବିଶ୍ୱ ଧାରା ଏହି ଜରୁରୀତାକୁ ସ୍ପଷ୍ଟ ଭାବରେ ଧ୍ୟାନରେ ରଖିଛି। ଚୀନ୍ ଆଜି ବିଶ୍ୱ ଆଲୁମିନିୟମ୍ ଉତ୍ପାଦନର ପ୍ରାୟ ୬୦ ପ୍ରତିଶତ ଅଂଶୀଦାର, ଏହାକୁ ଏକ ଧାତୁ ଉପରେ ଅତୁଳନୀୟ ପ୍ରଭାବ ପ୍ରଦାନ କରୁଛି ଯାହା ଭିତିଭୂମି ଏବଂ ପରିବହନ ଠାରୁ ନବୀକରଣୀୟ ଶକ୍ତି ଏବଂ ପ୍ରତିରକ୍ଷା ଉତ୍ପାଦନ ପର୍ଯ୍ୟନ୍ତ କ୍ଷେତ୍ର ପାଇଁ ଜରୁରୀ।

ଏହି ପ୍ରାଧାନ୍ୟ କଂଚାମାଲ, ବିଶେଷକରି ଆମଦାନୀ ହୋଇଥିବା ବକ୍ସାଇଟ୍ ଉପରେ ନିର୍ଭର କରେ। ଚୀନ୍ ଗିନିରୁ ଏହାର ବକ୍ସାଇଟ୍ ଆମଦାନୀର ଏକ ଯଥେଷ୍ଟ ଅଂଶ ସଂଗ୍ରହ କରେ, ଯାହା ଦ୍ୱାରା ବିଶ୍ୱ ଆଲୁମିନିୟମ୍ ଯୋଗାଣ ଶୃଙ୍ଖଳକୁ କିଛି ଭୌଗୋଳିକ କ୍ଷେତ୍ରରେ ନିୟାମକ, ରାଜନୈତିକ ଏବଂ ଲଜିଷ୍ଟିକ୍ ବାଧା ପାଇଁ ଦୁର୍ବଳ କରିଦିଏ। ସମ୍ପଦ ସମୃଦ୍ଧ ଦେଶଗୁଡ଼ିକରେ ସାମ୍ପ୍ରତିକ ନୀତି ପରିବର୍ତ୍ତନ ଏବଂ ରପ୍ତାନି ପ୍ରତିବନ୍ଧକ ବାରମ୍ବାର ପ୍ରଦର୍ଶନ କରିଛି ଯେ ଏହି ନିର୍ଭରଶୀଳତା କେତେ ଶୀଘ୍ର ବଜାରକୁ ଅସ୍ଥିର କରିପାରିବ", ଭାରତର ଭୂତାତ୍ତ୍ୱିକ ସର୍ବେକ୍ଷଣ ନିର୍ଦ୍ଦେଶକ (ଅବସରପ୍ରାପ୍ତ) ଡକ୍ଟର ସିବ ମହାକୁଡ କହିଛନ୍ତି।

ଏହି ପୃଷ୍ଠଭୂମି ବିରୁଦ୍ଧରେ, ଓଡ଼ିଶା ଏକ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି।




ଭାରତରେ ପ୍ରାୟ ୩.୯ ବିଲିୟନ ଟନ୍ ବକ୍ସାଇଟ୍ ସମ୍ପଦ ଅଛି, ଏବଂ କେବଳ ଓଡ଼ିଶା ଏହି ମୋଟର ୫୦ ପ୍ରତିଶତରୁ ଅଧିକ ଅଂଶୀଦାର। କଳାହାଣ୍ଡି, କୋରାପୁଟ, ସୁନ୍ଦରଗଡ଼, ବଲାଙ୍ଗିର ଏବଂ ସମ୍ବଲପୁର ଭଳି ଜିଲ୍ଲାଗୁଡ଼ିକରେ ରାଜ୍ୟର ବକ୍ସାଇଟ୍-ବହନକାରୀ ମାଳଭୂମି ଭାରତର ଆଲୁମିନିୟମ୍ କଂଚାମାଲ ଆଧାରର ମେରୁଦଣ୍ଡ ଗଠନ କରେ। ଏହା କେବଳ ଏକ ଭୂତାତ୍ତ୍ୱିକ ସୁବିଧା ନୁହେଁ; ଏହା ଏକ ରଣନୈତିକ ସମ୍ପତ୍ତି ଯେତେବେଳେ ଉନ୍ନତ ଅର୍ଥନୀତିଗୁଡ଼ିକ ସକ୍ରିୟ ଭାବରେ ସୁରକ୍ଷିତ, ବିବିଧ ଏବଂ ଦାୟିତ୍ୱପୂର୍ଣ୍ଣ ଭାବରେ ଉତ୍ସ ହୋଇଥିବା ଖଣିଜ ଯୋଗାଣ ଶୃଙ୍ଖଳ ଦରକାର।

ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ ନିର୍ଦ୍ଦେଶକ (ଅବସରପ୍ରାପ୍ତ) ଡକ୍ଟର ସିବ ମହାକୁଡଙ୍କ ଅନୁଯାୟୀ, ସାମ୍ପ୍ରତିକ ଅନ୍ତର୍ଜାତୀୟ ନୀତି ଆଲୋଚନା ଏହି ପରିବର୍ତ୍ତନକୁ ଆହୁରି ଦୃଢ଼ କରୁଛି। ଜି୭ ସମ୍ପର୍କର ଫଳାଫଳ ବାରମ୍ବାର ଗୁରୁତ୍ୱପୂର୍ଣ୍ଣ ଖଣିଜ ସୁରକ୍ଷା, ଯୋଗାଣରେ ବିବିଧତା ଏବଂ ଅର୍ଥନୈତିକ ସ୍ଥିରତା ଏବଂ ଶକ୍ତି ପରିବର୍ତ୍ତନ ପାଇଁ ଦାୟିତ୍ୱପୂର୍ଣ୍ଣ ଉତ୍ସ ଉପରେ ଗୁରୁତ୍ୱାରୋପ କରିଛି। ଦେଶଗୁଡ଼ିକ ସ୍ୱଚ୍ଛତା, ନିୟାମକ ପୂର୍ବାନୁମାନ ଏବଂ ଗଣତାନ୍ତ୍ରିକ ଦାୟିତ୍ୱ ପ୍ରଦାନ କରୁଥିବା କ୍ଷେତ୍ରାଧିକାର ସହିତ ସହଭାଗୀ ହେବାକୁ ଚାହୁଁଛନ୍ତି। ଓଡ଼ିଶା, ଏହାର ବର୍ଦ୍ଧିତ ଶିଳ୍ପ ଇକୋସିଷ୍ଟମ ଏବଂ ଉନ୍ନତ ଶାସନ ଢାଂଚା ସହିତ, ଏହି ଉଦୀୟମାନ ଦୃଶ୍ୟପଟରେ ଏକ ଅର୍ଥପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଭଲ ସ୍ଥିତିରେ ଅଛି। ତଥାପି, ନିର୍ଣ୍ଣାୟକ ପଦକ୍ଷେପ ବିନା କେବଳ ସମ୍ଭାବନା ପ୍ରଭାବରେ ପରିଣତ ହୁଏ ନାହିଁ।

ଭାରତ ଘରୋଇ ଉପଲବ୍ଧତା ସତ୍ତ୍ୱେ ବିପୁଳ ପରିମାଣର ବକ୍ସାଇଟ୍ ଆମଦାନି କରିଚାଲିଛି, ଯାହା ସମ୍ବଳ ଅଭାବ ଅପେକ୍ଷା ସାଂରଚନିକ ଏବଂ ନିୟାମକ ବାଧାକୁ ପ୍ରତିଫଳିତ କରେ। ଏହି ଆମଦାନିଗୁଡ଼ିକ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳାକୁ ବିଶ୍ୱ ମୂଲ୍ୟ ଅସ୍ଥିରତା ଏବଂ ଯୋଗାଣ ବାଧାରେ ପକାଏ, ଯାହା ଘରୋଇ ନିର୍ମାତାଙ୍କ ପ୍ରତିଯୋଗିତାକୁ ଦୁର୍ବଳ କରିଦିଏ। ଭାରତ ନବୀକରଣୀୟ ଶକ୍ତି କ୍ଷମତା, ବୈଦ୍ୟୁତିକ ଗତିଶୀଳତା, ରେଳବାଇ, ସହରାଂଚଳ ଭିତିଭୂମି ଏବଂ ପ୍ରତିରକ୍ଷା ଉତ୍ପାଦନକୁ ବିସ୍ତାର କରୁଥିବାରୁ ଆଲୁମିନିୟମ ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଇବାକୁ ଯାଉଛି। ତେଣୁ ଏହି ଅଭିବୃଦ୍ଧିକୁ ବଜାୟ ରଖିବା ପାଇଁ ଘରୋଇ କଂଚାମାଲ ଯୋଗାଣ ସୁରକ୍ଷିତ କରିବା ମୌଳିକତା ଅଟେ। ଏମଏମଡିଆର ସଂଶୋଧନ ଆଇନ, ୨୦୧୫ ଅଧୀନରେ ପ୍ରତିଷ୍ଠିତ ଜିଲ୍ଲା ଖଣିଜ ଫାଉଣ୍ଡେସନ ଭଳି ଯନ୍ତ୍ରପାତି ପ୍ରଭାବିତ ଜିଲ୍ଲାଗୁଡ଼ିକରେ ସ୍ୱାସ୍ଥ୍ୟସେବା, ଶିକ୍ଷା, ଭିତିଭୂମି ଏବଂ ଜୀବିକା କାର୍ଯ୍ୟକ୍ରମଗୁଡ଼ିକରେ ଖଣି-ସମ୍ବନ୍ଧୀୟ ପାଣ୍ଠିକୁ ପରିଚାଳିତ କରିବା ପାଇଁ ଡିଜାଇନ୍ କରାଯାଇଛି। ଓଡ଼ିଶାର ବକ୍ସାଇଟ୍ ସମ୍ପଦ ଭାରତ ପାଇଁ ଯୋଗାଣ-ଶୃଙ୍ଖଳା ସ୍ଥିରତାକୁ ସୁଦୃଢ଼ କରିବା, ଆମଦାନୀ ନିର୍ଭରଶୀଳତା ହ୍ରାସ କରିବା ଏବଂ ଘରୋଇ ଭିତିଭୂମି ଉପରେ ଉତ୍ପାଦନ ଅଭିବୃଦ୍ଧିକୁ ସ୍ଥିର କରିବା ପାଇଁ ଏକ ସୁଯୋଗ ପ୍ରତିନିଧିତ୍ୱ କରେ। ଭାରତ ସମ୍ମୁଖରେ ବିକାଶ ଏବଂ ସଂରକ୍ଷଣ ମଧ୍ୟରେ ବିକଳ୍ପ ନାହିଁ। ଓଡ଼ିଶାର ବକ୍ସାଇଟ୍ ପ୍ରତି ଏକ ପରିପକ୍ୱ, ତଥ୍ୟ-ଚାଳିତ ଏବଂ ନିର୍ଣ୍ଣାୟକ ନୀତି ଆଭିମୁଖ୍ୟ ଆଉ ବିକଳ୍ପ ନୁହେଁ। ଏହା ଭାରତର ଆର୍ଥିକ ଏବଂ ରଣନୈତିକ ଭବିଷ୍ୟତ ପାଇଁ ଅତ୍ୟାବଶ୍ୟକ ଅଟେ।

# ତେଜସ୍ୱୀ ହେବେ ଆର୍ଜେଡି କାର୍ଯ୍ୟକାରୀ ରାଷ୍ଟ୍ରୀୟ ଅଧ୍ୟକ୍ଷ

ପାଟନା: ରାଷ୍ଟ୍ରୀୟ ଜନତା ଦଳ (ଆର୍ଜେଡି)ର ନେତୃତ୍ୱ ତେଜସ୍ୱୀ ଯାଦବଙ୍କ ହାତକୁ ଯାଇପାରେ ବୋଲି ଚର୍ଚ୍ଚା ହେଉଛି । ବିହାର ବିଧାନସଭାର ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବଙ୍କୁ ଦଳର କାର୍ଯ୍ୟକାରୀ ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ମନୋନୀତ କରାଯିବ ବୋଲି କୁହାଯାଉଛି । ଲାଲୁ ପ୍ରସାଦ ଯାଦବ ବର୍ତ୍ତମାନ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଛନ୍ତି । ତେବେ ଆସନ୍ତା ୨୫ ତାରିଖରେ ତେଜସ୍ୱୀଙ୍କ ନାମ କାର୍ଯ୍ୟକାରୀ ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ଘୋଷଣା କରାଯାଇପାରେ । ବିଦେଶ ଯାତ୍ରାରୁ ଫେରିବା ପରେ ତେଜସ୍ୱୀ ସକ୍ରିୟ ଅଛନ୍ତି । ଦଳର ଆଗାମୀ ରଣନୀତି ତଥା ବିଧାନସଭାରେ ପରାଜୟର କାରଣ ସମୀକ୍ଷା କରାଯାଉଛି । ପାଟନାରେ ତେଜସ୍ୱୀ ଯାଦବ ନିଜ ସରକାରୀ ବାସଭବନରେ କୋର୍ କମିଟି ଓ ଲୋକସଭା, ରାଜ୍ୟସଭା ସଦସ୍ୟଙ୍କ ସହିତ ବୈଠକ କରିଛନ୍ତି । ଆର୍ଜେଡିରେ ଲାଲୁଙ୍କ ପରେ ତେଜସ୍ୱୀ ଦ୍ୱିତୀୟ କ୍ଷମତାଶାଳୀ ନେତାଭାବେ ଗ୍ରହଣ କରାଯାଏ । ଦଳର ନୀତି ନିର୍ଦ୍ଧାରଣ ଠାରୁ ଯେକୌଣସି ବଡ଼ ନିଷ୍ପତ୍ତି ତେଜସ୍ୱୀ ନେଇଥାନ୍ତି । ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ ଲାଲୁ ତେଜସ୍ୱୀଙ୍କୁ ଏହି କ୍ଷମତା ପ୍ରଦାନ କରିଥିଲେ । ବିଧାନସଭା ନିର୍ବାଚନ ବେଳେ କାହାକୁ ଦଳୀୟ ଟିକେଟ ମିଳିବ, କାହାର କଟିବ ସବୁ ନିଷ୍ପତ୍ତି ତେଜସ୍ୱୀ ନେଉଥିଲେ ।



କାର୍ଯ୍ୟକାରୀ ଅଧ୍ୟକ୍ଷ ପଦ ମିଳିବା ପରେ ତାଙ୍କ ପ୍ରଭାବ ଅଧିକ ବଢ଼ିଯିବ । ଆସନ୍ତା ୨୫ ତାରିଖରେ ଦଳର କାର୍ଯ୍ୟସମିତି ବୈଠକରେ ପାଟନାରେ ଡକାଯାଇଛି । ଏହି ବୈଠକରେ ତେଜସ୍ୱୀଙ୍କୁ ବଡ଼ ପଦବି ମିଳିପାରେ ବୋଲି ଗଣମାଧ୍ୟମରେ ଚର୍ଚ୍ଚା ହୋଉଥିବାବେଳେ ବୈଠକ ଉପରେ ସମସ୍ତଙ୍କ ନଜର ରହିଛି । ଲାଲୁଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ରହୁନାହିଁ । ସେ ଅଧିକାଂଶ ସମୟ ଅସୁସ୍ଥ ରହୁଛନ୍ତି । ଏହାକୁ ଦେଖି ତେଜସ୍ୱୀଙ୍କ ପଦୋନ୍ନତି ନେଇ ଚର୍ଚ୍ଚା ହେଉଛି । ବିଜେପି ଏହାକୁ ବଂଶବାଦୀ ପରମ୍ପରା କହି ତୀବ୍ର ସମାଲୋଚନା କରିଛି ।

# ଇରାନର ଅଭିଶପ୍ତ ଇତିହାସ, ପ୍ରାୟ ଅଢ଼େଇ ଶହ ବର୍ଷ ଧରି ପ୍ରମାଣିତ

ନୂଆଦିଲ୍ଲୀ : ଇରାନରେ ଜୋରଦାର ବିରୋଧ ପ୍ରଦର୍ଶନ । । ମୃତ୍ୟୁର ଦଣ୍ଡ ଭୋଗିବାକୁ ଆନ୍ଦୋଳନକାରୀ ବି ପ୍ରସ୍ତୁତ । ଲକ୍ଷ୍ୟ ଗୋଟିଏ- ସୁପ୍ରିମ ଲିଡରଙ୍କୁ ହଟାଅ । ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମିନେଇଙ୍କ ବିରୋଧରେ ତେଜିଛି ଆନ୍ଦୋଳନ । ରିଭୋଲ୍ୟୁସନାରୀ ଗାର୍ଡର ଆକ୍ରନ ସତ୍ତ୍ୱେ ପଛକୁ ହଟୁନାହାନ୍ତି ଆନ୍ଦୋଳନକାରୀ । ସେପଟେ ଧମକ ଦେଇଛନ୍ତି ଟ୍ରମ୍ପ । କହିଛନ୍ତି- ନୂଆ ନେତୃତ୍ୱ ପାଇଁ ଆସିଛି ସମୟ । ଇରାନର ସର୍ବୋଚ୍ଚ ନେତା ଖାମେନି ଚାଲିଯାଆନ୍ତୁ । ଲାଗୁଛି ଯେମିତି- ସରିଆସୁଛି ଖାମେନିଙ୍କ ଯୁଗ । ଏହି ବିଦ୍ରୋହ ମନେପକାଇ ଦେଇଛି ୨୨୯ ବର୍ଷ ତଳର ଇତିହାସର କଥା । କାଜାର ରାଜବଂଶର ଆଗା ମହମ୍ମଦ ଶାହଙ୍କଠୁ ନେଇ ଅହମଦ ଶାହ । ପହଲଭି ରାଜବଂଶର ରେଜା ଶାହାଠୁ ନେଇ ମହମ୍ମଦ ଶାହଙ୍କ ନାଁ । କିଭଳି ଇରାନରେ ସର୍ବୋଚ୍ଚ ନେତାଙ୍କ ଅନ୍ତ ହୋଇଛି ଯନ୍ତ୍ରଣା ଓ ଦୁଃଖଦାୟକ । ଇରାନ ।

ପାରସ୍ୟ ଉପସାଗରରେ ଅବସ୍ଥିତ ଏକ ଦେଶ, ଯାହାର ଇତିହାସ ୬୭୮ ବର୍ଷ ପୁରୁଣା । ଏହାର ଅଧିକାଂଶ ଜନସଂଖ୍ୟା ସିଆ ସମ୍ପ୍ରଦାୟର । ୧୯୭୯ ମସିହା ପର୍ଯ୍ୟନ୍ତ, ଇରାନ ଏକ ରାଜତନ୍ତ୍ର ଶାସନ ବ୍ୟବସ୍ଥା ଅଧୀନରେ ଥିଲା, କିନ୍ତୁ ୧୯୭୯ ମସିହାରେ, ଇସଲାମିକ୍ ଗଣରାଜ୍ୟ ପ୍ରତିଷ୍ଠିତ ହୋଇଥିଲା । ରାଜାଙ୍କ ଶାସନ ହଟିଲା । ସୁପ୍ରିମ ଲିଡରଙ୍କ ଚାଲିଲା ରାଜତ୍ୱ ।

୧. ଆଗା ମହମ୍ମଦ ଶାହ କଜାର ରାଜବଂଶର ପ୍ରଥମ ଶାସକ ଥିଲେ । ୧୭୯୭ରେ ଶାହ ଜର୍ଜିଆ ଗସ୍ତରେ ଯାଇ ଥିଲେ । ସେଠାରେ ତାଙ୍କୁ ହତ୍ୟା କରାଯାଇଥିଲା । ଇରାନକୁ ଏକଜୁଟ୍ କରିବାରେ ଆଗା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଆଗାଙ୍କ ମୃତ୍ୟୁ ପରେ, ତାଙ୍କ ଭଣଜାଙ୍କୁ ତାଙ୍କର ଉତ୍ତରାଧିକାରୀ ନିଯୁକ୍ତ କରାଯାଇଥିଲା ।



୨. ଆଗା ମହମ୍ମଦ ଶାହଙ୍କ ପରେ, ଫତହ ଅଲି ଶାହ ଇରାନର ଶାସନଭାର ଗ୍ରହଣ କରିଥିଲେ । କୁହାଯାଏ- ଫତହ ଶାହଙ୍କ ୧୦୦୦ରୁ ଅଧିକ ପତ୍ନୀ ଥିଲେ । ଫତହ ଶାହଙ୍କ ଶେଷ ସମୟ ଗୁଡ଼ିକ ଖୁବ୍ ଯନ୍ତ୍ରଣାଦାୟକ ଥିଲା । ପ୍ରାୟ ୧୮୩୦ ମସିହା ପାଖାପାଖି, ରୁଷ ଏବଂ ଇରାନ ମଧ୍ୟରେ ଯୁଦ୍ଧ ହୋଇଥିଲା । ଏହି ଯୁଦ୍ଧରେ ଜାର ନିକୋଲାସ ନିଜର ସମସ୍ତ ଶକ୍ତି ପ୍ରୟୋଗ କରିଥିଲେ ।

୩. ୧୮୪୮ ମସିହାରେ, ନାସେର ଅଲି ଦିନ ଶାହ ଇରାନର ଶାସନଭାର ଗ୍ରହଣ କରିଥିଲେ । ନାସେରଙ୍କୁ ଆଧୁନିକ ଯୁଗର ନେତା ଭାବରେ ବିବେଚନା କରାଯାଏ । ନାସେର ୧୮୯୬ ପର୍ଯ୍ୟନ୍ତ ଇରାନରେ କ୍ଷମତାରେ ରହିଥିଲେ । ୧୮୯୬ ମସିହାରେ, ତେହେରାନର ଜିମ୍ ଦରଗାହରେ ନାସେରଙ୍କୁ ହତ୍ୟା କରାଯାଇଥିଲା । ଜମାଲ ଅଲ-ଦିନ ଅଲ-ଆଫଗାନିଙ୍କ ଅନୁଗାମୀ ମିର୍ଜା ରଜା କରମାନିଙ୍କୁ ନାସେରଙ୍କ ହତ୍ୟା ପାଇଁ ଅଭିଯୁକ୍ତ କରାଯାଇଥିଲା ।

୪. ୧୯୦୯ ମସିହାରେ ମହମ୍ମଦ ଅଲି ଶାହ ମଧ୍ୟ ଏକ ଦୁଃଖଦ ଅନ୍ତ ଦେଖିଥିଲେ । ସମ୍ବିଧାନକୁ ନେଇ ଇରାନରେ ଉତ୍ତେଜନା ସୃଷ୍ଟି ହୋଇଥିଲା, ଯାହାକୁ ଅଲି ଶାହ ନିୟନ୍ତ୍ରଣ କରିପାରି ନଥିଲେ । ଶେଷରେ, ତାଙ୍କୁ ୧୯୦୯ ମସିହାରେ ଇରାନରୁ ରୁଷ ପଳାଇବାକୁ ବାଧ୍ୟ କରାଯାଇଥିଲା । ସେହି ବର୍ଷ ଇରାନ ସଂସଦ ସ୍ଥାପନା ହୋଇଥିଲା । ସମ୍ବିଧାନ ପ୍ରସ୍ତୁତ ହୋଇଥିଲା ।

୫. ଅଲି ଶାହଙ୍କ ପରେ, ଅହମଦ ଶାହ ଇରାନରେ କ୍ଷମତା ଗ୍ରହଣ କରିଥିଲେ । ସେ ୧୬ ବର୍ଷ ପର୍ଯ୍ୟନ୍ତ ଇରାନର ଥିଲେ ସର୍ବେସର୍ବା । କିନ୍ତୁ ତାଙ୍କର ୧୯୨୫ ମସିହାରେ କାରାଜ ରାଜବଂଶ ମଧ୍ୟ ଶାହଙ୍କ ବିରୁଦ୍ଧରେ ବିଦ୍ରୋହ କରିଥିଲେ । ଯେଉଁଥିପାଇଁ ଶାହଙ୍କୁ ଫ୍ରାନ୍ସ ପଳାଇବାକୁ ବାଧ୍ୟ କରାଯାଇଥିଲା ।

୬. ୧୯୪୦ ମସିହାରେ, ପହଲଭି ରାଜବଂଶର ରେଜା ଶାହ ଇରାନରେ କ୍ଷମତା ଗ୍ରହଣ କରିଥିଲେ । ରେଜା ଶାହଙ୍କୁ ଜର୍ମାନୀର ନିକଟତର ବୋଲି ବିବେଚନା କରାଯାଉଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ଯୋଗୁଁ, ବ୍ରିଟେନ ଇରାନ ଉପରେ ଚାପ ପକାଇବା ଆରମ୍ଭ କରିଥିଲା । ୧୯୪୧ ମସିହାରେ, ରେଜା ଶାହଙ୍କୁ ପଦ ଛାଡିବାକୁ ବାଧ୍ୟ କରାଯାଇଥିଲା । ତାଙ୍କ ପୁଅ, ମହମ୍ମଦ ରେଜା ଶାହ କ୍ଷମତା ଗ୍ରହଣ କରିଥିଲେ । ତାଙ୍କୁ ମଧ୍ୟ ଦେଶ ଛାଡି ପଳାଇବାକୁ ବାଧ୍ୟ କରାଯାଇଥିଲା ।

୭. ୧୯୭୦ ଦଶକରେ, ଇରାନରେ ଇସଲାମିକ ବିପ୍ଳବ ତୀବ୍ର ହୋଇଥିଲା । ମହମ୍ମଦ ରେଜା ଶାହ ଏହା ଜାଣି ନ ଥିଲେ । ୧୯୭୯ ମସିହାରେ, ଇସଲାମିକ ବିପ୍ଳବ ମହମ୍ମଦ ରେଜା ଶାହଙ୍କୁ ଇରାନ ଛାଡି ପଳାଇବାକୁ ବାଧ୍ୟ କରିଥିଲା । ସେ ପ୍ରଥମେ ମିଶର ଏବଂ ତା'ପରେ ଆମେରିକା ଯାଇଥିଲେ । ଏଇଠୁ ଇରାନରେ ଆରମ୍ଭ ଇସଲାମିକ ଗଣରାଜ୍ୟର ଶାସନ ।

୮. ଇସଲାମିକ ବିପ୍ଳବ ପରେ, ଫ୍ରାନ୍ସରେ ନିର୍ବାସିତ ଜୀବନ ବିତାଉଥିବା ଆୟାତୋଲ୍ଲା ରୁହୋଲ୍ଲା ଖୋମେନି ଇରାନକୁ ଫେରିଥିଲେ । ତାଙ୍କୁ ଇରାନର ସର୍ବୋଚ୍ଚ ନେତା ଭାବେ ନିଯୁକ୍ତ କରାଯାଇଥିଲା । ୧୦୦ ବର୍ଷର ଇରାନୀ ଇତିହାସରେ ଖୋମେନି ଇରାନର ଥିଲେ ପ୍ରଥମ ସର୍ବୋଚ୍ଚ ନେତା । ଖୋମେନି କ୍ଷମତାକୁ ଆସିବା ମାତ୍ରେ ଇରାନ ଏବଂ ଇରାକ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା । ଆମେରିକା ଏବଂ ସାଉଦି ଆରବ ଭଳି ଦେଶ ମଧ୍ୟ ଇରାନକୁ ଘେରି ରହିଥିଲେ । ୧୯୮୯ରେ ଖୋମେନିଙ୍କ ମୃତ୍ୟୁ ହୋଇଥିଲା ।

୯. ଏହାପରେ ଖୋମେନିଙ୍କ ଶିଷ୍ୟ ଆୟୋତାଲ୍ଲା ଅଲ୍ଲୀ ଖାମେନି ଇରାନର ହେଲେ ସୁପ୍ରିମ ଲିଡର । ଏବେ ବଦଳିଛି ସମୟ । ବଦଳିଛି ଚିନ୍ତାଧାରା । ଇରାନରେ ଆର୍ଥିକ ସଙ୍କଟ ମଧ୍ୟରେ ସୁପ୍ରିମ ଲିଡରଙ୍କ ବିରୋଧରେ ବଢ଼ିଛି ବିଦ୍ରୋହ । ଘେରିରହିଛି ଆମେରିକା । ଇରାନର ସର୍ବୋଚ୍ଚ ନେତାଙ୍କ ଉପରେ ଆମେରିକା ଆକ୍ରମଣର ବିପଦ । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘନିଷ୍ଠ ସହଯୋଗୀ ରିପବ୍ଲିକାନ ସେନେଟର ଲିଣ୍ଡସେ ଗ୍ରାହାମ ସାର୍ବଜନୀନ ଭାବରେ ଖାମେନିଙ୍କ ହତ୍ୟା ପାଇଁ ଆହ୍ୱାନ ଦେଇଛନ୍ତି । ତେବେ ଏଠି ପ୍ରଶ୍ନ ଆୟୋତୋଲ୍ଲା ଅଲି ଖାମେନିଙ୍କ କ୍ଷେତ୍ରରେ ଇତିହାସର ପୁନରାବୃତ୍ତି ହେବ କି?

## ଗୁରୁ ଗ୍ରନ୍ଥ ସାହେବ ଚୋରି ପ୍ରସଙ୍ଗରେ ଆପ୍ ବିଧାୟକଙ୍କ ଇସ୍ତଫା

ଚଣ୍ଡିଗଡ଼: ମାଘ ମେଳା ସମୟରେ ଶ୍ରୀ ମୁକ୍ତସର୍ ସାହେବରେ ବଙ୍ଗା ହଲକେର ଏକ ଡେରାରୁ ଚୋରି ହୋଇଥିବା ଶ୍ରୀ ଗୁରୁ ଗ୍ରନ୍ଥ ସାହେବଙ୍କ ୧୬୯ ସ୍ୱରୂପ ସମ୍ପର୍କରେ ବୟାନ ଦେବା ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ଙ୍କୁ ପାଇଁ ମହଙ୍ଗା ପଡ଼ିଛି । ମୁଖ୍ୟମନ୍ତ୍ରୀଙ୍କ ବୟାନ ଯୋଗୁ ବଙ୍ଗାରୁ ବିଧାୟକ ଥିବା ଡ. ସୁଖବିନ୍ଦର ସୁଖି ନିଜ ପଦରୁ ଇସ୍ତଫା ଦେଇଛନ୍ତି । ଡ. ସୁଖି ରବିବାର ବଙ୍ଗାର ଗୁରୁଦ୍ୱାରା ରାଜା ସାହେବ ରସୋଖାନା ପହଞ୍ଚି ନିଜ ଇସ୍ତଫା କଥା ଘୋଷଣା କରିଥିଲେ । ସେ ୱେରହାଉସ ଅଧ୍ୟକ୍ଷ ତଥା କ୍ୟାବିନେଟ ପାହ୍ୟା ମଧ୍ୟ ଛାଡ଼ି ଦେଇଛନ୍ତି ।

ସେ କହିଛନ୍ତି, ଶିଖ୍ ସମୁଦାୟ ପାଇଁ ଶ୍ରୀ ଗୁରୁ ଗ୍ରନ୍ଥ ସାହେବ ସର୍ବୋଚ୍ଚ ସମ୍ମାନର ପ୍ରତୀକ ଅଟେ । ଏନେଇ କୌଣସି ପ୍ରସଙ୍ଗ ଖୁବ୍ ସମ୍ବେଦନଶୀଳ ହୋଇଥାଏ । ମୁଖ୍ୟମନ୍ତ୍ରୀଙ୍କ ବୟାନ ନା କେବଳ ତାଙ୍କୁ ବ୍ୟକ୍ତିଗତ ଭାବେ ଆଘାତ ଦେଇଛି, ବରଂ ସଙ୍ଗତ ଭାବନାକୁ ମଧ୍ୟ ଆଘାତ ଦେଇଛି । ସେ ଏପରି କୌଣସି ପଦ ରହିପାରିବେ ନାହିଁ, ଯେଉଁଠାରେ ତାଙ୍କୁ ତାଙ୍କ ଧାର୍ମିକ ମୂଲ୍ୟ ଓ ଆସ୍ଥା ବିରୋଧରେ ଛିଡ଼ା ହେବାକୁ ପଡ଼ିବ ।

# ରାଷ୍ଟ୍ରପତିଙ୍କ ଅତିଥି ହେବେ ହରିୟାଣାର ଚାଷୀ ଯଶପାଲ

ନୂଆଦିଲ୍ଲୀ ; ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅତିଥି ହେବେ ରେୱାଡ଼ୀ ଜିଲ୍ଲାର ଚାଷୀ ଯଶପାଲ । ଦେଶର ୭୭ତମ ଗଣତନ୍ତ୍ର ଦିବସ ଅବସରରେ ସମ୍ମାନିତ ହେବାକୁ ଯାଉଥିବା ୬ ଚାଷୀଙ୍କ ମଧ୍ୟରେ ସେ ଅନ୍ୟତମ । ରାଷ୍ଟ୍ରପତିଙ୍କ ଅତିଥି ହେବା ପାଇଁ ରାଷ୍ଟ୍ରପତି ଭବନ ତରଫରୁ ତାଙ୍କୁ ଔପଚାରିକ ନିମନ୍ତ୍ରଣ ମିଳିଛି । ଯଶପାଲ ଆସନ୍ତା ୨୫ ତାରିଖରେ ପତ୍ନୀ ଅନୀତା କୁମାରୀଙ୍କ ସହ ଦିଲ୍ଲୀ ଯାତ୍ରା କରିବେ ଏବଂ ୨୮ ତାରିଖରେ ଫେରିବେ । ଗଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଏହି କୃଷକଙ୍କୁ ଆଇସିଏଆର୍ ଦିଲ୍ଲୀ ଯାଏ ଯିବାକୁ ପଡ଼ିବ । ସେଠାରୁ ରାଷ୍ଟ୍ରପତି ଭବନରେ ପହଞ୍ଚିବା ଓ ସେଠାରେ ରହିବାର ପୂରା ବ୍ୟବସ୍ଥା ସରକାର କରିବେ ।

୨୦୨୮ରେ ବାପାଙ୍କର କର୍କଟ ରୋଗରେ ମୃତ୍ୟୁ ପରେ ଯଶପାଲ ସମ୍ପୂର୍ଣ୍ଣ ରୂପେ ପ୍ରାକୃତିକ ଚାଷକୁ ଆପଣେଇଥିଲେ । ୨୦୧୪ରେ ହିଁ ସେ ପ୍ରାକୃତିକ ଚାଷ ଆରମ୍ଭ କରିଥିଲେ । ଯଶପାଲ ନିଜେ କେବଳ ପ୍ରାକୃତିକ ଚାଷକୁ ଆପଣେଇଛନ୍ତି ତାହା ନୁହେଁ, ବରଂ ଏକ ବିଶାଳ କ୍ଷେତ୍ରକୁ ପ୍ରାକୃତିକ ଚାଷ ଭୂମିରେ ରୂପାନ୍ତର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି । ସେ ବିଭିନ୍ନ କୃଷି ସଂସ୍ଥା ସହ ସମନ୍ୱୟ ସ୍ଥାପନ କରି କେବଳ ନିଜ କ୍ଷେତ ନୁହେଁ, ଅନ୍ୟ ଚାଷୀଙ୍କ କ୍ଷେତରେ ପ୍ରାକୃତିକ ଉତ୍ପାଦନକୁ ସଫଳତାପୂର୍ବକ ପ୍ରୋତ୍ସାହନ ଦେଇଛନ୍ତି । ପ୍ରାକୃତିକ ଉତ୍ପାଦଗୁଡ଼ିକର ଖୁଚୁରା ବଜାରର ଏକ ପ୍ରଭାବଶାଳୀ ଓ ପ୍ରେରକ ମଡେଲ ମଧ୍ୟ ବିକଶିତ କରିଛନ୍ତି ।

ଏହା ଦ୍ୱାରା ଚାଷୀଙ୍କୁ ସେମାନଙ୍କ ଅମଳର ଉଚିତ୍ ମୂଲ୍ୟ ମିଳୁଛି ଏବଂ ଗ୍ରାହକଙ୍କ ପାଖରେ ଶୁଦ୍ଧ, ସୁରକ୍ଷିତ ଖାଦ୍ୟାନ୍ନ ପହଞ୍ଚୁଛି । ତାଙ୍କର ଏହି ମଡେଲ ଆଜି ଅନେକ ଚାଷୀଙ୍କ ପାଇଁ ମାର୍ଗଦର୍ଶକ ହୋଇଛି । ଯଶପାଲ କହିଛନ୍ତି, ଦେଶର ପ୍ରଥମ ନାଗରିକଙ୍କ ନିମନ୍ତ୍ରଣ ମିଳିବା ମୋ ପାଇଁ ଗର୍ବର କଥା । ୩ ଦିନ ରାଷ୍ଟ୍ରପତି ଭବନରେ ରହିବାର ସମ୍ମାନ ଆହୁରି ଉତ୍ସାହବର୍ଦ୍ଧକ । ଏହା କେବଳ ମୋତେ ପ୍ରେରଣା ଦେବ ତାହା ନୁହେଁ, ଅନ୍ୟ ଚାଷୀଙ୍କୁ ପ୍ରାକୃତିକ ଚାଷ ଆପଣେଇବାକୁ ଉତ୍ସାହିତ କରିବ ।





ରାଷ୍ଟ୍ରପତି ଭବନ: ୪୫ ଲକ୍ଷ ଇଟା, ୩୪୦ କୋଠରୀ, ନିର୍ମାଣ ପାଇଁ ଲାଗିଥିଲା ୧୭ ବର୍ଷ...

ନୂଆଦିଲ୍ଲୀ: ଦେଶର ରାଜଧାନୀ ଦିଲ୍ଲୀରେ ଅବସ୍ଥିତ ରାଷ୍ଟ୍ରପତି ଭବନ ସୁନ୍ଦର ଏବଂ ଭବ୍ୟ ଦେଖାଯାଏ, କିନ୍ତୁ ଆପଣ କ'ଣ ଜାଣନ୍ତି ଯେ ରାଷ୍ଟ୍ରପତି ଭବନ ଭିତରେ କେଉଁ ବୈଶିଷ୍ଟ୍ୟ ଏହାକୁ ଅନନ୍ୟ କରିଥାଏ? ରାଷ୍ଟ୍ରପତି ଭବନ ହେଉଛି ବିଶ୍ୱର ସର୍ବବୃହତ ଗଣତନ୍ତ୍ରର ରାଷ୍ଟ୍ରପତିଙ୍କ ବାସଭବନ । ପୂର୍ବରୁ, ଏହା ବ୍ରିଟିଶ ଭାଇସରାୟଙ୍କ ସରକାରୀ ବାସଭବନ ଭାବରେ କାର୍ଯ୍ୟ କରୁଥିଲା ।

ସୂଚନା ଅନୁଯାୟୀ, ୧୯୧୧ ମସିହାରେ ଭାରତର ରାଜଧାନୀ କଲିକତାରୁ ଦିଲ୍ଲୀ ସ୍ଥାନାନ୍ତର କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ସମୟରେ ଏହା ନିର୍ମିତ ହୋଇଥିଲା । ୧୯୧୨ ମସିହାରେ ନିର୍ମାଣ ଆରମ୍ଭ ହୋଇଥିଲା ଏବଂ ୧୯୨୯ ମସିହାରେ ସମାପ୍ତ ହୋଇଥିଲା । ଏହି କୋଠାର ନିର୍ମାଣ ପାଇଁ ୧୭ ବର୍ଷ ଲାଗିଥିଲା, ଯେତେବେଳେ କି ଲକ୍ଷ୍ୟ ଥିଲା ଚାରି ବର୍ଷ ।

୨୬ ଜାନୁଆରୀ, ୧୯୫୦ ରେ, ଏହା ବିଶ୍ୱର ସର୍ବବୃହତ ଗଣତନ୍ତ୍ରର ସ୍ଥାୟୀ ଆସନ ଭାବରେ ପ୍ରତିଷ୍ଠିତ ହୋଇଥିଲା । ରାଷ୍ଟ୍ରପତି ଭବନ ଚାରି ମହଲା ଉଚ୍ଚ ଏବଂ ଏଥିରେ ୩୪୦ କୋଠରୀ ଅଛି । ରାଷ୍ଟ୍ରପତି ଭବନ ନିର୍ମାଣ ପାଇଁ ପ୍ରାୟ ୪୫ ଲକ୍ଷ ଇଟା ବ୍ୟବହୃତ ହୋଇଥିଲା । ସ୍ଥପତି ଏଡୱିନ୍ ଲ୍ୟାଣ୍ଡସିର୍ ଲୁଟିୟନ୍ସ ରାଷ୍ଟ୍ରପତି ଭବନ ଡିଜାଇନ୍ କରିଥିଲେ । ଏଥିରେ ଷ୍ଟାଫ୍ କ୍ୱାର୍ଟର ଏବଂ ଏକ ମୋଗଲ୍ ଉଦ୍ୟାନ ମଧ୍ୟ ଅନ୍ତର୍ଭୁକ୍ତ ।

ଆଉ ଏଥିରେ ସେଣ୍ଟ୍ରାଲ୍ ଡୋମ୍ ହେଉଛି ରାଷ୍ଟ୍ରପତି ଭବନର ସବୁଠାରୁ ପ୍ରମୁଖ ଲ୍ୟାଣ୍ଡମାର୍କ । ଏହା ଐତିହାସିକ ସାଞ୍ଚି ସ୍ତୁପକୁ ମନେ ପକାଏ । ଏହି ଗମ୍ବୁଜ ଫୋରକୋର୍ଟଠାରୁ ୫୫ ଫୁଟ ଉପରେ ଅବସ୍ଥିତ, ଯାହା କୋଠାକୁ ମୁକୁଟ ପିନ୍ଧାଏ ।

ରାଷ୍ଟ୍ରପତି ଭବନର ମାର୍ବଲ୍ ହଲ୍ରେ ରାଜା ଜର୍ଜ ପଞ୍ଚମ ଏବଂ ରାଣୀ ମେରୀଙ୍କ ପ୍ରତିମୂର୍ତ୍ତି ରହିଛି । ପୂର୍ବତନ ଭାଇସରାୟ ଏବଂ ପୂର୍ବତନ ରାଜ୍ୟପାଳଙ୍କ ଫଟୋଗ୍ରାଫ୍ ମଧ୍ୟ ପ୍ରଦର୍ଶିତ ହୋଇଛି । ରାଣୀଙ୍କ ଦ୍ୱାରା ବ୍ୟବହୃତ ରୂପା ସିଂହାସନ ମଧ୍ୟ ଏହି ହଲ୍ରେ ଅବସ୍ଥିତ । ବ୍ରିଟିଶ ମୁକୁଟର ଏକ ପିତ୍ତଳ ପ୍ରତିକୃତି ମଧ୍ୟ ଏଠାରେ ରଖାଯାଇଛି ।

ରାଷ୍ଟ୍ରପତି ଭବନ ମଧ୍ୟରେ ରିପବ୍ଲିକ୍ ପାଭିଲିୟନ୍ ବା ଗଣତନ୍ତ୍ର ମଣ୍ଡପ ଅବସ୍ଥିତ । ଯାହା ପୂର୍ବରୁ ଦରବାର ହଲ୍ ନାମରେ ଜଣାଶୁଣା ଥିଲା । ଏହି ହଲ୍ ରେ ୩୩ ମିଟର ଉଚ୍ଚତା ବିଶିଷ୍ଟ ୨ ଟନର ଏକ ଝୁମର୍ ରହିଛି । ବ୍ରିଟିଶ ଶାସନ ସମୟରେ, ଦରବାର ହଲ୍ ସିଂହାସନ କୋଠରୀ ଭାବରେ ଜଣାଶୁଣା ଥିଲା । ମୂଳତଃ, ଏଥିରେ ଭାଇସରାୟ ଏବଂ ତାଙ୍କ ପତ୍ନୀଙ୍କ ପାଇଁ ଦୁଇଟି ସିଂହାସନ ରଖାଯାଇଥିଲା । କିନ୍ତୁ, ବର୍ତ୍ତମାନ ଏଥିରେ କେବଳ ଗୋଟିଏ ଚୌକି ଅଛି, ଯାହା ରାଷ୍ଟ୍ରପତିଙ୍କ ପାଇଁ ।

# ଝାଡ଼ଖଣ୍ଡରେ ବରଯାତ୍ରୀ ବସ୍ ଓଲଟି ୫ ମୃତ , ୨୫ ଆହତ

ଲତେହାର: ଝାଡ଼ଖଣ୍ଡର ଲତେହାର ଜିଲ୍ଲାରେ ରବିବାର ବଡ଼ଧରଣର ସଡ଼କ ଦୁର୍ଘଟଣା ଘଟିଛି । ବରଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବସ୍ର ବ୍ରେକ୍ ଫେଲ୍ ହୋଇ ଏହା ନିୟନ୍ତ୍ରଣ ହରାଇ ଓଲଟି ପଡ଼ିବାରୁ ୪ ମହିଳାଙ୍କ ସମେତ ୫ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ୨୫ ଜଣ ଯାତ୍ରୀ ଆହତ ହୋଇଥିବାବେଳେ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଦୁର୍ଘଟଣା ଲତେହାର ଜିଲ୍ଲାର ମହୁଆଦାନର୍ ପୁଲିସ ଷ୍ଟେସନ ଅନ୍ତର୍ଗତ ଓର୍ସା ବଙ୍ଗଲାଦାରା ଉପତ୍ୟାକାରେ ହୋଇଥିଲା ।



ଏକ ବସ୍ ବରଯାତ୍ରୀଙ୍କୁ ନେଇ ଛତିଶଗଡ଼ର ବଲରାମପୁର ଜିଲ୍ଲାରୁ ମହୁଆଦାନର୍ଠାରେ ଅନୁଷ୍ଠିତ ହେଉଥିବା ବିବାହ ଉତ୍ସବ କାର୍ଯ୍ୟକ୍ରମକୁ ଯାଉଥିବାବେଳେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଦୁର୍ଘଟଣା ସମ୍ପର୍କରେ ତଦନ୍ତ ଚାଲିଛି । ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ 'ଏକ୍ସ'ରେ ଏକ ପୋଷ୍ଟ କରି ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଲତେହାର ଡେପୁଟି କମିସନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ବସ୍ରେ ପାଖାପାଖି ୭୦ ଯାତ୍ରୀ ଥିବା ଡ୍ରାଇଭର ବିକାଶ ପାଠକ ସୂଚନା ଦେଇଛନ୍ତି । ପାଠକ ସୂଚନା ଦେଇଛନ୍ତି ଯେ, ବସ୍ର ବ୍ରେକ୍ ଫେଲ୍ ହୋଇଯାଇଥିଲା । ସେ ହ୍ୟାଣ୍ଡବ୍ରେକ୍ ମାରି ଗାଡ଼ିକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବସ୍ ନିୟନ୍ତ୍ରଣକୁ ଆସିନଥିଲା ଓ ଏହା ଓଲଟି ପଡ଼ିଥିଲା ।

# ସିଙ୍ଗୁରରେ ପିଏମ୍ ମୋଦୀଙ୍କ ହୁଙ୍କାର

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମବଙ୍ଗର ହୁଗଲି ଜିଲ୍ଲାର ସିଙ୍ଗୁରରେ ଏକ ସାଧାରଣ ସଭାକୁ ସମ୍ବୋଧିତ ମମତା ବାନାର୍ଜୀ ସରକାର ଉପରେ ଜୋରଦାର ବର୍ଷିଛନ୍ତି । ସେ ପଶ୍ଚିମବଙ୍ଗରେ ପରିବର୍ତ୍ତନ ପାଇଁ ଆହ୍ୱାନ ଦେଇ ଲୋକମାନଙ୍କୁ ୧୫ ବର୍ଷର "ମହା ଜଙ୍ଗଲ ରାଜ" ସମାପ୍ତ କରିବାକୁ ଅନୁରୋଧ କରିଥିଲେ । ସେ କହିଥିଲେ ଯେ ଲୋକମାନେ ପ୍ରକୃତ ପରିବର୍ତ୍ତନର ଆଶା ନେଇ ଏଠାକୁ ଆସିଛନ୍ତି । ସମସ୍ତେ ୧୫ ବର୍ଷର "ଜଙ୍ଗଲ ରାଜ" ସମାପ୍ତ କରିବାକୁ ଚାହାନ୍ତି । ସମ୍ପ୍ରତି ବିଜେପି-ଏନଡିଏ ପୁଣି ଥରେ ବିହାରରେ "ଜଙ୍ଗଲ ରାଜ" ବନ୍ଦ କରିଦେଇଛି । ଏବେ ପଶ୍ଚିମବଙ୍ଗ ମଧ୍ୟ ଟିଏମସିର "ମହା ଜଙ୍ଗଲ ରାଜ" ଶେଷ କରିବାକୁ ପ୍ରସ୍ତୁତ । ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ସିଙ୍ଗୁରରେ ଲୋକଙ୍କ ଏହି ଗହଳି, ଆପଣ ସମସ୍ତଙ୍କ ଉତ୍ସାହ ପଶ୍ଚିମବଙ୍ଗର ଏକ ନୂତନ କାହାଣୀ କହୁଛି । ସମସ୍ତେ ସମାନ ଭାବନା, ସମାନ ଆଶା ନେଇ ଆସିଛନ୍ତି । ସମସ୍ତେ ୧୫ ବର୍ଷର ଜଙ୍ଗଲ ରାଜକୁ ବଦଳାଇବାକୁ ଚାହୁଁଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଏଠାରେ ଥିବା ଟିଏମସି ସରକାର ଯୋଜନାଗୁଡ଼ିକୁ ଆପଣଙ୍କ ପାଖରେ ପହଞ୍ଚିବାକୁ ଦେଉନାହିଁ । ମୁଁ ବିଜେପି ସହିତ ସେମାନଙ୍କର ଶତ୍ରୁତାକୁ ବୁଝିପାରୁଛି, କିନ୍ତୁ ଟିଏମସି ବଙ୍ଗଳାର ଲୋକଙ୍କ ଉପରେ ଶତ୍ରୁତା ବାହାର କରୁଛି । ଟିଏମସି ଏଠାକାର ଯୁବକ ଏବଂ କୃଷକଙ୍କ ବିରୋଧୀ ।

**ଯୁବପିଢ଼ିଙ୍କ ଭବିଷ୍ୟତ ସହିତ ଟିଏମସି ଖେଳୁଛି**

ସେ କହିଛନ୍ତି ଯେ ଟିଏମସି ବେଙ୍ଗଲର ଯୁବପିଢ଼ିଙ୍କ ଭବିଷ୍ୟତ ସହିତ ଖେଳ ଖେଳୁଛି । ସେମାନଙ୍କୁ ପିଏମ୍ ଶ୍ରୀ ସ୍କୁଲଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଉଥିବା ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ କରୁଛି । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ବେଙ୍ଗଲ ଏପରି ଟିଏମସି ସରକାରକୁ ଦଣ୍ଡ ଦେବା ଉଚିତ କି ନୁହେଁ ? ଦେଶର ଯେକୌଣସି ସରକାର ଯେଉଁମାନେ ବିକାଶକୁ ବାଧା ଦିଅନ୍ତି ଏବଂ ଗରିବଙ୍କ କଲ୍ୟାଣରେ ବାଧା ସୃଷ୍ଟି କରନ୍ତି । ଦେଶର ମତଦାତା ଏବେ ସଜାଗ ହୋଇସାରିଛନ୍ତି । ଏଭଳି ବାଧା ସୃଷ୍ଟି କରୁଥିବା ଯେକୌଣସି ବ୍ୟକ୍ତିଙ୍କୁ ଦଣ୍ଡ ଦିଆଯାଇଛି । ଦିଲ୍ଲୀରେ ଏପରି ଏକ ସରକାର ଥିଲା, ଯାହା କେନ୍ଦ୍ର ସରକାରଙ୍କ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ ହେବାକୁ ଦେଉନଥିଲା । ଆମେ ବାରମ୍ବାର କହୁଥିଲୁ ଯେ ଦିଲ୍ଲୀର ଗରିବ ପରିବାର ପାଇଁ ଆୟୁଷ୍ମାନ ଯୋଜନା କାର୍ଯ୍ୟକାରୀ ହେବା ଉଚିତ, କିନ୍ତୁ ଏହା କାର୍ଯ୍ୟକାରୀ ହୋଇନଥିଲା । ଦିଲ୍ଲୀର ଲୋକମାନେ ସେମାନଙ୍କୁ କ୍ଷମତାରୁ ବାହାରକୁ ଯିବାର ରାସ୍ତା ଦେଖାଇଲେ । ଏବେ ଦିଲ୍ଲୀର ଗରିବମାନେ ଆୟୁଷ୍ମାନ ଯୋଜନା ମାଧ୍ୟମରେ ମାଗଣା ଚିକିତ୍ସା ପାଉଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ବେଙ୍ଗଲର ଲୋକମାନେ ନିଷ୍ଠୁର ଟିଏମସି ସରକାରଙ୍କୁ ଉଚିତ୍ ଶିକ୍ଷା ଦେବାକୁ ସଂକଳ୍ପବଦ୍ଧ । ଏହା ଦ୍ୱାରା ଏଠାରେ ଏକ ବିଜେପି ସରକାର ଗଠନ ହେଉ, ଏବଂ ବେଙ୍ଗଲରେ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ ହେଉ, ଯାହା ଦ୍ୱାରା ଗରିବ ଲୋକଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦିଆଯାଇପାରିବ । ବେଙ୍ଗଲରେ ଡବଲ ଇଞ୍ଜିନ ସରକାର ଗଠନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯେଉଁଠାରେ ବି ବିଜେପିର ଡବଲ ଇଞ୍ଜିନ ସରକାର କ୍ଷମତାରେ ଅଛି, ସେଠାରେ କେନ୍ଦ୍ର ସରକାରଙ୍କ ଯୋଜନା ଅଧୀନରେ ଉତ୍କୃଷ୍ଟ କାର୍ଯ୍ୟ କରାଯାଉଛି । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଟିଏମସି ଶାସନରେ ଝିଅମାନେ ମଧ୍ୟ ସୁରକ୍ଷିତ ନୁହନ୍ତି । ଶିକ୍ଷା ବ୍ୟବସ୍ଥା ମଧ୍ୟ ମାଫିଆ ଏବଂ ଦୁର୍ନୀତିଗ୍ରସ୍ତ ଲୋକଙ୍କ ନିୟନ୍ତ୍ରଣରେ ଅଛି । ଆଗାମୀ ବିଧାନସଭା ନିର୍ବାଚନରେ ବିଜେପିକୁ ଭୋଟ ଦେବାକୁ ସେ ଲୋକଙ୍କୁ ଅପିଲ କରିଛନ୍ତି ।



**ଟିଏମସି ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ଦେଉଛି**

ସେ କହିଥିଲେ ଯେ ବେଙ୍ଗଲରେ ଶିଳ୍ପ ପ୍ରତିଷ୍ଠା ହେବ ଏବଂ ଆଇନ ଶୃଙ୍ଖଳା ସୁଧୁରିଲେ ହିଁ ନିବେଶ ଆସିବ । ଏଠାରେ ସବୁକିଛି ଉପରେ ସିଣ୍ଡିକେଟ୍ ଟିକସ ଲାଗୁ ହେବ । କେବଳ ବିଜେପି ସରକାର ସିଣ୍ଡିକେଟ୍ ଟିକସ ଏବଂ ମାଫିଆବାଦକୁ ଶେଷ କରିବ । ଟିଏମସି ସରକାର ପଶ୍ଚିମବଙ୍ଗ ଏବଂ ଦେଶର ସୁରକ୍ଷା ସହିତ ସାଲିସ କରୁଛି । ତେଣୁ ଏଠାକାର ଯୁବପିଢ଼ିଙ୍କୁ ବିଶେଷ ସତର୍କ ରହିବାକୁ ପଡିବ । ଟିଏମସି ଅନୁପ୍ରବେଶକାରୀଙ୍କୁ ବିଭିନ୍ନ ସୁବିଧା ଯୋଗାଇଥାଏ । ଟିଏମସି ଅନୁପ୍ରବେଶକାରୀଙ୍କୁ ଭଲ ପାଏ କାରଣ ସେମାନେ ଏହାର ଦୃଢ଼ ଭୋଟ ବ୍ୟାଙ୍କ । ଟିଏମସି ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ଦେବା ପାଇଁ ଯେକୌଣସି ସୀମା ପର୍ଯ୍ୟନ୍ତ ଯିବ ।

# ପାକିସ୍ତାନରେ ହିନ୍ଦୁ ଝିଅଙ୍କୁ ଧର୍ମ ପରିବର୍ତ୍ତନ ଅଭିଯୋଗ

ଇସଲାମାବାଦ: ପାକିସ୍ତାନରେ ସଂଖ୍ୟାଲଘୁଙ୍କ ଉପରେ ଅତ୍ୟାଚାର କିଛି ନୂଆ କଥା ନୁହେଁ । ତେବେ ସଂଖ୍ୟାଲଘୁଙ୍କର ବଳପୂର୍ବକ ଧର୍ମାନ୍ତରୀକରଣ ସମସ୍ୟା ଚିନ୍ତାଜନକ ଭାବେ ବୃଦ୍ଧି ପାଇବାରେ ଲାଗିଛି । ନାବାଳିକା ଝିଅମାନଙ୍କୁ ବଳପୂର୍ବକ ଧର୍ମାନ୍ତରୀକରଣ କରାଯାଉଥିବା ପାକିସ୍ତାନରେ ଜଣେ ସଂଖ୍ୟାଲଘୁ ଅଧିକାରୀ କର୍ମୀଙ୍କ ଭିଡିଓରୁ ଜଣାପଡ଼ିଛି । ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ ହୋଇଥିବା ଭାଇରାଲ ଭିଡିଓରେ ଶିବ କାଛି ନାମକ ଜଣେ ହିନ୍ଦୁ ଅଧିକାରୀ କର୍ମୀ ତାଙ୍କ ପ୍ରତି ବିପଦ ଥିବାରୁ ତାଙ୍କୁ ସୁରକ୍ଷା ଦେବାକୁ ଆକୁଳ ନିବେଦନ କରିଛନ୍ତି । ସେ କହିଛନ୍ତି, ହିନ୍ଦୁ ଝିଅମାନଙ୍କୁ ବଳପୂର୍ବକ ଧର୍ମାନ୍ତରୀକରଣ ବିରୋଧରେ ସ୍ୱର ଉତ୍ତୋଳନ କରିବାରୁ ଏକ ଇସଲାମିକ ଗୋଷ୍ଠୀ ତାଙ୍କୁ ହତ୍ୟା ଧମକ ଦେଇଛି । ତାଙ୍କ ଜୀବନ ପ୍ରତି ବିପଦ ରହିଛି । କାଛି ଅଭିଯୋଗ କରିଛନ୍ତି ଯେ, ସେ ତାଙ୍କୁ ଧମକ ଦିଆଯିବ ସମ୍ପର୍କରେ ପାକିସ୍ତାନ ସରକାରଙ୍କୁ ଅବଗତ କରିଥିଲେ ମଧ୍ୟ ସରକାର ଏହି ପ୍ରସଙ୍ଗ ନଜର ଦେଉନାହାନ୍ତି । ଯଦି ତାଙ୍କ ସହିତ କିମ୍ବା ତାଙ୍କ ପରିବାର ସହିତ କିଛି ଖରାପ ହୁଏ ତେବେ ସେଥିପାଇଁ ପାକିସ୍ତାନ ସରକାର ଦାୟୀ ରହିବେ । କାଛି ସଂଖ୍ୟାଲଘୁ ଅଧିକାର ସଂଗଠନ ଦରୱାର ଇତେହାଦର ଅଧ୍ୟକ୍ଷ ଏବଂ ପ୍ରତିଷ୍ଠାତା । ସେ କହିଛନ୍ତି ଯେ ତେହେରିକ୍-ଏ-ଲବୈକ୍ ପାକିସ୍ତାନ (ସରହିନ୍ଦି ଗୋଷ୍ଠୀ) ସହ ଜଡିତ ଧର୍ମଗୁରୁମାନେ ତାଙ୍କୁ ହତ୍ୟା କରିବା ପାଇଁ ଫତୱା ଶୈଳୀର ଆହ୍ୱାନ ଦେଇଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ, କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅବଗତ କରିବା ସତ୍ତ୍ୱେ ଏହି ମାମଲାରେ ପାକିସ୍ତାନ ଓ ସିନ୍ଧ ସରକାର ଏବଂ ପୁଲିସ ସମ୍ପୂର୍ଣ୍ଣ ନିରବ ଓ ନିଷ୍କ୍ରିୟ ରହିଛି । ସିନ୍ଧରେ କେମିତି ନାବାଳିକା ହିନ୍ଦୁ ଝିଅ ଏବଂ ବିବାହିତା ମହିଳାଙ୍କୁ ଅପହରଣ କରାଯାଉଛି ଏବଂ ବଳପୂର୍ବକ ଧର୍ମାନ୍ତରୀକରଣ କରାଯାଉଛି କାଛି ତାର ଡକ୍ୟୁମେଣ୍ଟ ପ୍ରସ୍ତୁତ କରିଥିବା ଭିଡିଓରେ କହିଛନ୍ତି । ଏଥିଯୋଗୁ ତାଙ୍କୁ ଇସଲାମ ବିରୋଧୀ ତଥା ରାଷ୍ଟ୍ର ବିରୋଧୀ ବୋଲି ଆଖ୍ୟା ଦିଆଯାଉଛି ବୋଲି କାଛି କହିଛନ୍ତି । ଜାନୁଆରି ୧୮ ତାରିଖରେ ସିନ୍ଧର ଉମରକୋଟରୁ ଏହି ପୋଷ୍ଟ କରି ଶିବ କାଛି ଅନ୍ତର୍ଜାତୀୟ ସମ୍ପ୍ରଦାୟକୁ ତାଙ୍କ ସୁରକ୍ଷା ପାଇଁ ଜରୁରୀ ନିବେଦନ କରିଛନ୍ତି । 'ଏକ୍ସ' ପୋଷ୍ଟରେ ସେ ତେହେରିକ୍-ଏ-ଲବୈକ୍ ପାକିସ୍ତାନର ସରହିନ୍ଦି ଗୋଷ୍ଠୀଠାରୁ ବିପଦର ସମ୍ମୁଖୀନ ହେଉଥିବା ଉଲ୍ଲେଖ କରିଛନ୍ତି । ପାକିସ୍ତାନର ଜନଗଣନା ଏବଂ ସ୍ୱାଧୀନ ଅଧିକାର ଗୋଷ୍ଠୀ ଅନୁଯାୟୀ, ପାକିସ୍ତାନର ଅଧିକାଂଶ ହିନ୍ଦୁ ସିନ୍ଧରେ ବସବାସ କରନ୍ତି । ପାକିସ୍ତାନରେ ହିନ୍ଦୁଙ୍କ ଜନସଂଖ୍ୟା ଆନୁମାନିକ ଭାବେ ୪-୫ ନିୟୁତ ରହିଥିବାବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ୯୪% କେବଳ ସିନ୍ଧ ପ୍ରଦେଶରେ ବାସ କରନ୍ତି । ସିନ୍ଧର ଉମରକୋଟ ଜିଲ୍ଲା ୨୦୨୩ ପାକିସ୍ତାନ ଜନଗଣନାର ତଥ୍ୟ ଆଧାରରେ, ଦେଶର ଏକମାତ୍ର ହିନ୍ଦୁ ବହୁଳ ଜିଲ୍ଲା । ଜିଲ୍ଲାର ଜନସଂଖ୍ୟାର ପ୍ରାୟ ୫୨% ହିନ୍ଦୁ । କାଛି ହିନ୍ଦୁଙ୍କ ବଳପୂର୍ବକ ଧର୍ମାନ୍ତରୀକରଣ ତଥା ତାଙ୍କୁ ହତ୍ୟା କରିବାକୁ ଧମକ ଦିଆଯିବ ପ୍ରସଙ୍ଗରେ ମିଳିତ ଜାତିସଂଘ, ଜାତିସଂଘ ମାନବାଧିକାର ପରିଷଦ, ଆମ୍ନେଷ୍ଟି ଇଣ୍ଟରନ୍ୟାସନାଲ, ହ୍ୟୁମାନ୍ ରାଇଟ୍ସ ୱାଚ୍ ଏବଂ ଯୁକ୍ତରାଷ୍ଟ୍ରର ବୈଦେଶିକ ବିଭାଗକୁ ତୁରନ୍ତ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି ।

## ଦିନିକିଆ ଶୃଙ୍ଖଳା

# ଘରୋଇ ମାଟିରେ ଶୃଙ୍ଖଳା ହାରିଲା ଭାରତ



ଇନ୍ଦୋର, ୧୮।୧(ଏଜେନ୍ସି) : ନୂଆବର୍ଷରେ ଭାରତୀୟ ଦଳ ଶୃଙ୍ଖଳା ପରାଜୟରୁ ଯାତ୍ରା ଆରମ୍ଭ କରିଛି । ନ୍ୟୁଜିଲାଣ୍ଡ ଇତିହାସରେ ପ୍ରଥମ ଥର ଘରୋଇ ମାଟିରେ ଭାରତକୁ ଦିନିକିଆ ଶୃଙ୍ଖଳାରେ ପରାସ୍ତ କରିବା ଗୌରବ ଅର୍ଜନ କରିଛି । ନ୍ୟୁଜିଲାଣ୍ଡ ନିକଟରୁ ଭାରତ ୪୧ ରନରେ ହାରିଯାଇଛି । ରବିବାର ଇନ୍ଦୋରରେ ଭାରତ- ନ୍ୟୁଜିଲାଣ୍ଡ ଦିନିକିଆ ଶୃଙ୍ଖଳାର ତୃତୀୟ ତଥା ନିର୍ଣ୍ଣାୟକ ମ୍ୟାଚ ଖେଳାଯାଇଥିଲା । ଏହି ମ୍ୟାଚ ଜିତି ନ୍ୟୁଜିଲାଣ୍ଡ ୨-୧ ଶୃଙ୍ଖଳା କବ୍‌ଜା କରିଛି । ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଭାରତ ସମ୍ମୁଖରେ ୩୩୮ ରନର ବିଶାଳ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା । ଜବାବ୍‌ରେ ଭାରତ ୨୯୬ ରନ୍ କରିବାକୁ ସକ୍ଷମ ହୋଇଥିଲା । ବିରାଟ କୋହଲି ୧୨୪ ରନ୍‌ର ଇନିଂସ ଖେଳି ମ୍ୟାଚ ଜିତାଇବାକୁ ସଂଘର୍ଷ କରିଥିଲେ । ହର୍ଷିତ ରାଣା ଓ ନୀତିଶ ରେଡ୍ଡୀ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅର୍ଦ୍ଧ ଶତକ ଇନିଂସ ଖେଳିଥିଲେ । କିନ୍ତୁ ଶେଷରେ ଭାରତକୁ ପରାଜର ସାମ୍ନା କରିବାକୁ ପଡିଛି । ଡାର୍ଲି ମିଚେଲଙ୍କୁ ୧୩୭ ରନ୍‌ର ଇନିଂସ ପାଇଁ ପ୍ଲେୟାର ଅଫ୍ ଦ ମ୍ୟାଚ୍ ତଥା ଶୃଙ୍ଖଳାରେ ମୋଟ ୩୫୨ ରନ୍ କରିଥିବାରୁ ପ୍ଲେୟାର ଅଫ୍ ଦ ସିରିଜ୍ ବିବେଚିତ କରାଯାଇଥିଲା ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭ୍ରମଣକାରୀ ନ୍ୟୁଜଲାଣ୍ଡ ୫ ରନ୍ ସ୍କୋରରେ ଦୁଇ ଓପନର ହେନରୀ ନିକୋଲାସ୍ ଓ ଦେବନ କନୱେଙ୍କ ୱିକେଟ୍ ହରାଇଥିଲା । ୱିଲିୟଙ୍ଗ ୩୦ ରନ୍ କରିଥିଲେ ହେଁ ବଡ ଇନିଂସ ଖେଳି ପାରିନଥିଲେ । ୫୮ ରନରେ ୩ ୱିକେଟ ହରାଇ ନ୍ୟୁଜଲାଣ୍ଡ ଅଡୁଆରେ ପଡିଥିଲା । ଏହାପରେ ଡାର୍ଲି ମିଚେଲ ଓ ଗ୍ଲେନ ଫିଲିପ୍ସ ବ୍ୟାଟିଂ ମଙ୍ଗ ଧରିଥିଲେ । ପ୍ରଥମେ ଦୁଇ ବ୍ୟାଟର କ୍ରିଜରେ ସମୟ ବିତାଇ ଭାରତୀୟ ବୋଲରଙ୍କୁ ପାଲଟା ଆକ୍ରମଣ କରିଥିଲେ । ଚୌକା ଓ ଛକାରେ ବର୍ଷା ହୋଇଥିଲା । ବିଶେଷ କରି ମିଚେଲ ଭାରତ ବିପକ୍ଷରେ ନିଜର ଚମତ୍କାର ଫର୍ମ ବଜାୟ ରଖି ଚଳିତ ଶୃଙ୍ଖଳାରେ ଦ୍ୱିତୀୟ ଶତକ ହାସଲ କରିଥିଲେ । ଫିଲିପ୍ସ ମଧ୍ୟ ଦ୍ରୁତ ବ୍ୟାଟିଂ କରି ଶତକ ହାସଲ କରିଥିଲେ । ଦୁଇ ବ୍ୟାଟର ଚତୁର୍ଥ ୱିକେଟରେ ୨୧୯ ରନ୍ ଯୋଡି ନ୍ୟୁଜଲାଣ୍ଡ ସ୍କୋରକୁ ୩୦୦ ରନ୍ ପାର କରିଥିଲେ । ଏହି ଯୋଡି ଭାଙ୍ଗିଥିଲେ ଅର୍ଶଦୀପ ସିଂ । ଗ୍ଲେନ୍ ଫିଲିପ୍ସ ୮୮ ବଲରୁ ୯ ଚୌକା ଓ ଗୋଟିଏ ଛକା ସହାୟତାରେ ୧୦୬ ରନ୍ କରିଥିଲେ । ସେହିଭଳି ମିଚେଲଙ୍କୁ ଆଉଟ୍ କରିଥିଲେ ମହମ୍ମଦ ସିରାଜ । ମିଚେଲ ୧୩୧ ବଲରେ ୧୫ ଚୌକା ଓ ୩ ଛକା ସହାୟତାରେ ୧୩୭ ରନ୍ କରିଥିଲେ । ନିମ୍ନ ଭାଗରେ ନ୍ୟୁଜଲାଣ୍ଡ ଶୀଘ୍ର ୱିକେଟ ହରାଇଥିଲେ ହେଁ ୮ ୱିକେଟ ହରାଇ ୩୩୭ ରନ୍ ସ୍କୋର କରିଥିଲେ । ଅଧିନାୟକ ମିଚେଲ ବ୍ରାସୱେଲ ୧୮ ବଲରୁ ୨୮ ରନ୍‌ର ଇନିଂସ ଖେଳିଥିଲେ । ଭାରତର ଅର୍ଶଦୀପ ସିଂ ଓ ହର୍ଷିତ ରାଣାଙ୍କୁ ତିନୋଟି ଲେଖାଏଁ ୱିକେଟ ସଫଳତା ମିଳିଥିଲେ ହେଁ ଦୁହେଁ ମହଙ୍ଗା ସାବ୍ୟସ୍ତ ହୋଇଥିଲେ । ମହମ୍ମଦ ସିରାଜ ଓ କୁଲଦୀପ ଯାଦବଙ୍କୁ ଗୋଟିଏ କରି ୱିକେଟ ସଫଳତା ମିଳିଥିଲା ।

୩୩୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ଭାରତ ୨୮ ରନରେ ରୋହିତ ଶର୍ମାଙ୍କୁ ହରାଇଥିଲା । ରୋହିତ ୧୧ ରନ୍ କରି ଆଉଟ୍ ହୋଇଥିଲେ । ଅଧିନାୟକ ଶୁଭମନ୍ ଗିଲ ୧୮ ବଲରୁ ୨୩ ରନ୍ କରି ଜାମିସନ୍‌ଙ୍କ ବଲରେ ବୋଲ୍ଡ ହୋଇଥିଲେ । ତୃତୀୟ ସ୍ଥାନରେ ପଡିଆକୁ ଆସିଥିବା ବିରାଟ କୋହଲି ଏକ ଦମଦାର ଇନିଂସ ଖେଳିଥିଲେ । କିନ୍ତୁ ମଧ୍ୟମ କ୍ରମରେ ତାଙ୍କୁ ଉଚିତ୍ ସହଯୋଗ ମିଳିନଥିଲା । ଶ୍ରେୟାସ୍ ଆୟର ୩ ଓ ଲୋକେଶ ରାହୁଲ ୧ ରନ୍ କରି ଆଉଟ୍ ହେବାରୁ ଭାରତ ୭୧ ରନ୍‌ରୁ ୪ ୱିକେଟ ହରାଇ ବ୍ୟାକଫୁଟକୁ ଚାଲିଯାଇଥିଲା । ଏଭଳି ସମୟରେ ନୀତିଶ କୁମାର ରେଡ୍ଡୀ ୫୩ ରନ ଓ ହର୍ଷିତ ରାଣା ୪୩ ବଲରୁ ୫୨ ରନ କରି ବିଜୟ ଆଶା ସଞ୍ଚାର କରିଥିଲେ । କୋହଲି ମଧ୍ୟ ୯୧ ବଲରୁ ଦିନିକିଆ କ୍ୟାରିୟର ୫୪ତମ ଶତକ ହାସଲ କରିଥିଲେ । ଏହା ସତ୍ତ୍ୱେ ଦଳ ବିଜୟ ଲକ୍ଷ୍ୟ ଠାରୁ ୪୧ ରନ୍ ପଛରେ ରହିଯାଇଥିଲା । ମଧ୍ୟମ କ୍ରମର ବ୍ୟାଟରଙ୍କ ବିଫଳତା ଯୋଗୁଁ ଭାରତ ଅଳ୍ପକେ ଶୃଙ୍ଖଳା ହାତ ଛଡା କରିଛି ।

# ପାଇପର୍ସକୁ ଧରାସାୟୀ କଲା ବେଙ୍ଗଲ ଟାଇଗର୍ସ

## ହକି ଇଣ୍ଡିଆ ଲିଗ୍

ଭୁବନେଶ୍ୱର, ୧୮ ।୧ (ସବ୍ୟୁ) : ପରାଜୟରୁ କଳିଙ୍ଗ ଅଭିଯାନ ଆରମ୍ଭ କରିଥିବା ବେଙ୍ଗଲ ଟାଇଗର୍ସ ଦ୍ୱିତୀୟ ମ୍ୟାଚରେ ଦିଲ୍ଲୀ ଏସ୍‌ଜି ପାଇପର୍ସକୁ ପରାଜିତ କରି ପୂର୍ଣ୍ଣ ସଂଖ୍ୟକ ପଏଣ୍ଟ ହାସଲ କରିଛି । ଦିନକ ଆଗରୁ ପାଇପର୍ସ ଦଳ ୬-୧ ଗୋଲରେ ବେଦାନ୍ତ କଳିଙ୍ଗ ଲାନସର୍ସ ନିକଟରୁ ହାରିଯାଇଥିଲା । ଏହା ଦିଲ୍ଲୀ ପାଇପର୍ସ ଦ୍ୱିତୀୟ ପରାଜୟ । ଏହି ଜମାଣିଆ ବିଜୟ ସହ ବେଙ୍ଗଲ ଟାଇଗର୍ସ ୭ ମ୍ୟାଚରୁ ୯ ପଏଣ୍ଟ ହାସଲ କରି ଟେବୁଲର



ଚତୁର୍ଥ ସ୍ଥାନକୁ ଉଠିଛି । ପାଇପର୍ସ ୬ ମ୍ୟାଚରୁ ୪ ପଏଣ୍ଟ ସହ ଅଷ୍ଟମ ସ୍ଥାନରେ ରହିଛି । ତେଣୁ ପାଇପର୍ସର ଏଚ୍‌ଆଇଏଲ୍ ଅଭିଯାନ ଏକପ୍ରକାର ଶେଷ ହୋଇଗଲା ବୋଲି କୁହାଯାଇପାରେ । ମ୍ୟାଚ ଆରମ୍ଭରୁ ପାଇପର୍ସ ଦଳ ନିଜ ନିୟନ୍ତ୍ରଣରେ ବେଙ୍ଗଲକୁ ରଖିଥିଲା । ମ୍ୟାଚର ପଞ୍ଚମ ମିନିଟରେ ଦିଲରାଜ ସିଂ ଗୋଲ କରିଥିଲେ । ୧-୦ ଅଗ୍ରଣୀ ପାଇପର୍ସ ପ୍ରଥମାର୍ଦ୍ଧ ଖେଳ ପର୍ଯ୍ୟନ୍ତ ବେଙ୍ଗଲ ଟାଇଗର୍ସକୁ ପ୍ରତ୍ୟାବର୍ତ୍ତନର ଆଦୌ ସୁଯୋଗ ଦେଇନଥିଲା । କିନ୍ତୁ ମଧ୍ୟାନ୍ତର ବିରତି ପରେ ବେଙ୍ଗଲ ଟାଇଗର୍ସ ତିନୋଟି ଓ ପାଇପର୍ସ ଗୋଟିଏ ଗୋଲ କରିବାକୁ ସକ୍ଷମ ହୋଇଥିଲା । ମ୍ୟାଚର ୩୧ତମ ମିନିଟରେ ପାଇପର୍ସର ଟୋମାସ ଡୋମେନି ଗୋଲ କରି ଦଳକୁ ୨-୦ରେ ଆଗୁଆ କରିଥିଲେ । କିନ୍ତୁ ୪୫ ତମ ମିନିଟରେ ବେଙ୍ଗଲ ଟାଇଗର୍ସ ସବୁକିଛି ଓଲଟପାଲଟ କରିଦେଇଥିଲା । ଗୋଟିଏ ମିନିଟରେ ଦୁଇଟି ଗୋଲ ହେବାରୁ ମ୍ୟାଚ ୨-୨ ସ୍ଥିତିକୁ ଚାଲିଆସିଥିଲା । ୪୫ ମିନିଟରେ ଯୁବରାଜ ସିଂ ଓ ଅଭିଶେଷ ଏହି ଗୋଲ କରିଥିଲେ । ପୁଣି ୪୮ ମିନିଟରେ ଆଫାନ ୟୁସୁଫ ଗୋଲ କରି ବ୍ୟବଧାନକୁ ୩-୨ କରିଥିଲେ । ଶେଷ ପର୍ଯ୍ୟନ୍ତ ଏହି ବ୍ୟବଧାନ ବଳବତ୍ତର ରହିଥିଲା । ତେଣୁ ବେଙ୍ଗଲ ଟାଇଗର୍ସ କଳିଙ୍ଗରେ ପ୍ରଥମ ବିଜୟ ହାସଲ କରିଛି ।

# ୧୭ ବର୍ଷରୁ କମ୍ ରାଜ୍ୟ ଚେସ୍

## ସତ୍ୟମ ବିଜେତା

ଭୁବନେଶ୍ୱର, ୧୮।୧(ସବ୍ୟୁ) : ଓଡିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ ଓମ୍ ଗୁରୁକୂଳ ପବ୍ଲିକ୍ ସ୍କୁଲ ପ୍ରାଙ୍ଗଣରେ ୧୭ ବର୍ଷରୁ କମ୍ ରାଜ୍ୟ ଓପନ ଚେସ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ କଟକର ଗୁରୁ ନାନକ ପବ୍ଲିକ୍ ସ୍କୁଲର ଛାତ୍ର ସତ୍ୟମ୍ ସ୍ୱରୂପ ସାହୁ ଚାମ୍ପିଅନ ହୋଇଛନ୍ତି । ଭୁବନେଶ୍ୱର ହାଇଟେକ୍ ପବ୍ଲିକ୍ ସ୍କୁଲର ସ୍ୱୟମ୍ ସ୍ୱରୂପ ମହାନ୍ତି ଦ୍ୱିତୀୟ, କେନ୍ଦ୍ରୀୟ ବିଦ୍ୟାଳୟ ୧ ର ଆୟୁଷ୍ମାନ୍ ବେହେରା ତୃତୀୟ , ସେଣ୍ଟ ଜାଭିୟର ହାଇସ୍କୁଲର ସ୍ଥିତପ୍ରଜ୍ଞ ପଟ୍ଟନାୟକ ଚତୁର୍ଥ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ୧ ର ସ୍ୱସ୍ତିକ ତ୍ରିପାଠୀ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି । ବିଭିନ୍ନ ବୟସ ବର୍ଗ ସାଙ୍ଗକୁ ୫ ଜଣଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା । ପୁରସ୍କାର ବିତରଣ ଉତ୍ସବରେ ଓମ୍ ଗୁରୁକୂଳ ପବ୍ଲିକ ସ୍କୁଲର ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ, ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଏବଂ ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର କନୋଜ କୁମାର ବେହୁରା ପ୍ରମୁଖ ଉପସ୍ଥିତ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

# ୯ମ ମର୍ଣ୍ଣି ଷ୍ଟାର କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଚଣ୍ଡିଖୋଲ ଚାମ୍ପିଅନ

ଅନୁଗୋଳ, ୧୮।୧(ସବ୍ୟୁ) : ଆଜି କଦମ ପଡିଆ ରେ ଚାଲିଥିବା ନବମ ମର୍ଣ୍ଣି ଷ୍ଟାର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି ।ଫାଇନାଲ ରେ କେ ସି ସି ଚଣ୍ଡିଖୋଲ ତେଜ ୱାରିଅରସ୍ ମୁଷାପାପୁଲିକୁ ହରାଇ ଚାମ୍ପିଅନ ହୋଇଥିଲା । ମୂଷାପାପୁଲି ପ୍ରଥମେ ବ୍ୟାଟିଂ କରି ୧୮ ଓଭର ରେ ସମସ୍ତ ୱିକେଟ ହରାଇ ୧୨୦ ରନ କରିଥିଲେ ।ଏହାର ଜବାବରେ ଚଣ୍ଡିଖୋଲ ଦଳ ୧୨ ଓଭର ରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲେ ।ଚଣ୍ଡିଖୋଲ ର ବୋଲର ହିମାଂଶୁ ମ୍ୟାଚର ଶ୍ରେଷ୍ଠ ଖେଳାଳୀ ଏବଂ ଆଲୋକ ଜେନା ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳୀ ବିବେଚିତ ହୋଇ ଅତିଥିଙ୍କ ଠାରୁ ପୁରସ୍କୃତ ହୋଇଥିଲେ ।ଚମ୍ପିୟାନ ଚଣ୍ଡିଖୋଲ ଦଳକୁ ନଗଦ ୪୦ ହଜାର ଟଙ୍କା ସହ ଟ୍ରଫିକୁ ଅତିଥି ମାନେ ପ୍ରଦାନ କରିଥିଲେ । ରନରସ ଅପ୍ ମୂଷାପାପୁଲି ଦଳକୁ ନଗଦ ୩୦ ହଜାର ଟଙ୍କା ଓ ଟ୍ରଫି ଦିଆଯାଇଥିଲା ।ମୁଖ୍ୟ ଅତିଥି ରୂପେ ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗ ଦେଇ ଜିଲ୍ଲାରେ କ୍ରିକେଟର ଭିତ୍ତିଭୂମି ବିକାଶର ପାଇଁ ଧ୍ୟାନ ଦିଆଯିବା ସହ ଖୁବ୍ ଶୀଘ୍ର ପଡିଆ ରେ ଫ୍ଲଡ ଲାଇଟ୍ ଲାଗିବ ବୋଲି କହିଥିଲେ ।ସମ୍ମାନିତ ଅତିଥି ରୂପେ ନଗରପାଳ ଅକ୍ଷୟ କୁମାର ସାମନ୍ତ , ଜେ ଏସ ପିଏଲର ବରିଷ୍ଠ ଅଧିକାରୀ ଆଶୁତୋଷ ମିଶ୍ର,ତାପସ କୁମାର ମହାନ୍ତି,ଅନୁଗୋଳ କ୍ରିକେଟ ଆସୋସିଏସନର ସମ୍ପାଦକ ସାଗର ନାଥ ମିଶ୍ର,ବିଶିଷ୍ଟ



ବ୍ୟବସାୟୀ ସତ୍ୟବ୍ରତ ସ୍ୱାଇଁ ,ମର୍ଣ୍ଣିଷ୍ଟାର କ୍ଲବ୍ ସଭାପତି ମାୟାଧର ମିଶ୍ର, ସମ୍ପାଦକ ରଞ୍ଜନ ଧିର ସାମନ୍ତ,ଅରୁଣ ପୁଷ୍ପାଳକ,ଗଙ୍ଗା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ । ଅନିଲ ଗଡ଼ନାୟକ ଓ ଲିଟୁ ସିଂହ ଖେଳ ପରିଚାଳନା କରିଥିବା ବେଳେ ଲିଟନ ସାମଲ ମଞ୍ଚ ପରିଚାଳନା କରିଥିଲେ ।

# ରାଜ୍ୟ ସ୍ତରୀୟ ସତ୍ୟନାରାୟଣ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ବିଶ୍ୱଭାରତୀ ଚାମ୍ପିଅନ

ଚଣ୍ଡିଖୋଲ, ୧୮/୧(ସବ୍ୟୁ) : ଯାଜପୁର ଜିଲ୍ଲାର ବଡଚଣା ବ୍ଲକ ନିଶିମଳା ଖେଳପଡିଆରେ ଚାଲିଥିବା ରାଜ୍ୟ ସ୍ତରୀୟ ୪୨ ତମ ସତ୍ୟନାରାୟଣ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଦିନ ଉଦଯାପିତ ହୋଇଯାଇଛି । ଏହି ଉଦଯାପନୀ ମ୍ୟାଚରେ ଯାଜପୁର କ୍ରିକେଟ ଟିମକୁ ୫ ୱିକେଟରେ ହରାଇ କଟକର ବିଶ୍ୱଭାରତୀ ଟିମ ଚାମ୍ପିଅନ ହୋଇଛି । ଏହି ମ୍ୟାଚରେ ଯାଜପୁରର ଇଞ୍ଜିନପୁର ଟିମ ପ୍ରଥମେ ବ୍ୟାଟିଙ୍ଗ କରି ୧୯ ଓଭର ୪ଟି ବଲରେ ସମସ୍ତ ଉଇକେଟ ହରାଇ ୯୯ରନ ହାସଲ କରିଥିଲେ ।ଦ୍ୱିତୀୟ ପାଳିରେ କଟକର ବିଶ୍ୱଭାରତୀ ଦଳ ବ୍ୟାଟିଙ୍ଗ କରି ୧୭ ଓଭରରେ ୧୦୦ ରନ କରି ସହଜ ବିଜୟ ହାସଲ କରିଥିଲା । ଏହି ମ୍ୟାଚକୁ ପ୍ରମୋଦକୁମାର ପତି ଉଦଘାଟନ କରିଥିଲେ ଓ ଏଥିରେ ଦିବ୍ୟଜ୍ୟୋତି ପତି ଅତିଥି ଭାବେ ଯୋଗଦେଇଥିଲେ ।ସତ୍ୟନାରାୟଣ କ୍ଲବ ସଭାପତି ପ୍ରିତମକୁମାର ନାୟକଙ୍କ ଅଧକ୍ଷତାରେ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା ।



ଏଥିରେ ମୁଖ୍ୟ ଅତିଥିଭାବେ ବଡ଼ଚଣା ବିଧାୟକ ଅମରକୁମାର ନାୟକ ଯୋଗଦେଇ ବିଜୟୀ ବିଶ୍ୱଭାରତୀ ଦଳକୁ ଚାମ୍ପିୟାନ ଟ୍ରଫି ପ୍ରଦାନ କରିଥିଲେ ।ଏଥିରେ ବିଭୁତିଭୂଷଣ ଜେନା,ପ୍ରମୋଦକୁମାର ଜେନା ପ୍ରମୁଖ ଯୋଗଦେଇ ଇଞ୍ଜିନପୁର ଯାଜପୁର ଦଳକୁ ରନରସ ଅପ ଟ୍ରଫି ପ୍ରଦାନ କରିଥିଲେ ।ସୈଏଦ ଇରଫାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ସମାଜସେବୀ ମାନଗୋବିନ୍ଦ ରାଉତ ପ୍ରଦାନ କରିଥିବା ବେଳେ ଜାହିର ୱାରିଷଙ୍କୁ ମ୍ୟାନ ଅଫ ଦି ସିରିଜ ଟ୍ରଫି ରାକେଶ ଧଳ ପ୍ରଦାନ କରିଥିଲେ । ପ୍ରଶାନ୍ତ ସାହୁଙ୍କୁ ବେଷ୍ଟ ବୋଲର ଭାବେ ବଜରଙ୍ଗୀ ସିଂ ଟ୍ରଫି ପ୍ରଦାନ କରିଥିଲେ । ପରିଚାଳକ ବିକାଶ କୁମାର ଦାସ, ଦୁଷ୍ମନ୍ତ ଖିଲାର,ସତ୍ୟଜିତ ସ୍ୱାଇଁ ରାକେଶ ବିଶ୍ୱାଳ,ମୟୂରେଶ ଜେନା,ପର୍ଜେଷ ସ୍ୱାଇଁ,ତାପସ ଦାସ ସମ୍ପାଦକ ଶ୍ୱେତରଞ୍ଜନ ବଳ ଉପେଦେଷ୍ଟା ଶ୍ରୀପତି ଜେନା,ଅଟଳକୁମାର ଜେନା, ଅନିଦ୍ୟ ସାମଲ ପ୍ରେସକ୍ଲବ ଚଣ୍ଡିଖୋଲର ସମ୍ପାଦକ ହେମଶକୁମାର ଜେନାଙ୍କ ପ୍ରମୁଖଙ୍କୁ ଉତ୍ସବରେ ସମ୍ମାନୀତ କରାଯାଇଥିଲା । ଯଚିନ୍ଦ୍ର ନାୟକ ଓ ସତ୍ୟରଞ୍ଜନ ସାମଲ ଖେଳ ପରିଚାଳନା କରିଥିଲେ ।

# ରାମଚଣ୍ଡୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ମେଣ୍ଟାଶାଳ ଦଳ ଚାମ୍ପିଅନ



ବୋଲଗଡ଼, ୧୮/୧(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ବୋଲ ଗଡ଼ ବ୍ଲକ ଅନ୍ତର୍ଗତ ଧଳା ପଥର ପଞ୍ଚାୟତର କୋଦବେରେଣୀଠାରେ ଚାଲିଥିବା ୧୪ତମ ରାଜ୍ୟସ୍ତରୀୟ ମା ରାମଚଣ୍ଡୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ରବିବାର ଥିଲା ଫାଇନାଲ ଖେଳ । ପ୍ରଥମେଟସ୍ ଜିତି ମେଣ୍ଟାଶାଳ ଦଳ କୋଡିଏ ଓ ଭରରେ ସାତୟୁକେଟ ହରାଇ ୨୪୪ ରନ୍ କରିଥିଲା । ଜବାବରେ ଭୁବନେଶ୍ୱର ଆଇ.ଆଇ. ସି ଭିଲେଜ ଦଳ ୧୫.୧ ଓ ଭରରେ ୧୪୮ ରନ କରି ସମସ୍ତ ଉଇକେଟ ହରାଇଥିଲା । ଏଥିରେ ମେଣ୍ଟାଶାଳ ଦଳ ୯୬ ରନରେ ବିଜୟ ଲାଭ କରି ଚମ୍ପିଆନ ହୋଇଥିଲା । ଆଜିର ଫାଇନାଲ ମ୍ୟାଚରେ ଆମ୍ପାୟାର ଭାବେ କବିନ୍ଦ୍ର ନାୟକ ଓ ବିଜୟ କୁମାର ପାଇକରାୟ ଦାୟିତ୍ୱ ନିର୍ବାହ କରିଥିଲେ । ସ୍କୋରର ସୁଦର୍ଶନ ପ୍ରଧାନ , ଘୋଷକ ପୂର୍ଣ୍ଣଚନ୍ଦ୍ର ମୁହୁଲି । ଆଜିର ଉଦଯାପନ ଖେଳରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ, ମୁଖ୍ୟ ଅତିଥି , ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ . ପୂର୍ବତନ ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥି , ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଧଳା ପଥର ସରପଞ୍ଚ ନାରାୟଣ ସାହୁ , ସମିତି ସଭ୍ୟ ବିଜୟ କୁମାର ସୁବୁଦ୍ଧି, ମାୟାଧର କରଣ , ରତ୍ନାକର ମହାପାତ୍ର, ଅନନ୍ତ ଚରଣ ଦାସ, ପ୍ରମୁଖ ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖେଳାଳୀ ମାନଙ୍କୁ ଉତ୍ସାହୀତ କରିଥିଲେ । ଚାମ୍ପିଅନ ମେଣ୍ଟାଶାଳ ଦଳକୁ ନଗଦ ୪୦ ହଜାର ଟଙ୍କା ସହ ୫ଫୁଟ ଉଚ୍ଚର ଟ୍ରଫି ପ୍ରଦାନ କରିଥିଲେ, ରନର୍ସଅପ ଦଳକୁ ନଗଦ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି ଟୁର୍ଣ୍ଣାମେଣ୍ଟକୁ ସଫଳତାର ଆୟୋଜନ କରିଥିଲେ ଗ୍ରାମର ମା ରାମଚଣ୍ଡୀ ସ୍ପୋର୍ଟ ଆଣ୍ଡ କଲଚରାଲ ଆସୋସିଏସନର ସଭାପତି ବିଜୟାନନ୍ଦ ସାହୁ, ସଂପାଦକ ଚିନ୍ମୟ ମୁଦୁଲି ,କୋଷଧକ୍ଷ ରାଜୁ ମହାରଣା ,ଖେଳ ସଂଗଠନ ସୁଦର୍ଶନ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ ।


**ଏକାଦଶାହ ଉପଲକ୍ଷେ**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଆବିର୍ଭାବ : ୨୫. ୦୫. ୧୯୮୬

ତିରୋଧାନ : ୦୯. ୦୧. ୨୦୨୬

୰ ରଞ୍ଜିତ ମହାନ୍ତି (ମଣ୍ଟୁ)

ବାରିପଦା, ମୟୂରଭଞ୍ଜ

ଆମକୁ ଶୋକସାଗରରେ ଭସାଇ କେଉଁ ଅଜଣା ରାଜ୍ୟକୁ ଚାଲିଗଲ, ଯେଉଁଠି ଅଛ ଭଲରେ ଥାଅ । ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟନିଷ୍ଠା ଓ ଆଦର୍ଶ ଆମ ପଥପ୍ରଦର୍ଶକ ହେଉ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ : ମା, ଦାଦା, ଭାଇ, ଭାଉଜ, ସ୍ତ୍ରୀ, ପୁଅ, ଝିଅ, ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ସମସ୍ତ ବନ୍ଧୁ ପରିଜନ ବର୍ଗ...



**ସୂଚନା**

ସମୟ

BHIM BHARAT INTERFACE FOR MONEY

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


# ପ୍ରୀତିସ୍ମିତା, କାଳୁଚରଣ, ଏମ୍‌ଜିଏମ୍‌କୁ ଓସଜା ପୁରସ୍କାର

ଭୁବନେଶ୍ୱର, ୧୮/୧(ସବ୍ୟୁ) : ପ୍ରତିଭାସମ୍ପନ୍ନ ଯୁବ ଭାରୋତ୍ତୋଳିକା ପ୍ରୀତିସ୍ମିତା ଭୋଇ, ମହାନ ହକି ପ୍ରଶିକ୍ଷକ କାଳୁଚରଣ ଚୌଧୁରୀ ଏବଂ କ୍ରୀଡ଼ା ପ୍ରୋତ୍ସାହନରେ ବିଶେଷ ଅବଦାନ ରଖୁଥିବା ଏମଜିଏମ୍ ଗ୍ରୁପକୁ ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍ଜା)ର ବାର୍ଷିକ ପୁରସ୍କାର ପ୍ରଦାନ କରାଯାଇଛି । ରବିବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ସ୍ଥିତ ଟେନିସ୍ ସେଣ୍ଟର୍ ଅଡିଟୋରିୟମରେ ଆୟୋଜିତ ଉତ୍ସବରେ ଅତିଥିମାନେ ପ୍ରୀତିସ୍ମିତାଙ୍କୁ ୨୦୨୫ ମସିହାର ଶ୍ରେଷ୍ଠ ଖେଳାଳି ଏବଂ କାଳୁଚରଣ ଚୌଧୁରୀଙ୍କୁ ଜୀବନବ୍ୟାପୀ ସେବା ସମ୍ମାନ ବାବଦରେ ନଗଦ ୨୫ହଜାର ଟଙ୍କା ଲେଖାଏଁ, ପ୍ରଶସ୍ତିପତ୍ର, ଉତ୍ତରୀୟ ଓ ବିଶେଷ ଟ୍ରଫି ପ୍ରଦାନ କରିଥିଲେ । ନିରନ୍ତର ଭାବେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପଦକ ଅମଳ କରୁଥିବା ପ୍ରୀତିସ୍ମିତା ଏସୀୟ ଯୁବ ଭାରୋତ୍ତୋଳନ, ବିଶ୍ୱ ଯୁବ ଭାରୋତ୍ତୋଳନରେ ବିଶ୍ୱ ରେକର୍ଡ ଏବଂ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ୩ ରେକର୍ଡ ସହ ୩ ସ୍ୱର୍ଣ୍ଣ ପଦକ ଅମଳ କରି ଚର୍ଚ୍ଚାରେ ରହିଥିଲେ । ସେହିଭଳି କ୍ରୀଡ଼ା ଓ ଯୁବସେବା ବିଭାଗରୁ ଅବସର ନେଇ ସାରିଥିବା ପ୍ରଶିକ୍ଷକ କାଳୁଚରଣ ଚୌଧୁରୀ ସାଢ଼େ ୩ ଦଶନ୍ଧି ଧରି ଡଜନେ ପ୍ରାୟ ଅନ୍ତର୍ଜାତୀୟ ଖେଳାଳି ଗଢ଼ିତୋଳିବା ସହ ଜାତୀୟସ୍ତରରେ ଓଡ଼ିଶାକୁ ଏକାଧିକ




ଥର ପଦକ ବିଜେତା କରାଇଛନ୍ତି । ହକି ନିଶା ପାଇଁ ସେ ଏବେ ବି ହକି ପ୍ରଶିକ୍ଷଣ ସହିତ ଜଡ଼ିତ ରହି ନିଜ ସାଧନା ଜାରି ରଖିଛନ୍ତି । ଅନ୍ୟପକ୍ଷରେ କ୍ରୀଡ଼ାର ବିକାଶ ଦିଗରେ ପ୍ରମୁଖ ସହଯୋଗ ହାତ ବଢ଼ାଉଥିବା ଏମ୍‌ଜିଏମ୍‌କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ଏମ୍ଜିଏମ୍ ଗ୍ରୁପର ଅଧକ୍ଷ ପଙ୍କଜ ଲୋଚନ ମହାନ୍ତିଙ୍କ ତରଫରୁ କମ୍ପାନିର ଏଜିଏମ୍ (କାର୍ପୋରେଟ୍ ଆଫେୟାର୍ସ ଆଣ୍ଡ ସିଏସ୍‌ଆର୍) ଉତ୍ତମ କୁମାର ନାୟକ ପ୍ରଥମ ଥର ପାଇଁ ପ୍ରଚଳିତ ଏହି ସମ୍ମାନ ଗ୍ରହଣ କରିଥିଲେ । ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ସମ୍ମାନିତ ଅତିଥି ଭାବେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କି ଉପସ୍ଥିତ ରହି ଏହି ପୁରସ୍କାର ପ୍ରଦାନ କରିଥିଲେ । 'ଓସ୍ଜା'ର ସଭାପତି ସନ୍ଦୀପ ମିଶ୍ର ପୌରୋହିତ୍ୟ କରିବା ସହ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ସୁରେଶ ସ୍ୱାଇଁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ବରିଷ୍ଠ ଉପ ସଭାପତି ସମୀକ୍ଷା ପଟ୍ଟନାୟକ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ।

ସର୍ବଭାରତୀୟ କ୍ରୀଡ଼ା ସାମ୍ବାଦିକ ସଂଘ ସହ ଅନୁବନ୍ଧିତ 'ଓସ୍ଜା' ବା ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ ୨୦୧୮ ମସିହାରୁ ବାର୍ଷିକ ପୁରସ୍କାର ପ୍ରଦାନ କରି ଆସୁଛି । ପ୍ରଥମ ବର୍ଷର ବିଜେତା ଥିଲେ ଆଥଲେଟ୍ ପୂର୍ଣ୍ଣିମା ହେମ୍ବ୍ରମ ଓ ଫୁଟବଲର ଦେବ ସିଂହ । ୨୦୧୯ରେ ହକି ତାରକା ଅମିତ ରୋହିଦାସ ଓ ଦ୍ରୋଣାଚାର୍ଯ୍ୟ ବିଜେତା ମୁଷ୍ଟିଯୁଦ୍ଧ ପ୍ରଶିକ୍ଷକ ବ୍ରିଜଭୂଷଣ ମହାନ୍ତି । ୨୦୨୦ରେ ପାରା-ଆଥଲେଟ୍ ପ୍ରମୋଦ ଭଗତ ଓ ବିଶିଷ୍ଟ ଆଥଲେଟିକ୍ସ ପ୍ରଶିକ୍ଷକ ପଞ୍ଚାନନ ଗନ୍ତାୟତ, ୨୦୨୧ରେ ଚେସ୍ ଗ୍ରାଣ୍ଡ ମାଷ୍ଟର ସ୍ୱୟମ୍ଭ ମିଶ୍ର ଓ ଆଥଲେଟିକ୍ସ ପ୍ରଶିକ୍ଷକ ଅରୁଣ ଦାସ, ୨୦୨୨ ମସିହାରେ ବିଶିଷ୍ଟ ବାସ୍କେଟବଲ ଖେଳାଳି ଅରୂପାନନ୍ଦ ରାଉତରାୟ ଓ ହକି ଅଲିମ୍ପିଆନ୍ ବୀରେନ୍ଦ୍ର ଲାକ୍ରା, ୨୦୨୩ ମସିହାରେ ସାଇକ୍ଲିଷ୍ଟ ସ୍ୱସ୍ତି ସିଂହ ଓ ଓଡ଼ିଶାର ପ୍ରଥମ ଆନ୍ତର୍ଜାତିକ ପୁରୁଷ ହକି ଖେଳାଳି ପିଟର ତିର୍କି, ୨୦୨୪ରେ ଜାଭେଲିନ୍ ତାରକା କିଶୋର କୁମାର ଜେନା ଓ ଅର୍ଜୁନ ପୁରସ୍କାର ବିଜେତା ଭାରୋତ୍ତୋଳକ ବିଜୟ ଶତପଥୀ ଏବଂ ୨୦୨୫ରେ ସଫଳ ସନ୍ତରିକା ପ୍ରତ୍ୟାଶା ରାୟ ଓ ଫୁଟ୍‌ବଲ୍ ପ୍ରଶିକ୍ଷକ ମହମ୍ମଦ ସାହିଦ୍ ଜବାର ଏହି ସମ୍ମାନ ପାଇଥିଲେ ।

# କଳିଙ୍ଗରେ ହେବ କ୍ରୀଡ଼ା ସଂଗ୍ରହାଳୟ: ସୂରଜ

ସରକାରଙ୍କ କ୍ରୀଡ଼ା ବ୍ୟବସ୍ଥା ବ୍ୟତୀତ ସାମ୍ବାଦିକତା ହିଁ ଅନ୍ୟତମ ଶ୍ରେଷ୍ଠ ମାଧ୍ୟମ ଯାହା କ୍ରୀଡ଼ା ଓ କ୍ରୀଡ଼ା ବିକାଶରେ ଉପଯୁକ୍ତ ଯୋଗଦାନ ରଖୁଛି । ସରକାର ଏବେ ଓଡ଼ିଶାରେ ତୃଣମୂଳସ୍ତରରୁ ଖେଳର ସାମଗ୍ରିକ ବିକାଶ ପାଇଁ କାମ କରୁଛନ୍ତି । ଏ କ୍ଷେତ୍ରରେ ଯଦି କୌଣସି ପ୍ରତିବନ୍ଧକ ଆସୁଛି କି ପ୍ରସ୍ତାବ ରହିଛି ଆମ ଦୃଷ୍ଟିକୁ ଆଣିବାକୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅନୁରୋଧ କରିଥିଲେ । ଏହି ଅବସରରେ କ୍ରୀଡ଼ା ସାମ୍ବାଦିକଙ୍କ




ଭୂମିକାକୁ ସ୍ୱୀକୃତି ଜଣାଇବା ସହ ଖୁବ୍ ଶୀଘ୍ର କଳିଙ୍ଗ ଷ୍ଟାଡିୟମରେ ଏକ କ୍ରୀଡ଼ା ସଂଗ୍ରହାଳୟର ବ୍ୟବସ୍ଥା କରାଯିବ । ବ୍ୟାଡମିଣ୍ଟନ ବିଶ୍ୱସ୍ତରୀୟ ଭିତ୍ତିଭୂମି 'ସଟଲ୍' ପରିସରରେ ସର୍ବନିମ୍ନ ଆବଶ୍ୟକତା ସହିତ ଏକ ମିଡିଆ ସେଣ୍ଟର୍ କରାଯିବ ବୋଲି ଓସ୍ଜାର ବିଭିନ୍ନ ଦାବି ପ୍ରସଙ୍ଗରେ ନିଜ ବକ୍ତବ୍ୟ ବେଳେ ଘୋଷଣା କରିଥିଲେ ମନ୍ତ୍ରୀ । ଖେଳ ସାମ୍ବାଦିକତା ପାଇଁ ହିଁ ଖେଳ ଓ ଖେଳାଳିଙ୍କ ସଫଳତାକୁ ନେଇ 'ଓଡ଼ିଶା' ଆଜି ବିଶ୍ୱ ଦରବାରରେ ପ୍ରଶଂସିତ ହୋଇଛି ବୋଲି କହିଥିଲେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କି ।


ସମୟ ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

ସମୟ LIVE

Check out this amazing Odia News app

ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର

Andriod

IOS

Download Now:
https://play.google.com/store/app/details/id- com.samayalive.app


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି